# ଧରିତ୍ରୀ
DHARITRI

ବ୍ରହ୍ମପୁର, ବୁଧବାର, ଜାନୁୟାରୀ ୨୨/୨୦୨୦ (୨୦ ପୃଷ୍ଠା+ସାହିତ୍ୟାୟନ) | Berhampur, Wednesday, January 22/2020 | ★★★

୧୫ଶ ଭାଗ ୩୫୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଶିଳ୍ପାଙ୍କୁ 'ଚାମ୍ପିୟନ ଅଫ୍ ଚେଞ୍ଜ୍' ସମ୍ମାନ**

ସ୍ବଚ୍ଛ ଭାରତ ଅଭିଯାନ ପାଇଁ ଲୋକଙ୍କୁ ପ୍ରୋତ୍ସାହିତ କରିବା ଯୋଗୁ ବଲିଉଡ୍ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ କୁନ୍ଦ୍ରାଙ୍କୁ 'ଚାମ୍ପିୟନ ଅଫ୍ ଚେଞ୍ଜ୍' ପୁରସ୍କାର ୨୦୧୯ରେ ସମ୍ମାନିତ କରାଯାଇଛି। ୧୨

୧୯ **ବିଷ୍ଣୋଇଙ୍କୁ ୪ ଉଇକେଟ ସଫଳତା**

୧୯ ବର୍ଷରୁ କମ୍ ଆଇସିସି ବିଶ୍ୱକପ୍‌ର ଜାପାନ ବିପକ୍ଷ ମ୍ୟାଚରେ ଭାରତର ରବି ବିଷ୍ଣୋଇ ୪ ଉଇକେଟ ସଫଳତା ହାସଲ କରି ମ୍ୟାନ ଅଫ୍ ଦି ମ୍ୟାଚ ହୋଇଛନ୍ତି।



# କେହି ମିଳିଲେ ନାହିଁ

ବ୍ରାଜିଲ୍ ରାଷ୍ଟ୍ରପତି ଜେୟାର ବୋଲ୍‌ସୋନାରୋ ଆସନ୍ତା ୨୬ରେ ଭାରତର ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ହେବେ ବୋଲି ନିଷ୍ପତ୍ତି ନିଆଯାଇଛି। ପ୍ରତିବର୍ଷ ବିଦେଶରୁ ବିଶିଷ୍ଟ ବ୍ୟକ୍ତିଙ୍କୁ ଏହି ସମାରୋହକୁ ନିମନ୍ତ୍ରଣ କରାଯିବାର ପରମ୍ପରା ରହିଆସିଛି। କିନ୍ତୁ ବୋଲ୍‌ସୋନାରୋ ଜଣେ ସାଧାରଣ ବ୍ୟକ୍ତିତ୍ୱ ନୁହେଁ। ତାଙ୍କର ବିଭିନ୍ନ ମନ୍ତବ୍ୟ ପୃଥିବୀବ୍ୟାପୀ ସମାଲୋଚିତ ହୋଇଆସିଛି। ଜଣେ ଉଗ୍ର ଦକ୍ଷିଣପନ୍ଥୀ ଭାବେ ତାଙ୍କ ନିଜ ଦେଶରେ ମଧ୍ୟ ବୋଲ୍‌ସୋନାରୋ ସମାଲୋଚିତ ହୋଇଆସୁଛନ୍ତି। ବିଶେଷକରି ମହିଳାଙ୍କ ପ୍ରତି ତାଙ୍କ ଆଭିମୁଖ୍ୟ ସହିତ ପରିବେଶ ସୁରକ୍ଷା ଦିଗରେ କଠୋର ନକାରାତ୍ମକ ଚିନ୍ତାଧାରା କେବଳ ବ୍ରାଜିଲ୍ ନୁହେଁ, ସମଗ୍ର ପୃଥିବୀକୁ ଚିନ୍ତାରେ ପକାଇଛି। ନିଜ ଦେଶରେ ଆଦିବାସୀଙ୍କୁ ହତ୍ୟା କରି ଧନୀଙ୍କୁ ଜମି ହସ୍ତାନ୍ତର କରୁଥିବା ଏହି ରାଷ୍ଟ୍ରପତିଙ୍କ ରାଜନୀତିକୁ ଦୋଷ ଦିଆଯାଉଛି। ବ୍ରାଜିଲ୍‌ର ବିଭିନ୍ନ ଆଦିବାସୀ ନେତାଙ୍କ ଦ୍ୱାରା ଦିଆଯାଇଥିବା ବିବୃତିରେ ବୋଲ୍‌ସୋନାରୋଙ୍କୁ ଜଣେ ଗଣହତ୍ୟାକାରୀ, ଜାତିଗତ ହିଂସା ଭିଆଉଥିବା ଏବଂ ପରିବେଶ ଧ୍ୱଂସ କରୁଥିବା (ଜେନୋସାଇଡ୍, ଏଥ୍‌ନୋସାଇଡ୍ ଆଣ୍ଡ୍ ଇକୋସାଇଡ୍) ରାଷ୍ଟ୍ରପତି ଭାବେ ଚିତ୍ରଣ କରାଯାଇଛି। ବିଶ୍ୱସ୍ତରୀୟ ବୈଜ୍ଞାନିକଙ୍କ କହିବା ଅନୁଯାୟୀ, ପୃଥିବୀରେ ଥିବା ଅମ୍ଳଜାନର ୨୦ ପ୍ରତିଶତ ବ୍ରାଜିଲ୍‌ର ଆମାଜନ୍ ଜଙ୍ଗଲରୁ ମିଳିଥାଏ। ଏବେ ସେହି ଜଙ୍ଗଲକୁ ନିଆଁ ଲଗାଇ ଧ୍ୱଂସ କରିବାକୁ ଆଗଭର ହୋଇଥିବା ବୋଲ୍‌ସୋନାରୋ ନିଜ ବିରୋଧୀଙ୍କୁ ହତ୍ୟା କରିଦେଉଛନ୍ତି। ଯେଉଁ ଆଦିବାସୀ ଗୋଷ୍ଠୀ ଜଙ୍ଗଲ ଧ୍ୱଂସକୁ ବିରୋଧ କରୁଛି, ତାହାକୁ ନିପାତ କରିବାରେ ବୋଲ୍‌ସୋନାରୋଙ୍କ ସକ୍ରିୟ ଭୂମିକା ରହୁଛି ବୋଲି ବିଶ୍ୱ ଗଣମାଧ୍ୟମରେ ଆଲୋଚିତ ହେଉଛି। ଆମାଜନ୍ ଜଙ୍ଗଲରେ ଲାଗିଥିବା ଅଗ୍ନିକାଣ୍ଡ ପ୍ରତି ବିଶ୍ୱ ନେତାଙ୍କର ଦୃଷ୍ଟି ପଡ଼ିବା ଦରକାର ବୋଲି ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍‌ରନ୍ ଗତ ଜି-୭ ଶିଳ୍ପୋନ୍ନତ ଦେଶମାନଙ୍କ ବୈଠକରେ ଉଲ୍ଲେଖ କରିଥିଲେ। ମାକ୍‌ରନ୍‌ଙ୍କ ଏହି ମନ୍ତବ୍ୟକୁ ନେଇ ବୋଲ୍‌ସୋନାରୋ ଅତ୍ୟନ୍ତ ଉତ୍‌କ୍ଷିପ୍ତ ହେବା ପରେ ମାକ୍‌ରନ୍‌ଙ୍କ ସହଧର୍ମିଣୀଙ୍କ ବିଷୟରେ ଅପମାନସୂଚକ ମନ୍ତବ୍ୟ ଦେବାକୁ ବୋଲ୍‌ସୋନାରୋ ପଛାଇ ନ ଥିଲେ। ବୋଲ୍‌ସୋନାରୋଙ୍କ କାର୍ଯ୍ୟଶୈଳୀକୁ ଦେଖିଲେ ଭାରତୀୟମାନେ ଅନେକ ସମାନ୍ତରାଳ ଉଦାହରଣ ପାଇବେ। ଯେଉଁ ଜାଗାରେ ବୋଲ୍‌ସୋନାରୋ ଆକ୍ରମଣ କରିପାରନ୍ତି ନାହିଁ, ସେଠାରେ ସେ ସହଯୋଗୀଙ୍କୁ ବ୍ୟବହାର କରି ବିରୋଧୀଙ୍କ ମୁହଁ ଚୁପ୍ କରିବାକୁ ଚେଷ୍ଟା କରନ୍ତି। ଗତବର୍ଷ ଅଗଷ୍ଟରେ ବୋଲ୍‌ସୋନାରୋଙ୍କ ଜଣେ ସମର୍ଥକ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍‌ଙ୍କ ସ୍ତ୍ରୀ ୬୬ ବର୍ଷୀୟା ବ୍ରିଜେଟ୍‌ଙ୍କୁ ଉପହାସ କରିଥିଲେ। ସେ ଫେସ୍‌ବୁକ୍ ପୋଷ୍ଟରେ ବ୍ରିଜେଟ୍ ଓ ବୋଲ୍‌ସୋନାରୋଙ୍କ ସ୍ତ୍ରୀ ୩୮ ବର୍ଷୀୟା ମିଶେଲଙ୍କୁ ରଖିଥିଲେ। ଏଥିରେ ସେ ଉଲ୍ଲେଖ କରିଥିଲେ ଯେ, ସମସ୍ତେ ବୁଝିପାରୁଥିବେ ବୋଲ୍‌ସୋନାରୋଙ୍କ ଉପରେ ମାକ୍‌ରନ୍ କାହିଁକି ରାଗୁଛନ୍ତି। ବୋଲ୍‌ସୋନାରୋ ନିଜେ ପ୍ରତିକ୍ରିୟା ରଖି କହିଥିଲେ, ମାକ୍‌ରନ୍‌ଙ୍କୁ ଅପମାନିତ କରନାହିଁ। ଅର୍ଥାତ୍ ନିଜ ସହଧର୍ମିଣୀ ମାକ୍‌ରନ୍‌ଙ୍କ ସ୍ତ୍ରୀଠୁ ସୁନ୍ଦରୀ ଥିବାରୁ ସେ ଛିଗୁଲାଇଥିଲେ। ନାରୀଙ୍କ ସୌନ୍ଦର୍ଯ୍ୟ ଓ ଚରିତ୍ରକୁ ନେଇ ବୋଲ୍‌ସୋନାରୋଙ୍କ ବିବାଦୀୟ ମନ୍ତବ୍ୟ ମହିଳାଙ୍କୁ ଘୃଣା କରୁଥିବା ବ୍ୟକ୍ତି ଭାବେ ଚିହ୍ନିତ କରିଦେଉଛି। ଏଭଳି ବିବାଦୀୟ ପରିସ୍ଥିତି ଦେଖି ବ୍ରାଜିଲ୍‌ର ଖ୍ୟାତନାମା ଲେଖକ ପାଉଲୋ କୋଏଲୋ ଏକ ଭିଡିଓ ବାର୍ତ୍ତାଦେଇ ଫ୍ରାନ୍ସ ରାଷ୍ଟ୍ରପତି ମାକ୍‌ରନ୍‌ଙ୍କୁ ବୋଲ୍‌ସୋନାରୋଙ୍କ ଦୁର୍ବ୍ୟବହାର ପାଇଁ କ୍ଷମା ପ୍ରାର୍ଥନା କରିଥିଲେ।

ଏଠାରେ ଆହୁରି ମନେପଡ଼େ ବୋଲ୍‌ସୋନାରୋ ୨୦୦୩ରେ ବ୍ରାଜିଲ୍‌ର ଜଣେ ମହିଳା ଏମ୍‌ପିଙ୍କୁ ଉପଲକ୍ଷ୍ୟ କରି ଦେଇଥିବା ମନ୍ତବ୍ୟ। ସେ କହିଥିଲେ, ସମ୍ପୃକ୍ତା ମହିଳାଙ୍କୁ ବଳାତ୍କାର କରିବାକୁ ଚାହିଁବେ ନାହିଁ। କାରଣ ସେ ଅତ୍ୟନ୍ତ ଅସୁନ୍ଦରୀ ଓ ବଳାତ୍କାରଯୋଗ୍ୟା ନୁହନ୍ତି। ଏହାପରେ ମଧ୍ୟ ସେ ଏଭଳି ବିଷୟକୁ ଦୋହରାଇଥିଲେ। ଏଥିରୁ ନାରୀମାନଙ୍କ ପ୍ରତି ତାଙ୍କର କିଭଳି ସମ୍ମାନ ରହିଛି ତାହା ସ୍ପଷ୍ଟ ଜଣାପଡୁଛି। ବଳାତ୍କାରକୁ ପ୍ରୋତ୍ସାହନ ଦେବା ଭଳି ମନ୍ତବ୍ୟ ରଖୁଥିବା ଜଣେ ବ୍ୟକ୍ତିଙ୍କୁ ଭାରତର ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି କରାଯିବା ଅର୍ଥ ଆମ ଦେଶର ପ୍ରତ୍ୟେକ ମହିଳାଙ୍କ ଗାଲରେ ଚାପୁଡ଼ା ମାରିବା ସହ ସମାନ ବୋଲି କୁହାଯାଇପାରେ।

ନିଜ ଦେଶରେ ଗଣହତ୍ୟା, ପରିବେଶ ହତ୍ୟା ଏବଂ ମାତୃଶକ୍ତିର ଅସମ୍ମାନ କରୁଥିବା ବୋଲ୍‌ସୋନାରୋ ସମ୍ଭବତଃ ଆଜିର ଭାରତ ସରକାର ପାଇଁ ଏକ ଆଦର୍ଶ ସଦୃଶ ଅନ୍ତର୍ଜାତୀୟ ବ୍ୟକ୍ତିତ୍ୱ। ଏହି ବର୍ଷର ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ୨୬ ଜାନୁୟାରୀରେ ମୁଖ୍ୟଅତିଥି ଭାବେ ବୋଲ୍‌ସୋନାରୋଙ୍କୁ ଅତିଥି ଭାବେ ନିମନ୍ତ୍ରଣ କରି ଭାରତ ସରକାର ଏକ ବିକୃତ ବାର୍ତ୍ତା ଦେଶବାସୀଙ୍କୁ ଦେଇଛନ୍ତି। ବିଶେଷକରି ମହିଳାଙ୍କ ପ୍ରତି ଘଟୁଥିବା ଅତ୍ୟାଚାର ଏହି ଦେଶରେ ବୃଦ୍ଧି ପାଉଥିବା ବେଳେ ନିର୍ଭୟା ଗଣବଳାତ୍କାର ଓ ଦୋଷୀମାନଙ୍କୁ ପୂର୍ବ ନିର୍ଦ୍ଧାରିତ ସମୟରେ ଫାଶୀ ଦିଆଯାଇପାରୁନାହିଁ। ଜାନୁୟାରୀ ୨୨ରୁ ଫେବୃୟାରୀ ୧କୁ ଦଣ୍ଡାଦେଶ ଘୁଞ୍ଚିବା ଜନସାଧାରଣଙ୍କୁ ବ୍ୟସ୍ତ କରୁଛି। ଭାରତବ୍ୟାପୀ ମତ ପ୍ରକାଶ ପାଉଛି ଯେ, ମହିଳାଙ୍କୁ ବଳାତ୍କାର ଓ ହତ୍ୟା କରୁଥିବା ବ୍ୟକ୍ତିମାନଙ୍କୁ ତେଲଙ୍ଗାନା ପୋଲିସ ଭଳି ମାରିବା ଉଚିତ ନୁହେଁ। କିନ୍ତୁ ନ୍ୟାୟାଳୟରୁ ନ୍ୟାୟ ପ୍ରକାଶ ପାଇବା ପରେ ଦୋଷୀଙ୍କୁ ତତ୍‌କ୍ଷଣାତ୍ ଫାଶୀଖୁଣ୍ଟରେ ଝୁଲାଇବା ଆବଶ୍ୟକ। ସାଧାରଣ ମତ ଯେତେବେଳେ ଅପରାଧ ବିରୋଧୀ ପାଲଟୁଛି, ଠିକ୍ ସେହି ସମୟରେ ଭାରତ ସରକାରଙ୍କୁ ବ୍ରାଜିଲ୍ ରାଷ୍ଟ୍ରପତି ବୋଲ୍‌ସୋନାରୋଙ୍କ ବ୍ୟତୀତ ଆଉ କେହି ମିଳିଲେ ନାହିଁ।

**ତଥାଗତ ସତପଥୀ**

### ଆଜିର ମନ୍ତବ୍ୟ

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ନୌକରି ପେ ଚର୍ଚ୍ଚା' କରି ଲୋକଙ୍କ ମନକଥା ଶୁଣିବା ଉଚିତ।

–ସୀତାରାମ ୟେଚୁରୀ, ସିପିଆଇଏମ୍ ସାଧାରଣ ସମ୍ପାଦକ


**ମାଟ୍ରିକ ପରୀକ୍ଷା ସାଥୀ ଦେଖନ୍ତୁ** | ପୃଷ୍ଠା ୧୩


# ୧୮ରେ ରାଜ୍ୟ ବଜେଟ



- ଫେବୃୟାରୀ ୧୪ରୁ ଆରମ୍ଭ ହେବ ବିଧାନସଭା ଅଧିବେଶନ
- ଦୁଇ ପର୍ଯ୍ୟାୟରେ ଏପ୍ରିଲ ୯ ଯାଏ ଚାଲିବ
- ମାର୍ଚ୍ଚ ୩୧ରେ ବ୍ୟୟମଞ୍ଜୁରୀ ବିଲ୍
- ୨୭ ସରକାରୀ, ୪ ବେସରକାରୀ କାର୍ଯ୍ୟଦିବସ

ଭୁବନେଶ୍ୱର,୨୧।୧(ବ୍ୟୁରୋ)

ଆସନ୍ତା ଫେବୃୟାରୀ ୧୪ରୁ ଷୋଡଶ ବିଧାନସଭାର ତୃତୀୟ ଅଧିବେଶନ ଆରମ୍ଭ ହେବ। ଏହା ଦୁଇ ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ଏଥିରେ ମୋଟ ୩୧ଟି କାର୍ଯ୍ୟଦିବସ ରହିଛି। ସେଥିରୁ ୨୭ଟି ସରକାରୀ ଦିବସ ଥିବା ବେଳେ ୪ଟି ବେସରକାରୀ ଦିବସ ରହିଛି। ପ୍ରଥମ ପର୍ଯ୍ୟାୟ ଫେବୃୟାରୀ ୧୪ରୁ ଆରମ୍ଭ ହୋଇ ୨୬ ତାରିଖ ଯାଏ ଚାଲିବ। ଏଥିରେ ମୋଟ ୯ଟି କାର୍ଯ୍ୟ ଦିବସ ରହିଛି। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୧୧ରୁ ଆରମ୍ଭ ହୋଇ ଏପ୍ରିଲ ୯ ତାରିଖ ଯାଏ ଚାଲିବ। ଦ୍ୱିତୀୟ ପର୍ଯ୍ୟାୟରେ ୨୨ଟି କାର୍ଯ୍ୟ ଦିବସ ରହିଛି। ଅଧିବେଶନର ପ୍ରଥମ ଦିବସରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଅଭିଭାଷଣ ଦେବେ। ଫେବୃୟାରୀ ୧୫ ଓ ୧୭ ଦୁଇଦିନ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ସରକାରଙ୍କ ଦ୍ୱାରା ଆଗତ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ହେବ। ଫେବୃୟାରୀ ୧୮ରେ ୨୦୨୦-୨୧ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ ହେବ। ଫେବୃୟାରୀ ୨୪ରୁ ୨୬ ଯାଏ ବଜେଟ ଉପରେ ଆଲୋଚନା ହେବ। ଏହାପରେ ଅଧିବେଶନ ମାର୍ଚ୍ଚ ୧୦ ଯାଏ ବନ୍ଦ ରହିବ। ପୁଣି ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ମାର୍ଚ୍ଚ ୧୧ ତାରିଖରୁ ଆରମ୍ଭ ହେବ। ମାର୍ଚ୍ଚ ୧୬ରୁ ୩୦ ଯାଏ ପୁଣି ବଜେଟ ଉପରେ ଆଲୋଚନା ହେବ। ମାର୍ଚ୍ଚ ୩୧ରେ ୨୦୨୦-୨୧ ଆର୍ଥିକବର୍ଷର ବ୍ୟୟମଞ୍ଜୁରୀ ବିଲ୍ ବିଧାନସଭାରେ ଗୃହୀତ ହେବ।

ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଗୃହରେ ବଜେଟ ଉପସ୍ଥାପନ କରିବେ। ଏହି ବଜେଟ ଦେଢ଼ ଲକ୍ଷ କୋଟି ଟଙ୍କା ଟପିବ ବୋଲି ସୂଚନା ମିଳିଛି। ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାର ବିଧାନସଭାରେ ୧.୩୯ ଲକ୍ଷ କୋଟି ଟଙ୍କାର ବଜେଟ ଉପସ୍ଥାପନ କରିଥିଲେ। ଆସନ୍ତା ବଜେଟ ଚଳିତ ବଜେଟଠାରୁ ୧୫ରୁ ୨୦% ବୃଦ୍ଧି କରାଯିବା ନେଇ ପ୍ରସ୍ତୁତି ଚାଲିଛି। ବଜେଟ ପ୍ରସ୍ତୁତି ପୂର୍ବରୁ ଜନସାଧାରଣଙ୍କଠାରୁ ମତାମତ ଲୋଡ଼ାଯାଇଥିଲା। ଅର୍ଥମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅର୍ଥନୀତି ବିଶାରଦଙ୍କୁ ନେଇ ଏକ ପ୍ରାକ୍ ବଜେଟ ବୈଠକ ମଧ୍ୟ ଶେଷ ହୋଇଛି। ଚଳିତବର୍ଷ ପ୍ରଥମ ଥର ବିଭାଗୀୟ ଖର୍ଚ୍ଚକୁ ଦୃଷ୍ଟିରେ ରଖାଯାଇ ବଜେଟ ପ୍ରସ୍ତୁତ କରାଯାଉଛି। ବିଭାଗ ପକ୍ଷରୁ ଆଉ ମନଇଚ୍ଛା ବଜେଟରେ ଅର୍ଥ ଦାବି କରାଯାଇପାରିବ ନାହିଁ। ସମସ୍ତ ବିଭାଗ ପାଇଁ ଏକ ସିଲିଂ କରାଯାଇଛି। ଅର୍ଥ ବିଭାଗର ଏଭଳି କଟକଣାକୁ ନେଇ କେତେକ ବିଭାଗ ଅସନ୍ତୁଷ୍ଟ ଥିବା କୁହାଯାଉଛି। ତେବେ ବଜେଟ ପାଇଁ ସମ୍ବଳ ସଂଗ୍ରହ ରାଜ୍ୟ ସରକାରଙ୍କ ପାଇଁ ମୁଖ୍ୟ ଚିନ୍ତାର କାରଣ ପାଲଟିଛି। ରାଜ୍ୟରେ ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ଆଦାୟ ଆଶାନୁରୂପ ହେଉ ନାହିଁ। ବଜେଟ ଖର୍ଚ୍ଚ ତୁଲାଇବା ପାଇଁ ରାଜ୍ୟ ସରକାର ଖଣି ରାଜସ୍ୱ ସାଙ୍ଗକୁ କେନ୍ଦ୍ର ସରକାର ଦେଉଥିବା ଜିଏସ୍‌ଟି କ୍ଷତିପୂରଣ ଉପରେ ଅଧିକ ନିର୍ଭର କରିବେ। ଏଥିସହିତ ଖୋଲାବଜାରରୁ ଋଣ ମଧ୍ୟ ଉଠାଇ ପାରନ୍ତି ବୋଲି କୁହାଯାଉଛି।

# ବାଚସ୍ପତିଙ୍କ କ୍ଷମତାର ସମୀକ୍ଷା ହେଉ

ନୂଆଦିଲ୍ଲୀ,୨୧।୧(ଆଇଏଏନ୍‌ଏସ୍)

ବିଧାନସଭା ଓ ଲୋକ ସଭାର ବାଚସ୍ପତି ବି କୌଣସି ଏକ ଦଳରୁ ଆସିଥାନ୍ତି। ତେଣୁ ଦଳବଦଳ ଆଇନାନୁସାରେ ସେ ଗୃହର କୌଣସି ସଦସ୍ୟଙ୍କୁ ଅଯୋଗ୍ୟ ଘୋଷଣା କରିପାରିବେ କି? ଏହା ଉପରେ ପାର୍ଲାମେଣ୍ଟ ବିଚାର କରୁ। ବିଧାୟକ ଏବଂ ଏମ୍‌ପିମାନଙ୍କ ସଦସ୍ୟତା ରଦ୍ଦ କରିବା ନେଇ ବାଚସ୍ପତିଙ୍କ



ଏକାଧିକାର କ୍ଷମତାର ସମୀକ୍ଷା ହେଉ ବୋଲି ପାର୍ଲାମେଣ୍ଟକୁ ମଙ୍ଗଳବାର ସୁପ୍ରିମକୋର୍ଟ ପ୍ରସ୍ତାବ ଦେଇଛନ୍ତି। ମଣିପୁରର ପରିବେଶ ମନ୍ତ୍ରୀ ଥୋଉନାଜୋରାମ ଶ୍ୟାମକୁମାରଙ୍କୁ ଅଯୋଗ୍ୟ ଘୋଷଣା ପାଇଁ ଦାଏର ପିଟିଶନର ଶୁଣାଣି କରି ସର୍ବୋଚ୍ଚ ଅଦାଲତ ଏହା କହିଛନ୍ତି। କର୍ନାଟକର ବିଧାୟକମାନଙ୍କ ଅଯୋଗ୍ୟ ଘୋଷଣା ମାମଲା ନେଇ ଗତବର୍ଷ ସୁପ୍ରିମକୋର୍ଟଙ୍କ ରାୟ ଆସିଥିବାରୁ ଏହି ଟିପ୍ପଣୀ ବିଶେଷ ଗୁରୁତ୍ୱ ବହନ କରେ। ମଣିପୁର ବିଧାୟକ ☞ପୃଷ୍ଠା–୪

**ପାର୍ଲାମେଣ୍ଟକୁ ସୁପ୍ରିମକୋର୍ଟଙ୍କ ପ୍ରସ୍ତାବ**

- ବାଚସ୍ପତି ମଧ୍ୟ ଏକ ଦଳରୁ ନିର୍ବାଚିତ ହୋଇ ଗୃହକୁ ଆସିଥାନ୍ତି
- ବିଧାୟକ କିମ୍ବା ଏମ୍‌ପିଙ୍କୁ ଅଯୋଗ୍ୟ ଘୋଷଣା ନେଇ ତାଙ୍କ ନିଷ୍ପତ୍ତି ସମ୍ପୂର୍ଣ୍ଣ ନିରପେକ୍ଷ ହୋଇ ନ ପାରେ
- ସଦସ୍ୟତା ରଦ୍ଦ ନେଇ ଦାଏର ପିଟିଶନଗୁଡ଼ିକର ଶୁଣାଣି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉ
- ମଣିପୁର ମନ୍ତ୍ରୀ ଶ୍ୟାମକୁମାର କଂଗ୍ରେସ ଟିକେଟରେ ଜିତିଥିଲେ
- କ୍ୟାବିନେଟରେ ସ୍ଥାନ ପାଇବା ପାଇଁ ସେ ଭାଜପାରେ ମିଶିଛନ୍ତି
- ବାଚସ୍ପତି ତାଙ୍କ ସଦସ୍ୟତା ରଦ୍ଦ କରୁ ନ ଥିବାରୁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି କଂଗ୍ରେସ

# ଫୁଟ୍‌ପାଥ୍ ଦୋକାନକୁ ମାଡ଼ିଗଲା ଟ୍ରକ, ୪ ମୃତ





ପୋଲିସ ଜବତ କରିଥିବା ଟ୍ରକ। କ୍ଷତିଗ୍ରସ୍ତ ହୋଇଥିବା ଫୁଟ୍‌ପାଥ୍ ଦୋକାନ।

- ସମସ୍ତେ ଦୋକାନ ଭିତରେ ଶୋଇଥିଲେ
- ୩ରୁ ଊର୍ଦ୍ଧ୍ୱ ଆହତ,ଡାକ୍ତରଖାନାରେ ଭର୍ତ୍ତି
- ଦିନକ ପାଇଁ ବନ୍ଦ ରହିଲା ପରମାଣପୁର ଧନୁଯାତ୍ରା

ସମ୍ବଲପୁର,୨୧।୧(ବ୍ୟୁରୋ)

ସମ୍ବଲପୁର ଜିଲା ଶାସନ ଥାନା ଅଧୀନ ପରମାଣପୁର ଗ୍ରାମ ନିକଟ ରାସ୍ତାକଡ ଫୁଟ୍‌ପାଥ୍‌ରେ ଥିବା ଦୋକାନ ଉପରକୁ ଏକ କୋଇଲା ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ଚଢିଯିବାରୁ ୪ ଜଣଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଧନୁପାଲି ଥାନା ସୁନାପାଲିର ମହମ୍ମଦ ସାୟଦ, ମହମ୍ମଦ ୱାକର, ମହମ୍ମଦ ତୟବ ଓ ପେନସନପଡାର ମହମ୍ମଦ ଦାନିସ । ଏହି ଦୁର୍ଘଟଣାରେ ୩ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି ☞ପୃଷ୍ଠା–୪

**ବିଶ୍ୱସ୍ତରରେ ବଢ଼ିବେ ୨୫ ଲକ୍ଷ ବେକାର**

........ ୫ ........


Vencobb CHICKEN — Taste the difference!

21.01.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 71 | 120 | 130 |
| CTC | 70 | 119 | 129 |
| DKL | 71 | 120 | 130 |
| BDK | 66 | 114 | 124 |
| BLS | 66 | 114 | 124 |
| ANG | 72 | 122 | 132 |
| BHM | 72 | 122 | 132 |

*Conditions Apply

Issued in the Interest of Consumers




For a test drive, SMS 'KWID' to 53030 or call on 1800 300 44444 (Open from Monday to Sunday, 7:00 am - 11:00 pm). For further details, visit renault.co.in

Terms and conditions apply. #Prices mentioned are for base variant for ex-showroom Bhubaneswar and is exclusive of local taxes. Offers may vary across variants and cities. The above mentioned offers & benefits are valid till 31st January 2020 and are through Renault dealership. *Offers mentioned above are applicable only on select KWID Bharat Stage 4 compliant variants of outgoing models. ^^Benefits up to ₹45 000 on KWID include cash discount on select versions. **Warranty of 4 Years applicable on KWID only, includes Manufacturer Warranty of 2 Years or 50 000 km + Extended Warranty of 2 Years or 50 000 km. ***0% Rate of Interest is applicable for KWID & is calculated on a loan amount of ₹2.2 Lakhs for a tenure of 18 months through Renault Finance. For further details, please check T&C on Renault India website. For detailed offers, visit www.renault.co.in/offers. Renault India Pvt. Ltd. reserves the right to change or modify the mentioned schemes and conditions without prior notice. Renault India Pvt. Ltd. shall not be liable for any loss or damage arising from your failure to comply or understand the offer details. In the event of any dispute, all matters shall be governed by all applicable laws of India and Court at Gurugram shall have the exclusive jurisdiction. For detailed terms and conditions, please visit www.renault.co.in

**SHOWROOMS: ODISHA: BHUBANESWAR:** RENAULT Bhubaneswar Mob: +91 8860076082, RENAULT Bhubaneswar North Mob: +91 9643800532. **BALANGIR:** RENAULT Balangir Mob: +91 9643800378. **JHARSUGUDA:** RENAULT Jharsuguda Mob: +91 7290055349. **KEONJHAR:** RENAULT Keonjhar Mob: +91 7428439130. **ROURKELA:** RENAULT Rourkela Mob: + 91 8860875802. **SAMBALPUR:** RENAULT Sambalpur Mob: +91 8860048351.

L&K | SAATCHI & SAATCHI



"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ସିଏଏକୁ ନେଇ ଦେଶବାସୀଙ୍କୁ ମିଛ କହୁଛନ୍ତି। ସେମାନେ ଭାରତୀୟ ଗଣତନ୍ତ୍ରର ପଥ ଅବରୋଧକାରୀ।

-କପିଲ ସିବଲ, ବରିଷ୍ଠ କଂଗ୍ରେସ ନେତା





ଆଗ୍ରାସ୍ଥିତ ତାଜମହଲରେ ସାଧାରଣତନ୍ତ୍ର ଦିବସ ପୂର୍ବରୁ ମୁତୟନ ଜଣେ ସୁରକ୍ଷା କର୍ମୀ।



କୋଲକାତାରେ ଏନ୍‌ଆର୍‌ସି-ସିଏଏ-ଏନ୍‌ପିଆର୍ ବିରୋଧରେ ବିକ୍ଷୋଭ।

# ପ୍ରତ୍ୟାହାର ହେବନି ସିଏଏ

ଲକ୍ଷ୍ନୌ,୨୧।୧

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ନେଇ ଯିଏ ଯେତେ ବିରୋଧ ବିକ୍ଷୋଭ କରୁଛନ୍ତି କରନ୍ତୁ। ଯାହା ହେଉଛି ହେଉ ପଛକେ ଏହି ଆଇନକୁ ନେଇ କେନ୍ଦ୍ର ସରକାର ପଛଘୁଞ୍ଚା ଦେବାର ପ୍ରଶ୍ନ ଉଠୁନାହିଁ। ନାଗରିକତ୍ୱ ଆଇନ କୌଣସି ପ୍ରକାରେ ପ୍ରତ୍ୟାହାର କରାଯିବ ନାହିଁ ବୋଲି ମଙ୍ଗଳବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ସ୍ପଷ୍ଟ କରିଛନ୍ତି। ଏହାସହ ଏହି ପ୍ରସଙ୍ଗରେ ଦେଶବାସୀଙ୍କୁ ବିରୋଧୀ ଦଳଗୁଡ଼ିକ ବିଭ୍ରାନ୍ତ କରୁଥିବା ସେ ସମାଲୋଚନା କରିଛନ୍ତି।

ଲକ୍ଷ୍ନୌରେ ସିଏଏ ସପକ୍ଷରେ ଆୟୋଜିତ ଏକ ସଭାରେ ଯୋଗଦେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଶାହା କହିଛନ୍ତି, ବିଭାଜନ ପରେ ପାକିସ୍ତାନ, ବାଂଲାଦେଶ (ପୂର୍ବ ପାକିସ୍ତାନ) ଓ ବାଂଲାଦେଶରୁ ଆସିଥିବା ସଂଖ୍ୟାଲଘୁ ହିନ୍ଦୁମାନଙ୍କୁ ନାଗରିକତ୍ୱ ପ୍ରଦାନ ପାଇଁ କଂଗ୍ରେସ ଭିତରୁ ପ୍ରସ୍ତାବ ଆସିଥିଲା। ହେଲେ ଏହି ଦଳ ସେତେବେଳେ ତାକୁ ଗ୍ରହଣ କରି ନ ଥିଲା। କାହାର ନାଗରିକତ୍ୱ ଛଡ଼ାଇନେବା ଭଳି ବ୍ୟବସ୍ଥା ସିଏଏରେ ନାହିଁ। ଏହି ଆଇନକୁ ନେଇ କଂଗ୍ରେସ, ଏସ୍‌ପି, ବିଏସ୍‌ପି ଏବଂ ଟିଏମ୍‌ସି ଭିତ୍ତିହୀନ ଖବର ପ୍ରସାର କରାଉଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦଳିତ ବଙ୍ଗାଳୀଙ୍କୁ ଭାରତର ନାଗରିକତ୍ୱ ଦିଆଯିବା ପ୍ରସ୍ତାବକୁ ବିରୋଧ କରୁଛନ୍ତି। ସିଏଏକୁ ଯିଏ ଯେତେ ବିରୋଧ କଲେ ବି ଏହାକୁ ପ୍ରତ୍ୟାହାର କରାଯିବ ନାହିଁ ବୋଲି ଶାହା କହିଛନ୍ତି। ସେହିପରି ଅଯୋଧ୍ୟାରେ ତିନିମାସ ମଧ୍ୟରେ ନଭଶ୍ଚୁମ୍ବୀ ରାମମନ୍ଦିରର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ଉକ୍ତ ସଭାରେ ଯୋଗଦେଇଥିବା ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ଏହି ପ୍ରସଙ୍ଗରେ ବିରୋଧୀଙ୍କୁ ଟାର୍ଗେଟ କରିଥିଲେ। କଂଗ୍ରେସ ସିଏଏ ବିରୋଧରେ ବିକ୍ଷୋଭ କରାଇ ନିଆଁ ଲଗାଇବା ପାଇଁ ଟଙ୍କା ବାଣ୍ଟୁଛି ବୋଲି ଯୋଗୀ ସମାଲୋଚନା କରିଥିଲେ।



> ଯେତେ ବିରୋଧ ବିକ୍ଷୋଭ କଲେ ବି ନାଗରିକତ୍ୱ ଆଇନକୁ ନେଇ ପଛଘୁଞ୍ଚା ଦେବାର ପ୍ରଶ୍ନ ଉଠୁନାହିଁ।
> –ଅମିତ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ

## ୨୭ରେ ଟିଏମ୍‌ସି ଆଣିବ ସିଏଏ ବିରୋଧୀ ସଂକଳ୍ପନାମା

କୋଲକାତା,୨୧।୧(ପି.ଟି.)

ପଶ୍ଚିମବଙ୍ଗର ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ବିଧାନସଭାରେ ସିଏଏ ବିରୋଧୀ ସଂକଳ୍ପନାମା ଆଣିବ। ନୂଆ ନାଗରିକତ୍ୱ ଆଇନ ବିରୋଧରେ ଜାନୁୟାରୀ ୨୭ରେ ଗୃହରେ ପ୍ରସ୍ତାବ ଆଗତ କରାଯିବ ବୋଲି ଦଳ ପକ୍ଷରୁ ମଙ୍ଗଳବାର ସ୍ପଷ୍ଟ କରାଯାଇଛି। କେରଳ ଓ ପଞ୍ଜାବ ପରେ ଏଭଳି ପଦକ୍ଷେପ ନେବାରେ ପଶ୍ଚିମବଙ୍ଗ ତୃତୀୟ ରାଜ୍ୟ ହେବାକୁ ଯାଉଛି।

ସିଏଏ ବିରୋଧରେ ବିଧାନସଭାରେ ପ୍ରସ୍ତାବ ଏଯାଏ ଗୃହୀତ ହୋଇ ନ ଥିବାରୁ ଟିଏମ୍‌ସିକୁ ପଶ୍ଚିମବଙ୍ଗର ପ୍ରମୁଖ ଅଣଭାଜପା ଦଳଗୁଡ଼ିକ ଟାର୍ଗେଟ କରୁଛନ୍ତି। ଏହକୁ ନେଇ ରାଜ୍ୟର ସଂସଦୀୟ ବ୍ୟାପାର ମନ୍ତ୍ରୀ ପାର୍ଥ ଚାଟାର୍ଜୀ ମଙ୍ଗଳବାର କହିଛନ୍ତି, ଟିଏମ୍‌ସି ପକ୍ଷରୁ ଏକ ସଂକଳ୍ପନାମା ଆସନ୍ତା ୨୭ରେ ଅଣାଯିବ। ବାଚସ୍ପତିଙ୍କୁ ସୋମବାର ଏହି ପ୍ରସ୍ତାବ ଦିଆଯାଇଛି। ଗତ ସେପ୍ଟେମ୍ବରରେ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ବିରୋଧରେ ପଶ୍ଚିମବଙ୍ଗ ବିଧାନସଭାରେ ଏକ ସଂକଳ୍ପନାମା ଗୃହୀତ ହୋଇଥିଲା। ସିଏଏ, ଏନ୍‌ଆର୍‌ସି ଏବଂ ଜାତୀୟ ଜନସଂଖ୍ୟା ରେଜିଷ୍ଟର (ଏନ୍‌ପିଆର୍) ବିରୋଧରେ ଲଢ଼େଇ କିପରି ଜାରି ରଖାଯିବ ସେନେଇ କାହାଠୁ ଆମର ଶିକ୍ଷା ନେବା ଦରକାର ନାହିଁ।

## ୨୪ରେ ଆସିବେ ବ୍ରାଜିଲ ରାଷ୍ଟ୍ରପତି

ନୂଆଦିଲ୍ଲୀ,୨୧।୧(ପି.ଟି.)



ଜେୟାର୍ ବୋଲ୍‌ସୋନାରୋ

ସାଧାରଣତନ୍ତ୍ର ଦିବସ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବାକୁ ଥିବା ବ୍ରାଜିଲ ରାଷ୍ଟ୍ରପତି ଜେୟାର୍ ମେସିଆସ୍ ବୋଲ୍‌ସୋନାରୋ ଶୁକ୍ରବାର ଚାରିଦିନିଆ ଭାରତ ଗସ୍ତରେ ଆସୁଛନ୍ତି। କ୍ଷମତାକୁ ଆସିବା ପରେ ଏହା ହେଉଛି ତାଙ୍କର ପ୍ରଥମ ଭାରତ ଗସ୍ତ। ବୋଲ୍‌ସୋନାରୋଙ୍କ ସହ ତାଙ୍କ ଦେଶର କେତେଜଣ ମନ୍ତ୍ରୀ, ବରିଷ୍ଠ ଅଧିକାରୀ ଓ ଏକ ବୃହତ୍ ବ୍ୟବସାୟୀ ପ୍ରତିନିଧି ଦଳ ଆସିବେ। ବୋଲ୍‌ସୋନାରୋ ଆସନ୍ତା ୨୪ରୁ ୨୭ ତାରିଖ ପର୍ଯ୍ୟନ୍ତ ଭାରତରେ ରହିବେ। ୨୬ ତାରିଖରେ ସେ ଭାରତର ୭୧ତମ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ନିମନ୍ତ୍ରଣ କରିଥିଲେ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି।

## ଅଚ୍ୟୁତାନନ୍ଦ ସାହୁଙ୍କୁ ମରଣୋତ୍ତର ସମ୍ମାନ

ନୂଆଦିଲ୍ଲୀ/ଭୁବନେଶ୍ୱର,୨୧।୧



ଦୂରଦର୍ଶନର କ୍ୟାମେରାମ୍ୟାନ୍ ଅଚ୍ୟୁତାନନ୍ଦ ସାହୁଙ୍କୁ ମରଣୋତ୍ତର ଭାବେ ରାମ୍‌ନାଥ ଗୋଏଙ୍କା ଏକ୍ସଲେନ୍ସ ଆୱାର୍ଡ ପ୍ରଦାନ କରାଯାଇଛି। ଇଣ୍ଡିଆନ୍ ଏକ୍ସପ୍ରେସ ପକ୍ଷରୁ ସୋମବାର ଏହି ପୁରସ୍କାରକୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପ୍ରଦାନ କରିଥିଲେ। ବିବାଦୀୟ ଅଞ୍ଚଳରେ ସାହସ ଜୁଟାଇ କାର୍ଯ୍ୟକରିବା ଲାଗି ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିବା ପ୍ରକାଶ। ଗତ ଅକ୍ଟୋବର ୩୦ରେ ଦାନ୍ତେୱାଡାଠାରେ ମାଓବାଦୀଙ୍କ ଆକ୍ରମଣରେ ୨ ସୁରକ୍ଷାକର୍ମୀଙ୍କ ସହ ସାହୁ ପ୍ରାଣ ହରାଇଥିଲେ। ସହଯୋଗୀ ଖବରଦାତା ଧୀରଜ୍ କୁମାର ଓ ଲାଇଟ୍ ଆସିଷ୍ଟାଣ୍ଟ ମୋର୍‌ମୁକୁଟ ଶର୍ମାଙ୍କ ସହ ସାହୁ ଛତିଶଗଡ଼ ନିର୍ବାଚନ ସମ୍ପର୍କିତ ଖବର ପରିବେଷଣ ଲାଗି ସେଠାରେ ଦାୟିତ୍ୱରେ ଥିଲେ। ପ୍ରାୟ ୨୫୦ ମାଓବାଦୀ ସେଠାରେ ପହଞ୍ଚି ପୋଲିସ ଓ ମିଡିଆ କର୍ମୀଙ୍କ ଉପରେ ଆକ୍ରମଣ କରିବାରୁ ସାହୁ ପ୍ରାଣ ହରାଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ସ୍ୱାଗତ କରିବା ସହ ଟୁଇଟ୍ କରି ସମ୍ମାନ ଜଣାଇଛନ୍ତି।

### ଟୁଇଟ୍ କରି ସମ୍ମାନ ଜଣାଇଲେ ମୁଖ୍ୟମନ୍ତ୍ରୀ

## ୨୦୧୯ରେ ୫୬ ଖବରଦାତାଙ୍କୁ ହତ୍ୟା

ଜାତିସଂଘ,୨୧।୧(ଆଇଏଏନ୍‌ଏସ୍)

୨୦୧୯ରେ ମୋଟ ୫୬ ଖବରଦାତାଙ୍କୁ ହତ୍ୟା କରାଯାଇଛି। ଅଧିକାଂଶ ବିବାଦୀୟ ଅଞ୍ଚଳ ବାହାରେ ପ୍ରାଣ ହରାଇଥିବା ଜାତିସଂଘ ରିପୋର୍ଟରେ ଦର୍ଶାଯାଇଛି। ତେବେ ୨୦୧୮ ତୁଳନାରେ ଏହା ପ୍ରାୟ ଅଧା କମିଥିବା ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ସୂଚନା ଦେଇଛନ୍ତି। ଏ ସମ୍ପର୍କିତ ତଥ୍ୟ 'ୟୁନେସ୍କୋ ଅବ୍‌ଜରଭେଟୋରି ଅଫ୍ କିଲ୍ଡ ଜର୍ନାଲିଷ୍ଟ' ପୁସ୍ତକରେ ରହିଛି। ୨୦୧୦ରୁ ୨୦୧୯ ମଧ୍ୟରେ ମୋଟ ୮୯୪ ଖବରଦାତାଙ୍କୁ ହତ୍ୟା କରାଯାଇଥିବା ୟୁନେସ୍କୋ ଦର୍ଶାଇଛି। ବର୍ଷକୁ ହାରାହାରି ୯୦ ଖବରଦାତାଙ୍କୁ ହତ୍ୟା କରାଯାଇଥିବା ଏଥିରୁ ସ୍ପଷ୍ଟ ଅନୁମେୟ। ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଖବରଦାତାଙ୍କୁ ଏଭଳି ପରିସ୍ଥିତିର ସାମ୍ନା କରିବାକୁ ପଡୁଛି। ଲାଟିନ୍ ଆମେରିକା, କାରିବିୟାନରେ ସର୍ବାଧିକ ଖବରଦାତାଙ୍କ ପ୍ରାଣ ଯାଇଛି। ରାଜନୀତି, ଦୁର୍ନୀତି, ଅପରାଧ ସମ୍ପର୍କରେ ରିପୋର୍ଟିଂ କଲାବେଳେ ଖବରଦାତାଙ୍କୁ ଟାର୍ଗେଟ କରାଯାଉଥିବା ଜଣାପଡ଼ିଛି।

## 'ଟ୍ରମ୍ପଙ୍କୁ ହତ୍ୟା କଲେ ୩ ନିୟୁତ ଡଲାର'



ଅହମଦ ହମେଜ୍

ତେହେରାନ୍,୨୧।୧(ଏଏଫ୍‌ପି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ କେହି ହତ୍ୟା କଲେ ତାଙ୍କୁ ପୁରସ୍କାର ସ୍ୱରୂପ ୩ ନିୟୁତ ଡଲାର ଦିଆଯିବ ବୋଲି ଇରାନର ଜଣେ ଏମ୍‌ପି ଘୋଷଣା କରିଛନ୍ତି। ଇରାନ ସେନାର ଶକ୍ତିଶାଳୀ କମାଣ୍ଡର ଜେନେରାଲ କାସିମ୍ ସୋଲେମାନୀଙ୍କ ହତ୍ୟାର ପ୍ରତିଶୋଧ ନେବା ପାଇଁ ଟ୍ରମ୍ପଙ୍କୁ ହତ୍ୟା କରିବା ଲାଗି ସେ ଆହ୍ୱାନ ଦେଇଛନ୍ତି। ଅହମଦ ହମେଜ୍ ନାମକ ମଜ୍‌ଲିସ୍ ସଦସ୍ୟ ସୋଲେମାନୀଙ୍କ ସହର କେର୍ମାନର ଜନସାଧାରଣଙ୍କ ପକ୍ଷରୁ ଏହି ଘୋଷଣା କରିଥିବା କହିଛନ୍ତି। ପ୍ରକାଶ ଯେ, ଗତ ୩ ତାରିଖରେ ବାଗ୍‌ଦାଦ ବିମାନବନ୍ଦରରେ ସୋଲେମାନୀଙ୍କୁ ଆମେରିକା ସେନା ହତ୍ୟା କରିଥିଲା। ଏହାକୁ ନେଇ ଦୁଇଦେଶ ମଧ୍ୟରେ ଉତ୍ତେଜନା ଲାଗିରହିଛି।

# ନାମାଙ୍କନପତ୍ର ଦାଖଲ କଲେ କେଜ୍‌ରିୱାଲ

ଜାତିସଂଘ,୨୧।୧



- ସୁନୀଲ ଯାଦବଙ୍କ ସହ ହେବ ମୁକାବିଲା
- ଭାଜପା-ଜେଡିୟୁ-ଏଲ୍‌ଜେପି ମେଣ୍ଟ

ଦୀର୍ଘ ୬ ଘଣ୍ଟାକାଳ ଅପେକ୍ଷା କରିବା ପରେ ଏଏପି ନେତା ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ନୂଆଦିଲ୍ଲୀ ଆସନ ଲାଗି ମଙ୍ଗଳବାର ସନ୍ଧ୍ୟା ୬.୩୦ରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଲାଇନ୍‌ରେ କେଜ୍‌ରିୱାଲଙ୍କ ନମ୍ବର ୪୫ ଥିବାବେଳେ ଆଗରେ ରହିଥିବା ଭାଜପା ପ୍ରାର୍ଥୀମାନେ ଜାଣିଶୁଣି ଏଭଳି ବିଳମ୍ବ କରିଥିବା ଏଏପି ପକ୍ଷରୁ ଅଭିଯୋଗ କରାଯାଇଛି। ନାମାଙ୍କନପତ୍ର ଦାଖଲ ପୂର୍ବରୁ କେଜ୍‌ରିୱାଲ କହିଥିଲେ, ଆଗାମୀ ୫ ବର୍ଷ ଲାଗି ଯାତ୍ରା ଏବେଠାରୁ ଆରମ୍ଭ ହେଲା। ଦିଲ୍ଲୀର ବିକାଶ ଓ ଦୁର୍ନୀତିମୁକ୍ତ ସମାଜ ଗଠନ କ୍ଷେତ୍ରରେ ସେ କାମ କରିବେ ବୋଲି କେଜ୍‌ରିୱାଲ ପ୍ରକାଶ କରିଥିଲେ। ଭାଜପା ଏଠାରୁ ପ୍ରଦେଶ ଯୁବମୋର୍ଚ୍ଚା ସଭାପତି ସୁନିଲ ଯାଦବଙ୍କୁ ପ୍ରାର୍ଥୀ କରିଛି। ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ଭାଜପା ତା'ର ଏନ୍‌ଡିଏ ସହଯୋଗୀ ଜେଡିୟୁ ଓ ଏଲ୍‌ଜେପି ସହ ମେଣ୍ଟ କରିବାରେ ସଫଳ ହୋଇଛି। ଭାଜପା ମୋଟ ୭୦ ଆସନରୁ ୬୭ ଆସନରେ ପ୍ରାର୍ଥୀ ଦେଉଥିବାବେଳେ ଜେଡିୟୁ ୨ ଓ ଏଲ୍‌ଜେପି ଗୋଟିଏ ଆସରେ ଲଢ଼ିବେ। ତେବେ ଭାଜପାର ପୁରୁଣା ସହଯୋଗୀ ଏସ୍‌ଏଡି(ଶିରୋମଣି ଅକାଳି ଦଳ) ଦିଲ୍ଲୀ ନିର୍ବାଚନ ଭାଜପା ସହ ମିଶି ଲଢ଼ିବ ନାହିଁ ବୋଲି ସଫା ସଫା ମନାକରିଦେଇଛି। ସିଏଏକୁ ନେଇ ଏସ୍‌ଏଡି ଏଭଳି ଆଭିମୁଖ୍ୟ ପୋଷଣ କରିଛି।

ଦିଲ୍ଲୀ ଭାଜପା ଅଧ୍ୟକ୍ଷ ମନୋଜ ତିୱାରୀ ମିଳିତ ଖବରଦାତା ସମ୍ମିଳନୀରେ ଏନ୍‌ଡିଏ ସହଯୋଗୀ ଦଳମାନେ ଏକାଠି ହୋଇ ଦିଲ୍ଲୀ ବିଧାନସଭା ନିର୍ବାଚନ ଲଢୁଥିବା ପ୍ରକାଶ କରିଛନ୍ତି। ଜେଡିୟୁ ପ୍ରାର୍ଥୀ ଶୈଳେନ୍ଦ୍ର କୁମାର ବୁରାରି, ଏସ୍‌ସିଏଲ୍ ଗୁପ୍ତା ସଙ୍ଗମ ବିହାର ଆସନରୁ ନିର୍ବାଚନ ଲଢୁଥିବାବେଳେ ଏଲ୍‌ଜେପିର ସନ୍ତଲାଲ୍ ଚୱାରିଆ ସୀମାପୁରୀ ସଂରକ୍ଷିତ ଆସନରୁ ପ୍ରାର୍ଥୀ ହୋଇଛନ୍ତି। ଦିଲ୍ଲୀରେ ଜେଡିୟୁ ନେତା ନୀତୀଶ କୁମାର, ଏଲ୍‌ଜେପି ନେତା ରାମବିଳାସ ପାଶ୍ୱାନ, ଚିରାଗ ପାଶ୍ୱାନ ପ୍ରମୁଖ ଭାଜପା ନେତାଙ୍କ ସହ ମିଶି ନିର୍ବାଚନ ପ୍ରଚାର କରିବେ ବୋଲି ଜଣାପଡ଼ିଛି।




ସୁରଟର ରଘୁବୀର ଟେକ୍ସଟାଇଲ୍ସ ମାର୍କେଟସ୍ଥିତ ଏକ କୋଠାରେ ମଙ୍ଗଳବାର ଭୋର ସମୟରେ ଭୟାବହ ଅଗ୍ନିକାଣ୍ଡ ଘଟିଥିଲା। ୫୦ରୁ ଊର୍ଦ୍ଧ୍ୱ ଦମକଳ ଗାଡ଼ି ପହଞ୍ଚିବା ପରେ ଅଗ୍ନିଶମ ବାହିନୀ ୧୦ ମହଲା ବିଶିଷ୍ଟ ବିଲ୍ଡିଂର ନିଆଁକୁ ଲିଭାଇବା ବେଳର ଦୃଶ୍ୟ।

### ଇତିହାସର ଆଇନାରେ

## ଜାନୁୟାରୀ ୨୨ର ପ୍ରମୁଖ ଘଟଣା

୨୦୦୭ ଜାନୁୟାରୀ ୨୨ରେ କେନ୍ଦ୍ରୀୟ ଇରାକ୍‌ର ବବ୍ ଅଲ୍ ସାର୍କି ମାର୍କେଟ୍‌ରେ ଦୁଇଟି କାର୍ ବୋମା ବିସ୍ଫୋରଣ ହେବା ଫଳରେ ପ୍ରାୟ ୯୦ ଲୋକଙ୍କ ପ୍ରାଣହାନି ଘଟିଥିଲା। ଏହି ଆତଙ୍କବାଦୀ କାର୍ଯ୍ୟକଳାପରେ ୧୬୭ ଲୋକ ଆହତ ମଧ ହୋଇଥିଲେ। ୧୦ ଦିନବ୍ୟାପୀ ସିତେ ଉତ୍ସବ ପାଳନର ଦୁଇଦିନ ପରେ ଏହି ଭୟଙ୍କର ବିସ୍ଫୋରଣ କରାଯାଇଥିଲା।

୧୯୯୯ ଜାନୁୟାରୀ ୨୨ରେ ଅଷ୍ଟ୍ରେଲୀୟ ଖ୍ରୀଷ୍ଟିଆନ୍ ମିଶନାରି ଗ୍ରାହାମ୍ ଷ୍ଟେନ୍ସ ଓ ତାଙ୍କ ଦୁଇ ପୁଅଙ୍କୁ କାର୍ ଭିତରେ ପୋଡ଼ି ହତ୍ୟା କରାଯାଇଥିଲା। କଠୋରପନ୍ଥୀ ହିନ୍ଦୁମାନଙ୍କ ଏଥିରେ ହାତଥିବା ଅଭିଯୋଗ କରାଯାଇଥିଲା। ଧର୍ମାନ୍ତରୀକରଣ ନେଇ ଅଭିଯୋଗ ଉଠିବା ପରେ ଏଭଳି ଚରମ ପଦକ୍ଷେପ ଗ୍ରହଣ କରାଯାଇଥିବା ଜଣାପଡ଼ିଛି।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

ରାଜ୍ୟ-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ସମସ୍ତ ଜିଲାରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସହ ଶୀତ ଅନୁଭୂତ ହେବ।
ସ୍ଥାନୀୟ ଅଞ୍ଚଳ- ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ପାଗ ପ୍ରାୟତଃ ଶୁଖିଲା ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୮ ଡିଗ୍ରୀ ଏବଂ ସର୍ବନିମ୍ନ ୧୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।
ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୫.୬ | ୧୪.୬ |
| ଚାନ୍ଦବାଲି | ୨୪.୮ | ୧୬.୨ |
| କଟକ | ୨୬.୬ | ୧୫.୫ |
| ପାରାଦ୍ୱୀପ | ୨୫.୫ | ୧୭.୫ |
| ଭୁବନେଶ୍ୱର | ୨୮.୨ | ୧୭.୫ |
| ଗୋପାଳପୁର | ୨୯.୯ | ୧୯.୭ |
| ପୁରୀ | ୨୬.୬ | ୧୭.୦ |
| ଅନୁଗୋଳ | ୨୭.୧ | ୧୨.୬ |
| ବାରିପଦା | ୨୪.୮ | ୧୫.୨ |
| ଝାରସୁଗୁଡ଼ା | ୨୮.୨ | ୧୦.୮ |
| କେନ୍ଦୁଝର | ୨୫.୪ | ୧୪.୬ |
| ସମ୍ବଲପୁର | ୨୮.୮ | ୧୩.୪ |
| ସୁନ୍ଦରଗଡ଼ | ୨୫.୦ | ୧୨.୫ |
| ହୀରାକୁଦ | ୨୮.୩ | ୧୪.୧ |
| ତାଳଚେର | ୨୮.୨ | ୧୫.୦ |
| ଭବାନୀପାଟଣା | ୨୯.୨ | ୧୫.୦ |
| ବଲାଙ୍ଗୀର | ୨୯.୫ | ୧୭.୦ |
| କୋରାପୁଟ | ୨୮.୪ | ୧୨.୮ |
| ଫୁଲବାଣୀ | -- | ୧୩.୮ |
| ଟିଟିଲାଗଡ଼ | ୩୦.୦ | ୧୨.୬ |
| ମାଲକାନଗିରି | ୩୧.୦ | ୯.୨ |
| ସୋନପୁର | ୨୯.୦ | ୧୨.୦ |
| ଦାରିଙ୍ଗିବାଡ଼ି | ୨୫.୫ | ୧୩.୦ |

ଡିଗ୍ରୀ ସେଲ୍‌ସିୟସ୍

## ନେପାଳରେ ୮ କେରଳ ପର୍ଯ୍ୟଟକ ମୃତ

ଥିରୁଭାନନ୍ଥପୁରମ,୨୧।୧(ପି.ଟି.)



- ଗ୍ୟାସ୍ ଲିକ୍‌ରୁ ଶ୍ୱାସରୁଦ୍ଧ ହୋଇଥିବା ଆଶଙ୍କା
- ଦୁଃଖପ୍ରକାଶ କଲେ ବହିର୍ବ୍ୟାପାର ମନ୍ତ୍ରୀ ଓ ବିଜୟନ୍

ଭାରତର ୧୫ ଜଣିଆ ଟିମ୍ ନେପାଳର ପୋଖରା ଗସ୍ତରେ ଯାଇଥିବାବେଳେ ସେଠାରେ ଶ୍ୱାସରୁଦ୍ଧ ହୋଇ ୮ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଛି। ମୃତକମାନେ ସମସ୍ତେ କେରଳର ବୋଲି ଜଣାପଡ଼ିଛି। ନେପାଳର ଏକ ରିସୋର୍ଟରେ ସେମାନେ ଥିବାବେଳେ ଗ୍ୟାସ୍ ଲିକ୍ ଯୋଗୁ ଶ୍ୱାସରୁଦ୍ଧ ହୋଇ ଅସୁସ୍ଥ ହୋଇପଡ଼ିଥିଲେ। ସେମାନେ ରୁମ୍‌ରେ ଗ୍ୟାସ୍ ହିଟର ବ୍ୟବହାର କରୁଥିବାରୁ ଏଭଳି ହୋଇଥିଲା। ମୋଟ ୪ଟି ରୁମ୍ ୧୫ ପର୍ଯ୍ୟଟକଙ୍କ ଲାଗି ବୁକ୍ କରାଯାଇଥିବାବେଳେ ମୃତ୍ୟୁବରଣ କରିଥିବା ୮ ଜଣ ଗୋଟିଏ ରୁମ୍‌ରେ ରହୁଥିଲେ। ପ୍ରଥମେ ସେମାନଙ୍କୁ ହେଲିକପ୍ଟର ଯୋଗେ ହସ୍ପିଟାଲକୁ ନିଆଯାଇଥିବାବେଳେ ସେଠାରେ ସେମାନଙ୍କୁ ମୃତ ଘୋଷଣା କରାଯାଇଥିଲା ବୋଲି ଏସ୍‌ପି ସୁଶୀଲ କୁମାର ରାଠୋର ପ୍ରକାଶ କରିଛନ୍ତି। ମୃତକଙ୍କ ମଧ୍ୟରେ ୪ ଛୋଟ ପିଲା ଅଛନ୍ତି। ଏନେଇ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଦୁଃଖ ପ୍ରକାଶ କରିଥିବାବେଳେ କାଠମାଣ୍ଡୁସ୍ଥିତ ଭାରତୀୟ ଦୂତାବାସ ପରିସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରୁଥିବା କହିଛନ୍ତି। ମୃତକମାନେ ହେଲେ ପ୍ରବୀଣ କ୍ରିଷ୍ଣନ୍ ନାୟାର, ଶରଣ୍ୟ ଶଶୀ, ଶ୍ରୀଭଦ୍ର ପ୍ରବୀଣ, ଆର୍ଚ୍ଚ ପ୍ରବୀଣ, ଅଭିନବ ଶରଣ୍ୟ ନାୟାର, ରଣଜିତ୍ କୁମାର ଅଦାଥୋଲାଥ ପୁନଥିଲ୍, ଇନ୍ଦୁ ଲକ୍ଷ୍ମୀ ପୀଥାମ୍ବରନ୍ ରଗଲାଥ ଓ ବୈଷ୍ଣବ ରଣଜିତ୍। କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍ ନେପାଳରେ ମାଲୟାଲି ପର୍ଯ୍ୟଟକଙ୍କ ମୃତ୍ୟୁରେ ଶୋକବ୍ୟକ୍ତ କରିଥିବାବେଳେ ବହିର୍ବ୍ୟାପାର ମନ୍ତ୍ରୀଙ୍କ ସହାୟତା ଲୋଡ଼ିଛନ୍ତି।


## ସଂକ୍ଷେପରେ

### ଘନ କୁହୁଡ଼ି: ଆଜି ୧୪ ଜିଲାକୁ ୟେଲୋ ୱାର୍ନିଂ

**ଭୁବନେଶ୍ୱର, ୨୧।୧(ବ୍ୟୁରୋ):** ରାଜ୍ୟରେ ଆସନ୍ତା ୨୪ଘଣ୍ଟା ପ୍ରବଳ ଘନ କୁହୁଡ଼ି ରହିବ। ଘନ କୁହୁଡ଼ି ନେଇ ବୁଧବାର ୧୪ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହି ଜିଲାଗୁଡ଼ିକ ହେଲା ଗଞ୍ଜାମ, ଖୋର୍ଦ୍ଧା, ଗଜପତି, ନୟାଗଡ଼, ପୁରୀ, କଟକ, ସୁନ୍ଦରଗଡ଼, କେନ୍ଦୁଝର, କଳାହାଣ୍ଡି, ସୋନପୁର, କନ୍ଧମାଳ, ବାଲେଶ୍ୱର, ଢେଙ୍କାନାଳ ଓ ଅନୁଗୋଳ। ଏସବୁ ଜିଲାରେ ପ୍ରବଳ କୁହୁଡ଼ି ଆଚ୍ଛାଦିତ ହୋଇ ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ମଙ୍ଗଳବାର ମଧ ବିଭିନ୍ନ ଜିଲାରେ କୁହୁଡ଼ି ଦେଖାଯାଇଥିଲା। କଟକ, ପୁରୀ, ଅନୁଗୋଳ, ଢେଙ୍କାନାଳ, ଗଞ୍ଜାମ, ମାଲକାନଗିରି, ଖୋଦ୍ଧା, ସୁନ୍ଦରଗଡ଼, ସୋନପୁର, କନ୍ଧମାଳ, କଳାହାଣ୍ଡି, ଭଦ୍ରକ, ବାଲେଶ୍ୱର, ଯାଜପୁର, ନୟାଗଡ଼, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାର ବିଭିନ୍ନ ସ୍ଥାନରେ କୁହୁଡ଼ି ହୋଇଥିଲା। ସକାଳ ପ୍ରାୟ ସାଢ଼େ ୮ଟା ପର୍ଯ୍ୟନ୍ତ କୁହୁଡ଼ି ମାଡ଼ି ରହିବା ଫଳରେ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଥିଲା। ସେପଟେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ଉତ୍ତର ଆଭ୍ୟନ୍ତରୀଣ ଜିଲାଗୁଡ଼ିକରେ ରାତିର ତାପମାତ୍ରା ୧ରୁ ୨ଡିଗ୍ରୀ ହ୍ରାସ ପାଇବାର ସମ୍ଭାବନା ରହିଛି। ଏହା ପରବର୍ତ୍ତୀ ଦୁଇଦିନ ତାପମାତ୍ରାରେ ସେଭଳି କୌଣସି ବଡ଼ ପରିବର୍ତ୍ତନ ଆସିବ ନାହିଁ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

### ଟ୍ରକ୍ ଧକ୍କା, ୨ ଡ୍ରାଇଭର ମୃତ

**ମନମୁଣ୍ଡା, ୨୧।୧ (ଡି.ଏନ.ଏ): ବୌଦ୍ଧ** ଜିଲା ମନମୁଣ୍ଡା ଥାନା ଗୁଦ୍‌ଗୁଦା ନିକଟ ଏନଏଚ-୫୭ରେ ସୋମବାର ବିଳମ୍ବିତ ରାତିରେ ଦୁଇ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଉଭୟ ଗାଡି ଚାଳକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ବୌଦ୍ଧ ଜିଲା ପୁରୁଣାକଟକ ଥାନା ଚାରିଛକର ଉତ୍ତମ ସାହୁ (୨୬) ଏବଂ ଖୋର୍ଦ୍ଧା ଜିଲା ବୋଲଗଡ ଥାନା ଅସରଡା ନୂଆସାହିର ସୁବାସ ମନିକ (୨୪) । ସୂଚନା ଅନୁସାରେ, ସୋମବାର ବିଳମ୍ବିତ ରାତିରେ ମନମୁଣ୍ଡାରୁ ବୌଦ୍ଧ ଆଡକୁ ଏକ ପରିବା ବୋଝେଇ ଟ୍ରକ୍ (ନଂ.ଓଡି୦୨ବିବି/୦୨୪୪) ଯାଉଥିବା ବେଳେ ଅପରପାର୍ଶ୍ୱରୁ ଆସୁଥିବା ଏକ ଥଣ୍ଡା ପାନୀୟ ବୋଝେଇ ଟ୍ରକ (ନଂ.ଓଡି୦୨ଏଟି/୦୩୭୬) ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲେ। ଫଳରେ ଘଟଣାସ୍ଥଳରେ ଉଭୟ ଗାଡିର ଚାଳକଙ୍କ ମୃତ୍ୟୁ ଘଟିଥିଲା । ସୂଚନା ପାଇ ମନମୁଣ୍ଡା ପୋଲିସ ସେଠାରେ ପହଞ୍ଚି ବାଉଁଶୁଣୀ ଦମକଳ ବାହିନୀ ସାହାଯ୍ୟରେ ମୃତକଙ୍କୁ ଟ୍ରକ୍‌ରୁ ବାହାର କରି ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା । ସେଠାରେ ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯାଇଛି । ଏ ନେଇ ମନମୁଣ୍ଡା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।




# ୩ ଓଡ଼ିଆ ପାଇବେ ସାହସିକତା ପୁରସ୍କାର

**ଭୁବନେଶ୍ୱର, ୨୧।୧(ବ୍ୟୁରୋ)**

ଭାରତୀୟ ଶିଶୁ କଲ୍ୟାଣ ପରିଷଦ ବା ଇଣ୍ଡିଆନ କାଉନ୍‌ସିଲ ଫର୍ ଚାଇଲ୍ଡ ୱେଲ୍‌ଫେୟାର(ଆଇସିସିଡବ୍ଲ୍ୟୁ) ପକ୍ଷରୁ ୬୩ତମ ଜାତୀୟ ସାହସିକତା ପୁରସ୍କାର ନେଇ ସାହସୀ ପିଲାଙ୍କ ନାମ ଘୋଷଣା ହୋଇଛି। ଚଳିତବର୍ଷ ଏହି ପୁରସ୍କାର ପାଇବା ପାଇଁ ସାରା ଦେଶରୁ ୨୨ଜଣ ମନୋନୀତ ହୋଇଥିବାବେଳେ ଓଡ଼ିଶାରୁ ୩ଜଣ ରହିଛନ୍ତି। ସେମାନେ ହେଲେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ାର ପୂର୍ଣ୍ଣିମା ଗିରି, ସବିତା ଗିରି ଓ ଅନୁଗୋଳର ଶ୍ରୀମତୀ ବଦ୍ରା। କେନ୍ଦ୍ରାପଡ଼ା ନିପାଣିଆ ଡଙ୍ଗାବୁଡ଼ି ଘଟଣାରେ ଦୁଇ ଭଉଣୀ ପୂର୍ଣ୍ଣିମା ଗିରି ଓ ସବିତା ଗିରି ଦେବଦୂତ ସାଜି ୧୨ଜଣଙ୍କ ଜୀବନ ବଞ୍ଚାଇଥିଲେ। ସେହିପରି ଅନୁଗୋଳର ଶ୍ରୀମତୀ ବଦ୍ରା ଟ୍ରେନ୍ ଲାଇନରୁ ତାଙ୍କ ସାଙ୍ଗଙ୍କ ଜୀବନ ବଞ୍ଚାଇଥିଲେ। ନୂଆଦିଲ୍ଲୀରେ ରାଷ୍ଟ୍ରପତିଭବନରେ ସାଧାରଣତନ୍ତ୍ର ଦିବସରେ ସେମାନଙ୍କୁ ପୁରସ୍କୃତ କରାଯିବ। ପୂର୍ଣ୍ଣିମା ଓ ସବିତାଙ୍କୁ 'ଆଇସିସିଡବ୍ଲ୍ୟୁ ଧ୍ରୁବ ପୁରସ୍କାର' ଏବଂ ଶ୍ରୀମତୀଙ୍କୁ 'ଆଇସିସିଡବ୍ଲ୍ୟୁ ପ୍ରହଲ୍ଲାଦ ପୁରସ୍କାର' ପ୍ରଦାନ କରାଯିବ। ସୂଚନାଯୋଗ୍ୟ, ୧୯୫୮ ଫେବୃୟାରୀ ୪ରେ ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଦୁଇଜଣ ପିଲାଙ୍କୁ ସାହସ ଓ ସେବା ପାଇଁ ପୁରସ୍କାର ପ୍ରଦାନ କରିଥିଲେ। ଏହା ପରଠାରୁ ଆଇସିସିଡବ୍ଲ୍ୟୁ ପ୍ରତିବର୍ଷ ପିଲାଙ୍କୁ ଏହି ଜାତୀୟ ପୁରସ୍କାର ପ୍ରଦାନ କରି ଆସୁଛି।


ସାଧାରଣତନ୍ତ୍ର ଦିବସରେ ସାହସିକତା ପୁରସ୍କାର ପାଇବାକୁ ଦିଲ୍ଲୀ ଯାଇଥିବା ୩ ଓଡ଼ିଆ ।

# ରାତି ଅଧରେ ରୋଗୀ ପାଇବେ ମାଗଣା ଔଷଧ

**କଟକ ଅଫିସ, ୨୧।୧**

- ଗୋଟିଏ ଟଙ୍କା ପକେଟରୁ ଖର୍ଚ୍ଚ ହେବନି
- ୨୪ ଘଣ୍ଟା ଖୋଲା ରହିବ ବିଏସ୍‌କେୱାଇ କାଉଣ୍ଟର
- ୨୪ରେ ସ୍ୱାସ୍ଥ୍ୟ ସଚିବଙ୍କ ଉଚ୍ଚସ୍ତରୀୟ ସମୀକ୍ଷା
- ୧୦୦୦ କୋଟିର ବଜେଟ ଆକଳନ

ଏଣିକି ରାତି ଅଧରେ ଏସ୍‌ସିବି ମେଡିକାଲକୁ ଆସୁଥିବା ରୋଗୀଙ୍କୁ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇ ଦିଆଯିବ। ରୋଗୀଙ୍କୁ ୨୪ ଘଣ୍ଟିଆ ସହାୟତା ଯୋଗାଇବା ପାଇଁ ଦିନରାତି ଖୋଲା ରହିବ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ର କାଉଣ୍ଟର। ରୋଗୀ ଯେଉଁ ଔଷଧ ଆବଶ୍ୟକ କରୁଥିବେ ତାହା ଏହି କାଉଣ୍ଟରରୁ ମଞ୍ଜୁର କରାଯିବ। ଯଦି ମେଡିକାଲରେ ଡାକ୍ତର ପରାମର୍ଶ କରିଥିବା ଔଷଧ ଓ ଉପକରଣ ଉପଲବ୍ଧ ନ ଥିବ ତେବେ ଉକ୍ତ କାଉଣ୍ଟର ଜରିଆରେ ଡାକ୍ତରଙ୍କ ଚିଠା ଅନୁଯାୟୀ ତାହାକୁ ଲୋକାଲ ପର୍ଚ୍ଚେଜ କରାଯିବ। ଲୋକାଲ ପର୍ଚ୍ଚେଜ ପାଇଁ ଜରୁରିକାଳୀନ ସ୍ଥିତିରେ କୌଣସି ଉଚ୍ଚସ୍ତରୀୟ ଅଧିକାରୀଙ୍କ ଆବଶ୍ୟକତା ପଡିବନି। ରୋଗୀଙ୍କୁ ଚିକିତ୍ସା କରୁଥିବା ଡାକ୍ତରଙ୍କ ଦସ୍ତଖତରେ ଏହିସବୁ ଔଷଧ ଓ ଉପକରଣ କ୍ରୟ କରାଯାଇପାରିବ ବୋଲି ଷ୍ଟୋର ମେଡିକାଲ ଅଫିସର ଡା. ସତ୍ୟଶ୍ରୀ ରାୟ ସୂଚନା ଦେଇଛନ୍ତି। ରୋଗୀ ଯେପରି ପକେଟରୁ ଗୋଟିଏ ଟଙ୍କା ଖର୍ଚ୍ଚ ନ କରନ୍ତି ସେଥିପ୍ରତି ମେଡିକାଲ କର୍ତ୍ତୃପକ୍ଷ ଧ୍ୟାନ ଦେବେ। ଏଥିନିମନ୍ତେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମେଡିକାଲର ପ୍ରତ୍ୟେକ ବିଭାଗର ମୁଖ୍ୟମାନଙ୍କଠାରୁ ସେମାନଙ୍କର ଦୈନନ୍ଦିନ ଆବଶ୍ୟକ କରୁଥିବା ଔଷଧ ଓ ଉପକରଣର ତାଲିକା ମଗାଯାଇଛି। ପ୍ରତ୍ୟେକ ବିଭାଗ ପକ୍ଷରୁ ଏକ ବାର୍ଷିକ ଆକଳନ ତାଲିକା ସରକାରଙ୍କୁ ପ୍ରଦାନ କରାଯାଇଛି। ଏହି ତାଲିକାକୁ ଦେଖିଲେ ଏଥିନିମନ୍ତେ ପାଖାପାଖି ୧ହଜାର କୋଟିର ଏକ ବଜେଟ୍ ପ୍ରସ୍ତୁତ ହୋଇଛି। ଆସନ୍ତା ୨୪ ତାରିଖରେ ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଏସ୍‌ସିବି ମେଡିକାଲ ଗସ୍ତରେ ଆସୁଛନ୍ତି। ଏ ନେଇ ସଚିବ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିବେ ବୋଲି ଜଣାପଡ଼ିଛି।

ସୂଚନାଥାଉ କି, ଏସ୍‌ସିବି ମେଡିକାଲରେ ମାଗଣା ଚିକିତ୍ସାକୁ ନେଇ ଅନେକ ଦ୍ୱନ୍ଦ୍ୱ ରହିଛି। ବିଶେଷକରି ସରକାର ସମସ୍ତ ବ୍ୟବସ୍ଥାକୁ ମାଗଣା କରୁଥିବାବେଳେ ରୋଗୀ ସଂଖ୍ୟା ସେହି ହାରରେ ବୃଦ୍ଧି ପାଉଛି। ମାତ୍ର ଭିତ୍ତିଭୂମିରେ ପରିବର୍ତ୍ତନ ଅଣାଯାଉନାହିଁ। ଉଦାହରଣ ଭାବେ ମେଡିକାଲର ରେଡିଓଲୋଜି ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ସଚିବଙ୍କୁ ଦିଆଯାଇଥିବା ତାଲିକା ଅନୁଯାୟୀ, ଉକ୍ତ ବିଭାଗରେ ୧୦ଟି ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡ଼ିଛି। ଗତ ୫ ବର୍ଷରେ ଏହି ବିଭାଗରେ ୫୩ ପ୍ରତିଶତ ରୋଗୀଙ୍କ ହାର ବୃଦ୍ଧି ପାଇଥିବା କୁହାଯାଇଛି। ଏଠାରେ ଏକ୍ସ-ରେ, ସ୍ପେଶାଲ ଇନ୍‌ଭେଷ୍ଟିଗେଶନ, ମମୋଗ୍ରାଫି, ୟୁସିଜି, ଡପ୍‌ଲର୍ ଓ ସିଟି ସ୍କାନ ଆଦି କରାଯାଉଥିବାବେଳେ ରେଡିଓଗ୍ରାଫର, ସିନିୟର ରେସିଡେଣ୍ଟ ଓ ସହକାରୀ ପ୍ରଫେସର ପଦବୀ ଖାଲି ପଡ଼ିଛି। ସେହିପରି ଗତ ୬ ବର୍ଷ ହେବ ରେଡିଓଲୋଜି ବିଭାଗ ଉପରେ ଶିଶୁଭବନ ଭାର ପଡୁଥିବା କୁହାଯାଇଛି। ଏହାବାଦ ଅନ୍ୟ କେତେକ ପ୍ରସଙ୍ଗକୁ ଦେଖିଲେ ମଧ ଏସ୍‌ସିବି ମେଡିକାଲ ବିବାଦ ମଧକୁ ଟାଣି ହୋଇ ଆସୁଛି। ରାଜ୍ୟରେ କିଡ୍‌ନୀ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ଏଠାରେ କିଡ୍‌ନୀ ରୋଗୀଙ୍କ ଡାଏଲିସିସ୍ ପାଇଁ ଆବଶ୍ୟକ ଫ୍ଲୁଇଡ୍ ଦୀର୍ଘଦିନ ହେବ ମିଳି ନ ଥିବାରୁ ନିକଟରେ ରୋଗୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ମୋଟାମୋଟି ଭାବେ କହିବାକୁ ଗଲେ ସରକାର ଆବଶ୍ୟକ ପରିମାଣର ଔଷଧ ଯୋଗାଇପାରୁ ନ ଥିବାରୁ ରୋଗୀମାନେ ଅନେକ ସମୟରେ ହୀନସ୍ତା ଭୋଗୁଛନ୍ତି। ଏ ସମ୍ପର୍କରେ ମେଡିକାଲ ପ୍ରଶାସନିକ ଅଧିକାରୀ କଳ୍ପତରୁ ବେହେରା କୁହନ୍ତି, ସମସ୍ତ ବ୍ୟବସ୍ଥାକୁ ବ୍ୟବସ୍ଥିତ କରିବା ନିମନ୍ତେ ଯୋଜନା ପ୍ରସ୍ତୁତ ହୋଇଛି। ଭିତ୍ତିଭୂମି ସହିତ ମାନବସମ୍ବଳରେ ବିକାଶ କରାଯିବ। ସରକାର ଏହାକୁ ଗୁରୁତ୍ୱର ସହିତ ଗ୍ରହଣ କରିଛନ୍ତି।

# ବରଗଡ଼ରେ ହେବ କ୍ୟାନ୍‌ସର ହସ୍‌ପିଟାଲ

**ବରଗଡ଼ ଅଫିସ,୨୧।୧**

- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଘୋଷଣା
- ୭୦କୋଟି ଟଙ୍କାର ୭ ପ୍ରକଳ୍ପ ଉଦ୍‌ଘାଟିତ
- ୬୦କୋଟି ଟଙ୍କାର ୨୨ପ୍ରକଳ୍ପର ଶିଳାନ୍ୟାସ
- ହିତାଧିକାରୀଙ୍କୁ ସହାୟତା ରାଶି ବାଣ୍ଟିଲେ

ବରଗଡ଼ରେ କ୍ୟାନ୍‌ସର ହସ୍‌ପିଟାଲ ପ୍ରତିଷ୍ଠା ହେବ। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବରଗଡ଼ ଗସ୍ତରେ ଆସି ଏହା ଘୋଷଣା କରିଛନ୍ତି। ଏହି ଅବସରରେ ସେ ନବନିର୍ମିତ ୩ ଶହ ଶଯ୍ୟା ବିଶିଷ୍ଟ ଜିଲା ମୁଖ୍ୟ ଡାକ୍ତରଖାନା ଓ ବିଜ୍ଞାନ କେନ୍ଦ୍ର ସମେତ ୭୦ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ୭ଟି ପ୍ରକଳ୍ପକୁ ଉଦ୍‌ଘାଟନ କରିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ୬୦ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ୨୨ଟି ପ୍ରକଳ୍ପର ଶିଳାନ୍ୟାସ ତଥା ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

ଦିନ ପ୍ରାୟ ୧୨ଟା ୩୫ ମିନିଟ୍‌ରେ ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ଆସି ଭଟଲି ବ୍ଲକ ଟୁକୁର୍ଲା (ଖେଦାପାଲି) ନୂତନ ଜିଲା ମୁଖ୍ୟ ଡାକ୍ତରଖାନା ପରିସରସ୍ଥ ଅସ୍ଥାୟୀ ହେଲିପ୍ୟାଡ୍‌ରେ ଓହ୍ଲାଇଥିଲେ। ସେଠାରୁ ନୂତନ ଜିଲା ମୁଖ୍ୟ ଡାକ୍ତରଖାନା, ବିଜ୍ଞାନ କେନ୍ଦ୍ରକୁ ଯାଇ ତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସ୍ଥଳରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ଉପସ୍ଥିତ ଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ଜିଲା ମୁଖ୍ୟ ଡାକ୍ତରଖାନା ପରିସରସ୍ଥ ସଭାସ୍ଥଳକୁ ଆସିଥିଲେ ଏବଂ ମଞ୍ଚରେ ଉଦ୍‌ବୋଧନ ଦେଇ ବରଗଡ଼ରେ କ୍ୟାନସର ହସ୍‌ପିଟାଲ ସ୍ଥାପନ ନେଇ ଘୋଷଣା କରିଥିଲେ। ଏହାସହିତ ମୁଖ୍ୟମନ୍ତ୍ରୀ ବିଜେପୁରରେ ଆଇସିଆଇସିଆଇ ବ୍ୟାଙ୍କର ୧୫୦୦ତମ ଶାଖାକୁ ମଧ୍ୟ ଉଦ୍‌ଘାଟନ କରିଥିଲେ। ସଭାରେ ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ମଞ୍ଚାସୀନ ରହି ନୂତନ ଜିଲା ମୁଖ୍ୟ ଡାକ୍ତରଖାନା ନିର୍ମାଣର ପରିକଳ୍ପନା ୨୦୧୧ ମସିହାରୁ ଆରମ୍ଭ ହୋଇଥିଲା ଏବଂ ଆଗାମୀ ଦିନରେ ବରଗଡ଼ରେ କ୍ୟାନସର ହସ୍‌ପିଟାଲ ହେବ ବୋଲି କହିଥିଲେ। ସେହିପରି ମନ୍ତ୍ରୀ ଅଶୋକ କୁମାର ପଣ୍ଡା ବିଜ୍ଞାନ କେନ୍ଦ୍ର ଅଞ୍ଚଳବାସୀଙ୍କୁ ବିଜ୍ଞାନ ସମ୍ପର୍କିତ ଜ୍ଞାନ ଆହରଣରେ ବେଶ୍ ସହାୟକ ହେବ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ସଭା ସଂଯୋଜନା କରିଥିବାବେଳେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସେହିପରି ପଦ୍ମପୁର ବିଧାୟକ ବିଜୟ ରଞ୍ଜନ ସିଂ ବରିହା, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ମନ୍ତ୍ରୀ ସୁଶାନ୍ତ ସିଂ, ପ୍ରଫୁଲ୍ଲ ମଲ୍ଲିକ, ୫-ଟି ସଚିବ ଭି. କେ. ପାଣ୍ଡିଆନ, ପୂର୍ବତନ ଏମ୍‌ପି ଡ. ପ୍ରଭାସ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏହିଅବସରରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ରାଶି ଚେକ୍ ଆକାରରେ ହିତାଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କଠାରୁ ଗ୍ରହଣ କରିଥିଲେ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି। ପାଖରେ ଉପସ୍ଥିତ ଅଛନ୍ତି ବିଧାୟକ ଦେବେଶ ଆଚାର୍ଯ୍ୟ।

# ମହିଳା ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି,୨୧।୧(ଡି.ଏନ.ଏ.):** ମାଲକାନଗିରି ଜିଲା ପୋଲିସ କାର୍ଯ୍ୟାଳୟଠାରେ ଏସପି ଋଷିକେଶ ଡି. ଖିଲାରୀଙ୍କ ନିକଟରେ ମଙ୍ଗଳବାର ଜଣେ ମହିଳା ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେ ହେଲେ ଆଡମେ ମାଡ଼କାମି। ତାଙ୍କ ଘର ମାଥିଲି ଥାନା ଅନ୍ତର୍ଗତ କମାରପାଲି ଗ୍ରାମରେ ବୋଲି ଜଣାପଡ଼ିଛି। ସେ ୨୦୧୫ରେ ଦଣ୍ଡକାରଣ୍ୟ ସ୍ୱତନ୍ତ୍ର ଜୋନାଲ କମିଟି ଅଧୀନ ଦରଭା ଡିଭିଜନ ମହୁପଦର ଏଲ୍‌ଓଏସ୍‌ର ମେମ୍ବର ଭାବେ କାର୍ଯ୍ୟ କରୁଥିଲେ। ସେ ୨୦୧୫ରେ ଦଣ୍ଡିପଦର ଗ୍ରାମର ଭୀମା ମାଡ଼କାମିଙ୍କୁ ହତ୍ୟା, ୨୦୧୭ରେ ଜନ୍ତ୍ରାଗୁଡ଼ା ଗ୍ରାମର ମୁୟା କବାସୀଙ୍କୁ ହତ୍ୟା ଓ ମହୁପଦର ନିକଟରେ ପୋଲିସ ସହ ଗୁଳି ବିନିମୟ ଘଟଣାରେ ଜଡ଼ିତ ଥିବା ଜଣାପଡ଼ିଛି। ତାଙ୍କ ନାମରେ ରାଜ୍ୟ ସରକାର ୨ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରିଥିଲେ।



ମହିଳା ମାଓବାଦୀ ଆଡମେଙ୍କୁ ଏସପି ସମ୍ମାନିତ କରୁଛନ୍ତି।

# ଜାତୀୟ ଚାମ୍ପିୟନ୍‌ଶିପ୍‌ରେ ଭାଗନେବ ହକି ଓଡ଼ିଶା: ହାଇକୋର୍ଟ

**କଟକ ଅଫିସ,୨୧।୧**

**କ୍ରୀଡ଼ା ମନ୍ତ୍ରଣାଳୟ, ହକି ଇଣ୍ଡିଆକୁ ନୋଟିସ**

ଜାତୀୟ ହକି ଚାମ୍ପିୟନ୍‌ଶିପ୍‌ରେ ହକି ଓଡ଼ିଶା ଭାଗ ନେବ। ହାଇକୋର୍ଟ ଦେଇଛନ୍ତି ଏହି ଆଦେଶ। ହକି ଇଣ୍ଡିଆ ପକ୍ଷରୁ ଆସନ୍ତା ୨୩ରୁ ଫେବୃୟାରୀ ୨ ତାରିଖ ପର୍ଯ୍ୟନ୍ତ ଉତ୍ତରପ୍ରଦେଶର ଝାନ୍‌ସିଠାରେ ଜାତୀୟ ହକି ଚାମ୍ପିୟନଶିପ ଅନୁଷ୍ଠିତ ହେବ। ଉଭୟ ମହିଳା ଓ ପୁରୁଷ ଦଳ ଏଥିରେ ଭାଗ ନେବେ। ମାତ୍ର ଏହି ଚାମ୍ପିୟନ୍‌ଶିପରୁ ହକି ଓଡ଼ିଶାକୁ ବାଦ୍ ଦିଆଯାଇଥିଲା। ଏହାପରେ ହକି ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଆଗତ ମାମଲାର ଶୁଣାଣି କରି ବିଚାରପତି ଜଷ୍ଟିସ କେ.ଆର୍. ମହାପାତ୍ର ଉପରୋକ୍ତ ଆଦେଶ ଦେବା ସହିତ ଏ ସମ୍ପର୍କରେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ, ହକି ଇଣ୍ଡିଆଙ୍କୁ ନୋଟିସ ଜାରି କରିଛନ୍ତି। ଗୋଟିଏପଟେ ହାଇକୋର୍ଟ ଏଭଳି ଆଦେଶ ଦେଇଥିବାବେଳେ ମଙ୍ଗଳବାର ଚାମ୍ପିୟନଶିପ ପାଇଁ ମ୍ୟାଚ୍ ସୂଚୀ ଜାରି କରାଯାଇଛି। ଯେଉଁଥିରେ ହକି ଓଡ଼ିଶାର ନାଁ ନ ଥିବା ଜଣାପଡ଼ିଛି।

ସୂଚନାଥାଉ କି, ଏହି ଚାମ୍ପିୟନଶିପ୍‌ରେ ଭାଗନେବା ପାଇଁ ହକି ଇଣ୍ଡିଆ ପକ୍ଷରୁ ହକି ଓଡ଼ିଶା ସମେତ ଦେଶର ଅନ୍ୟାନ୍ୟ ରାଜ୍ୟକୁ ଆବେଦନ କରିବାକୁ କୁହାଯାଇଥିଲା। ଇ-ପୋର୍ଟାଲ ଜରିଆରେ ରାଜ୍ୟମାନେ ଆବେଦନ କରିବାକୁ ହକି ଇଣ୍ଡିଆ ପକ୍ଷରୁ ଉଲ୍ଲେଖ କରାଯାଇଥିଲା। ଡିସେମ୍ବର ୩୧ ତାରିଖ ଆବେଦନର ଶେଷ ତାରିଖ ଥିଲା। କିନ୍ତୁ ହକି ଓଡ଼ିଶାକୁ ମେମ୍ବର ୟୁନିଟ୍ (ଏମ୍‌ୟୁ) ପୋର୍ଟାଲ ଝଟ୍‌କା ଲାଗିଥିଲା। ହକି ଇଣ୍ଡିଆ ଦ୍ୱାରା ପରିଚାଳିତ ଏମ୍‌ୟୁ ପୋର୍ଟାଲରେ ହକି ଓଡ଼ିଶା ଏଯାବତ୍ ଖେଳାଳିଙ୍କ ନାମ ପଞ୍ଜୀକରଣ କରିନାହିଁ। ଏଭଳି କାରଣ ପାଇଁ ହକି ଇଣ୍ଡିଆ ହକି ଓଡ଼ିଶା ସହିତ ୧୦ଟି ଅନୁବନ୍ଧିତ ହକି ସଂଘକୁ ଚାମ୍ପିୟନଶିପ୍‌ରୁ ବାଦ ଦେବା ସହିତ ସ୍ଥାୟୀ ସଦସ୍ୟରୁ ସହଯୋଗୀ ସଦସ୍ୟ କରିଦେଇଥିଲା। ହକି ଇଣ୍ଡିଆର ଏଭଳି ପଦକ୍ଷେପକୁ ଚ୍ୟାଲେଞ୍ଜ କରି ହକି ଓଡ଼ିଶାର ସାଧାରଣ ସମ୍ପାଦକ ପ୍ରତାପ ଶତପଥୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।



**କିଛି ତଥ୍ୟ**

ଚଳିତ ବର୍ଷ ଡିସେମ୍ବରରେ ଦେଶ ମଧ୍ୟରେ ପାସେଞ୍ଜର ଯାନର ରିଟେଲ ବିକ୍ରି ୯% ହ୍ରାସ ଘଟି ୨.୫୧ ଲକ୍ଷ ୟୁନିଟ ରହିଛି।
**– ଫେଡେରେଶନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ୍ସ**

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ..............................



ଅରୋଜିତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଆନ୍ଧ୍ର ପୋଲିସ ଦ୍ୱାରା ଗଜପତିର ୩ ଗିରଫ

**ପାରଳାଖେମୁଣ୍ଡି, ୨୧।୧(ସ୍ୱ.ପ୍ର.)**

ଏକ ଜାଲ୍ ନୋଟ୍ କାରବାର ର‌୍ୟାକେଟରେ ସମ୍ପୃକ୍ତ ରହିଥିବା ଅଭିଯୋଗରେ ଗଜପତି ଜିଲାର ୩ ବ୍ୟକ୍ତି ପଡ଼ୋଶୀ ଆନ୍ଧ୍ର ପ୍ରଦେଶ ପୋଲିସ ଦ୍ୱାରା ଗିରଫ ହୋଇଥିବା ଜଣାପଡ଼ିଛି । ଆନ୍ଧ୍ର-ଓଡ଼ିଶା ସୀମାନ୍ତବର୍ତ୍ତୀ ମହେନ୍ଦ୍ରତନୟା ପ୍ରକଳ୍ପ ଚାଲିଥିବା ରେଗୁଲୁପାଡୁ ଗ୍ରାମ ନିକଟରେ ୬ ବ୍ୟକ୍ତି ବସି ଜାଲ୍ ନୋଟ୍ କାରବାର ନେଇ ଯୋଜନା କରୁଥିଲେ। ଆନ୍ଧ୍ର ପ୍ରଦେଶର ପଲାସା ମଣ୍ଡଳ ଅଧୀନ କାଶୀବୁଗା ଥାନା ଅଧିକାରୀ କୌଣସି ସୂତ୍ରରୁ ଖବର ପାଇ ସେଠାରେ ଚଢ଼ାଉ କରିଥିଲେ। ଏହି ସମୟରେ ଅଭିଯୁକ୍ତମାନେ ଦୌଡ଼ିବାକୁ ଉଦ୍ୟମ କରିଥିଲେ ମଧ୍ୟ ପୋଲିସ ସେମାନଙ୍କୁ କାବୁ କରିଥିଲା। ଏ ନେଇ ସୋମବାର ଶ୍ରୀକାକୁଲମ୍ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ପୋଲିସ ଅଭିଯୁକ୍ତମାନଙ୍କୁ ଗତ ୧୭ ତାରିଖରେ ଗିରଫ କରିଥିବାବେଳେ ପଚରାଉଚରା ସମୟରେ ସେ ଏମାନଙ୍କ ମଧ୍ୟରୁ ଗଜପତି ଜିଲାର ୩ ଜଣ ରହିଥିବା ଜାଣିବାକୁ ପାଇଥିଲା। ସେମାନେ ହେଲେ ଗଜପତି ଜିଲା ଗୁମ୍ମା ଗ୍ରାମ ଖ୍ରୀଷ୍ଟିୟାନ ସାହିର ସୁରେଶ ପାଣି, ପାରଳାଖେମୁଣ୍ଡି କାମେଶ୍ୱରନଗର ଅଞ୍ଚଳର ସୁବାସ ଲିମ୍ମା, ଉପଲଡ଼ା ଗ୍ରାମର ଏସ୍. ଭେଙ୍କଟ ରାମାରାଓ। ଅନ୍ୟ ୩ ଜଣ ଆନ୍ଧ୍ର ପ୍ରଦେଶର ପଲାସାସ୍ଥିତ ଉଦୟପୁରମ୍ ଅଞ୍ଚଳର ଆଇ. ବିଶ୍ୱନାଧମ୍, ପଲାସା ନିକଟ ପୁରୁଷୋତ୍ତମପୁର ଗ୍ରାମର ଜନା ସୁନୀଲ୍, ଶିବାଜୀନଗର ବାସିନ୍ଦା କେ. ଅମିତ ରେଡ୍ଡୀ ବୋଲି ଜଣାପଡ଼ିଛି। ଏମାନଙ୍କ ନିକଟରୁ ପୋଲିସ ୧ଲକ୍ଷ ୮୦ହଜାର ୪୫୦ଟଙ୍କାର ଜାଲ୍ ନୋଟ୍ ଏବଂ ପ୍ରିଣ୍ଟିଂ ମେଶିନ୍ ଜବତ କରିଛି। ସେହିପରି ଗଜପତି ଜିଲା ଗୁମ୍ମା ଅଞ୍ଚଳର ସୁରେଶଙ୍କ ନିକଟରୁ ମଧ୍ୟ ଏକ ପ୍ରିଣ୍ଟିଂ ମେଶିନ୍ ଜବତ ହୋଇଥିବା ଜଣାପଡ଼ିଛି। ୧ ଲକ୍ଷ ଟଙ୍କାର ଜାଲ୍ ନୋଟ୍ କାରବାର ପାଇଁ ତାଙ୍କୁ ୨୦ ହଜାର ଟଙ୍କା କମିଶନ ମିଳୁଥିଲା ବୋଲି ସୁରେଶ ପୋଲିସ ନିକଟରେ ସ୍ୱୀକାର କରିଥିବା ଜଣାପଡ଼ିଛି। ଏ ନେଇ କାଶୀବୁଗା ଥାନାରେ ୧୭/୨୦ ନମ୍ବରରେ ଏକ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି। ତେବେ ଏକ ବଡ଼ଧରଣର ଜାଲ୍ ନୋଟ୍ କାରବାରରେ ଗଜପତି ଜିଲାର ୩ ଅଭିଯୁକ୍ତ ଆନ୍ଧ୍ର ପୋଲିସ ଦ୍ୱାରା ଗିରଫ ହେବା ବିଷୟରେ ଗଜପତି ଏସ୍‌ପି ସାରା ଶର୍ମାଙ୍କ ସହ ଯୋଗାଯୋଗ କରିବାରୁ ତାଙ୍କ ନିକଟରେ ଏ ନେଇ କୌଣସି ସୂଚନା ନ ଥିବା କହିଛନ୍ତି।

### ଜାଲ୍ ନୋଟ୍ କାରବାର

- ୧, ୮୦, ୪୫୦ ଟଙ୍କାର ଜାଲ୍ ନୋଟ୍, ପ୍ରିଣ୍ଟିଂ ମେଶିନ୍ ଜବତ
- ଲକ୍ଷେ ଟଙ୍କାର କାରବାରରେ ମିଳୁଥିଲା ୨୦ ହଜାର କମିଶନ

## ପ୍ରଥମ ପୃଷ୍ଠାରୁ...

### ବାଚସ୍ପତିଙ୍କ କ୍ଷମତାର ...

ଥୋଉନାଜୋରାମ ଶ୍ୟାମକୁମାର କଂଗ୍ରେସ ଟିକେଟରେ ଜିତି ବିଧାନସଭାକୁ ଯାଇଥିଲେ। ବିଜୟୀ ହେବା ପରେ ସେ ଭାଜପା ନେତୃତ୍ୱାଧୀନ ସରକାରରେ ଯୋଗଦେଇ ରାଜ୍ୟ କ୍ୟାବିନେଟରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ହୋଇଛନ୍ତି। ଦଳବଦଳ ଆଇନ ଅନୁସାରେ ତାଙ୍କୁ ଅଯୋଗ୍ୟ ଘୋଷଣା କରାଯାଉ ବୋଲି କଂଗ୍ରେସ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଜଷ୍ଟିସ୍ ଆର୍.ଏଫ୍. ନରିମାନ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ତିନିଜଣିଆ ଖଣ୍ଡପୀଠ ମଙ୍ଗଳବାର ଏହାର ଶୁଣାଣି କରି କହିଛନ୍ତି, ବିଧାୟକ ଏବଂ ଏମ୍‌ପିମାନଙ୍କୁ ଅଯୋଗ୍ୟ ଘୋଷଣା ନେଇ ବାଚସ୍ପତିଙ୍କ କ୍ଷମତାର ପୁନର୍ବିଚାର ହେଉ। ବାଚସ୍ପତି ମଧ୍ୟ ଏକ ନିର୍ଦ୍ଦିଷ୍ଟ ଦଳରୁ ବିଧାୟକ ବା ଏମ୍‌ପି ଭାବେ ନିର୍ବାଚିତ ହୋଇ ଗୃହକୁ ଆସିଥାନ୍ତି। ତେଣୁ ଅନ୍ୟ ବିଧାୟକ ବା ଏମ୍‌ପିମାନଙ୍କ ସଦସ୍ୟତା ରଦ୍ଦ କରିବାବେଳେ ସେ ସମ୍ପୂର୍ଣ୍ଣ ନିରପେକ୍ଷ ହୋଇ ନିଷ୍ପତ୍ତି ନେଇଥିବେ ବୋଲି କୁହାଯାଇ ପାରିବ ନାହିଁ। ତେଣୁ ଏଭଳି ଆବେଦନର ଫଇସଲା ପାଇଁ ବାଚସ୍ପତିଙ୍କ ଉପରେ ନିଷ୍ପତ୍ତି ଛାଡ଼ିଦେବା ପରିବର୍ତ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉ ବୋଲି ଖଣ୍ଡପୀଠ ପାର୍ଲାମେଣ୍ଟକୁ ପ୍ରସ୍ତାବ ଦେଇଛନ୍ତି।

ଆବେଦନକାରୀ ଦୁଇ କଂଗ୍ରେସ ବିଧାୟକ ଫଜୁର ରହିମ୍ ଏବଂ କେ. ମେଘଚନ୍ଦ୍ର ସେମାନଙ୍କ ପିଟିଶନରେ ଉଲ୍ଲେଖ କରିଛନ୍ତି ଯେ, ଶ୍ୟାମକୁମାର କଂଗ୍ରେସ ଟିକେଟରେ ଜିତିଥିଲେ। କିନ୍ତୁ କେବଳ ରାଜ୍ୟ କ୍ୟାବିନେଟରେ ମନ୍ତ୍ରୀପଦ ପାଇବା ପାଇଁ ଭାଜପାରେ ସାମିଲ ହୋଇଥିଲେ। ତେବେ ମଣିପୁର ବିଧାନସଭା ବାଚସ୍ପତି ୱାଇ. ଖେମଚନ୍ଦ୍ର ସିଂ ୪ ସପ୍ତାହ ମଧ୍ୟରେ ସେମାନଙ୍କ ଆବେଦନର ବିଚାର କରି ଶ୍ୟାମକୁମାରଙ୍କ ସଦସ୍ୟତା ରଦ୍ଦ ପାଇଁ କୌଣସି ନିଷ୍ପତ୍ତି ନେଇ ନ ପାରିଲେ ଆବେଦନକାରୀ କଂଗ୍ରେସ ବିଧାୟକ ଦ୍ୱୟ ପୁଣି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇପାରିବେ ବୋଲି ଖଣ୍ଡପୀଠ ସେମାନଙ୍କୁ ସ୍ୱାଧୀନତା ଦେଇଛନ୍ତି। ବାଚସ୍ପତିଙ୍କ ସ୍ୱାଧୀନତାକୁ ନେଇ ଅନେକ ସମୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବାଚସ୍ପତି ମଧ୍ୟ ଏକ ରାଜନୈତିକ ଦଳରୁ ଆସୁଥିବାରୁ ବିଧାୟକ କିମ୍ବା ଏମ୍‌ପିମାନଙ୍କୁ ଅଯୋଗ୍ୟ ଘୋଷଣା ଲାଗି କ୍ଷମତା କେବଳ ତାଙ୍କ ହାତରେ ନ୍ୟସ୍ତ କରାଯିବା କେତେଦୂର ଯୁକ୍ତିଯୁକ୍ତ ବୋଲି ଅଦାଲତ ପ୍ରଶ୍ନ ଉଠାଇଛନ୍ତି।

### ଫୁଟପାଥ୍ ଦୋକାନକୁ ...

କରାଯାଇଛି । ଶାସନ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୁର୍ଲା ପଠାଇଛି। ଦୁର୍ଘଟଣାଗ୍ରସ୍ତ ଟ୍ରକ ଜବତ ହୋଇଥିବାବେଳେ ଡ୍ରାଇଭର ଫେରାର ଅଛନ୍ତି। ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ସୂଚନା ଅନୁଯାୟୀ, ପ୍ରତିଦିନ ଭଳି ସୋମବାର ରାତିରେ ସେମାନେ ଫୁଟ୍‌ପାଥରେ ଥିବା ଦୋକାନ ଭିତରେ ଶୋଇଥିଲେ। ଝାରସୁଗୁଡ଼ା ପଟରୁ କୋଇଲା ବୋଝେଇ ଏକ ଟ୍ରକ (ନଂ.ଓଡି୩୫ସି/୬୧୯୦) ସମ୍ବଲପୁର ପଟକୁ ଆସୁଥିବାବେଳେ ହଠାତ୍ ଭାରସାମ୍ୟ ହରାଇ ଫୁଟପାଥ ଦୋକାନ ଉପରେ ଚଢିଯାଇଥିଲା। ଏହି ଘଟଣା ପରେ ପରମାଣପୁର ଧନୁଯାତ୍ରା ଆୟୋଜକ କମିଟି ପକ୍ଷରୁ ଦିନକ ପାଇଁ ଧନୁଯାତ୍ରା ଉତ୍ସବକୁ ବନ୍ଦ କରି ଦିଆଯାଇଛି। ମୃତାହତଙ୍କ ପରିବାର ବର୍ଗଙ୍କୁ କମିଟି ପକ୍ଷରୁ ୧୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଦିଆଯାଇଛି ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ରୋଜଗାର ସ୍ଥାନରେ ଶୁକ୍ର ଆପଣଙ୍କୁ ଅଭିଳଷିତ ଅର୍ଥ, ବିଳାସ ସାମଗ୍ରୀ, ଯାନବାହନ ପ୍ରଭୃତି ଲାଭ କରିବାରେ ସହାୟକ ହେବେ। ବାଧ୍ୟବାଧକତାରେ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡିପାରେ। ବହୁତ ଦିନରୁ ଅପେକ୍ଷା କରିଥିବା ଖବରଟି ପାଇବାର ଆଶା ରହିଛି। ବନ୍ଧୁଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ସଭାସମିତିରେ ଆଦର ଅଭ୍ୟର୍ଥନା ପାଇପାରନ୍ତି।

**ବୃଷ**
ଚନ୍ଦ୍ର ସମେତ ଏକାଧିକ ଗ୍ରହ ଅଷ୍ଟମସ୍ଥ ହୋଇ ବିବଦୀୟ ସ୍ଥିତି ଉତ୍ପନ୍ନ କରିପାରନ୍ତି। ଧନସ୍ଥାନକୁ ଗ୍ରହମାନଙ୍କର ଦୃଷ୍ଟି ସମସ୍ୟା ମଧ୍ୟଦେଇ ଧନଲାଭ କରାଇବ କିନ୍ତୁ ଅଶାନ୍ତ ରହିବେ। ଆଜିର ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟରେ ଉନ୍ନତ ମାନର ଫଳ ପାଇବେ । କର୍ମକ୍ଷେତ୍ରରେ ବେପରୁଆ କାର୍ଯ୍ୟକଳାପ ସକାଶେ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହୋଇପାରନ୍ତି।

**ମିଥୁନ**
ଆକସ୍ମିକ ଭାବରେ ପରିସ୍ଥିତିବଶତଃ ଖର୍ଚ୍ଚାନ୍ତ ହୋଇ ଯାତ୍ରା କରିବାକୁ ପଡିପାରେ। ବୁଧଙ୍କ ଭାଗ୍ୟାବସ୍ଥାନ ବନ୍ଧୁସମ୍ପର୍କ, ବୁଦ୍ଧିଜୀବୀଙ୍କ ସାନ୍ନିଧ ଲାଭ କରାଇପାରେ। ପାରିବାରିକ ସ୍ତରରେ ଅଭାବ ଅସୁବିଧା ଲାଗି ରହିଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବା ସହ ବୁଦ୍ଧିଜୀବୀମାନଙ୍କ ପ୍ରଶଂସାର ପାତ୍ର ହେବେ।

**କର୍କଟ**
ଚନ୍ଦ୍ର ଅନ୍ୟାନ୍ୟ ଗ୍ରହମାନଙ୍କ ସହ ବ୍ୟୟଭାବକୁ ଦେଖୁଥିବାରୁ ଦୂରଯାତ୍ରା,ବ୍ୟୟବୃଦ୍ଧିଜନିତ ମାନସିକ ଅସ୍ଥିରତା ଲାଗିରହିବ। ରବି ଓ ମଙ୍ଗଳଙ୍କ ଶୁଭ ସଂସ୍ଥିତିରୁ ଦିନଟିରେ କିଛି ସୁବିଧା ସଙ୍ଗକୁ କିଛି ଅସୁବିଧା ଅନୁଭବ କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବା ସହ ଆଜିର ନୂତନ କର୍ମାରମ୍ଭ ପ୍ରୀତିପଦ ହେବାର ଆଶା ରହିଛି ।

**ସିଂହ**
ମଙ୍ଗଳ ସ୍ୱସ୍ଥାନରେ ଥିବାରୁ ପାରିବାରିକ ସ୍ତରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ବନ୍ଧୁମାନଙ୍କ ମନ ଧରିଲା ଭଳି କଥା କହି ଅଭିଳଷିତ କାମ ହାସଲ କରିନେବେ। ଧାର ସୂତ୍ରରେ ଅର୍ଥ ସଂଗ୍ରହ କରି ଆବଶ୍ୟକ ମନେକରୁଥିବା ଜିନିଷ ସମୂହକୁ କିଣିବାରେ ସକ୍ଷମ ହେବେ।

**କନ୍ୟା**
ଭୋଗସ୍ଥାନରେ ଶୁକ୍ର ଆପଣଙ୍କୁ ଭୌତିକ ସୁଖସମ୍ପଦ ପ୍ରଦାନ କରିବାରେ ସାହାଯ୍ୟ କରିବେ। ଚତୁଃଗ୍ରହ ସଂସ୍ଥାନରୁ ପାରିବାରିକ ପ୍ରତିକୂଳ ପରିସ୍ଥିତିଜନିତ ଚିନ୍ତା କରିଥିବା କାମଗୁଡିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ନିକଟ ସମ୍ପର୍କୀୟମାନଙ୍କ ଦ୍ୱାରା ପ୍ରଶଂସିତ ହେବେ ଓ କିଛି ନୂତନ କାମ ଆରମ୍ଭ କରିପାରନ୍ତି।

**ତୁଳା**
ଆଜିର ଅନୁକୂଳ ଗ୍ରହସ୍ଥିତି ଆପଣଙ୍କର ଦୈହିକ ସୁସ୍ଥତା ସଙ୍ଗକୁ କାର୍ଯ୍ୟସିଦ୍ଧି ମାଧ୍ୟମରେ ବନ୍ଧୁମିଳନ ଘଟାଇବ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା ହେତୁ ମନରେ ଆଶଙ୍କା ସୃଷ୍ଟି ହେବ । ଆର୍ଥିକ ଦିଗଟି ପ୍ରାୟତଃ ଭଲ ରହିବ କିନ୍ତୁ ବିଶାଖା ନକ୍ଷତ୍ର ସୁଯୋଗ ହରାଇ ମୁଣ୍ଡରେ ହାତଦେଇ ବସିପାରନ୍ତି।

**ବିଛା**
ସ୍ୱାସ୍ଥ୍ୟ, ପରିବାର, ବନ୍ଧୁସମ୍ପର୍କ ଓ ଆର୍ଥିକ ସ୍ଥିତି ଉତ୍ତମ ରହିବା ଯୋଗୁ ଖୁସୀ ରହିବେ। କିନ୍ତୁ ଦ୍ୱିତୀୟସ୍ଥ ଗ୍ରହ ଆପଣଙ୍କୁ ଅପବ୍ୟୟ, ବିରକ୍ତିବୋଧକ ରୁକ୍ଷ ବ୍ୟବହାର ଜନିତ ଅପ୍ରିୟତା ସୃଷ୍ଟି କରିପାରେ। ଅନୁରାଧା ନକ୍ଷତ୍ର ସକାଶେ ପରିସ୍ଥିତି କ୍ରମଶଃ ବିଗିଡ଼ି ଯାଉଥିବା କାରଣରୁ ସବୁ ଥାଇ ମଧ୍ୟ କିଛି ନ ଥିଲା ଭଳି ଅନୁଭବ କରିପାରନ୍ତି।

**ଧନୁ**
ଦୈହିକ ଅସୁସ୍ଥତା ସଙ୍ଗକୁ ଆପଣଙ୍କ ଅପ୍ରିୟସତ୍ୟ କଥନ ଅଶାନ୍ତ ପରିସ୍ଥିତିକୁ ନିମନ୍ତ୍ରଣ କରିବ। ଉତ୍ତରାଷାଢା ନକ୍ଷତ୍ରର ସମସ୍ତ ଅଭିଳାଷ ପୂରଣ କରିବା ଦିଗରେ ଅନୁକୂଳ ପରିବେଶ ସୃଷ୍ଟି ହୋଇପାରେ । କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ। ଜଣେ ଅପରିଚିତ ବ୍ୟକ୍ତିଙ୍କ ସକାଶେ ବ୍ୟସ୍ତତା ବୃଦ୍ଧି ପାଇପାରେ।


**ମକର**
ଧନଭାବସ୍ଥ ଶୁକ୍ର ଯୋଗୁ ଅର୍ଥଲାଭ, ବନ୍ଧୁଙ୍କ ଆଦର, ସମ୍ପର୍କ ସ୍ଥାପନ ଏବଂ ବିଳାସ ଉପକରଣ ପ୍ରାପ୍ତିର ଯୋଗ ରହିଛି। ଅଷ୍ଟମସ୍ଥ ମଙ୍ଗଳ ହେତୁ ପାରିବାରିକ ସ୍ତରରେ ମନକଥା ମନରେ ରଖି ଲକ୍ଷ୍ୟ ହାସଲ ଦିଗରେ ଚେଷ୍ଟା କଲେ ନିଶ୍ଚିତ ଉପକୃତ ହେବେ। ରାଶିରେ ରବି ଓ ବୁଧ ଥିବାରୁ ଜଗି ରଖି ଚଳିବା ଭଲ ନହୁବା କଳହ ଭିତରକୁ ଟାଣି ହୋଇପାରନ୍ତି।

**କୁମ୍ଭ**
ଶନି ଓ ଶୁକ୍ରଙ୍କ ଦୃଷ୍ଟି ସମ୍ବନ୍ଧ ଯୋଗୁ ଶାରୀରିକ ସୁସ୍ଥତା ସଙ୍ଗକୁ ପାରିବାରିକ ସ୍ଥିରତା ସୁସ୍ଥ ମାନସିକତା ସୃଷ୍ଟି କରିବ। ଦିନ ଭିତରେ ଯାହା ଓ ଯେତିକି ପାଇବା କଥା ଅବଶ୍ୟ ପାଇବେ । ପାରିବାରିକ ସମସ୍ୟା ବିଷୟ କ୍ଷେତ୍ରରେ ସ୍ତ୍ରୀଙ୍କ ଅଭିଯୋଗ ଅମୂଳକ ନୁହେଁ,ଏହାର ପୁନର୍ବିଚାର କରିବା ଭଲ ହେବ। ବାଣିଜ୍ୟ, ବ୍ୟବସାୟରେ ପ୍ରତିଯୋଗିତାର ସମ୍ମୁଖୀନ ହେବାକୁ ପଡିବ।

**ମୀନ**
ଚତୁର୍ଥଭାବକୁ ବହୁତ ଗ୍ରହ ଦେଖୁଥିବାରୁ କର୍ମକ୍ଷେତ୍ର ସହ ପାରିବାରିକ ସ୍ଥିତି ଗୋଳିଆ ରହିବ। ପୂର୍ବଭାଦ୍ରପଦ୍ ନକ୍ଷତ୍ର ଏଜେନ୍ସି, ସାହିତ୍ୟ ଚର୍ଚ୍ଚା, ସଭାସମିତି, ମାଙ୍ଗଳିକ କାମରେ ପ୍ରଶଂସିତ ହେବେ। ପରୋକ୍ଷ ଶତ୍ରୁତା କାରଣରୁ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ। ଈର୍ଷା ପରାୟଣ ବ୍ୟକ୍ତିମାନେ ଆପଣଙ୍କ କାର୍ଯ୍ୟକଳାପକୁ ନିନ୍ଦା ରଟନା କରିପାରନ୍ତି।

ଆଜି ଜାନୁୟାରୀ ୨୨ ତାରିଖ, ମାଘ କୃଷ୍ଣ ତ୍ରୟୋଦଶୀ ବୁଧବାର, ରାଶି ନକ୍ଷତ୍ର- ମୂଳା/ଧନୁ, କର୍କଟ ରାଶିର ଘାତବାର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୭।୫୬ମି. ମଧ୍ୟେ ଘ.୧୦।୦ମି. ଗତେ ଘ.୧୧।୩୬ମି. ମଧ୍ୟେ ଅମୃତବେଳା। ସକାଳ ଘ.୭।୫୨ମି. ମଧ୍ୟେ ଘ.୧୦।୩୮ମି. ଗତେ, ଘ.୧୨।୦୧ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୧୧।୫୮ମି. ଗତେ ଘ.୧।୨୦ମି. ମଧ୍ୟେ ରାହୁକାଳ।


# classifieds Everyday 0674-2580101, 2549302




**BRIDE WANTED**

Brahmin groom 45y/ 5'6" B.Com LLB, Marketing of industrial goods and also in Astrology, suitable candidate may contact 9556756352, 9831106142. D-16081

Wanted fresh, divorcee, widow bride for 38, General Manager, handsome, 5'9", early marriage (caste-no-bar)- 7008468672. D-16279

Wanted Brides from Brahmin, Khandayat, Teli and other castes. 7978736177. D-68231

Wanted beautiful Teli Bride for B.tech(civil), MBA boy working in MNC, Delhi. Contact- 9853523123. D-66847

Wanted Karan girl for my brother 31, 5'7" working as manager Mahindra Lifespace Gurgaon, Call: 9437697324. D-16284

Khandayat boy 29/B.Tech Railway Engineer, only son settled Bhubaneswar "VAISHNABI" 9238578590. D-68546

Son age 30 B.Tech IIT MBA IMT Ghaziabad work in New Delhi Caste-no-bar 6372748613. D-16282

Son age 29 Brahmin B.Tech NIT MBA MDI Gurgaon working MNC Bangalore salary 35 lakhs 7008986005. D-16283

**GROOM WANTED**

Beautiful Karan girl 1992, 5'5" B-tech start Govt Engineer. 9776562742. D-16322

Wanted grooms from Brahmin, Khandayat, Teli and other castes. 7978736177. D-68232

Fresh, divorcee, widower groom for Karan bride 45, fair, teacher, (early marriage)- 7008468672. D-16280

Central Government Job ଦରମା 54000, age 37, divorcee ଗୁଡିଆ ଝିଅଙ୍କ ପାଇଁ any caste ପୁଅ ଦରକାର 7381366103. D-67928

Wanted groom for Kaibarta bride 36 and 38yrs (both govt. Employee)- 8328972008. D-68648

45 ବର୍ଷ ବିଧବା ଝିଅ Post officeରେ Clerk ଭାବରେ କାର୍ଯ୍ୟରତ। ଯେକୌଣସି ଜାତିର ପାରିବାରିକ ବରପାତ୍ର ଯୋଗାଯୋଗ କରନ୍ତୁ । 8895411143. D-68812




**SALE**

2BHK simplex 27,00,000/- Hanspal, Gharabari plot 300/- sqft. Atala- 9348633789. D-68649

ପୁରୀ ନିକଟସ୍ଥ **Gharabari, patta, boundarywall, electricity** ସୁବିଧାଥାଇ **sqft.920/-** ମିଳୁଅଛି। **7008067338.** D-68478

ଭୁବନେଶ୍ୱର New Rly Station ପାଖରେ Yellow zone plot ମିଳୁଛି। 6371406921. D-16190

**Fully developed gated community advance boundary wall with electricity, gharabari plot sale Gudiapokhari near KEC College, Bhubaneswar. 8763887357, 9438331183.** D-68468

ଭୁବନେଶ୍ୱର ହଂସପାଳଛକଠାରୁ **4k.m** ଦୂରତାରେ **30'** ପିଚୁରୋଡ଼କୁ ଲାଗି ଘରବାରି ପାଚେରି ପ୍ଲଟ ବେଣୁପୁର ପେଟ୍ରୋଲ ପମ୍ପ ପାଖରେ **@ 10,80,000/-, 9437033320.** D-68479

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରିମ boundarywall, 30ft road ଏବଂ ବାସୋପଯୋଗୀ plot ଦିଆଯାଉଅଛି। sqft. 650/-, 7008045582, 9692003948. D-16254

**Ready to move flat 2BR/3BR/4BR at Canal Road Jharpada with all modern facilities & well maintained society. Contact: 8908300260, 9437556876, Email- decor.realty@yahoo.in, Office: A/110, Saheed Nagar.** D-16228

**Gharabari plots at Balianta, Bhingarpur and Bagalpur. Immediate possession & registration, contact- 9437147826.** D-16323

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1200sqft. 4,50,000. Contact: 8908492594. D-16256

**ଭୁବନେଶ୍ୱର ପିତାପଲ୍ଲିଛକ ପାଖରେ 30' ରାସ୍ତା Electricity, boundary plot ମିଳୁଅଛି। 6372852525.** D-68474

ପ୍ଲଟ୍ ବିକ୍ରିହେବ- ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପଟ୍ଟାରୁ। 9178660666. D-68967

ଭୁବନେଶ୍ୱର କଟଣ ୧ ଘଣ୍ଟ, ୦ ।ରେ **1200sqft. 2,20,000/-,** ନଖରା ତ୍ରିନାଥ ବଜାରଠାରେ **SC plot 1200sqft. 3,44,000/- (outright), 7894433357, 9776974912.** D-68476

ସ୍ଥିତିବାନ୍ ଘରବାରି ପ୍ଲଟ I.G Colony ସାମନ୍ତରାୟପୁର ୨କି.ମିରେ ମିଳୁଛି। 8327774136. D-68544

**1.50 Acre gharabari plot with boundarywall ready with ploted scheme (30' road) at Brahmanjharilo Cuttack, 13Km. to Bhubaneswar, 20Km Cuttack, 1.5 Crore- 7809525452.** D-68761

**2/3 BHK earthquake proof flats in Avantika Apartment near Gokul Residency on GGP Pandara Road touching Puri Highway for sale. Contact: 9437396718 during office hours immediately.** D-68051

୩୦' ରାସ୍ତାଥାଇ boundary ସହିତ ଘରବାରି ପ୍ଲଟ୍ ଗୁଡିଆପୋଖରୀ ନିକଟରେ କିଣନ୍ତୁ। 9937166932. D-68545

**ଭୁବନେଶ୍ୱର AIIMS ନିକଟରେ Govt. roadକୁ ଲାଗି yellowzone, 30'road, ଘରବାରି boundary patta plot ନିଅନ୍ତୁ। 8895757735, 8114973999.** D-68477




New house four rooms, 3 toilets Goutam Nagar, Bhubaneswar. 9437172991, 7008598255. D-67280

Marbled 1BHK near Badagada Brit Colony, Kalpana Tankapani Road, Bhubaneswar, only bachelor, 24hour water. 9337229622. D-67281

3BHK with parking for families only, near AMRI Hospital, Kolathia. Contact No. 9348534277. D-16211




Shivam logistic packers movers. Household/ car relocation countrywide. 9777044177, 9338461133. D-16087




Rejuvenate and ayurvedic full body massage by smart therapist. 9114402304. D-68946

Full body herbal massage with refreshment expert therapist. 7381239385, 06742540855. D-68963

Experience full body massage with us (expert). Call: 7377048581, 06742597822. D-68964

Herbal full body massage by smart / expert therapist. Contact: 8338067247. D-68965

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68966

Refresh your body with smart and expert therapist. Contact: 8457855286. D-68962

Sai herbal spa refresh your body with smart, expert therapist. 7608062524. D-68961

Ayurvedic full body massage ladies/gents smart experts therapist:- 8480939300. D-68753

Newly open full body massage by ladies, gents therapist. 8018656899 D-60863

Ayurvedic full body massage ladies and gents. Contact: 9861064981. D-68759

Ayurvedic full body massage by ladies, gents therapist. 7008773793 D-60864

Ayurvedic full body massage ladies & gents smart therapist, 9668814589. D-68763




ନିଜ ଘରେ କାମ କରି ମାସକୁ ୫୦୦୦ ରୁ ୫୦୦୦୦ କମାନ୍ତୁ। Mob: 9777434078. D-16304

ସ୍ୱଳ୍ପ ବିନିଯୋଗ କରି ପେପରପ୍ଲେଟ୍, ଧୂପକାଠି ଉଦ୍ୟୋଗ ମାଧ୍ୟମରେ ଉତ୍ତମ ରୋଜଗାର କରନ୍ତୁ। 9337336614, 8118081112. D-68547

**AFFIDAVIT**

By virtue of an affidavit sworn before Notary Public Bhubaneswar on 31.12.2019 I Rajkishore Swain declare that the name of my minor grandson has been changed from Lalatendu Swain to Sameer Swain. Henceforth, he shall be known as Sameer Swain. D-16321

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ସମଲେଇ ମନ୍ଦିର, ହୀରାକୁଦର ବିକାଶ ହେବ

**ସମ୍ବଲପୁର,୨୧ା୧(ବ୍ୟୁରୋ)**

- ସମଲେଇଙ୍କୁ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ
- ସ୍ୱତନ୍ତ୍ର ଟିମ୍ ପରିଦର୍ଶନ କରିବେ
- ସ୍ୱାଗତ କଲେ ଭାଜପା ବିଧାୟକ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ମା'ସମଲେଇଙ୍କ ଦର୍ଶନ କରିଛନ୍ତି। ନବବର୍ଷ ଉପଲକ୍ଷେ ସେ ମା'ଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି। ଏହି ଅବସରରେ ସେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ସମଲେଇ ମନ୍ଦିରର ଆବଶ୍ୟକ ଅନୁସାରେ ବିକାଶ କରାଯିବ। ବିଶେଷ କରି ମନ୍ଦିର ଭିତ୍ତିଭୂମିର ବିକାଶ, ସୌନ୍ଦର୍ଯ୍ୟକରଣ, ପର୍ଯ୍ୟଟକ ଓ ଭକ୍ତମାନଙ୍କ ପାଇଁ ରହିବା ବ୍ୟବସ୍ଥା ସହ ଅନ୍ୟାନ ସୁବିଧା କରାଯିବ। ଏଥିପାଇଁ ଆବଶ୍ୟକ ଅର୍ଥ ରାଜ୍ୟ ସରକାର ବହନ କରିବେ। ମନ୍ଦିରକୁ ଆହୁରି ସୁନ୍ଦର ଓ ଆକୃଷ୍ଟ କରାଯିବ। ସେହିପରି ହୀରାକୁଦ ଆନ୍ତର୍ଜାତୀୟ ପର୍ଯ୍ୟଟନ ସ୍ଥଳୀ ଭାବେ କିପରି ପରିଚିତ ହେବ ସେ ନେଇ ଯୋଜନା କରାଯିବ। ହୀରାକୁଦ ଡ୍ୟାମ ତଥା ପାରିପାର୍ଶ୍ୱିକ ଭିତ୍ତିଭୂମିର ବିକାଶ କରାଯିବ। ହୋଟେଲ,ରେଷ୍ଟୁରାଣ୍ଟ, କଟେଜ୍, ୱାଟର ସ୍ପୋର୍ଟସ, ବଗିଚା,କନ୍‌ଭେନସନ ସେଣ୍ଟର ନିର୍ମାଣ କରାଯିବ। ଏଥିପାଇଁ ଖୁବଶୀଘ୍ର ଏକ ସ୍ୱତନ୍ତ୍ର ଟିମ ସମ୍ବଲପୁରକୁ ଆସିବେ। ସେମାନେ ସମଲେଇ ମନ୍ଦିର ଓ ହୀରାକୁଦ ପରିଦର୍ଶନ କରି କିଭଳି ବିକାଶ କରାଯିବ ସେନେଇ ମ୍ୟାପ ଓ ବ୍ୟୟ ଅଟକଳ ପ୍ରସ୍ତୁତ କରିବେ। ଏଥିପାଇଁ ରାଜକୋଷରୁ ଖର୍ଚ୍ଚ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀଙ୍କ ସହ ୫ ଟି ସଚିବ ଭି.କେ. ପାଣ୍ଡିଆନ, ସରକାରୀ ଉପମୁଖ୍ୟ ସଚେତକ ତଥା ରେଢାଖୋଲ ବିଧାୟକ ରୋହିତ ପୂଜାରୀ, କୁଚିଣ୍ଡା ବିଧାୟକ କିଶୋର ନାଏକ, ପୂର୍ବତନ ବିଧାୟକ ଡାକ୍ତର


ସମ୍ବଲପୁର ସମଲେଶ୍ୱରୀ ମନ୍ଦିରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମଲେଇଙ୍କ ଦର୍ଶନ କରୁଛନ୍ତି। ପାଖରେ ଅଛନ୍ତି ୫—ଟି ସଚିବ ଭି.କେ. ପାଣ୍ଡିଆନ।

ରାସେଶ୍ୱରୀ ପାଣିଗ୍ରାହୀ ଉପସ୍ଥିତ ଥିଲେ। ବରଗଡରୁ ମୁଖ୍ୟମନ୍ତ୍ରୀ ହେଲିକପ୍ଟରରେ ସମ୍ବଲପୁର ଆସି ମନ୍ଦଲିଆ ପଡିଆ ହେଲିପ୍ୟାଡ଼ରେ ଓହ୍ଲାଇଥିଲା। ଆରଡିସି ନିରଞ୍ଜନ ସାହୁ, ଜିଲାପାଳ ଶୁଭମ୍ ସକ୍‌ସେନା ଓ ଦଳୀୟ ନେତାମାନେ ତାଙ୍କୁ ସ୍ୱାଗତ କରିଥିଲେ। ପରେ ମହାତ୍ମା ଗାନ୍ଧୀ ମାର୍ଗ ଦେଇ ସମଲେଇ ମନ୍ଦିରକୁ ଦର୍ଶନ ପାଇଁ ଆସିଥିଲେ। ସେଠାରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିବା ପାଇଁ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ନାଉରୀ ନାଏକଙ୍କ ସମେତ ଭାଜପାର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ବିଧାୟକଦ୍ୱୟ ଜିଲାର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏ ସମ୍ପର୍କରେ ବିଧାୟକ ମିଶ୍ର କହିଛନ୍ତି, ମୁଖ୍ୟମନ୍ତ୍ରୀ କୌଣସି ଦଳର ନୁହନ୍ତି। ତାଙ୍କୁ ସ୍ୱାଗତ କରିବା ଆମର ଦାୟିତ୍ୱ। ସମ୍ବଲପୁର ବିକାଶ ପାଇଁ ମୁଁ ଦଳମତନିର୍ବିଶେଷରେ ତାଙ୍କୁ ସମର୍ଥନ କରିବି ବୋଲି କହିଥିଲେ। ଏ ସମ୍ପର୍କରେ ସରକାରୀ ଉପ ମୁଖ୍ୟସଚେତକ ପୂଜାରୀ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ମାଁ ସମଲେଇଙ୍କ ଦର୍ଶନ ପରେ ମନ୍ଦିର ଓ ହୀରାକୁଦ ଡ୍ୟାମର ବିକାଶ ପାଇଁ ପ୍ରତିବଦ୍ଧତା ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ସମସ୍ତ ଯୋଜନା ଖୁବ ଶୀଘ୍ର ଆରମ୍ଭ ହେବ। ତେବେ ମନ୍ଦିର ପରିସରରେ ବିଜେଡି ଜିନ୍ଦାବାଦ ବୋଲି କେତେକ କର୍ମୀ ନାରାବାଜି କରିବା ଘଟଣାକୁ ସମାଲୋଚନା କରାଯାଇଥିଲା।

# କୂଅକୁ ଠେଲି କକାଙ୍କୁ ହତ୍ୟା

**ବଲାଙ୍ଗୀର ଅଫିସ/ବଙ୍ଗୋମୁଣ୍ଡା, ୨୧ା୧ (ଡି.ଏନ.ଏ.)**

- ଅଭିଯୁକ୍ତ ପୁତୁରା ଗିରଫ, ତଦନ୍ତ ଜାରି
- ବଳି ମାମଲାରେ ପୂର୍ବରୁ ଗିରଫ ହୋଇଥିଲେ

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଥାନା ଟୁଲିଫୁଙ୍କା ଗାଁରେ ମଙ୍ଗଳବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଛି। ପୁତୁରା ସମ୍ପର୍କୀୟ କକାଙ୍କୁ କୂଅକୁ ଠେଲି ପାଣିରେ ବୁଡାଇ ହତ୍ୟା କରିଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ମୃତକଙ୍କ ପରିବାର ଲୋକେ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୁକ୍ତ ପୁତୁରାଙ୍କୁ ଗିରଫ କରି ପଚରାଉଚରା କରୁଛି।

ଟୁଲିଫୁଙ୍କା ଗ୍ରାମର ଜଗଦାନନ୍ଦ ବେହେରା (୬୫) ମଙ୍ଗଳବାର ସକାଳେ ମନିଗାଁ ରାସ୍ତାରେ ଥିବା ତାଙ୍କ ଖଳା ପାଖ କୂଅ ନିକଟରେ ଦାନ୍ତ ଘଷୁଥିଲେ। ଏହି ସମୟରେ ତାଙ୍କ ସମ୍ପର୍କୀୟ ପୁତୁରା ବାଙ୍କନିଧି ବେହେରା (୪୨) କୂଅ ନିକଟକୁ ଆସି ଜଗଦାନନ୍ଦଙ୍କୁ କୂଅ ଭିତରକୁ ଠେଲି ଦେଇଥିଲେ। ଏତିକିରେ କଥା ସରି ନ ଥିଲା। ଜଗଦାନନ୍ଦ କୂଅରେ ପଡିବା ପରେ ବାଙ୍କନିଧି ଡେଇଁ ପଡି ପାଣିରେ କକାଙ୍କୁ ବୁଡାଇ ହତ୍ୟା କରିଥିଲେ। ଜଗଦାନନ୍ଦ କୂଅରେ ପଡିବା ପରେ ଚିତ୍କାର କରିଥିଲେ। ଆଖପାଖ ଲୋକେ ଉଦ୍ଧାର ପାଇଁ ସେଠାକୁ ଧାଇଁ ଆସିଥିଲେ। ହେଲେ କୂଅ ଭିତରେ ଥିବା ବାଙ୍କନିଧି ସେହି ଲୋକଙ୍କୁ ଧମକ ଦେଇ ଫେରିଯିବାକୁ କହିଥିଲେ। ଏହାପରେ ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗ କର୍ମଚାରୀ ଓ ବଙ୍ଗୋମୁଣ୍ଡା ଥାନା ପୋଲିସକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ଓ ପୋଲିସ ପହଞ୍ଚି କୂଅ ଭିତରୁ ଜଗଦାନନ୍ଦଙ୍କ ମୃତଦେହ ଓ ବାଙ୍କନିଧିଙ୍କୁ ଉଦ୍ଧାର କରି ଉପରକୁ ଆଣିଥିଲେ। ସେଠାରୁ ଜଗଦାନନ୍ଦଙ୍କ ମୃତଦେହକୁ ପୋଲିସ ବ୍ୟବଚ୍ଛେଦ ପାଇଁ କଣ୍ଟାବାଞ୍ଜି ଡାକ୍ତରଖାନା ପଠାଯାଇଥିଲା। ବାଙ୍କନିଧିଙ୍କୁ ଗିରଫ କରି ପୋଲିସ ଥାନାକୁ ନେଇଛି। କେଉଁ କାରଣରୁ ବାଙ୍କନିଧି ସମ୍ପର୍କୀୟ କକାଙ୍କୁ କୂଅକୁ ଠେଲି ହତ୍ୟା କରିଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। ଅଭିଯୁକ୍ତ ବାଙ୍କନିଧିଙ୍କ ନାଁରେ ପୂର୍ବରୁ ହତ୍ୟା ମାମଲା ରହିଛି।

# ଉଦ୍ୟାନ କୃଷି ନିର୍ଦ୍ଦେଶାଳୟର ଏମ୍‌ଆଇଏସ୍ କାର୍ଯ୍ୟନିର୍ବାହୀ ଗିରଫ

## ଗିରଫ ଆଇଏଏସ୍ ଅଫିସରଙ୍କ ଲିଙ୍କ୍‌ରେ ଥିଲେ

**କଟକ ଅଫିସ, ୨୧ା୧**

ଉଦ୍ୟାନ କୃଷି ନିର୍ଦ୍ଦେଶାଳୟର ପରିଚାଳନା ଓ ସୂଚନା ବ୍ୟବସ୍ଥା(ଏମ୍‌ଆଇଏସ୍) କାର୍ଯ୍ୟନିର୍ବାହୀ ପୀତବାସ ପ୍ରଧାନଙ୍କୁ ଭିଜିଲାନ୍ସ ମଙ୍ଗଳବାର ଗିରଫ କରିଛି। ପରେ ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା। ସେଠାରେ ତାଙ୍କର ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଭିଜିଲାନ୍ସ ସୂଚନା ଅନୁଯାୟୀ, ପ୍ରଧାନ ୨୦୧୪ ଜାନୁୟାରୀ ୮ ତାରିଖରେ ଆଉଟସୋର୍ସିଂ ଜରିଆରେ ଜଣେ ଡାଟା ଏଣ୍ଟ୍ରି ଅପରେଟର ଭାବେ ଚାକିରିରେ ଯୋଗଦେଇଥିଲେ। ୨୦୧୯ ସେପ୍ଟେମ୍ବର ପହିଲାରେ ତାଙ୍କୁ ଏମ୍‌ଆଇଏସ୍ କାର୍ଯ୍ୟନିର୍ବାହୀ ଭାବେ ନିଯୁକ୍ତି ଦିଆଯାଇଥିଲା। ଏହି ପଦବୀରେ ଥାଇ ସେ ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନାରେ ବିଭିନ୍ନ ଯୋଗାଣକାରୀ ସଂସ୍ଥାର ବିଲ୍ ପ୍ରୋସେସିଂ କରୁଥିଲେ। ୟେସ୍ ବ୍ୟାଙ୍କ୍‌ର ଭାଇସ ପ୍ରେସିଡେଣ୍ଟ ସନ୍ତୋଷ ପଟ୍ଟନାୟକଙ୍କ ସହିତ ମିଶି ପ୍ରଧାନ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ତଥା ଗିରଫ ଆଇଏଏସ୍ ଅଫିସର ବିଜୟ କେତନ ଉପାଧ୍ୟାୟଙ୍କ ବାହକ ଭାବେ କାର୍ଯ୍ୟ କରୁଥିଲେ ବୋଲି ଭିଜିଲାନ୍ସ ତଦନ୍ତରୁ ଜଣାପଡ଼ିଛି। ଏପରି କି ଏସ୍‌ଆର୍‌ଏମ୍ ପ୍ଲାଷ୍ଟୋକେମ୍ ପ୍ରତିନିଧିଙ୍କଠାରୁ ୧ ଲକ୍ଷ ଟଙ୍କା ଲାଞ୍ଚ ନେବା ଘଟଣାରେ ପ୍ରଧାନଙ୍କର ଭୂମିକା ଥିବା ଭିଜିଲାନ୍ସ ସୂଚନା ଦେଇଛି। ଯେହେତୁ ପ୍ରଧାନ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟର ଇଞ୍ଜିନିୟରିଂ ସେକ୍ସନରେ କାର୍ଯ୍ୟ କରୁଥିଲେ ତେଣୁ ସମସ୍ତ ବିଲ୍ ବାବଦୀୟ କାର୍ଯ୍ୟ ସେହିଠାରେ ହିଁ ସମ୍ପାଦିତ ହେଉଥିଲା। ବିଲ୍ ଆପ୍ରୁଭ ହେବା ସମୟରେ ଉପାଧ୍ୟାୟଙ୍କ ନିର୍ଦ୍ଦେଶରେ ପ୍ରଧାନ ଯୋଗାଣକାରୀ ସଂସ୍ଥାଗୁଡିକ ସହିତ ୟେସ୍ ବ୍ୟାଙ୍କ ଭାଇସ ପ୍ରେସିଡେଣ୍ଟଙ୍କ ଯୋଗସୂତ୍ର କରୁଥିଲେ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ସୂଚନାଥାଉକି, ଏସ୍‌ଆର୍‌ଏମ୍ ପ୍ଲାଷ୍ଟୋକେମ ନାମକ ଘରୋଇ ସଂସ୍ଥାର ପ୍ରତିନିଧିଙ୍କଠାରୁ ୧ ଲକ୍ଷ ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ତଥା ଆଇଏଏସ୍ ଅଫିସର ବିଜୟ କେତନ ଉପାଧ୍ୟାୟ ଓ ୟେସ୍ ବ୍ୟାଙ୍କର ଭାଇସ ପ୍ରେସିଡେଣ୍ଟ ସନ୍ତୋଷ କୁମାର ପଟ୍ଟନାୟକଙ୍କୁ ଭିଜିଲାନ୍ସ ଗତ ଡିସେମ୍ବର ୩୧ ତାରିଖରେ ଗିରଫକରି କୋର୍ଟଚାଲାଣ କରିଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ୍‌କୁ ପଠାଇ ଦିଆଯାଇଛି। ଇତିମଧ୍ୟରେ ଗିରଫ ଆଇଏଏସ୍ ଅଫିସରଙ୍କ ସ୍ତ୍ରୀ ଖବରଦାତା ସମ୍ମିଳନୀ କରି ତାଙ୍କ ସ୍ୱାମୀଙ୍କୁ ଫସାଇ ଦିଆଯାଇଥିବା ଅଭିଯୋଗ କରିଛନ୍ତି। ଏଥିସହିତ ଓଡ଼ିଶାରେ ଓଡ଼ିଆ ଆଇଏଏସ୍ ଅଫିସରମାନଙ୍କୁ ହୀନମନ୍ୟତାର ସହିତ ଦେଖାଯାଉଥିବା ଭଳି ସଙ୍ଗିନ ଅଭିଯୋଗ ମଧ୍ୟ ସେ କରିଥିଲେ।

# ବିଶ୍ୱ ସ୍ତରରେ ବଢ଼ିବେ ୨୫ ଲକ୍ଷ ବେକାର


**ଜାତିସଂଘ,୨୧ା୧**

- ୧୮୮ ନିୟୁତ ଲୋକ ବେକାର
- ବର୍ଦ୍ଧିତ ଶ୍ରମଶକ୍ତି ଲାଗି ଚାକିରି ଅଭାବ
- ପ୍ରଭାବିତ ସ୍ଥିତିରେ ୪୭୦ ନିୟୁତ ଲୋକ
- ଶ୍ରମ ବଜାର ଉପରେ ମାନ୍ଦାବସ୍ଥାର ପ୍ରଭାବ

ସାରା ବିଶ୍ୱରେ ବେକାରି ସମସ୍ୟା ଏବେ ଉତ୍କଟ ହେଉଛି। ୨୦୨୦ରେ ବେକାରି ହାର ବଢ଼ିବା ସହ ଏହି ସଂଖ୍ୟାରେ ଆଉ ୨୫ ଲକ୍ଷ ବେକରୀ ଯୋଡି ହେବେ। ସେହିଭଳି ପର୍ଯ୍ୟାପ୍ତ କାମ ନ ଥିବା ଯୋଗୁ ପ୍ରାୟ ୫୦ କୋଟି ଲୋକ କିଛିଘଣ୍ଟା ପାଇଁ କାମ କରୁଥିବା ଜାତିସଂଘର ଅନ୍ତର୍ଜାତୀୟ ଶ୍ରମ ଅନୁଷ୍ଠାନ(ଆଇଏଲ୍‌ଓ) ପକ୍ଷରୁ ରିପୋର୍ଟରେ ପ୍ରକାଶ ପାଇଛି। ସୋମବାର ପ୍ରକାଶ ପାଇଥିବା ୱାର୍ଲଡ ଏମ୍ପ୍ଲଏମେଣ୍ଟ ଆଣ୍ଡ ସୋସିଆଲ ଆଉଟ୍‌ଲୁକ: ଟ୍ରେଣ୍ଡସ ୨୦୨୦ ରିପୋର୍ଟରେ କୁହାଯାଇଛି ଯେ, ଗତ ୯ ବର୍ଷ ହେବ ବିଶ୍ୱ ସ୍ତରରେ ବେକାରି ହାର ସ୍ଥିର ରହିଥିଲା। ଏବେ ମାନ୍ଦାବସ୍ଥା ଥିବା ବେଳେ ଶ୍ରମଶକ୍ତି ବଢୁଛି। ଅଧିକ ସଂଖ୍ୟକ ନୂଆ ନିଯୁକ୍ତି ସୃଷ୍ଟି ହେଉନାହିଁ। ଫଳରେ ନିଯୁକ୍ତିବଜାରରେ ନୂଆ ଲୋକଙ୍କୁ ନିଯୁକ୍ତି ଦେବା କଷ୍ଟକର ହେଉଥିବା ରିପୋର୍ଟରେ କୁହାଯାଇଛି। ଏଭଳି ବିଭିନ୍ନ ପ୍ରସଙ୍ଗକୁ ବିଚାର କଲେ କାମ କରି ଏକ ଉନ୍ନତ ଜୀବନ ଧାରଣ ମାନ ହାସଲ କରିବା ନିୟୁତାଧିକ ଲୋକଙ୍କ ଲାଗି କଷ୍ଟସାଧ ହେବ ବୋଲି ଆଇଏଲ୍‌ଓର ମହାନିର୍ଦ୍ଦେଶକ ଗାଏ ରାଇଡର କହିଛନ୍ତି।

ରିପୋର୍ଟ ମୁତାବକ ବିଶ୍ୱ ସ୍ତରରେ ଏବେ ପ୍ରାୟ ୧୮୮ ନିୟୁତ ଲୋକ ବେକାର ଅଛନ୍ତି। ଅତିରିକ୍ତ ୧୬୫ ନିୟୁତଙ୍କୁ ପର୍ଯ୍ୟାପ୍ତ କାମ ମିଳୁନାହିଁ। ୧୨୦ ନିୟୁତ ଲୋକ କାମ ଖୋଜିବା ବାଦ ଦେଇଛନ୍ତି କିମ୍ବା ଶ୍ରମ ବଜାର ସହ ସେମାନଙ୍କର ପ୍ରତ୍ୟକ୍ଷ ଭାବେ ସମ୍ପର୍କ ନାହିଁ। ମୋଟାମୋଟି ଭାବେ କହିବାକୁ ଗଲେ ବିଶ୍ୱ ସ୍ତରରେ ୪୭୦ ନିୟୁତ ଲୋକ ପ୍ରଭାବିତ ହୋଇଛନ୍ତି। ବିକାଶଶୀଳ ଦେଶଗୁଡିକ ଏବେ ମାନ୍ଦାବସ୍ଥା ଦେଇ ଗତି କରୁଥିବାରୁ ସେମାନଙ୍କ ବିକାଶ ଗତି ଶିଥିଳ ହୋଇଛି। ଆଫ୍ରିକାର କିଛି ଦେଶ ଏବେ ଅଭିବୃଦ୍ଧି ନ କରି ସ୍ଥିର ଅବସ୍ଥାରେ ରହିଥିବା କିଛି ଦିନ ତଳେ ଏକ ରିପୋର୍ଟ ଆସିଥିଲା। ଏଭଳି ବିଭିନ୍ନ କାରଣ ଯୋଗୁ ପର୍ଯ୍ୟାପ୍ତ ସଂଖ୍ୟକ ନିଯୁକ୍ତି ସୃଷ୍ଟି ହୋଇ ପାରୁନାହିଁ। ଏହି ଆଧାରରେ ଆଫ୍ରିକାର ଅନେକ ଦେଶର ପ୍ରକୃତ ଆୟ କମିବା ସହ ଦାରିଦ୍ର୍ୟ ବଢୁଛି। ୨୦୨୦-୨୧ରେ ଅଭିବୃଦ୍ଧିଶୀଳ ଅର୍ଥନୀତିଗୁଡିକରେ ଦାରିଦ୍ର୍ୟ ବଢିବ ବୋଲି ଆଇଏଲଓ ଏହାର ରିପୋର୍ଟରେ କହିଛି। ଏଭଳି କାରଣ ଯୋଗୁ ୨୦୩୦ ସୁଦ୍ଧା ନିରନ୍ତର ବିକାଶ ଲକ୍ଷ୍ୟ-୧ ହାସଲ କରିବା କଷ୍ଟକର ହେଉଥିବା କୁହାଯାଇଛି।

ବର୍ତ୍ତମାନ ୬୩୦ ନିୟୁତ ଶ୍ରମିକଙ୍କ କ୍ଷେତ୍ରରେ ଦାରିଦ୍ର୍ୟ ଦେଖାଯାଏ। ବିଶ୍ୱର ମୋଟ କାର୍ଯ୍ୟ କରୁଥିବା ଜନସଂଖ୍ୟାର ଏହା ଏକ ପଞ୍ଚମାଂଶ। ଲିଙ୍ଗଗତ ଅସମାନତା, ବୟସ, ଭୌଗୋଳିକ ଅବସ୍ଥିତ ନିଯୁକ୍ତି ବଜାର ଉପରେ ପ୍ରଭାବ ପକାଉଛି। ଏହା ଦ୍ୱାରା ବ୍ୟକ୍ତିବିଶେଷ ଲାଗି ରହିଥିବା ସୁଯୋଗ ଏବଂ ଅର୍ଥନୈତିକ ଅଭିବୃଦ୍ଧିକୁ ସଙ୍କୁଚିତ କରୁଛି। ରିପୋର୍ଟ ମୁତାବକ, ୧୫ରୁ ୨୪ ବର୍ଷର ୨୬୭ ନିୟୁତ ଯୁବବର୍ଗ ଶିକ୍ଷା, ତାଲିମ କିମ୍ବା ଚାକିରିରେ ନାହାନ୍ତି। ଏହା ସହ ଅନେକ ଲୋକ ଖରାପ ସ୍ଥିତିରେ କାମ କରୁଛନ୍ତି। ବିଭିନ୍ନ ବାଣିଜ୍ୟ କଟକଣା, ସଂରକ୍ଷଣବାଦ ମଧ୍ୟ ନିଯୁକ୍ତି ଉପରେ ଗଭୀର ପ୍ରଭାବ ପକାଉଛି। ଯାହା ଚିନ୍ତାର କାରଣ ବୋଲି କୁହାଯାଇଛି।



## ଜିଲା ଚିଠି

### ଖୋର୍ଦ୍ଧା

# ଆବାସ ଦୁର୍ନୀତି

ବେଗୁନିଆ ବ୍ଲକର ଗଡ଼ମାଣତିର ଓ ପୋଡ଼ାଡ଼ିହ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଦୁର୍ନୀତି ପର୍ଦ୍ଦାଫାଶ ହେବା ପରେ ମଧ୍ୟ ଏଥିରେ ଲାଗିପାରୁନି ରୋକ। ଦୁର୍ନୀତିର ଚେର ଏତେ ଗଭୀରକୁ ଚାଲିଯାଇଛି ଯେ ପ୍ରଶାସନର କାର୍ଯ୍ୟାନୁଷ୍ଠାନ ଦୁର୍ନୀତିଗ୍ରସ୍ତଙ୍କୁ ରୋକିପାରୁନି। ଦୁର୍ନୀତି ପଛରେ ସରକାରୀ କର୍ମଚାରୀ ଓ ଅଧିକାରୀ, ଲୋକ ପ୍ରତିନିଧି ଏବଂ ଦଲାଲ ସମ୍ପୃକ୍ତ। ହାତଗୁଞ୍ଜା ଦେଲେ ସ୍ୱଚ୍ଛଳ ବର୍ଗ ପାଉଛନ୍ତି ଆବାସ ଯୋଜନାରେ କାର୍ଯ୍ୟାଦେଶ। ଘର ନ କରି ଅନ୍ୟର ଘର ଦେଖାଇ ମଧ୍ୟ ମିଳିଯାଉଛି ବିଲ୍। ଗଡ଼ମାଣତିର ଓ ପୋଡ଼ାଡ଼ିହରେ ଏପରି କିଛି ଅଭିଯୋଗର ପ୍ରମାଣ ମିଳିସାରିଛି। ପୋଡ଼ାଡ଼ିହ ଆବାସ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ କରୁଛି। ଖୋର୍ଦ୍ଧା ଜିଲାର ବିଭନ୍ନ ବ୍ଲକରେ ଆବାସ ଯୋଜନାରେ ଏପରି ଅଭିଯୋଗ ହୋଇ ଆସୁଛି। ତେବେ ସବୁ ଆବାସ ଅଭିଯୋଗ ତଦନ୍ତ ପରିସରଭୁକ୍ତ ହେଉନାହିଁ। ଗଡ଼ମାଣତିର ଆବାସ ଦୁର୍ନୀତିରେ କଲେଜରେ କାର୍ଯ୍ୟରତ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଦଲାଲି କରି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଥିଲେ। କିଛିଦିନ ତଳେ ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ଦଲାଲଙ୍କୁ ଚିହ୍ନଟ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ସେହିପରି ଏହି ଦୁର୍ନୀତିରେ ୨ଜଣ ଦଲାଲ ଫେରାର ଅଛନ୍ତି। ସେମାନେ ଗାଁରେ ବୁଲୁଥିଲେ ମଧ୍ୟ ସେମାନଙ୍କୁ ପୋଲିସ ଗିରଫ କରୁନି। କାରଣ ସେହି ଦଲାଲ ଦ୍ୱୟଙ୍କ ଉପରେ କେତେଜଣ ନେତାଙ୍କ ଆଶୀର୍ବାଦ ରହିଛି। ପୋଡ଼ାଡ଼ିହ ପଞ୍ଚାୟତର ଆବାସ ଦୁର୍ନୀତିରେ ୨ଜଣ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ) ନିଲମ୍ବିତ ହୋଇଥିବାବେଳେ ଜଣେ ବିଡିଓ, ଏବିଡିଓଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାରଙ୍କୁ ଖୋର୍ଦ୍ଧା ଜିଲାପାଳ ସୁପାରିସ କରିଛନ୍ତି। ପୋଡ଼ାଡ଼ିହ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପରେ ଭତ୍ତା ଓ ଫନୀ ବାତ୍ୟାରେ ହୋଇଥିବା ଦୁର୍ନୀତିର ଗୁମର ଫିଟିଛି। ଏଠାରେ ମୃତଲୋକଙ୍କ ନାଁରେ ଭତ୍ତା ବଣ୍ଟନ ଚାଲିଛି। ପ୍ରାୟ ୫୦ରୁ ଊର୍ଦ୍ଧ୍ୱ କାର୍ଡ ମୃତବ୍ୟକ୍ତିଙ୍କ ନାଁରେ ରହିଛି। ଏପରି କି ଫନୀ ବାତ୍ୟାରେ ମୃତବ୍ୟକ୍ତିଙ୍କୁ ବିପନ୍ନ ଦର୍ଶାଇ ସହାୟତା ବଣ୍ଟନ କରାଯାଇଛି। ଭୁବନେଶ୍ୱର, କଟକ ଜିଲାର ପଣ୍ଡାଳମ, କଟକ ମହାନଗର ନିଗମର କାର୍ଡଧାରୀ ମଧ୍ୟ ପୋଡ଼ାଡ଼ିହ ପଞ୍ଚାୟତରେ ଫନୀ ସହାୟତା ଉଠାଇଛନ୍ତି। ଏହି କେଳେଙ୍କାରୀର ତଦନ୍ତ କରାଗଲେ ପ୍ରକୃତ ତଥ୍ୟ ଜଣାପଡିବ। ଏଥିପାଇଁ ସ୍ୱତନ୍ତ୍ର ଭାବେ ଏକ ଅଭିଯୋଗ ବାକ୍ସ ରଖି ଦୁର୍ନୀତିର ପ୍ରମାଣ ହାତେଇବା ପାଇଁ ଲୋକଙ୍କ ଅଭିଯୋଗ କରିବାକୁ ସୁଯୋଗ ଦିଆଯିବା ଦରକାର। ହେଲେ ପ୍ରଶାସନ ଜାଣି ଅଜଣା। ଦେଖାଯାଉ ଗରିବଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାକୁ କେତେଦିନ ସ୍ୱଚ୍ଛଳ ବର୍ଗ ଉପଭୋଗ କରୁଥିବେ।

– ଲୋକନାଥ ମିଶ୍ର

# ୧୬୯୨ କେଜି ଗଞ୍ଜେଇ ଜବତ, ୧୧ ଗିରଫ

**କୋରୁକେଣ୍ଡା,୨୧ା୧(ଡି.ଏନ.ଏ)**

ମାଲକାନଗିରି ଜିଲା ଓର୍କେଲ ପୋଲିସ ଗଞ୍ଜେଇ ଚାଲାଣ କରୁଥିବା ୧୧ ଜଣ କାଉଡିଆଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୧୬୯୨ କିଲୋ ୬୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ସେମାନେ ହେଲେ ଶ୍ରୀଧର ହରିଜନ, ହରିରାମ ଗଣ୍ଡ, ସଦାଶିବ ହରିଜନ, ଧନୁର୍ଜୟ ସାକ୍ରା, ପଦ୍ମନ ହରିଜନ, ମନବୋଲା ରନ୍ଧାରୀ, ସୋମନାଥ ଅମ୍ପୈ, ବଳରାମ ଗୌଡ଼, ବୁଟି ଅମୈତ, ପଦ୍ମନାଭ କୋଡ଼ି ଏବଂ ମଙ୍ଗଳା ଦିସାରି। ସୋମବାର ସନ୍ଧ୍ୟାରେ ବିଶେଷ ସୂତ୍ରରୁ ଖବର ପାଇ ଚିତ୍ରକୋଣ୍ଡା ଏସଡିପିଓ ସୁନାରାମ ହେମ୍ବ୍ରମଙ୍କ ନିର୍ଦ୍ଦେଶରେ ଥାନା ଅଧିକାରୀ ଜଗଦୀଶ ବାରାଙ୍କ ନେତୃତ୍ୱରେ ଏକ ୧୨ ଜଣିଆ ଟିମ୍ ସୋରଲୁକୋଣ୍ଡା-ଏମଭି ୫୧ ମୁଖ୍ୟ ରାସ୍ତାରେ ଜଗି ରହିଥିଲେ। ରାତି ୧୧ଟାରେ ୪୩ ଜଣ କାଉଡ଼ିଆ ଭାରରେ ଗଞ୍ଜେଇ ବୋହି ନେଉଥିବା ବେଳେ ସେମାନଙ୍କୁ ଅଟକାଇଥିଲେ। ପୋଲିସକୁ ଦେଖି କାଉଡିଆମାନେ ନିଜ ଗଞ୍ଜେଇ କାଉଡି ଛାଡି ଲୁଚି ପଳାଇବାକୁ ଉଦ୍ୟମ କରିଥିଲେ। ସେମାନଙ୍କ ମଧ୍ୟରୁ ପୋଲିସ ୧୧ ଜଣଙ୍କୁ ଧରିଥିଲା। ଅନ୍ୟମାନେ ଲୁଚି ପଳାଇଥିଲେ।

# ମାଟିତଳୁ ମୃତଦେହ ବାହାର କଲା ପୋଲିସ

**ନୂଆପଡା ଅଫିସ/ବୋଡେନ,୨୧ା୧(ଡି.ଏନ.ଏ.):** ନୂଆପଡା ଜିଲା ବୋଡେନ ଥାନା କୋଟଗାଁ (କୁର୍ଲାମୁଣ୍ଡା)ରେ ଜଣେ ମହିଳାଙ୍କୁ ଯୌତୁକ ପାଇଁ ହତ୍ୟା କରି ମାଟିତଳେ ପୋତି ଦିଆଯାଇଥିଲା। ପୋଲିସ ମଙ୍ଗଳବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହକୁ ମାଟି ଖୋଳି ବାହାର କରିଛି। କୋଟଗାଁର ଭଲ ଚିନ୍ଦା (୨୫)ଙ୍କ ସହ ସିନାପାଲି ଥାନା ଅଧୀନ ଚିତାରମା ଗାଁର ଲକ୍ଷ୍ମୀ ଚିନ୍ଦା (୨୦)ଙ୍କ ବିବାହ ହୋଇଥିଲା। ଗତ ଦଶହରାରେ ଲକ୍ଷ୍ମୀ ଗାଁକୁ ଯାଇଥିଲେ। ତାଙ୍କୁ ମୋଟରସାଇକେଲ ସହ ସୁନା ଗହଣା ଆଣିବାକୁ ସ୍ୱାମୀ ଭଲ କହିଥିଲେ। ଗତ ୧୪ ତାରିଖରେ ଲକ୍ଷ୍ମୀ ବାପାଘରୁ ଏକ ମୋଟରସାଇକେଲ ଆଣି ଆସିଥିଲେ। ୧୬ ତାରିଖ ଦିନ ଲକ୍ଷ୍ମୀଙ୍କ ମୃତ୍ୟୁ ଘଟିଥିଲା।

# ୨ ଜଣଙ୍କୁ ୨୦ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡ

**ଫୁଲବାଣୀ ଅଫିସ, ୨୧ା୧**

**ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର ମାମଲା**

ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର ମାମଲାର ବିଚାର କରି ଫୁଲବାଣୀ ପୋକ୍‌ସୋ କୋର୍ଟ ସ୍ୱତନ୍ତ୍ର ବିଚାରପତି ତଥା ଅତିରିକ୍ତ ଜିଲା ଦୌରାଜଜ୍ ସମର ବିଳାସ ବେହେରା ମଙ୍ଗଳବାର ୨ ଦୋଷୀଙ୍କୁ ୨୦ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଉଭୟଙ୍କୁ ୫୭ ହଜାର ଲେଖାଏ ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୬ ମାସ ଜେଲ ଭୋଗିବାକୁ ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ଜରିମାନା ଆଦାୟ ଟଙ୍କା ପୀଡ଼ିତାଙ୍କୁ ଦିଆଯିବ ବୋଲି ଅଦାଲତ କହିଛନ୍ତି। ଅଭିଯୁକ୍ତଦ୍ୱୟ ହେଲେ ବାଲିଗୁଡା ଥାନା ସିନ୍ଧିରିଗାଁ ପଞ୍ଚାୟତ ପାସେରିପଡ଼ାର ଅରୁଣ ସାହୁ ଓ ଖଜୁରିନାଳ ପାଖ ଡୁମୁଡ଼ିସାହିର ରଞ୍ଜିତ ସାହୁ।

୨୦୧୬ ଡିସେମ୍ବର ୨୨ ତାରିଖ ସନ୍ଧ୍ୟାରେ ଛାତ୍ରୀ ଜଣକ ତାଙ୍କ ଘର ପାଖରେ ବୁଲୁଥିଲେ। ଏହି ସମୟରେ ଅରୁଣ ଏବଂ ରଞ୍ଜିତ ଏକ ବାଇକରେ ଆସି ତାଙ୍କୁ ଜୋରଜବରଦସ୍ତ ଉଠାଇ ନେଇଥିଲେ। ଛାତ୍ରୀ ଜଣକ ପାଟି କରିବାରୁ ମୁହଁରେ କପଡ଼ା ବାନ୍ଧି ଦେଇଥିଲେ। ବାଟରେ ସେମାନେ ତାଙ୍କର ଜଣାଶୁଣା ଅରୁଣ ନାୟକଙ୍କୁ ପଛରେ ଆସିବାକୁ କହିଥିଲେ। କିଛି ବାଟ ଯିବା ପରେ ଅରୁଣ ଏବଂ ରଞ୍ଜିତ ଛାତ୍ରୀଙ୍କୁ ବାଇକ୍‌ରୁ ଓହ୍ଲାଇ ଏକ କାର୍‌ରେ ଅଳ୍ପ ଦୂର ନେଇଯାଇ ଏକ ଜଙ୍ଗଲରେ ବଳାତ୍କାର କରିଥିଲେ। ଏହାପରେ ସେମାନେ ପଥରରେ ଛାତ୍ରୀଙ୍କ ମୁହଁକୁ ଛେଚି ହତ୍ୟା ଉଦ୍ୟମ କରିଥିଲେ। ଏହି ସମୟରେ ଅରୁଣ ସେଠାରେ ପହଞ୍ଚି ଯାଇ ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ମାଡ଼ ମାରିଥିଲେ। ଛାତ୍ରୀ ଜଣକ ମରି ଯାଇଥିବା ଭାବି ଦୋଷୀ ୨ ଜଣ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପରେ ସେହି ବାଟ ଦେଇ ଆସୁଥିବା କେତେଜଣ ଲୋକ ପୀଡ଼ିତା ଓ ଅରୁଣଙ୍କ ପାଟି ଶୁଣି ଗୁରୁତର ଅବସ୍ଥାରେ ସେମାନଙ୍କୁ ଉଦ୍ଧାର କରି ବାଲିଗୁଡା ମେଡିକାଲରେ ଭର୍ତ୍ତି କରିଥିଲେ। ପୀଡ଼ିତାଙ୍କ ପରିବାର ଲୋକେ ଘଟଣା ପରଦିନ ଅର୍ଥାତ ୨୩ ତାରିଖରେ ଏହି ଖବରପାଇ ମେଡିକାଲରେ ପହଞ୍ଚିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ପୀଡ଼ିତାଙ୍କୁ ଫୁଲବାଣୀ ମେଡିକାଲକୁ ପଠାଯାଇଥିଲା। ସେଠାରେ ତାଙ୍କର ଚେତା ଫେରିବା ପରେ ଘଟଣା ବିଷୟରେ ପରିବାର ଲୋକଙ୍କୁ କହିଥିଲେ। ଏ ନେଇ ପୀଡ଼ିତାଙ୍କ ମା' ୨୪ ତାରିଖରେ ବାଲିଗୁଡା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୮୭/୧୬ରେ ମାମଲା ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲା। ୧୩ ଜଣଙ୍କ ସାକ୍ଷ୍ୟ ପ୍ରମାଣ, ଡାକ୍ତରୀ ରିପୋର୍ଟ, ଛାତ୍ରୀଙ୍କ ବୟାନକୁ ଆଧାର କରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅସୀମ କୁମାର ପ୍ରହରାଜ ମାମଲା ପରିଚାଳନା କରୁଥିଲେ।



ତୁମେ ନିଜ ଭିତରେ ପବିତ୍ରତାର ଅଗ୍ନିକୁଣ୍ଡ ଜଳାଇ କାହିଁକି ବୀରତ୍ୱର ସହିତ ତା'ଭିତରେ ପଶି ନିଜକୁ ଶୁଦ୍ଧ କରୁ ନାହିଁ ? ତା'ହେଲେ ଏହି ଭୟଙ୍କର ଏବଂ ପ୍ରଚଣ୍ଡ ଧ୍ୱଂସକାରୀ ଶକ୍ତି- ଯାହାକି ସମଗ୍ର ସଭ୍ୟତାକୁ ଅନ୍ଧକାର ମଧ୍ୟରେ ନିକ୍ଷିପ୍ତ କରିଦେବାକୁ ବସିଛି- ତାହା ଆଉ ତୁମକୁ ଆକ୍ରାନ୍ତ କରିପାରନ୍ତା ନାହିଁ।
-ଶ୍ରୀମା



# ବଜେଟରେ କ'ଣ ଗୁରୁତ୍ୱ ପାଇବା ଉଚିତ

ଡ. ସନ୍ତୋଷ କୁମାର ମହାପାତ୍ର

ବଜେଟ କେବଳ ଆୟବ୍ୟୟର ବାର୍ଷିକ ଅଟକଳ ନୁହେଁ, ସରକାର ଅର୍ଥନୀତିକୁ କିପରି ପରିଚାଳନା କରିବାକୁ ଚାହାନ୍ତି, କେଉଁ କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦେବେ, କିପରି ସମ୍ବଳ ସଂଗ୍ରହ କରିବେ ଓ ବଣ୍ଟନ କରିବେ, ତାହା ବଜେଟରେ ପ୍ରତିଫଳିତ ହୋଇଥାଏ। ରାଜ୍ୟମାନେ ତାଙ୍କ ସମ୍ବଳ ପାଇଁ ମୁଖ୍ୟତଃ କେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। କେନ୍ଦ୍ର ସରକାର ଅର୍ଥ କମିଶନଙ୍କ ସୁପାରିସ ଅନୁଯାୟୀ ପାଣ୍ଠି ହସ୍ତାନ୍ତର କରିଥାନ୍ତି। ଏହା ଆମ ସଂଘୀୟ ବ୍ୟବସ୍ଥାର ଏକ ଅଂଶ।

ଫେବ୍ରୁୟାରୀ ୧ରେ କେନ୍ଦ୍ର ଅର୍ଥମନ୍ତ୍ରୀ କେନ୍ଦ୍ର ବଜେଟ ଉପସ୍ଥାପନ କଲାବେଳେ ଫେବ୍ରୁୟାରୀ ମଧ୍ୟଭାଗରେ ରାଜ୍ୟ ଅର୍ଥମନ୍ତ୍ରୀ ରାଜ୍ୟ ବଜେଟ ଉପସ୍ଥାପନ କରିବେ। ରାଜ୍ୟ ସରକାର ନିକଟରେ ଦୁଇଟି ପର୍ଯ୍ୟାୟରେ ବିଭିନ୍ନ ପ୍ରଶାସକ, ମନ୍ତ୍ରୀ, ଅର୍ଥନୀତିଜ୍ଞ, ପୁସ୍ତକାର, ସାମାଜିକ ନାଗରିକ, ଶ୍ରମିକ ସଙ୍ଗଠନଙ୍କଠାରୁ ବଜେଟ ସମ୍ପର୍କରେ ମତ ନେଇଛନ୍ତି, ଯେଉଁଥିରେ ଆମେ ଯୋଗ ଦେଇ ମତ ଦେଇଥିଲୁ। ବର୍ତ୍ତମାନ ଉଭୟ କେନ୍ଦ୍ର ଓ ରାଜ୍ୟ ପାଇଁ ପ୍ରମୁଖ ସମସ୍ୟା ହେଉଛି ସମ୍ବଳ ଅଭାବ। ବର୍ତ୍ତମାନ ପ୍ରମୁଖ ସମସ୍ୟା ହେଉଛି ଦେଶରେ ଆର୍ଥିକ ମାନ୍ଦାବସ୍ଥା ଓ ମୁଦ୍ରାସ୍ଫୀତି। ତାହାଦ୍ୱାରା କେନ୍ଦ୍ରର ରାଜସ୍ୱ ଆଦାୟ ହ୍ରାସ ଓ ବ୍ୟୟ ସଙ୍କୋଚନ ଆଶଙ୍କା ଦେଖାଦେଇଛି। ଫଳରେ ରାଜ୍ୟ ସରକାର କେନ୍ଦ୍ରଠାରୁ ଯେତିକି ଅର୍ଥ ପାଇବା କଥା ତାହା ଚଳିତ ଆର୍ଥିକବର୍ଷ ଏବଂ ଆଗାମୀ ବର୍ଷରେ କମ୍ ହେବ। ମାନ୍ଦାବସ୍ଥା ଯୋଗୁ ରାଜ୍ୟ ସରକାରଙ୍କର ଟିକସ ଆଦାୟ ମଧ୍ୟ ବାଧାପ୍ରାପ୍ତ ହେବ। ଏଣୁ ଏହି ସମୟରେ କିପରି ଅଧିକ ସମ୍ବଳ ଆଦାୟ କରିହେବ ତାହା ପ୍ରତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଧ୍ୟାନ ଦେବା ଆବଶ୍ୟକ। ଉଲ୍ଲେଖଯୋଗ୍ୟ, ତ୍ରୟୋଦଶ ଅର୍ଥ କମିଶନଙ୍କ ସୁପାରିସ ଅନୁଯାୟୀ ରାଜ୍ୟ ସରକାରଙ୍କ ନିଜସ୍ୱ ଟିକସ-ଜିଏସ୍‌ଡିପି ଅନୁପାତ ୬.୭୫% ସର୍ବନିମ୍ନ ରହିବା କଥା। କିନ୍ତୁ ଓଡ଼ିଶାରେ ୨୦୧୯-୨୦ରେ ୬.୧୦% ଧାର୍ଯ୍ୟ କରାଯାଇଥିଲା। ଅବଶ୍ୟ ଅନେକ ରାଜ୍ୟ କ୍ଷେତ୍ରରେ ଏହା ମଧ୍ୟ ଓଡ଼ିଶାଠାରୁ କମ୍। ସେହିପରି ଭାରତର ଟିକସ-ଜିଡିପି ଅନୁପାତ ପ୍ରାୟ ୧୭.୭% ପାଖାପାଖି, ଯାହା ବିଶ୍ୱରେ ସର୍ବନିମ୍ନ କହିଲେ ଭୁଲ୍ ହେବନାହିଁ। ଅନେକ ଉନ୍ନତ ଦେଶରେ ଏହା ୨ ଗୁଣ। ଏଣୁ ଯଦି ଅଭିବୃଦ୍ଧି ଅନୁସାରେ ଟିକସ ଆଦାୟ ନ ହେଲା ତେବେ ସରକାରୀ ବ୍ୟୟ ବୃଦ୍ଧିପାଇବ କିପରି? ଭାରତରେ ଯେଉଁମାନେ ସରକାରରେ ରହୁଛନ୍ତି ସେମାନେ ଟିକସ ଫାଙ୍କି ରୋକିବାରେ ବିଫଳ ହେବା ସହିତ ଧନିକ ଶ୍ରେଣୀ ଏବଂ କର୍ପୋରେଟମାନଙ୍କଠାରୁ ଅଧିକ ଟିକସ ଆଦାୟ କରିବାରେ ବିଫଳ। ନିକଟରେ ପ୍ରଭାବୀ କର୍ପୋରେଟ ଟିକସ ୩୫%ରୁ ୨୫.୧%କୁ ଅର୍ଥମନ୍ତ୍ରୀ ହ୍ରାସ କରିବା ସତ୍ତ୍ୱେ କମ୍ପାନୀମାନେ ପୁଣି ଏହାକୁ ୧୫%କୁ ହ୍ରାସ କରିବାକୁ ଦାବି କରୁଛନ୍ତି। ଏପରିକି ଦୀର୍ଘକାଳୀନ ପୁଞ୍ଜି ଲାଭ କରି ଲାଭାଂଶ ବଣ୍ଟନ ଟିକସ ଉଚ୍ଛେଦ ପାଇଁ ଚାହୁଁଛନ୍ତି। ପ୍ରଶ୍ନ ହେଉଛି ସରକାର କାହା ଉପରେ ଟିକସ ଧାର୍ଯ୍ୟ କରିବେ? ମାନ୍ଦାବସ୍ଥାକୁ ପ୍ରତିହତ କରିବା ପାଇଁ ଅଧିକ ସରକାରୀ ବ୍ୟୟ କରିବା ଉଚିତ। ସାଧାରଣ ଜନତା ବ୍ୟବହାର କରୁଥିବା ଦ୍ରବ୍ୟ ଉପରୁ ଟିକସ ହ୍ରାସ କରିବା ଉଚିତ। ଅପରପକ୍ଷରେ ସମ୍ପଦ କର ଓ ଉତ୍ତରାଧିକାରୀ କର ଧାର୍ଯ୍ୟ କରି ଅଧିକ ସମ୍ବଳ କେନ୍ଦ୍ର ସରକାର ଆଦାୟ କରିବା ଉଚିତ। ରାଷ୍ଟ୍ରାୟତ୍ତ ଶିଳ୍ପର ଘରୋଇକରଣରୁ ନିବୃତ୍ତ ରହିବା ଆବଶ୍ୟକ କାରଣ ଏହାଦ୍ୱାରା ରାଷ୍ଟ୍ରର କ୍ଷମତା କେବଳ ହ୍ରାସ ପାଉନି, ରାଷ୍ଟ୍ରର ସମ୍ପତ୍ତି ବ୍ୟକ୍ତିଗତ ମାଲିକାନାକୁ ଚାଲିଯାଉଛି। ରାଜ୍ୟ ସରକାର ମଧ୍ୟ ଟିକସ ଫାଙ୍କି ରୋକିବା ସହିତ ଅନାଦାୟ ଟିକସ ଆଦାୟ କରିବା ଉଚିତ। ପୁନଶ୍ଚ ରାଜ୍ୟ ସରକାର ପ୍ରଦୂଷଣ ଟିକସ, ରିୟଲ ଇଷ୍ଟେଟ ଉପରେ ଟିକସ, ଦାମୀ ଗାଡି ଉପରେ ଅଧିକ ଟିକସ ଧାର୍ଯ୍ୟକରିବା ଉଚିତ। ବ୍ୟବହୃତ ହେଉ ନ ଥିବା ଜାଗା, ବନ୍ଦ ହୋଇଥିବା ଶିଳ୍ପର କ୍ୱାର୍ଟର୍ସ ବ୍ୟବହାର କରି ରାଜସ୍ୱ ଆଦାୟ କରିବା ଉଚିତ। କିପରି ସାଧାରଣ ଜନତାଙ୍କୁ କ୍ଷତି ନ ପହଞ୍ଚାଇ ଧନିକ ଶ୍ରେଣୀଠାରୁ ଅଧିକ ରାଜସ୍ୱ ଆଦାୟ ହେବ ସେଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାର କମିଟି ବସାଇବା ଉଚିତ। କାରଣ ଅର୍ଥ ନ ଥିଲେ ଚାହିଁଲେ ବି କିଛି କରି ହେବନାହିଁ।

ଯେଉଁସବୁ କ୍ଷେତ୍ର ବା ସୂଚକାଙ୍କରେ ଓଡ଼ିଶା ଜାତୀୟ ହାରଠାରୁ ପଛରେ ଅଛି, ସେହି ସବୁ ସୂଚକାଙ୍କରେ ଉନ୍ନତି ଆଣିବା ପାଇଁ ବଜେଟରେ ରାଜ୍ୟ ସରକାର ପଦକ୍ଷେପ ନେବା ଉଚିତ। ଡିସେମ୍ବର ୨୦୧୯ର ତଥ୍ୟ ଅନୁସାରେ ଜାତୀୟ ହାରରେ ଖୁଚୁରା ମୁଦ୍ରାସ୍ଫୀତି ହାର ୭.୩୫% ହୋଇଥିଲା ବେଳେ ଓଡ଼ିଶାରେ ଏହା ୯.୪୧%। ଗ୍ରାମାଞ୍ଚଳରେ ମୁଦ୍ରାସ୍ଫୀତି ହାର ୯.୭୩%, ଯାହା ଭାରତରେ ସର୍ବାଧିକ। ସହରାଞ୍ଚଳରେ ଏହା ୮.୫%, ଯାହା ୪ର୍ଥ ସର୍ବାଧିକ। ଏଣୁ ଏହା ପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ। ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟରେ ନୂତନ ନିଯୁକ୍ତି ହେଉନାହିଁ, ବରଂ ହ୍ରାସ ପାଉଛି। କେନ୍ଦ୍ର ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି, ମୁକ୍ତ ଅର୍ଥନୀତିର କୁପ୍ରଭାବ ଉଭୟ କେନ୍ଦ୍ର ଓ ରାଜ୍ୟ ଉପରେ ପଡୁଛି। ବିମୁଦ୍ରୀକରଣ ଏବଂ ତ୍ରୁଟିପୂର୍ଣ୍ଣ ଜିଏସ୍‌ଟିର କୁପ୍ରଭାବ ନିଯୁକ୍ତି ଉପରେ ପଡିଛି। ୨୦୧୭-୧୮ ତଥ୍ୟ ଅନୁସାରେ କେନ୍ଦ୍ରର ବେକାରି ହାର ୬.୧% ହୋଇଥିଲା ବେଳେ ଓଡ଼ିଶାରେ ଏହା ୭.୧%। ଏଣୁ ଉଭୟ କେନ୍ଦ୍ର ଓ ରାଜ୍ୟ ପ୍ରଥମେ ଖାଲିପଡିଥିବା ସ୍ଥାନ ପୂରଣ କରିବା ଆବଶ୍ୟକ। ବିଶେଷକରି ଶିକ୍ଷା, ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେବା ଉଚିତ। ଶିକ୍ଷା ଓ ସ୍ୱାସ୍ଥ୍ୟର ବ୍ୟାପକ ଘରୋଇକରଣ ଓ ଅଧିକ ବ୍ୟୟସାପେକ୍ଷ ହେବା ଯୋଗୁ ଜନସାଧାରଣଙ୍କ କ୍ରୟଶକ୍ତି ହ୍ରାସ ପାଉଛି। ଚାହିଦା ହ୍ରାସ ପାଇଁ ବିଭିନ୍ନ ପ୍ରକାର ଆର୍ଥିକ ସମସ୍ୟା ଦେଖାଦେଉଛି। ଅସଙ୍ଗଠିତ କ୍ଷେତ୍ର ତଥା ଅଣଆନୁଷ୍ଠାନିକ କ୍ଷେତ୍ରରେ ନିଯୁକ୍ତି ସୃଷ୍ଟି ମଧ୍ୟ ସଙ୍ଗଠିତ କ୍ଷେତ୍ରର ନିଯୁକ୍ତି ବୃଦ୍ଧି ସହିତ ଓତପ୍ରୋତ ଭାବେ ଜଡିତ, ଯାହା ପ୍ରତି ସରକାର ଧ୍ୟାନଦେବା ଉଚିତ। ଯେପରି ବାଙ୍ଗାଲୋରରେ ଆଇଟି ସେକ୍ଟର ବୃଦ୍ଧି ଘଟିଛି, ଓଡ଼ିଶାରେ ସେପରି ପ୍ରଚେଷ୍ଟା କରିବା ଉଚିତ। ଅଧିକାଂଶ ଓଡ଼ିଆ ପିଲା ବାଙ୍ଗାଲୋରକୁ ଚାକିରି ପାଇଁ ଯାଉଛନ୍ତି। ଏଠାରେ ଆଇଟି ସେକ୍ଟରର ଅଭିବୃଦ୍ଧି ଘଟିଲେ ନିଯୁକ୍ତି କେବଳ ସୃଷ୍ଟି ହେବନି ଓଡ଼ିଶା ପିଲା ଏଠାରେ ଚାକିରି କରିବେ ଏବଂ ଓଡ଼ିଶାର ଅଧିକ ବିକାଶ ହେବ। ସେହିପରି ବର୍ତ୍ତମାନ ଡ୍ରାଇଭରଙ୍କ ଘୋର ଅଭାବ ରହିଛି। ସରକାର ବିଭିନ୍ନ ସ୍ଥାନରେ ଡ୍ରାଇଭିଂ ଅନୁଷ୍ଠାନ ଖୋଲି ମାଗଣା ତାଲିମ ଦେବା ଆବଶ୍ୟକ। ସେମାନଙ୍କୁ ଲାଇସେନ୍ସ ଦେବା ସହିତ ତାଙ୍କର ମଜୁରି ମଧ୍ୟ ସ୍ଥିର କରିବା ଆବଶ୍ୟକ। ଯିଏ ଚାହିଁବ ଦିନିକିଆ ବା ମାସିକିଆ ଭାବେ ତାଙ୍କୁ ନେଇପାରିବ। ମହିଳାମାନେ ମଧ୍ୟ ଏହି କ୍ଷେତ୍ରରେ ପ୍ରବେଶ କରିପାରିବେ।

କୃଷି କ୍ଷେତ୍ର ଆଜି ଅବହେଳିତ। ଚାଷୀ ଆତ୍ମହତ୍ୟା ଏବଂ ଚାଷୀ ତା' ଦ୍ରବ୍ୟର ପ୍ରକୃତ ମୂଲ୍ୟ ନ ପାଇବା ଏକ ବଡ ସମସ୍ୟା। ରାଜ୍ୟର ଅନେକ ଶୀତଳଭଣ୍ଡାର ଅଚଳ। ତାକୁ ପୁନଃକ୍ଷମ କରିବା ଏବଂ ନୂତନ ପ୍ରତିଷ୍ଠା କରିବା ଆବଶ୍ୟକ। ଚାଷୀମାନେ ଯେଉଁ ଶସ୍ୟହାନିର ସମ୍ମୁଖୀନ ହେଉଛନ୍ତି ତାହାର ଭରଣା ପାଇଁ ଶସ୍ୟବୀମାକୁ ବ୍ୟାପକ କରିବା ଜରୁରୀ। ପ୍ରତ୍ୟେକ ବର୍ଷ କେତେ ଜମି ଜଳସେଚିତ ହେଲା ତାହାର ତଥ୍ୟ ପ୍ରଦାନ ସହ ତାହା ବୃଦ୍ଧି କରିବା ଆବଶ୍ୟକ। ଚାଷୀମାନେ କେବଳ ନିର୍ଦ୍ଦିଷ୍ଟ ଫସଲ ଉତ୍ପାଦନକୁ ପ୍ରାଧାନ୍ୟ ନ ଦେଇ ଅନ୍ୟ ଫସଲ କିପରି ଚାଷ କରିବେ ତାହା ପ୍ରତି ସରକାର ପ୍ରାଧାନ୍ୟ ଦେବା ଦରକାର। ଏବେ ବି ଓଡ଼ିଶା ଆଳୁ, ମାଛ, ଅଣ୍ଡା, ଫୁଲ, ପିଆଜ ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ। ରାଜ୍ୟ ସରକାର ଏକାବେଳେ ସବୁ କ୍ଷେତ୍ର ଉପରେ ଗୁରୁତ୍ୱ ନ ଦେଇ ଗୋଟିଏ ବର୍ଷରେ ଗୋଟିଏରେ ଆତ୍ମନିର୍ଭରଶୀଳ ହେବା ପାଇଁ ପଦକ୍ଷେପ ନିଅନ୍ତୁ। ଶସ୍ତାରେ ଋଣ ଦିଅନ୍ତୁ। ସେହିପରି ଅଣସଙ୍ଗଠିତ କ୍ଷେତ୍ରର ଶ୍ରମିକମାନଙ୍କ ପାଇଁ କର୍ପସ ପାଣ୍ଠି ଗଠନ କରନ୍ତୁ। ଯଦି ସରକାର ଠିକା ନିଯୁକ୍ତି ଦେଉଛନ୍ତି ତାହା କୌଣସି ଏଜେନ୍ସି ଦ୍ୱାରା ନ ଦେଇ ନିଜେ ଦିଅନ୍ତୁ, ଯାହାକୁ ଭବିଷ୍ୟତରେ ସ୍ଥାୟୀ କରିବେ। ଏଜେନ୍ସିମାନେ ଠିକା ଚାକିରିଆଙ୍କୁ ଶୋଷଣ କରୁଛନ୍ତି।

ବର୍ତ୍ତମାନ ଦେଶରେ ଯୌଥ ପରିବାର ଖଣ୍ଡବିଖଣ୍ଡିତ ହେବା ସହିତ ଅଧିକାଂଶ ପିଲା ବାହାରେ ରହିବା ଯୋଗୁ ବାର୍ଦ୍ଧକ୍ୟ ଅବସ୍ଥାରେ ଅନେକ ଲୋକଙ୍କ ପାଖରେ ପ୍ରଚୁର ଅର୍ଥ ଥାଇ ମଧ୍ୟ ତାଙ୍କ ଯତ୍ନ ନେବା ପାଇଁ ବିଶ୍ୱସ୍ତ ଲୋକ ମିଳୁନାହାନ୍ତି। ଏଣୁ ସରକାର ଅନେକ ମହିଳା, ନର୍ସ, ପୁରୁଷମାନଙ୍କୁ ସ୍ୱତନ୍ତ୍ର ଲାଇସେନ୍ସ ପ୍ରଦାନ କରନ୍ତୁ। ସେମାନେ ମଧ୍ୟ ହସ୍ପିଟାଲରେ ରୋଗୀର ସହାୟକଭାବେ କାର୍ଯ୍ୟ କରିପାରିବେ। ଆହୁରି ମଧ୍ୟ ସରକାର ବିଭିନ୍ନ ଫ୍ଲାଟକୁ ଭଡ଼ାରେ ନେଇ ଜରାନିବାସ ଭାବେ ବ୍ୟବହାର କରିପାରିବେ। ଗରିବ ଅସହାୟ ବୟସ୍କମାନଙ୍କ ପାଇଁ ମଧ୍ୟ ଅନୁରୂପ ସେବା ପ୍ରଦାନ କରିବା ପାଇଁ ଏନ୍‌ଜିଓମାନଙ୍କୁ ପ୍ରୋତ୍ସାହନ ଦେବା ଉଚିତ। ଅନେକ ଲୋକ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀର ଅଭାବ ତଥା ସାମାନ୍ୟ ରକ୍ତଚାପ ଏବଂ ମଧୁମେହ ଔଷଧ ଜାଣିଶୁଣି ନ ଖାଇବା ଯୋଗୁ ହୃଦ୍‌ଘାତ, ମସ୍ତିଷ୍କଘାତ, ପକ୍ଷାଘାତ, ବୃକ୍କ ଅଚଳ ପରି ରୋଗରେ ପଡୁଛନ୍ତି ବା ମରୁଛନ୍ତି। ଏହି ରୋଗ ଯୋଗୁ ସେମାନେ ସର୍ବସ୍ୱାନ୍ତ ହେଉଛନ୍ତି। ଯଦି ସାମାଜିକ ସଚେତନତା ସୃଷ୍ଟି କରାଯାଆନ୍ତା ଏବଂ ଗରିବ ଶ୍ରେଣୀଙ୍କୁ ଔଷଧ ମାଗଣାରେ ଯୋଗାଯାଇ ପାରନ୍ତା ତେବେ ଅନେକେ ଦାରିଦ୍ର୍ୟର ଗହ୍ୱରକୁ ଠେଲି ହୋଇଯାଆନ୍ତେ ନାହିଁ। ବିଭିନ୍ନ ଅଞ୍ଚଳରେ ସାମାଜିକ ମଙ୍ଗଳ ଅଧିକାରୀ ନିଯୁକ୍ତ ହେବା ଆବଶ୍ୟକ। ପୁନଶ୍ଚ ପର୍ଯ୍ୟଟନର ବିକାଶ ହେଲେ ମଧ୍ୟ ଅଧିକ ନିଯୁକ୍ତି ସୃଷ୍ଟି ହେବ। ଆମ ରାଜ୍ୟରେ ଏପରି ଅନେକ ସ୍ଥାନ ରହିଛି ଯାହାର ବିକାଶ କରାଗଲେ ତାହା ଉନ୍ନତ ପର୍ଯ୍ୟଟନସ୍ଥଳୀ ଭାବେ ଉଭା ହୁଅନ୍ତା। ପରୋକ୍ଷରେ ନିଯୁକ୍ତି ସୃଷ୍ଟି ହୁଅନ୍ତା। ସରକାର ମଧ୍ୟ ଅନାବଶ୍ୟକ ବ୍ୟୟ ହ୍ରାସ କରିବା ଉଚିତ। ଭିଆଇପି ସଂସ୍କୃତିକୁ ଲୋପ କରିବା ଉଚିତ। ରାଜ୍ୟ ସରକାରଙ୍କ ଅଫିସରେ ବିଭିନ୍ନ କାର୍ଯ୍ୟ ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ରହିବା ଉଚିତ। ଗୋଟିଏ ଦସ୍ତଖତ ପାଇଁ ମାସେ ଲାଗିବା ଅନୁଚିତ। ଯେତେବେଳେ ସମ୍ବଳ ଅଭାବ ସେତେବେଳେ ପ୍ରଶାସନିକ ଦକ୍ଷତା, ସୁଶାସନ ଓ କର୍ମଚାରୀଙ୍କ କର୍ତ୍ତବ୍ୟନିଷ୍ଠା ଯୋଗୁ ମଧ୍ୟ ପ୍ରଗତି ହାସଲ କରାଯାଇପାରିବ।

ମୋ-୯୪୩୭୨୦୮୭୬୨,
skmohapatra67@gmail.com

# ବାପାଙ୍କ ସାଙ୍ଗ ଓ ମୁଁ

ଡା. ସୁରେନ୍ଦ୍ର ନାଥ ପତି

ପ୍ରାତଃଭ୍ରମଣ ସମୟରେ ମୋ ବାପାଙ୍କର ସାଙ୍ଗ ଦିନେ କହିଲେ, ''ବାବା, ତମ ବାପା ୪୫ ବର୍ଷ ବୟସରେ ବୁଢ଼ା ପରି ଦିଶୁଥିଲେ। ତୁମକୁ ପ୍ରାୟ ୬୦ ବର୍ଷ ହେବଣି, କାହିଁ ବୁଢ଼ା ପରି ଲାଗୁନ ? ମୁଁ ମୋ ଗେଟ୍‌ଠାରୁ ଆଗକୁ ଯାଇ ତ ପାରୁନି।'' ମୋର ସ୍ୱର୍ଗତ ପିତାଙ୍କର ଛବି ମୋ ମାନସପଟରେ ଭାସିଉଠିଲା। ତାଙ୍କର ସବୁ ବାଳ ଧଳା ହୋଇଯାଇଥିଲା। ଦାନ୍ତ କେତୋଟି ପଡ଼ିଯାଇଥିଲା। କିଛି ଚୋବାଇ ଖାଇପାରୁ ନ ଥିଲେ, ବିନା ଚଷମାରେ ଖବରକାଗଜ ପଢ଼ିପାରୁ ନ ଥିଲେ, ପରିଷ୍କାର ଶୁଣିପାରୁ ନ ଥିଲେ। କିନ୍ତୁ ସିଧା ଠିଆହୋଇ ପାରୁଥିଲେ। ସାଇକେଲରେ ବନ୍ଧୁବାନ୍ଧବଙ୍କ ଘରକୁ ଯାଉଥିଲେ। ଗୁଡ଼ିଆ ଦୋକାନରେ ମିଠା ବହୁତ ଖାଉଥିଲେ ଓ ଏହି ମଉସାଙ୍କୁ ଖୁଆଉ ଥିବାର ଶୁଣିଛି। ମୁଁ କହିଲି, ''ହଁ ମଉସା, ମୋର ଆଣ୍ଠୁ ଦରଜ ହେଲାଣି। ଔଷଧ ଖାଇବା ଟାଇମ୍ ହେଲାଣି, ଘରକୁ ଆସି ମୁଁ କଥାବାର୍ତ୍ତା କରିବି।''

ସେଦିନ ଉପରବେଳା ତାଙ୍କ ଘରକୁ ଗଲି। ଦାଣ୍ଡପିଣ୍ଡାରେ ଆମେ ବସିଲୁ। ସେ ଚା ମଗାଇଲେ। କହିଲି, ଆମେ ସମସ୍ତେ ବୟସ ବଢ଼ିବା ଯୋଗୁ ଏଜିଂ ପ୍ରସେସ୍‌ରେ ଅଛେ। ପିଲାବେଳୁ ୩୦ ବର୍ଷ ହେବା ପର୍ଯ୍ୟନ୍ତ ସବୁ ଠିକ୍ ରହେ। ତା' ପରେ ଶରୀରର କ୍ଷମତା ସବୁ କ୍ଷେତ୍ରରେ କମି କମି ଆସେ। ମାଂସପେଶୀର ସଂକୋଚନ ପ୍ରସାରଣ କମେ, ଶକ୍ତି ମଧ୍ୟ। ୪୦ ବର୍ଷ ବେଳକୁ ଦୃଷ୍ଟିଶକ୍ତି ହ୍ରାସ ପାଇ ପାଖ ଜିନିଷ ଭଲକରି ଦେଖାଯାଏ ନାହିଁ। ଦାନ୍ତ ହଲିବା ଆରମ୍ଭ ହୁଏ। ୫୦ ବର୍ଷ ହେଲା ବେଳକୁ ବାଳ ପାଚିବା ଆରମ୍ଭ କରେ। ୬୦-୬୪ ବର୍ଷ ହେଲା ବେଳକୁ ଅଧେ ଲୋକଙ୍କର ଗଣ୍ଠିବ୍ୟଥା (ଅଷ୍ଟିଓ ଆର୍ଥ୍ରାଇଟିସ) ରୋଗ ଦେଖାଯାଏ। ବଧିରତା ଆସେ, ସ୍ତ୍ରୀଲୋକଙ୍କର ଋତୁସ୍ରାବ ୪୦-୪୫ ବର୍ଷ ବେଳକୁ ବନ୍ଦ ହୋଇଯାଏ। ଧମନୀଗୁଡ଼ିକର ଭିତର ପଟେ ଚର୍ବି ଜମିଯିବାରୁ ତା'ର ସଂକୋଚନ ପ୍ରସାରଣ ବାଧିତ ହୋଇ ଉଚ୍ଚ ରକ୍ତଚାପ ଦେଖାଯାଏ। ଏହା ଷ୍ଟ୍ରୋକ୍, ହାର୍ଟ ଆଟାକ୍‌ର କାରଣ ହୋଇଥାଏ। ଅକାଳ ମୃତ୍ୟୁକୁ ଡାକିଆଣେ। ଆହୁରି ଅଧିକ ବୟସ ହେଲେ ହାଡ଼ପୋରିହା ରୋଗ ହୁଏ। ଦୁର୍ବଳତା, ମାଂସପେଶୀ ପତଳା ହେବା, ମୁଖ ଓ ଅନ୍ୟସ୍ଥାନରେ ଚର୍ମ ଲୋଚାକୋଚା ହେବା, ପରିଶ୍ରମ କରିବାକୁ ଅକ୍ଷମତା, ଶକ୍ତିହୀନତା ଦେଖାଦିଏ। ତା'ପରେ ବିସ୍ମରଣ (ଡିମେନ୍ସିଆ)। ଅଧିକ ବୟସ (୬୫-୭୦) ବେଳକୁ ଆଲଜିମର୍ସ, ପାର୍କିନସନ ରୋଗ ହୋଇପାରେ। ଆମ ଦେଶରେ ହାରାହାରି ଆୟୁ ୬୫ ବର୍ଷ, ଉତ୍ତର ଆମେରିକାରେ ୮୦ ବର୍ଷ। ଭଗବାନ ଶ୍ରୀକୃଷ୍ଣ କୁଆଡ଼େ ୧୨୫ ବର୍ଷ ବଞ୍ଚି ଆହୁରି ମଧ୍ୟ ବଞ୍ଚିଥାନ୍ତେ, ଜାରା ଶବର ଶରାଘାତ କରି ନ ଥିଲେ।

ସମଗ୍ର ପୃଥିବୀରେ ପ୍ରତିଦିନ ଦେଢ଼ଲକ୍ଷ ଲୋକ ମୃତ୍ୟୁବରଣ କରନ୍ତି। ସେଥିରୁ ୨/୩ ଭାଗ ବୟସଜନିତ ରୋଗରେ ପଡ଼ି। ଏଜିଂ ପ୍ରସେସ୍‌ର କାରଣ କ'ଣ ହୋଇପାରେ ? ଜନ୍ମକାଳରୁ ଶରୀରର କୋଷଗୁଡ଼ିକ ଦ୍ରୁତଗତିରେ ବିଭାଜିତ ହୁଅନ୍ତି। ତଦ୍ୱାରା ଆକାର ବୃଦ୍ଧି ପାଏ। ବୟସ ବୃଦ୍ଧି ହେଲେ କୋଷଗୁଡ଼ିକ ବିଭାଜିତ ହୁଅନ୍ତି ନାହିଁ। ଗୋଟିଏ ସେଲ୍ ପ୍ରାୟ ୫୦ ଥର ବିଭାଜିତ ହେଲା ପରେ ମୃତ ହୁଏ। କିନ୍ତୁ କ୍ୟାନ୍‌ସର ସେଲ୍‌ଗୁଡ଼ିକ ଦ୍ରୁତଗତିରେ ବିଭାଜିତ ହୋଇ ଟ୍ୟୁମର ସୃଷ୍ଟି କରନ୍ତି। ସେଲ୍‌ଗୁଡ଼ିକର ଡିଏନ୍‌ଏ କ୍ଷତିଗ୍ରସ୍ତ ହୋଇ ଯେଉଁ ବର୍ଜ୍ୟବସ୍ତୁ ବାହାରିଥାଏ, ତାହା ମାଇଟୋକଣ୍ଡ୍ରିଆ ଦ୍ୱାରା କରାଯାଉଥିବା ମେଟାବୋଲିଜମ୍‌କୁ ବାଧାପ୍ରାପ୍ତ କରାନ୍ତି। ଏହି କୁ-ତତ୍ତ୍ୱଗୁଡ଼ିକୁ Free Radicals ଆଖ୍ୟା ଦିଆଯାଇଛି। କ୍ଷତିଗ୍ରସ୍ତ କୋଷିକାଗୁଡ଼ିକ ଏଜଂ ପ୍ରସେସ୍‌ର ମୂଳ କାରଣ। ମାନବ ସମାଜରେ ବୟସ୍କ ବ୍ୟକ୍ତିଙ୍କ ସଂଖ୍ୟା ବୃଦ୍ଧି ପାଉଛି। ପୁରୁଷମାନଙ୍କ ତୁଳନାରେ ମହିଳାଙ୍କ ଆୟୁ ବୃଦ୍ଧି ଅଧିକ ହେଉଛି। ତେଣୁ ସମାଜରେ ବିଧବା ନାରୀଙ୍କ ସଂଖ୍ୟା ଅଧିକ। ପୁତ୍ରକନ୍ୟାମାନେ ବୟସ୍କ ମାତାପିତାଙ୍କୁ ଅବହେଳା କରୁଛନ୍ତି। ତେଣୁ ସେମାନେ ବୃଦ୍ଧାଶ୍ରମରେ ଆଶ୍ରୟ ନେବାକୁ ବାଧ ହେଉଛନ୍ତି।

ମଉସା କହିଲେ, ''ଆଚ୍ଛା ପୁଅ, ତୁମଠାରୁ ଏତେ ବୈଜ୍ଞାନିକ ତଥ୍ୟ ପାଇ ମୁଁ କିଛି କିଛି ବୁଝିପାରିଲି। ମୋର ତ ସମୟ ଗଲାଣି, ଯୁବ ସମାଜ ପାଇଁ କିଛି ଦିଗ୍‌ଦର୍ଶନ ଦେଲେ ସେମାନେ ଏବେଠାରୁ ସତର୍କ ହୁଅନ୍ତେ।'' ହଁ ମଉସା, ଆପଣ ଉଚିତ କଥାଟିଏ କହିଲେ। ପ୍ରତିଦିନ ଆମେ ଜାଣିବାକୁ ପାଉଛୁ କେତେଜଣ ଯୁବତୀଯୁବକ ହାର୍ଟ ଆଟାକ୍, ବ୍ରେନ୍ ଷ୍ଟ୍ରୋକ୍‌ରେ ଅକାଳରେ ଜୀବନ ହରାଉଛନ୍ତି। ପ୍ରଥମେ ସେମାନେ ଧୂମପାନ ସମ୍ପୂର୍ଣ୍ଣ ବର୍ଜନ କରିବା ଆବଶ୍ୟକ। ଅତ୍ୟଧିକ ମିଠାଦ୍ରବ୍ୟ, ମୃଦୁପାନୀୟ, ଚର୍ବିଜାତୀୟ ଖାଦ୍ୟ, ଫାଷ୍ଟଫୁଡ୍ ଗ୍ରହଣ କରିବେ ନାହିଁ, ଶାରୀରିକ ପରିଶ୍ରମ ପ୍ରତି ବିମୁଖ ହେବେ ନାହିଁ।'' ''ଆଚ୍ଛା ବାବୁ, ଆମେ ବୁଢ଼ୀବୁଢ଼ା ଆଉ କିଛିଦିନ କିପରି ସୁଖରେ କଟାଇବୁ।'' ''ହଁ, ଠିକ୍ କଥା। ଆପଣ ମଧ୍ୟ ମାନସିକ ଷ୍ଟ୍ରେସ୍‌ରୁ ମୁକ୍ତ ରୁହନ୍ତୁ। ଧ୍ୟାନ, ଯୋଗ, ପାଦରେ ଦିନକୁ ୪୫ ମିନିଟ୍ ଚାଲିବା, କମ୍ ମିଠା ଖାଇବା ଆବଶ୍ୟକ। ସଜ, ସବୁଜ ପନିପରିବା, ଭିଟାମିନ ବି, ସି, ଇ, ଡି ଥିବା ଖାଦ୍ୟ, ଯାହା ବହିରେ ଲେଖାଅଛି ତାହା ଗ୍ରହଣ କରିବେ। ଆଣ୍ଟିଅକ୍ସିଡାଣ୍ଟ ଔଷଧ ଖାଇଲେ ଉତ୍ତମ। ତା' ବ୍ୟତୀତ ମାନସିକ ସ୍ୱାସ୍ଥ୍ୟ ହିଁ ସର୍ବଶ୍ରେଷ୍ଠ ଆବଶ୍ୟକତା। ସବୁ କାର୍ଯ୍ୟରେ ଆଶାବାଦୀ ହେବା, ଯୁଗ ଅନୁଯାୟୀ ନିଜକୁ ପରିବର୍ତ୍ତନ କରିବା, ସାଙ୍ଗସାଥୀ ମେଳରେ କିଛି ସମୟ ଅତିବାହିତ କରିବା, ଯୁବକ ଅବସ୍ଥାରେ ଯେଉଁ ହବି ଥିଲା ତାହା ପୁନର୍ବାର ଆରମ୍ଭ କରିବା, ମାନସିକ ଉତ୍ତେଜନା, ରାଗ, ହିଂସା, ଦ୍ୱେଷ, ପରଶ୍ରୀକାତରତା ତ୍ୟାଗ କରିବା ଉଚିତ। ଜୀବନରେ ଯେତିକି ପରିଚୟ, ପ୍ରଶଂସା, ସମ୍ମାନ ହାସଲ କରିଛନ୍ତି ସେତିକିରେ ସନ୍ତୁଷ୍ଟ ରହି ଈଶ୍ୱରଙ୍କ କୃପା ଭିକ୍ଷା କରିବା ସମସ୍ତ ବୃଦ୍ଧାବୃଦ୍ଧଙ୍କର ସର୍ବପ୍ରଥମ ଆବଶ୍ୟକତା।''

ରେଣୁକା ଏନ୍‌କ୍ଲେଭ, ପୁରୀ, ମୋ-୯୪୩୭୪୯୪୭୭୬

## ଏଇ ଭାରତରେ

ବେଙ୍ଗାଲୁରୁର କେତେଜଣ ଯୁବକଙ୍କ ସେବା ମନୋଭାବ ଅନ୍ୟମାନଙ୍କ ଲାଗି ପ୍ରେରଣା ପାଲଟିଛି। ୨୨ ବର୍ଷୀୟ ଆଣ୍ଡ୍ରିୟୁ ବାପଟିଷ୍ଟଙ୍କ ନେତୃତ୍ୱରେ ଗଠିତ ଏକ ଟିମ୍ ଦୀର୍ଘ ୪ ବର୍ଷ ହେବ ଅସହାୟ ଲୋକମାନଙ୍କୁ କମ୍ବଳ ବାଣ୍ଟୁଛନ୍ତି। ଆଣ୍ଡ୍ରିୟୁ ୨୦୧୬ରେ ବେଙ୍ଗାଲୁରୁର ସେଣ୍ଟ୍ ଷ୍ଟିଫେନ୍ସ ପିୟୁ କଲେଜ, ମାଉଣ୍ଟ କାର୍ମେ କଲେଜ, କେଆଇଏମ୍‌ଏସ୍, ସେଣ୍ଟ ଜୋସେଫ କଲେଜ ଅଫ୍ କମର୍ସର ଛାତ୍ରସଂଘ ସହ ଆଲୋଚନା କରିବା ପରେ ଏଭଳି ସେବା ଆରମ୍ଭ କରିଥିଲେ। ପରେ ଏହି କଲେଜଗୁଡିକରେ ଏ ସମ୍ପର୍କରେ ଘୋଷଣା କରାଯିବା ପରେ କମ୍ବଳ ସଂଗ୍ରହ ଆରମ୍ଭ ହୋଇଥିଲା ଓ ଏହାକୁ ବାଣ୍ଟାଯାଇଥିଲା। ସେବେଠାରୁ ପ୍ରତିବର୍ଷ ଶୀତଦିନେ ସେମାନେ ଏହି ଅଭିଯାନରେ ୧୨ ଶହ କମ୍ବଳ ବାଣ୍ଟି ସାରିଛନ୍ତି। ଡିସେମ୍ବର ୨୦୧୯ରୁ ପୁଣି ତାଙ୍କ ଅଭିଯାନ ଆରମ୍ଭ କରି ଏବେ ସୁଦ୍ଧା ୩୦୦ରୁ ଊର୍ଦ୍ଧ୍ୱ କମ୍ବଳ ବାଣ୍ଟିଛନ୍ତି। ଏବେ ଲୋକମାନେ ତାଙ୍କୁ ଏଥିରେ ସହଯୋଗ କରୁଛନ୍ତି। ସେମାନେ ଆଣ୍ଡ୍ରିୟୁଙ୍କ ଟିମ୍‌କୁ ଡାକି କମ୍ବଳ ଦାନ କରୁଛନ୍ତି। ସେ ସୋସିଆଲ ମିଡିଆରେ 'ଶେୟାର ଏ ବ୍ଲାଙ୍କେଟ୍ କ୍ୟାମ୍ପେନ୍' ଆରମ୍ଭ କରିଛନ୍ତି। ଏଥିରେ ଅଧିକରୁ ଅଧିକ ଯୁବକ ସାମିଲ ହୋଇ ନିଜ ଖର୍ଚ୍ଚରେ ଲୋକମାନଙ୍କ ଘରକୁ ଯାଇ କମ୍ବଳ ସଂଗ୍ରହ କରୁଛନ୍ତି। ପ୍ରତିବର୍ଷ ଆଣ୍ଡ୍ରିୟୁଙ୍କ ଟିମ୍ ଶୀତଦିନେ ବେଙ୍ଗାଲୁରୁର ବିଭିନ୍ନ ସ୍ଥାନ କିମ୍ବା ବସ୍‌ଷ୍ଟାଣ୍ଡ ନିକଟରେ ରହୁଥିବା ଅସହାୟ ଲୋକଙ୍କୁ ଚିହ୍ନଟ କରି ସେମାନଙ୍କୁ କମ୍ବଳ ଦାନ କରୁଛନ୍ତି।

## ଚିରନ୍ତନୀ

ଦୂର ପାହାଡ଼ରେ କେତେ କଳା ମେଘ
ହୋଇଲା ଠୁଳ
ମହାନଦୀ ତୀରେ ଫୁଟି ଉଠେ ନିତି
ନୂତନ ଛବି!
ସବୁ ପ୍ରିୟ ସ୍ମୃତି ଅନୁଭୂତିମୟ
ଅତୀତ କାଳ
ତୋତେ ଚାହିଁ ଆଜି ପାସୋରି ଦେଲିରେ
ଶିମୁଳିପାଳ!
(ପାସୋରି ଦେଲିରେ ଶିମୁଳିପାଳ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ



# ପରିବେଶ, ପ୍ରଗତି ଓ ଗାନ୍ଧୀବାର୍ତ୍ତା

ଦିଲୀପ କୁମାର ଦାଶ

ଜାତିସଂଘର ୨୦୧୯ ଜଳବାୟୁ କ୍ରିୟାନୁଷ୍ଠାନ ସମ୍ମିଳନୀ ନ୍ୟୁୟର୍କରେ ଅନୁଷ୍ଠିତ ହୋଇଥିଲା। ସେଠାରେ ଭାରତର ପ୍ରଧାନମନ୍ତ୍ରୀ ଅଙ୍ଗାରକାମ୍ଳ ନିର୍ଗମନ ରୋକିବା ଏବଂ ଥରେ ବ୍ୟବହୃତ ପ୍ଲାଷ୍ଟିକକୁ ନିଷିଦ୍ଧ କରିବା ପାଇଁ ବିଶ୍ୱକୁ ଆହ୍ୱାନ ଦେଇଥିଲେ। ସମ୍ମିଳନୀରେ ଘଟିଥିବା ଆଉ ଏକ ପ୍ରଭାବଶାଳୀ ଘଟଣା ହେଉଛି ଯୁବ ଜଳବାୟୁ କର୍ମୀ ଗ୍ରେଟା ଥନବର୍ଗଙ୍କ ଦ୍ୱାରା ବାଷ୍ପରୁଦ୍ଧ କଣ୍ଠରେ ଦିଆଯାଇଥିବା ଭାବଗର୍ଭକ ଭାଷଣ। ମାତ୍ର ଷୋହଳ ବର୍ଷ ବୟସ ହୋଇଥିଲେ ମଧ୍ୟ ସେ ଅତ୍ୟନ୍ତ ଭାବାବେଗରେ ସେଠାରେ ଉପସ୍ଥିତ ଥିବା ରାଷ୍ଟ୍ରନେତାମାନଙ୍କୁ ସେମାନଙ୍କର ଦାୟିତ୍ୱହୀନତା ପାଇଁ କଠୋର ସମାଲୋଚନା କରିଥିଲେ। ବିଗତ ତିନିଦଶନ୍ଧି ହେଲା ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧରେ ବିଶେଷଜ୍ଞମାନଙ୍କ ଦ୍ୱାରା ସତର୍କ କରାଯାଇଥିଲେ ମଧ୍ୟ ସେଥିପ୍ରତି ଧ୍ୟାନ ନ ଦେଇ ଅର୍ଥ ଏବଂ ଅନ୍ତହୀନ ଆର୍ଥିକ ପ୍ରଗତିର କାହାଣୀ ଶୁଣାଇଥିବାରୁ ଥନବର୍ଗ ସେମାନଙ୍କୁ ଭର୍ତ୍ସନା କରିଥିଲେ।

ପ୍ରଗତି ଅଷ୍ଟାଦଶ ଶତକରେ ହୋଇଥିବା ଇଉରୋପୀୟ ନବଜାଗରଣର ପ୍ରମୁଖ ବାର୍ତ୍ତା। ଇଏ ସେହି ସମୟ, ଯେତେବେଳେ ମଣିଷ ନିଜକୁ ଜଗତର କେନ୍ଦ୍ର ଭାବିବା ଆରମ୍ଭ କଲା। ବିଜ୍ଞାନ ବଳରେ ସବୁକିଛିକୁ ନିୟନ୍ତ୍ରଣ କଲା। ପ୍ରକୃତିକୁ ପୂଜା କରୁଥିବା ମଣିଷ ପ୍ରକୃତିକୁ ଦାସ ବନେଇଲା। ସମୟକ୍ରମେ, ଉପନିବେଶବାଦ, ସାମ୍ରାଜ୍ୟବାଦ ତଥା ଆଧୁନିକୀକରଣ ଇତ୍ୟାଦି ବିଭିନ୍ନ ଭାବରେ ପ୍ରଗତିର ଏ ବାର୍ତ୍ତା ସାରା ବିଶ୍ୱରେ ପହଞ୍ଚିଛି। ଆଜି ସାରା ବିଶ୍ୱ ଅସରନ୍ତି ପ୍ରଗତିରେ ବିଶ୍ୱାସ କରେ। ଆମ ବିକାଶର ପରିଭାଷାରେ ପ୍ରଗତିର ଏ ବାର୍ତ୍ତା ଅନ୍ତର୍ନିହିତ। ଗାଁ ବଦଳରେ ସହର, ବଣଜଙ୍ଗଲ ବଦଳରେ ସିମେଣ୍ଟର ଜଙ୍ଗଲ, ନଦୀରେ ବନ୍ଧ, ବିଶାଳ କଳକାରଖାନା- ଏସବୁର ଶେଷ ନାହିଁ। ବିକାଶର ନୂଆ ନୂଆ ଯୋଜନା ପ୍ରକୃତି ବିରୋଧରେ ମଣିଷର ଆକ୍ରମଣ ଭଳି। ନଦୀବନ୍ଧ ହିଁ ଆଧୁନିକ ଭାରତର ପୂଜାଘର- ସ୍ୱାଧୀନ ଭାରତର ଶୈଶବରେ ନେହେରୁଙ୍କର ଏ ବାର୍ତ୍ତା ଭୁଲିବାର ନୁହେଁ। ପ୍ରଗତି ଆମକୁ ଏମିତି ଅନ୍ଧ କରିଛି ଯେ ଆଜି ଆମେ ଭବିଷ୍ୟତର ନୂଆ ନୂଆ ସ୍ୱପ୍ନ ଦେଖି ତାକୁ ସାକାର କରିବାରେ ବ୍ୟସ୍ତ ଅଛୁ।

ଅନ୍ତହୀନ ପ୍ରଗତିକୁ ମୁଖ୍ୟ ସ୍ରୋତ ଭାବେ ଗ୍ରହଣ କରି ଆମେ ବିକାଶର ଉଦ୍ଦେଶ୍ୟକୁ ଭୁଲି ଯାଇଛୁ। ଅନ୍ତର୍ନିହିତ ସମ୍ଭାବନାର ପରିସ୍ଫୁଟନ ହିଁ ବିକାଶ। ଏହାର ସ୍ରୋତ କେବେ ଗୋଟିଏ ହୋଇ ନ ପାରେ। ଗାଁଗଣ୍ଡା, ନଦୀପଠା, ପାହାଡ଼ଜଙ୍ଗଲ ସମସ୍ତେ କେବେ ଗୋଟିଏ ଧାରାରେ ବିକଶିତ ହୋଇ ପାରିବେ ନାହିଁ, କାରଣ ସମସ୍ତଙ୍କର ସମ୍ଭାବନା ଭିନ୍ନ। କିନ୍ତୁ ଆମେ ପଶ୍ଚିମୀ ପ୍ରଗତିର ଗୋଲାମ। ସବୁଠି ସହରୀ ଚାକଚକ୍ୟ ଖୋଜୁ। ଗାନ୍ଧୀଙ୍କ ସ୍ୱପ୍ନର ଭାରତ ସମ୍ଭବତଃ ଭିନ୍ନ ଥିଲା। ପଶ୍ଚିମୀ ପ୍ରଗତିର ଭୟାବହତା ସମ୍ବନ୍ଧରେ ସେ ଅବଗତ ଥିଲେ। ଏପରି କି, ଭାରତ କେବଳ ବ୍ରିଟେନ ଦ୍ୱାରା ନିଷ୍ପେଷିତ ନୁହେଁ, ବରଂ ଉଭୟ ଭାରତ ଓ ବ୍ରିଟେନ ଗୋଟିଏ ପଶ୍ଚିମୀ ସଭ୍ୟତାର ମାନସିକତାରେ ଆକ୍ରାନ୍ତ ବୋଲି ସେ ବିଶ୍ୱାସ କରୁଥିଲେ। ସେହି ମାନସିକତା ଭାରତ ଉପରେ ବ୍ରିଟେନର ଆଧିପତ୍ୟକୁ ଅନେକାଂଶରେ ସହଜ କରିଛି। ସେଥିରୁ ମୁକ୍ତି ହିଁ ଭାରତର ସ୍ୱାଧୀନତା ଏବଂ ଭବିଷ୍ୟତ ନିର୍ମାଣର ଆଧାର ବୋଲି ସେ ଆହ୍ୱାନ ଦେଇଥିଲେ। ବିଜ୍ଞାନର ଆବଶ୍ୟକତା ଅନୁଯାୟୀ ବିନିଯୋଗ, ଧୀର ଗତି, ସ୍ୱେଚ୍ଛାକୃତ ଗରିବୀ, ଗ୍ରାମ ସ୍ୱରାଜ ଇତ୍ୟାଦି ତାଙ୍କର ବାର୍ତ୍ତା ପଶ୍ଚିମୀ ପ୍ରଗତିର ବିପରୀତ। ଏ ବାର୍ତ୍ତାରେ ଉତ୍ପାଦନ ଓ ଆର୍ଥିକ ପ୍ରଗତିର ଉଦ୍ଦାମତାରେ ପରିବେଶ ଧ୍ୱଂସର ଦାୟିତ୍ୱହୀନତା ନାହିଁ, ବରଂ ନିଜର ଅସରନ୍ତି ଇଚ୍ଛା ଏବଂ ଉପଭୋଗ ବଦଳରେ ସଂକ୍ଷିପ୍ତ ଆବଶ୍ୟକତା ପୂରଣ କରି ପରିବେଶ ସହ ସହାବସ୍ଥାନର ବାର୍ତ୍ତା ରହିଛି। ସେହି ସତ୍ୟର ଅବଧାରଣା ଏବଂ ସହାବସ୍ଥାନ ହିଁ ଗାନ୍ଧୀଙ୍କର ଅହିଂସା ତତ୍ତ୍ୱ। କୌଣସି ତତ୍ତ୍ୱକୁ ଅନ୍ଧଭାବରେ ଗ୍ରହଣ ନ କରି ସତ୍ୟର ଅନ୍ୱେଷଣ ହିଁ ଆଧୁନିକତାର ମୂଳ ମନ୍ତ୍ର ଏବଂ ଗାନ୍ଧୀ ଥିଲେ ସେ ସତ୍ୟର ପୂଜାରୀ।

ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଅଗ୍ରଗତି ସତ୍ତ୍ୱେ ଜଳବାୟୁ ପରିବର୍ତ୍ତନ ଓ ତା' ପ୍ରଭାବରେ ହେଉଥିବା ତାପମାତ୍ରା ବୃଦ୍ଧି, ସମୁଦ୍ର ଜଳପତ୍ତନର ଅଭିବୃଦ୍ଧି ତଥା ପ୍ରାକୃତିକ ସନ୍ତୁଳନରେ ବ୍ୟାଘାତ ଇତ୍ୟାଦି ଦିନକୁ ଦିନ ମଣିଷର ଅସହାୟତାକୁ ପ୍ରମାଣ କରିଚାଲିଛି। ଜଳବାୟୁ ପରିବର୍ତ୍ତନ ଏମିତି ଏକ ସମସ୍ୟା ଯାହା ଧନୀ-ଗରିବ, ଉଚ୍ଚ-ନୀଚ ନିର୍ବିଶେଷରେ ସମସ୍ତଙ୍କୁ ଆକ୍ରାନ୍ତ କରିବ। ଏକମୁହାଁ ବିକାଶର ମହାରଥୀମାନେ ଅନ୍ତହୀନ ପ୍ରଗତିର ବିଭୀଷିକାକୁ ବୁଝନ୍ତୁ ବା ନ ବୁଝନ୍ତୁ, ବିକାଶର ଅନ୍ତରାଳରେ ରହିଥିବା ମଣିଷ ବୁଝିଛି ଏବଂ ସାରା ଦୁନିଆକୁ ବୁଝାଇବାର ଚେଷ୍ଟା ଜାରି ରଖିଛି। ବିକାଶର ରଥଚକ ତଳେ ଉଜୁଡ଼ିବାକୁ ଯାଉଥିବା ଗାଁର ଧାନ-ପାନ-ମାଛକୁ ବଞ୍ଚେଇବାକୁ ଲଢ଼େଇ ଆଉ ପାହାଡ଼ୀ ମଣିଷର ଜଳ-ଜଙ୍ଗଲ-ଜମିକୁ ଜୀବନଦେଇ ବଞ୍ଚେଇବାର ସଂଘର୍ଷ ସେ ପ୍ରଚେଷ୍ଟାର ଉଦାହରଣ। ଅଙ୍ଗାରକାମ୍ଳ ନିର୍ଗମନର ପ୍ରତିଶତ କମାଇବାର ପ୍ରତିଶ୍ରୁତି ଯେ ଯଥେଷ୍ଟ ନୁହେଁ ତାହା ଗ୍ରେଟା ଥନବର୍ଗ ତାଙ୍କ ଭାଷଣରେ ସତର୍କ କରାଇଛନ୍ତି। ଜଳବାୟୁ ପରିବର୍ତ୍ତନର ପ୍ରଭାବ ସହିବାକୁ ଯାଉଥିବା ଆଗାମୀ ପିଢ଼ି ତରଫରୁ ସେ ଯେଉଁ ସତର୍କ ଘଣ୍ଟି ବଜାଇଛନ୍ତି ତାହା ବିକାଶର ପରିଭାଷାକୁ ସଂଶୋଧନ କରିବା ପାଇଁ ଏକ ଆହ୍ୱାନ। ଗାନ୍ଧୀଙ୍କର 'ହିନ୍ଦ୍-ସ୍ୱରାଜ' ହୁଏତ ଏହି ରାସ୍ତାରେ ପଥ ପ୍ରଦର୍ଶକ ହୋଇ ପାରିବ।

ହାଇଦ୍ରାବାଦ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ,
ମୋ- ୯୮୬୬୫୬୬୮୨୩

## ୨୫ ବର୍ଷ ତଳର ଧରିତ୍ରୀ

**୨୨ ଜାନୁୟାରୀ ୧୯୯୫**

- ଉତ୍ତରକୋରିଆ ଉପରେ ଲାଗୁ କରାଯାଇଥିବା କେତେକ ବାଣିଜ୍ୟ କଟକଣାକୁ କୋହଳ କରିବା ପାଇଁ ଆମେରିକା ପକ୍ଷରୁ ଘୋଷଣା କରାଯାଇଛି।
- ଜମ୍ମୁ ଓ କଶ୍ମୀର ରାଜପଥରେ ତୁଷାରପାତ ଏବଂ ବରଫ ଅତଡ଼ା ଧସିବା ଘଟଣାରେ ମୃତ୍ୟୁବରଣ କରିଥିବା ୨୫୦ ବ୍ୟକ୍ତିଙ୍କ ପରିବାରକୁ ସାହାଯ୍ୟ ପାଇଁ ପ୍ରଧାନମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୫୩ ଲକ୍ଷ ଟଙ୍କା ମଞ୍ଜୁର।

## sudoku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 0 | | | C | | | | E | | | | | | |
| B | 9 | D | | | A | | | 0 | | | C | 6 | 1 | |
| E | | 8 | | 1 | | | | | | | | | | 2 |
| | | 3 | | 5 | B | | | | | | 8 | 9 | | |
| | 6 | | 9 | | | D | 1 | 8 | | | 4 | | 0 | |
| | | | 1 | 3 | E | | | 5 | | 8 | B | | | 6 |
| 9 | 3 | | | | | | | | | | | 1 | D | |
| | | | 4 | | 6 | | | | | D | | 7 | | A |
| | | | | | | A | | 3 | | E | | 0 | | 8 |
| 5 | | E | | B | 0 | 2 | | 6 | | | | | | |
| 1 | | A | 3 | | | | 8 | | | | | | 5 | 0 |
| | | | | | | 1 | | | | | E | B | | 3 |
| D | | 0 | | | 5 | | | 7 | | | 3 | | C | |
| | | 5 | 7 | 8 | | E | C | | | | 9 | | | |
| C | | | A | | 2 | 3 | | | | | | | | D |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 4 | 7 | 9 | 2 | 1 | A | E | C | B | 0 | D | 6 | 8 | 3 |
| 1 | 3 | E | B | 7 | A | 0 | 5 | 9 | 6 | 2 | 8 | 4 | D | C |
| A | 8 | 2 | 0 | 6 | D | 3 | 7 | B | C | 9 | 4 | 1 | 5 | E |
| D | C | 0 | 4 | E | 8 | 2 | 6 | 1 | A | 3 | 5 | B | 7 | 9 |
| 9 | 6 | B | 3 | 5 | C | 4 | D | 8 | 1 | E | 7 | 0 | 2 | A |
| 7 | B | 6 | 2 | 3 | 5 | D | 9 | 4 | 8 | 1 | C | A | E | 0 |
| 4 | 2 | 1 | A | C | 0 | 8 | 3 | 6 | E | 7 | 9 | D | B | 5 |
| C | 0 | 5 | E | D | 9 | 1 | A | 2 | 3 | B | 6 | 8 | 4 | 7 |
| E | D | 9 | 1 | 8 | 6 | 7 | B | 5 | 4 | A | 0 | 3 | C | 2 |
| 3 | A | 8 | 7 | B | 4 | C | 0 | E | 5 | D | 2 | 9 | 6 | 1 |
| 6 | 1 | A | C | 9 | 2 | B | 8 | 7 | 0 | 4 | E | 5 | 3 | D |
| 8 | 9 | D | 6 | 1 | 3 | 5 | 2 | 0 | 7 | C | B | E | A | 4 |
| 0 | 5 | 3 | D | 4 | E | 6 | C | A | 2 | 8 | 1 | 7 | 9 | B |
| B | E | C | 5 | 0 | 7 | 9 | 4 | 3 | D | 6 | A | 2 | 1 | 8 |
| 2 | 7 | 4 | 8 | A | B | E | 1 | D | 9 | 5 | 3 | C | 0 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅତିଥି ପକ୍ଷୀଙ୍କୁ ସ୍ୱାଗତ

ମହାଶୟ,

ଈଶ୍ୱରଙ୍କ ସୃଷ୍ଟିରେ ଫୁଲ ଯେପରି ସୁନ୍ଦର, ପକ୍ଷୀମାନେ ବି ସେତିକି ସୁନ୍ଦର। ଚରାଚର ବିଶ୍ୱରେ କେତେ ରକମର ପକ୍ଷୀ ଅଛନ୍ତି, ଯାହା କଳନା କରିବା ସହଜ ନୁହେଁ। ଏ ବିଶ୍ୱ ଅନନ୍ତ, ପକ୍ଷୀମାନଙ୍କ ସୃଷ୍ଟି ବି ଅନନ୍ତ। ସକାଳ ହେଲା କ୍ଷଣି ଗୃହ ଅଙ୍ଗନରେ ହଳଦୀବସନ୍ତ ଆସି ତା'ର ମଧୁର କାକଳିରେ ମୋର ନିଦ ଭାଙ୍ଗିଦିଏ। ପକ୍ଷୀଟିକୁ ଦେଖିଲେ ମୁଁ ଭାବେ ସ୍ୱର୍ଗରୁ ଦେବଦୂତ ଆସିଛନ୍ତି କି ? ଦେଶ ବିଦେଶରୁ ଶହ ଶହ ପକ୍ଷୀଙ୍କ ସମାଗମ ଚିଲିକାର ବକ୍ଷକୁ ଆନ୍ଦୋଳିତ କରିଦେଲେଣି। ଚିଲିକା ହ୍ରଦର ନଳବଣରେ ବେଶି ପକ୍ଷୀଙ୍କର ସମାଗମ ହୋଇଥାଏ। ତେବେ ଶିକାରୀମାନେ ଯେପରି ପକ୍ଷୀ ଶିକାର କରି ନ ପାରନ୍ତି, ସେ ଦିଗରେ ସରକାର ଦୃଷ୍ଟି ଦେବା ସହ ଜନସାଧାରଣଙ୍କ ସହଯୋଗ ବି ଆବଶ୍ୟକ।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ନଗଡ଼ା ପାଣି ହରିଲୁଟ

ତିନିବର୍ଷ ତଳେ ୨୦୧୬ ମସିହାରେ ଯାଜପୁର ଜିଲାର ସୁକିନ୍ଦା ଅନ୍ତର୍ଗତ ନଗଡା ଗ୍ରାମରେ ଅପପୁଷ୍ଟି କାରଣରୁ କୋମଳମତି ଶିଶୁ ମଡ଼କ କେବଳ ଓଡ଼ିଶା କାହିଁକି ସାରା ଦେଶରେ ଚର୍ଚ୍ଚିତ ପ୍ରସଙ୍ଗ ଥିଲା। ତେବେ ନଗଡାର ବିକାଶ ପାଇଁ ରାଜ୍ୟ ସରକାର ୨୧ କୋଟି ଟଙ୍କା ମଞ୍ଜୁର କରିଥିଲେ ହେଁ ଏହି ପାଣ୍ଠି ହରିଲୁଟ ନେଇ ଲୋକାୟୁକ୍ତ ଯାଜପୁର ଜିଲାର ୬ଜଣ ପଦସ୍ଥ ଅଧିକାରୀଙ୍କୁ ନୋଟିସ ଜାରି କରିଛନ୍ତି। ଏହି ସରକାରୀ ବାବୁମାନେ କୁନି ପିଲାଙ୍କ ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ ପାଣ୍ଠି ବି ଖାଇଗଲେ। ବର୍ତ୍ତମାନର ୫-ଟି ମନ୍ତ୍ର ରାଜ୍ୟରେ ଏପରି ମାନସିକତା ସମ୍ପନ୍ନ ବାବୁମାନଙ୍କୁ ଠିକ୍ ବାଟକୁ ଆଣିବା ଆଶା କରାଯାଏ। ରକ୍ଷାକର୍ତ୍ତା ଯଦି ଯମର ଭୂମିକା ନିଏ, କହିବା କାହାକୁ, କପାଳରେ କେବଳ କର ମାରୁଥିବା।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ପୋଡ଼ାମାରୀ କଲେଜ ପ୍ରତିଷ୍ଠାତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



**ବ୍ରହ୍ମପୁର ଅଫିସ,୨୧।୧:** ସାନଖେମୁଣ୍ଡି ବ୍ଲକ ପୋଡ଼ାମାରୀ ବିଜ୍ଞାନ ମହାବିଦ୍ୟାଳୟରେ ମଙ୍ଗଳବାର ପ୍ରତିଷ୍ଠାତା ମହନ୍ତ ସୋମନାଥ ଦାସ ବାବାଜୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଯାଇଛି। ବାବାଜୀ ଚୈତନ୍ୟ ମଠ ମହନ୍ତ ବାଳମୁକୁନ୍ଦ ଦାସ, ଅଧକ୍ଷ ଇଂ. ପ୍ରଦୀପ କୁମାର ପାତ୍ର ସମ୍ପାଦକ ଚନ୍ଦ୍ରଧ୍ୱଜ ସିଂଙ୍କ ଉପସ୍ଥିତିରେ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ ନାମଯଜ୍ଞ, ଘୃତଯଜ୍ଞ ଓ ଅନ୍ନଯଜ୍ଞ କରାଯାଇଥିଲା। ଅଞ୍ଚଳର ବହୁ ବୁଦ୍ଧିଜୀବୀ ଅଭିଭାବକ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଓ ଶିକ୍ଷକ ଉପସ୍ଥିତ ଥିଲେ।

### ଜାତୀୟ ମତଦାତା ଦିବସ ପାଳନ ପ୍ରସ୍ତୁତି ବୈଠକ

**ଛତ୍ରପୁର,୨୧।୧(ଡି.ଏନ.ଏ.):** ଆସନ୍ତା ୨୫ ତାରିଖରେ ଜିଲାସ୍ତରରେ ଜାତୀୟ ମତଦାତା ଦିବସ ପାଳନ କରାଯିବ। ଏ ନେଇ ମଙ୍ଗଳବାର ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ମତଦାତା ଦିବସ ଉକ୍ତଦିନ ଜିଲାସ୍ତର ସହ ଉପଖଣ୍ଡ, ପଞ୍ଚାୟତ ଓ ବୁଥସ୍ତରରେ ମଧ ପାଳନ କରାଯିବ। ସର୍ବସାଧାରଣ ସ୍ଥାନଗୁଡିକରେ ପୋଷ୍ଟର,ବ୍ୟାନର ମାଧମରେ ଭୋଟରଙ୍କୁ ସଚେତନ କରାଯିବ। ପୂର୍ବରୁ ପ୍ରସ୍ତୁତ କରାଯାଇଥିବା ଚୂଡ଼ାନ୍ତ ଭୋଟର ତାଲିକା ଫେବୃୟାରୀ ୭ ତାରିଖରେ ପ୍ରକାଶ ପାଇବ। ନୂତନ ଭାବେ ପଞ୍ଜୀକୃତ ମତଦାତା ଯେପରି ମତଦାନରୁ ବଞ୍ଚିତ ନ ହେବେ ସେଥିପ୍ରତି ଦୃଷ୍ଟି ଦିଆଯିବ। ୨୫ ତାରିଖ ପୂର୍ବାହ୍ନରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଛାତ୍ରୀଛାତ୍ରମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରୁ ପ୍ଲାକାର୍ଡ ଧରି ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଋଷିକୁଲ୍ୟା ସମ୍ମିଳନୀ ଗୃହରେ ହେବାକୁ ଥିବା ସଭାସ୍ଥଳରେ ପହଞ୍ଚିବେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ବିଭିନ୍ନ କାର୍ଯ୍ୟକ୍ରମରେ ନୂତନ ଭୋଟରମାନଙ୍କୁ ଶପଥ ପାଠ କରାଯିବ। ବୈଠକରେ ଡେପୁଟି କଲେକ୍ଟର (ନିର୍ବାଚନ) ଡ.ବିଜୟାନନ୍ଦ ସେଠୀ, ଜିଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ରେଡ୍ଡୀ, ଜିଲା କ୍ରୀଡା ଅଧିକାରୀ ପ୍ରଶାନ୍ତ ସାହୁ, ଭାରପ୍ରାପ୍ତ ସଂସ୍କୃତି ଅଧିକାରୀ ଶଙ୍କର୍ଷଣ ପଟ୍ଟନାୟକ ଉପସ୍ଥିତ ଥିଲେ।

# ଜିଲାପାଳଙ୍କ ଅଫିସ୍ ଆଗରେ ୨୭ରୁ ଗଣଧାରଣା

**ବ୍ରହ୍ମପୁର ଅଫିସ,୨୧।୧**

ଗଞ୍ଜାମ ଜିଲାରେ ଆଦିବାସୀ ଓ ବନବାସୀମାନେ ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ବହୁବାର ଆନ୍ଦୋଳନ ସତ୍ତ୍ୱେ ସରକାର ସେମାନଙ୍କ ସମସ୍ୟା ସମାଧାନ କରୁନାହାନ୍ତି। ୨୦୦୬ରୁ ହୋଇଥିବା ଜଙ୍ଗଲ ଅଧିକାର ଆଇନର ୧୩ ବର୍ଷ ବିତିବା ପରେ ମଧ କାର୍ଯ୍ୟକାରୀ କରୁନାହାନ୍ତି ପ୍ରଶାସନ। ବିଭିନ୍ନ ସମୟରେ ରାଜସ୍ୱ ଓ ଜଙ୍ଗଲ ବିଭାଗ ଦ୍ୱାରା ଆଦିବାସୀମାନେ ଶୋଷଣ ସହ ନିର୍ଯ୍ୟାତିତ ହେଉଛନ୍ତି। ଜଙ୍ଗଲ ଜମି ଅଧିକାର ପାଇବା ପାଇଁ ବର୍ତ୍ତମାନ ସୁଦ୍ଧା ୬୬୧୩ ଆବେଦନର ଫଇସଲା କରା ନ ଯାଇ ବେଆଇନ ଭାବେ ଜିଲା ପ୍ରଶାସନ ଅର୍ଦ୍ଧେକ ନାକଚ ମଧ କରି ଦେଇଛନ୍ତି। ଜଙ୍ଗଲ ଜମି ପଟ୍ଟା ମଧ ଦିଆଯାଉ ନ ଥିବା ଆଦିବାସୀ ଓ ବର୍ଷ ବର୍ଷ ଧରି ଅତ୍ୟାଚାରିତ ହେଉଥିବା ବନବାସୀଙ୍କ ସ୍ୱାର୍ଥ ନିମନ୍ତେ ଲଢ଼େଇ କରୁଥିବା ସଂଗଠନଗୁଡ଼ିକ ପକ୍ଷରୁ ଅଭିଯୋଗ କରାଯାଇଛି। ପ୍ରତିବାଦରେ ଆସନ୍ତା ୨୭ ତାରିଖରୁ ଛତ୍ରପୁରସ୍ଥ ଜିଲାପାଳଙ୍କ ଅଫିସ ଆଗରେ ହଜାର ହଜାର ଆଦିବାସୀଙ୍କୁ ନେଇ ୫ ସଂଗଠନ ପକ୍ଷରୁ ଆନ୍ଦୋଳନ, ବିକ୍ଷୋଭ ଓ ଗଣଧାରଣା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କରାଯିବ ବୋଲି ଘୋଷଣା କରାଯାଇଛି।

ଅଖିଳ ଭାରତ କିଷାନ ମଜଦୁର ସଭା ଜାତୀୟ ସମ୍ପାଦକ ଭାଲଚନ୍ଦ୍ର ଷଡ଼ଙ୍ଗୀ ମଙ୍ଗଳବାର ବ୍ରହ୍ମପୁରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଗଞ୍ଜାମ ଜିଲା ଆଦିବାସୀ ମଞ୍ଚ ନେତା କୈଳାସ ଚନ୍ଦ୍ର ଜାନୀ ଓ ଜିଲା ଗ୍ରାମସଭା ସାମ୍ମୁଖ୍ୟ ନେତା ବିଜୟ କୁମାର ସ୍ୱାଇଁ ଉପସ୍ଥିତ ଥିଲେ। ଆନ୍ଦୋଳନରେ ଆଦିବାସୀ ଭାରତ ମହାସଭା ଓ ଚାଷୀ ମୂଲିଆ ସଂଘ ସାମିଲ ହେବାର ଭାଲଚନ୍ଦ୍ର କହିଥିଲେ। ୭ ଦଫା ଦାବି ପୂରଣ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଅବ୍ୟାହତ ରହିବାର ଚେତାବନୀ ଦିଆଯାଇଛି। ସମସ୍ତ ଗଣତନ୍ତ୍ରପ୍ରେମୀ ଜନସାଧାରଣ ଏବଂ ସଂଗଠନଗୁଡ଼ିକ ସମର୍ଥନ କରିବା ପାଇଁ ଆହ୍ୱାନ ଦିଆଯାଇଛି। ଆନ୍ଦୋଳନରେ ସୋରଡ଼ା, ଧରାକୋଟ, ବେଲଗୁଣ୍ଠା, ଶେରଗଡ଼, ସାନଖେମୁଣ୍ଡି, ବୁଗୁଡ଼ା, ଜଗନ୍ନାଥପ୍ରସାଦ, ଭଞ୍ଜନଗର, ପୋଲସରା, ବେଗୁନିଆପଡ଼ା, ଆସିକା, କୁକୁଡ଼ାଖଣ୍ଡି ସମେତ ସବୁ ବ୍ଲକର ଆଦିବାସୀ ଯୋଗଦେବାର ଷଡ଼ଙ୍ଗୀ କହିଛନ୍ତି।

ଦାବିଗୁଡ଼ିକ ମଧ୍ୟରେ ସମସ୍ତ ଭୂମିହୀନଙ୍କୁ ଜମି ଓ ଘରଡ଼ିହ ପଟ୍ଟା ପ୍ରଦାନ, ଆଦିବାସୀଙ୍କ ଜମି ବେଆଇନ ଭାବେ ଦଖଲ କରିଥିବା ଅଣ ଆଦିବାସୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସହ ସେହି ଜମି ଆଦିବାସୀଙ୍କୁ ହସ୍ତାନ୍ତର, ଜଙ୍ଗଲ ଜମିରେ ଚାଷବାସ କରୁଥିବା ସବୁ ଆଦିବାସୀ ଓ ଅନ୍ୟ ବନାଞ୍ଚଳବାସୀଙ୍କୁ ବ୍ୟକ୍ତିଗତ ଏବଂ ଗୋଷ୍ଠୀଗତ ଭାବେ ପଟ୍ଟା ଦିଆଯିବା ଓ ଖାରଜ ହୋଇଥିବା ଜଙ୍ଗଲ ଅଧିକାର ଆବେଦନଗୁଡ଼ିକ ଅବିଳମ୍ବେ କାର୍ଯ୍ୟକ୍ଷମ କରାଯିବା ଅନ୍ତର୍ଭୁକ୍ତ। ସେହିପରି କାଜୁ ନିଗମ ଅଧିନ ଜମି ଅଣଆଦିବାସୀଙ୍କୁ ଲିଜ୍ ଦିଆ ନ ଯିବା ଏବଂ କାଜୁ ମାଫିଆଙ୍କ ଗୁଣ୍ଡାମୀ ବନ୍ଦ, ଆଦିବାସୀ ଅଞ୍ଚଳଗୁଡିକରେ ଶିକ୍ଷା, ସ୍ୱାସ୍ଥ୍ୟ, ପିଇବା ପାଣି, ଚାଷ ନିମନ୍ତେ ସେଚ ବ୍ୟବସ୍ଥା ଯୋଗାଇବା ଏବଂ ଆଦିବାସୀଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କରୁଥିବା ବିଭିନ୍ନ ସଂଗଠନ ନେତା ଓ କର୍ମୀଙ୍କ ବିରୋଧରେ ପୋଲିସ ରୁଜୁ କରିଥିବା ମିଥ୍ୟା ମାମଲାଗୁଡ଼ିକ ପ୍ରତ୍ୟାହାର କରାଯିବାକୁ ମଧ ଦାବି କରାଯାଇଛି।



ଖବରଦାତା ସମ୍ମିଳନୀରେ ଭାଲଚନ୍ଦ୍ର ଓ ଅନ୍ୟ ସଂଗଠନର ନେତାମାନେ।

- ଗଞ୍ଜାମ ଆଦିବାସୀଙ୍କ ମୌଳିକ ସମସ୍ୟା ସମାଧାନ ଦାବି
- ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲିବ ଆନ୍ଦୋଳନ
- ସାମିଲ ହେବେ ହଜାର ହଜାର ବନାଞ୍ଚଳବାସୀ

## ରେଳଷ୍ଟେଶନରୁ ଅପହୃତା ଛାତ୍ରୀ ଉଦ୍ଧାର ଘଟଣା
## ବର୍ଷେ ପରେ ଅପହର୍ତ୍ତା ଗିରଫ

**ବ୍ରହ୍ମପୁର ଅଫିସ,୨୧।୧**

ଟାଉନ ଥାନା ପୋଲିସ ସୋମବାର ବ୍ରହ୍ମପୁର ରେଳଷ୍ଟେଶନରୁ ଅପହୃତା ଛାତ୍ରୀଙ୍କୁ ଉଦ୍ଧାର କରିବା ସହ ଅପହର୍ତ୍ତାଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ଗଜପତି ଜିଲା ରାମଗିରିର ସିଦ୍ଧାନ୍ତ କରାଡ଼ (୨୪)। ମାମଲା ନମ୍ବର ୮୯/୧୮ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ସୁରେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି। ସୋମବାର କୋର୍ଟରେ ଧାରା ୧୬୪ ଅନୁସାରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଥିଲା। ଘଟଣାରୁ ପ୍ରକାଶ ୨୦୧୮ ଏପ୍ରିଲ ୧୮ରେ ଟାଉନ ଥାନା ଇଲାକାରୁ ଜଣେ ଯୁକ୍ତ ୨ ଛାତ୍ରୀଙ୍କୁ ଅପହରଣ କରାଯାଇଥିଲା। ପୀଡ଼ିତାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରିବା ସହ ଅନୁସନ୍ଧାନ ଚଳାଇଥିଲା। ସୋମବାର ସିଦ୍ଧାନ୍ତ ଉକ୍ତ ଛାତ୍ରୀଙ୍କୁ ଧରି ଷ୍ଟେଶନରେ ଟ୍ରେନକୁ ଅପେକ୍ଷା କରିଥିବା ପୋଲିସ ଖବର ପାଇଥିଲା। ସେଠାରେ ଛାତ୍ରୀଙ୍କୁ ଉଦ୍ଧାର ସହ ଅପହର୍ତ୍ତାଙ୍କୁ ଗିରଫ କରିଥିଲା। ଛାତ୍ରୀଙ୍କୁ ଅପହରଣ କରି ସିଦ୍ଧାନ୍ତ ତାମିଲନାଡୁ ନେଇ ଯାଇଥିଲେ। କିଛିଦିନ ତଳେ ସେ ବ୍ରହ୍ମପୁର ଫେରିଥିବା ପୋଲିସ ଜେରା ବେଳେ ଜାଣିବାକୁ ପାଇଥିଲା।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡ଼ା ଉତ୍ସବ



ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ।

**ବ୍ରହ୍ମପୁର ଅଫିସ,୨୧।୧**

ଗୋଷାଣୀନୂଆଗାଁ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୪୫ତମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରଙ୍ଗେଇଲୁଣ୍ଡା ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଲୋକନାଥ ପାଢୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅଧକ୍ଷା ସସ୍ମିତା ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ୟୁସିପି ଇଞ୍ଜିନିୟରିଂ ସ୍କୁଲ ପୂର୍ବତନ ଅଧକ୍ଷ ଶରତ କୁମାର ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ତିନିଦିନ ଧରି ଚାଲିଥିବା ଏହି କ୍ରୀଡା ଉତ୍ସବରେ ଛାତ୍ରୀଛାତ୍ରମାନେ ମାସ୍ ଡ୍ରିଲ, ଆସନ, ପିରାମିଡ, ଆକ୍ସନ ଡ୍ୟାନ୍ସରେ ନୃତ୍ୟ ପ୍ରଦର୍ଶନ କରିଥିଲେ। ଏଥିସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପୁଚି, ସ୍କିପିଙ୍ଗ୍, ଟଗ୍ ଅଫ ୱାର, ରିଲେ ଦୌଡ, ଦୌଡ ପ୍ରତିଯୋଗିତା, ଖୋ-ଖୋ, କବାଡି, ବିବେକ ବିଚାର କ୍ରୀଡା, ଚକୋଲେଟ ରେସ୍, ଜିଗ୍‌ଜାଗ୍ ୱାକ, ମ୍ୟୁଜିକ୍ ଚେୟାର ଆଦି କ୍ରୀଡା ଅନୁଷ୍ଠିତ ହୋଇଥିଲା। ଶରତ ଚନ୍ଦ୍ର ଗୌଡ ଖେଳ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

## ନକଲି ମଦ, ଗଞ୍ଜେଇ ଜବତ, ୨ ଗିରଫ

**ବ୍ରହ୍ମପୁର ଅଫିସ,୨୧।୧**

ଅବକାରୀ ପୋଲିସ ମଙ୍ଗଳବାର ସଦର ଥାନା ଅନ୍ତର୍ଗତ ଶ୍ରୀକ୍ଷେତ୍ରବିହାର ଏକ ଘରେ ନକଲି ବିଦେଶୀ ମଦ ପ୍ରସ୍ତୁତ ହେଉଥିବା ସହ ଗଞ୍ଜେଇ ମହଜୁଦ ଥିବା ଖବର ପାଇ ଚଢାଉ କରିଥିଲା। ସେଠାରୁ ୪୯.୩୨୦ ଲିଟର ନକଲି ବିଦେଶୀ ମଦ ଓ ୧୨.୩୦୦ କେ.ଜି. ଗଞ୍ଜେଇ ଜବତ କରିଛି। ବେଆଇନ ଭାବେ ଚୋରଚାଲାଣ ପାଇଁ ଗଞ୍ଜେଇ ମହଜୁଦ ରଖିବା ଓ ନକଲି ବିଦେଶୀ ମଦ ପ୍ରସ୍ତୁତ କରୁଥିବା ଯୋଗୁ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ୨ ଜଣ ହେଲେ କବିସୂର୍ଯ୍ୟନଗରର ସନ୍ତୋଷ ନାହାକ (୩୧) ଓ ପାଟପୁର ଥାନା ଅନ୍ତର୍ଗତ ଖାଲିଙ୍ଗୀର ସଞ୍ଜୟ ପ୍ରଧାନ (୩୪)। ଅଭିଯୁକ୍ତମାନଙ୍କୁ ମଙ୍ଗଳବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ଇନ୍ସପେକ୍ଟର ରୋଶନ ହାଂସଦା ସୂଚନା ଦେଇଛନ୍ତି।



ଗିରଫ ଅଭିଯୁକ୍ତ ଓ ଜବତ ମଦ।

## ମାନବିକତା ଦେଖାଇଲେ ବିଏମ୍‌ସି କମିଶନର

**ବ୍ରହ୍ମପୁର ଅଫିସ,୨୧।୧**

### ରାସ୍ତାରୁ ଅସୁସ୍ଥ ଛାତ୍ରଙ୍କୁ ନେଲେ ହସ୍‌ପିଟାଲ



ଛାତ୍ର ଶ୍ୟାମ ଶରଣ ବେହେରା

ମାନବିକତାର ପରିଚୟ ଦେଇ ଯୁବ ସମାଜ ପାଇଁ ଉଦାହରଣ ପାଲଟିଲେ ବ୍ରହ୍ମପୁର ମହାନଗର ନିଗମ କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର। ରାସ୍ତାରେ ଅଚେତ ହୋଇ ପଡିଥିବା ଜଣେ ଛାତ୍ରଙ୍କୁ ମଙ୍ଗଳବାର ଉଦ୍ଧାରକରି ନିଜ ଗାଡିରେ ହସ୍‌ପିଟାଲ ନେଇ ଚିକିତ୍ସା କରାଇ ସେ ଯୁବ ସମାଜ ପାଇଁ ପ୍ରେରଣା ପାଲଟିଛନ୍ତି।

ସୂଚନା ପ୍ରକାରେ, ମଙ୍ଗଳବାର ଗାନ୍ଧୀନଗର ଦ୍ୱିତୀୟ ଲାଇନ୍‌ସ୍ଥିତ ପ୍ରଫୁଲ୍ଲ ଚନ୍ଦ୍ର ବେହେରାଙ୍କ ଏକମାତ୍ର ପୁଅ ଶ୍ୟାମ ସ୍କୁଲ ଯିବାକୁ ସାଇକେଲରେ ଘରୁ ବାହାରିଥିଲେ। ଗାନ୍ଧୀନଗର ମୁଖ୍ୟରାସ୍ତା ଦେଇ ଯିବା ବେଳେ ହଠାତ କୌଣସି କାରଣରୁ ସେ ରାସ୍ତାରେ ପଡି ଅଚେତ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଦିବ୍ୟାଙ୍ଗ ଶ୍ୟାମଙ୍କ ଚେତା ଫେରାଇବାକୁ ଉଦ୍ୟମ କରୁଥିଲେ। କିନ୍ତୁ ତାଙ୍କ ଚେତା ଫେରି ନ ଥିଲା। ସେହି ବାଟ ଦେଇ ଯାଉଥିବା ବିଏମ୍‌ସି କମିଶନର ରାଠୋର ସେଠାରେ ଗାଡି ଅଟକାଇଥିଲେ। ଛାତ୍ରଟି ରାସ୍ତାରେ ଅଚେତ ଅବସ୍ଥାରେ ପଡିଥିବା ଦେଖି ତାଙ୍କୁ ସିଟି ହସ୍‌ପିଟାଲ ନେଇ ଚିକିତ୍ସା କରାଇଥିଲେ। ଶ୍ୟାମ ସୁସ୍ଥ ଥିବା ନେଇ ଡାକ୍ତରଙ୍କଠାରୁ ସୂଚନା ପାଇବା ପରେ କମିଶନର ହସ୍‌ପିଟାଲରୁ ଫେରିଥିଲେ। ଯିବାପୂର୍ବରୁ ଶ୍ୟାମ ସମ୍ପୂର୍ଣ୍ଣ ସୁସ୍ଥ ହେବା ପର୍ଯ୍ୟନ୍ତ ତାଙ୍କ ଦେଖାଶୁଣା କରିବାକୁ ନିଜ ପିଏସ୍‌ଓଙ୍କୁ ଦାୟିତ୍ୱରେ ଛାଡି ଯାଇଥିଲେ। ଏହାପରେ କମିଶନରଙ୍କ ମାନବିକତାକୁ ନେଇ ଏବେ ସହରବାସୀଙ୍କ ମଧ୍ୟରେ ଚର୍ଚ୍ଚା ସୃଷ୍ଟି କରିଛି। ସିଟି ହାଇସ୍କୁଲରେ ନବମ ଶ୍ରେଣୀରେ ଅଧୟନ କରୁଥିବା ଶ୍ୟାମଙ୍କ ଅବସ୍ଥା ବର୍ତ୍ତମାନ ଭଲ ରହିଥିବା ପିତା ପ୍ରଫୁଲ୍ଲ କହିବା ସହ ଦେବଦୂତ ଭାବେ ନିଜ ପୁତ୍ରଙ୍କୁ ବଞ୍ଚାଇଥିବା କମିଶନରଙ୍କୁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଓଡ଼ିଶା ପାଇପ୍ ଜଳ କର୍ମଚାରୀ ସଂଘ ବୈଠକ

**ବ୍ରହ୍ମପୁର ଅଫିସ,୨୧।୧**

ଓଡ଼ିଶା ପାଇପ୍ ଜଳ କର୍ମଚାରୀ ସଂଘ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜୀବନ କ୍ଲବ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ପାଇପ ଜଳ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରାଯାଇଥିଲା। ରେଗୁଲାର କର୍ମଚାରୀମାନଙ୍କ ଆରଏସ୍‌ପି ସମସ୍ୟାର ସମାଧାନ, ୱାର୍କଚାର୍ଜ କର୍ମଚାରୀମାନଙ୍କୁ ନିୟମିତ କରିବା, ଇପିଏଫ ସମସ୍ୟାର ସମାଧାନ, ଏନ୍‌ଏମ୍‌ଆର୍ ଓ ଏଚ୍‌ଆର୍ କର୍ମଚାରୀମାନଙ୍କୁ ସରକାରୀ ଅନୁମୋଦିତ ବେତନ ପ୍ରଦାନ ଆଦି ଦାବି ଉପରେ ଆଲୋଚନା କରାଯାଇଥିଲା। ଡିଭିଜନ ସମ୍ପାଦକ ଆମ୍ବିରୀ ଜେନାଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ କାର୍ଯ୍ୟାଳୟ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ସଭାପତିତ୍ୱ କରିଥିଲେ। ରାଜ୍ୟ କାର୍ଯ୍ୟକାରୀ ସଭାପତି କବିରାଜ ସାହୁ, ଉପସଭାପତି ରବିକୁମାର ପାଣିଗ୍ରାହୀ, ଉପସଭାପତି ଟୁନା ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସମସ୍ୟା ସମାଧାନ ଦିଗରେ ବିଭାଗକୁ ବହୁବାର ଦାବି କରାଯାଇଥିଲେ ମଧ କର୍ତ୍ତୃପକ୍ଷଙ୍କ ଉଦାସୀନତା ମନୋଭାବ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କ୍ଷୋଭ ପ୍ରକାଶ ପାଇଥିଲା। କର୍ମଚାରୀମାନଙ୍କ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ଅବସରରେ ସଂଘ କେନ୍ଦ୍ରୀୟ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୋଷାଧକ୍ଷ ରଘୁନାଥ ପାତ୍ର, ଯୁଗ୍ମ ସମ୍ପାଦକ ହରିହର ବେହେରା, ପୂର୍ଣ୍ଣଚନ୍ଦ୍ର କୋଠିଆ, ଗିରିଜା ପ୍ରସାଦ ସିଂହ, ଜି.ଭେଙ୍କଟ, ଚନ୍ଦ୍ର ମୋହନ ମାଝିଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। କାର୍ଯ୍ୟାଳୟ ସମ୍ପାଦକ ବାଳକୃଷ୍ଣ ଚୌଧୁରୀ ଧନ୍ୟବାଦ ଦେଇଥିଲେ।



ବୈଠକରେ ସଂଘ କର୍ମକର୍ତ୍ତା।

# ଗେଟ୍ ବଜାର ସାଜିଛି ମଣିଷ ହାଟ

**ବ୍ରହ୍ମପୁର ଅଫିସ,୨୧।୧**

ରେଶମନଗରୀ ବ୍ରହ୍ମପୁରରେ ଦିନକୁ ଦିନ ଜନସଂଖ୍ୟା ବଢ଼ିବାରେ ଲାଗିଛି। ପରିବାର ପ୍ରତିପୋଷଣ ହେଉ କିମ୍ବା ନିଜ ଗୁଜୁରାଣ ମେଣ୍ଟାଇବା ପାଇଁ ହେଉ କାମ ଯୋଗାଡ଼ରେ ବହୁ ଲୋକ ଆସିଥାନ୍ତି ରେଶମନଗରୀକୁ। ଗେଟ୍‌ବଜାର ସାଜିଛି ମଣିଷ ହାଟ। ପ୍ରତ୍ୟେକ ଦିନ ପ୍ରାୟ ଶତାଧିକ ଲୋକ କାମ ଯୋଗାଡ଼ ପାଇଁ ଏଠାକୁ ଆସିଥାନ୍ତି। କେବଳ ଆଖପାଖ ଅଞ୍ଚଳ ନୁହେଁ ଆସ୍କା, ପିତଳ, ଦିଗପହଣ୍ଡି, କନିଷି, ଚଣ୍ଡିପଦର, ସମରଝୋଳ, ହୁଗୁଳାପଟା, ଲୋଚାପଡ଼ା ଓ କଞ୍ଚୁରୁ ଇତ୍ୟାଦି ଅଞ୍ଚଳରୁ କାମ ସନ୍ଧାନରେ ଆସି ଗେଟ୍ ବଜାରରେ ରୁଣ୍ଡ ହୋଇଥାନ୍ତି। କାହାର ଶ୍ରମିକ କାର୍ଡ଼ ନାହିଁ ତ କାହାର ଥାଇ ମଧ କାମ ପାଇପାରୁନାହାନ୍ତି। ଖୋଦ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀର ଲୋକଙ୍କ ପାଖରେ ନାହିଁ ଶ୍ରମିକ କାର୍ଡ଼। ଗେଟ୍ ବଜାର ପ୍ରତିଦିନ ଆସୁଥିଲେ ସୁଦ୍ଧା କେବେ କାମ ପାଉଛନ୍ତି ତ କେବେ ପାଉନାହାନ୍ତି। ହାଟରେ ଯେମିତି ଖାଦ୍ୟ, ପୋଷାକ, ସାମଗ୍ରୀରେ ମୂଲଚାଲ ହୁଏ ଏଇଠି ମଣିଷଙ୍କ ମୂଲଚାଲ କରାଯାଏ। ତଥାପି ବି ସବୁଦିନ କାମ ମିଳି ନ ଥାଏ।




ଗେଟ୍ ବଜାର ମଣିଷ ହାଟ।

### ସେମାନେ ଯାହା କୁହନ୍ତି ...



“ ମୁଁ ପ୍ରତିଦିନ ବ୍ରହ୍ମପୁର ଗେଟ୍ ବଜାର ଆଗ ଧାଡ଼ିରେ ଠିଆ ହୁଏ। ତଥାପି କାମ ମିଳେ ନାହିଁ। ୩୦ ଦିନରେ ସପ୍ତାହେ କାମ ମିଳେ ଅନ୍ୟ ସବୁଦିନ ବାବୁମାନଙ୍କ ଅପେକ୍ଷା କରି କରି ଚାଲିଯାଉ। କେବେ ମୂଲଚାଲ କରି ୪ଶହ ବଦଳରେ ୨ଶହ ମଧ ଦେଇଥାନ୍ତି। ଶହେ ଟଙ୍କାରେ ବି ବାଧହୋଇ କାମ କରୁଛି। ୪ଶହ କହି କାମ ସରିଲା ପରେ ୨ଶହ ଦେଉଛନ୍ତି।

**ସୀମାଞ୍ଚଳ ସେଠୀ , ସମରଝୋଳ, ଶ୍ରମିକ**



“ ମୋ ବୟସ ୫୫ କି ୫୭ ହେବ। ସ୍ୱାମୀ ମରିବାର ବହୁ ବର୍ଷ ହେଲେ ସୁଦ୍ଧା ବାର୍ଦ୍ଧକ୍ୟ କି ବିଧବା ଭତ୍ତା ମିଳୁନାହିଁ। ଶ୍ରମିକ କାର୍ଡ଼ ଥିଲେ ମଧ କାମ ମିଳୁ ନାହିଁ। ବୟସ ଅଧିକ ହେତୁ କମ୍ ଦରରେ ମୋତେ କାମ କରିବାକୁ ପଡିଥାଏ। କେବେ ଶହେ ତ କେବେ ଦୁଇଶହ ଟଙ୍କାରେ। ସରକାର ମୋ ଦୁଃଖ କେବେ ଶୁଣିବେ ଅପେକ୍ଷାରେ ରହିଛି।

**ସଜନୀ ଦାଶ, ଲୋଚାପଡ଼ା, ଶ୍ରମିକ**

“ ସାଇକେଲରେ ପ୍ରତିଦିନ ଏଠାକୁ ଆସେ। ମାସକରେ ୧୦ ଦିନ କାମ ମିଳିଲେ ବାକି ଦିନ ଖାଲି ହାତରେ ଫେରିବାକୁ ପଡ଼େ। କାମ କଲେ ଦିନକୁ ପାରିଶ୍ରମିକ ୩ଶହ ତ କେବେ ୪ଶହ ଟଙ୍କା ପାଇଥାଏ। ଶ୍ରମିକ କାର୍ଡ଼ଟିଏ ବାରମ୍ବାର ଅନୁରୋଧ ସତ୍ତ୍ୱେ ହୋଇପାରିଲା ନାହିଁ। ନବୀନ ବାବୁ ଆମ ଗୁହାରି ଶୁଣିମା ହେଉ।

**ବିଦ୍ୟାଧର ପ୍ରଧାନ, ଚଣ୍ଡିପଦର, ଶ୍ରମିକ**




“ ପ୍ରାୟ ସାତ ଆଠବର୍ଷ ହେବ ଏଠାକୁ କାମ ପାଇଁ ଆସୁଛି। ଶ୍ରମିକ କାର୍ଡ଼ଟିଏ ନାହିଁ। ଫଳରେ ମୁଁ ଏତେଦୂର କାମ ପାଇଁ ବ୍ରହ୍ମପୁର ଆସେ। କାମ ନ ମିଳିଲେ ଯିବା ଆସିବା ଅଟୋ ଭଡ଼ା ନିଜ ଖାଇବା ବନ୍ଦ କରି ଦେବାକୁ ପଡ଼େ। ସରକାର ମହିଳାଙ୍କ ପାଇଁ ବିଭିନ୍ନ ଯୋଜନା କହି ଧେଣ୍ଡୁରା ପିଟୁଛନ୍ତି କିନ୍ତୁ କୋଉ କାମକୁ ନୁହଁ।

**ଲକ୍ଷ୍ମୀ ନାହାକ, ପଞ୍ଚମା, ଶ୍ରମିକ**




“ ପ୍ରତିଦିନ ସାଇକଲରେ ପ୍ରାୟ ୧୨ କି.ମି.ସକାଳୁ ଆସି ଅପେକ୍ଷା କରେ। କେତେବେଳେ କେହି ଆସିବେ ଆଉ କାମ ପାଇଁ ଡ଼ାକିନେବେ। ମୁଁ ମୋ ପରିବାର ମୁହଁରେ ଦୁଇମୁଠା ଆହାର ଦେଇପାରିବି। ଦୈନିକ ୪ଶହ କାମ ଆଉ କେବେ ୩ଶହ ଟଙ୍କା ମଧ ପାଇଥାଏ। କାମ ନ ମିଳିଲେ ଶହେ ଟଙ୍କାରେ ମଧ କାମ କରିବାକୁ ପଡ଼େ।

**ସୁଦର୍ଶନ ମହାକୁଡ଼, ହୁଗୁଳାପଟା, ଶ୍ରମିକ**



“ ମୋର ଲେବର କାର୍ଡ଼ ଥିଲେ ମଧ ମୋତେ କାମ ମିଳୁନାହିଁ। ରୋଜଗାର କରିବାକୁ କେହି ନ ଥିବାରୁ ମୁଁ ଏତେ ଦୂର କାମ ପାଇଁ ଆସି ଅପେକ୍ଷା କରୁଛି। କେବେ ୨ଶହ ତ କେବେ ୩ଶହ ଟଙ୍କାରେ କାମ ମିଳିଥାଏ। ମୂଲଚାଲ ପରେ ମଧ ପାରିଶ୍ରମିକ ମିଳେ ନାହିଁ। ଆମ ଗୁହାରି କେହି ଶୁଣୁନାହାନ୍ତି। ସରକାରଙ୍କୁ ଅନୁରୋଧ କରୁଛି କି ଆମକୁ କାମ ଯୋଗାଇ ଦିଅନ୍ତୁ।

**ଡ଼ି. ସରସ୍ୱତୀ , ଚଣ୍ଡିପଦର, ଶ୍ରମିକ**



“ ମାସକରେ ୭ ଦିନ କାମ ମିଳେ। ପ୍ରତିଦିନ ଏଠାକୁ ଆସେ କର୍ମ ସଂସ୍ଥାନ ପାଇଁ। ଓଳିଏ ଖାଇଲେ ଓଳିଏ ପାଣିପିଇ ରହିବାକୁ ପଡୁଛି। ଶ୍ରମିକ କାର୍ଡ଼ଟିଏ ପାଇଁ ଦୌଡ଼ି ନୟାନ୍ତ ହୋଇଗଲିଣି ତଥାପି ହୋଇପାରିଲା ନାହିଁ।

**ଶିବଶଙ୍କର ପଣ୍ଡା, ବ୍ରହ୍ମପୁର, ଶ୍ରମିକ**

## ସଂକ୍ଷେପରେ

### ସୁରଟ 'ଓଡ଼ିଶା ମହୋତ୍ସବ'ରେ ଯୋଗଦେବେ ବାଚସ୍ପତି ଡ. ପାତ୍ର

**ଭୁବନେଶ୍ୱର,୨୧।୧(ବ୍ୟୁରୋ):** ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର ଚଳିତ ଜାନୁୟାରୀ ୨୨ରେ ସୁରଟ ଯାତ୍ରା କରିବେ । ସେଠାରେ ସେ ଓଡ଼ିଶା ମହୋତ୍ସବ କମିଟି, ସୁରଟ ଆନୁକୂଲ୍ୟରେ ଆୟୋଜିତ 'ଓଡ଼ିଶା ମହୋତ୍ସବ'ରେ ଉଦ୍‌ଘାଟକ ଭାବେ ଯୋଗଦେବେ । ସୁରଟର ଆମ୍ରୋଲିସ୍ଥିତ ରାଜୱାଡ଼ି ପାର୍ଟି ପ୍ଲଟ୍‌ଠାରେ ଆୟୋଜିତ ଏହି ମହୋତ୍ସବରେ ବିପୁଳ ଜନସମାଗମ ହେବ । ଗଞ୍ଜାମ ଜିଲାର ଅନେକ ବିଧାୟିକା, ବିଧାୟକ ଏହି କାର୍ଯ୍ୟକ୍ରମରେ ଯୋଗଦେବେ । ୨୩ରେ ବାଚସ୍ପତି ଡ. ପାତ୍ର ଭୁବନେଶ୍ୱର ଫେରିବେ। ସୁରଟରେ ପ୍ରାୟ ୭ ଲକ୍ଷରୁ ଉର୍ଦ୍ଧ୍ୱ ଓଡ଼ିଆ ବସବାସ କରୁଛନ୍ତି । ଓଡ଼ିଶାର ସଂସ୍କୃତି, ପରମ୍ପରା, ଐତିହ୍ୟ ଓ ନୃତ୍ୟ ଆଦିର ପ୍ରଦର୍ଶନ ପାଇଁ ଏହି ମହୋତ୍ସବ ଏକ ପ୍ରକୃଷ୍ଟ ମଞ୍ଚ ସାବ୍ୟସ୍ତ ହେବ ବୋଲି କୁହାଯାଉଛି।

### ବିଭାଗୀୟ ସ୍ଥାୟୀ କମିଟି-୧ର ଷଷ୍ଠ ବୈଠକ

**ଭୁବନେଶ୍ୱର,୨୧।୧(ବ୍ୟୁରୋ):** ଓଡ଼ିଶା ବିଧାନସଭା ବିଭାଗୀୟ ସ୍ଥାୟୀ କମିଟି-୧ର ଷଷ୍ଠ ବୈଠକ ବିଧାୟକ କିଶୋର କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଷୋଡ଼ଶ ବିଧାନସଭାରେ ଉପସ୍ଥାପିତ ଉକ୍ତ କମିଟିଙ୍କ ପ୍ରଥମ ରିପୋର୍ଟରେ ସ୍ଥାନିତ ତଥ୍ୟର ସମୀକ୍ଷା କରିଥିଲେ । ବିଶେଷ କରି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ସମ୍ପର୍କରେ କମିଟିଙ୍କ ମତାମତ/ସୁପାରିସ ଉପରେ ସଂପୃକ୍ତ ବିଭାଗ ଦ୍ୱାରା ଏଯାବତ୍ ସୁଦ୍ଧା ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ଉପରେ କମିଟି ସମୀକ୍ଷା କରିଥିଲେ । ଏହି ବୈଠକରେ କମିଟିର ସଭ୍ୟ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ବରିଷ୍ଠ ପଦାଧିକାରୀ ପ୍ରମୁଖଙ୍କ ସମେତ ବିଧାନସଭା ସଚିବ ଦାଶରଥୀ ଶତପଥୀ ଉପସ୍ଥିତ ଥିଲେ ।

# ଶିକାଗୋ ବିଶ୍ୱବିଦ୍ୟାଳୟ ସହଭାଗିତାରେ ପ୍ରତିଷ୍ଠା ହେବ ଡିପିଆଇସି

- ମୁଖ୍ୟ ଶାସନ ସଚିବଙ୍କ ସମୀକ୍ଷା
- ମୋ ସରକାର, ୫-ଟି ହେବ ଆହୁରି ସୁଦୃଢ଼

**ଭୁବନେଶ୍ୱର,୨୧।୧(ବ୍ୟୁରୋ)**

ରାଜ୍ୟ ପ୍ରଶାସନକୁ ପୂର୍ବାପେକ୍ଷା ଅଧିକ ଲୋକାଭିମୁଖୀ କରିବା ପାଇଁ ଚେଷ୍ଟା କରାଯାଉଛି। ଗତବର୍ଷଠାରୁ ଆରମ୍ଭ ହୋଇଥିବା 'ମୋ ସରକାର' ଏବଂ ୫-ଟି କାର୍ଯ୍ୟକ୍ରମ ଏହି ଚେଷ୍ଟାକୁ ସଫଳ କରୁଥିବାର ଲକ୍ଷ୍ୟ କରାଯାଉଛି। ପ୍ରାଥମିକ ଭାବେ ସ୍ୱାସ୍ଥ୍ୟସେବା, ପର୍ଯ୍ୟଟନ ଭିତ୍ତିଭୂମି ଉନ୍ନୟନ ଏବଂ ପୋଲିସ ସେବାକୁ ବ୍ୟାପକ ଗୁରୁତ୍ୱ ଦିଆଯାଇଛି। ମୋ ସରକାର ଏବଂ ୫-ଟି କାର୍ଯ୍ୟକ୍ରମକୁ ଆହୁରି ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ଏକ ଡାଟା ପଲିସି ଇନୋଭେଶନ୍ ସେଣ୍ଟର(ଡିପିଆଇସି) କରିବାକୁ ନିଷ୍ପତ୍ତି ନେଇଛନ୍ତି। ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ହୋଇଥିବା ବୈଠକରେ ଏ ସମ୍ପର୍କିତ ସମୀକ୍ଷା ଅନୁଷ୍ଠିତ ହୋଇଛି।

ଏହି ଡିପିଆଇସି ଗଠନ କ୍ଷେତ୍ରରେ ଶିକାଗୋ ୟୁନିଭରସିଟି ବୈଷୟିକ ସହଯୋଗ କରିବ। ବୈଠକରେ କୃଷି ଏବଂ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ସଚିବ ସୌରଭ ଗର୍ଗ ପ୍ରକଳ୍ପ ସମ୍ପର୍କିତ ପ୍ରାଥମିକ ଚିଠା ଉପସ୍ଥାପନ କରିଥିଲେ। ଶିକାଗୋ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ଏନର୍ଜି ପଲିସି ଇନ୍‌ଷ୍ଟିଚ୍ୟୁଟ୍‌ର ଥିମ୍ ଏକ୍ସପର୍ଟ ଏବଂ ଦକ୍ଷିଣ ଏସିଆ ନିର୍ଦ୍ଦେଶକ ପ୍ରକଳ୍ପ ସମ୍ପର୍କିତ ତଥ୍ୟ ଉପସ୍ଥାପନା କରିଥିଲେ। ଉପସ୍ଥାପନାକୁ ଅନୁଧ୍ୟାନ କରିବା ପରେ ମୁଖ୍ୟ ଶାସନ ସଚିବ ଏ ସମ୍ପର୍କିତ ରୂପରେଖ ପ୍ରସ୍ତୁତ କରିବା ପାଇଁ ଯୋଜନା ଓ ସଂଯୋଜନ ବିଭାଗ, ସାଧାରଣ ପ୍ରଶାସନ, ଇଲେକ୍ଟ୍ରୋନିକ୍ସ ଓ ଆଇଟି ଏବଂ ଅର୍ଥ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଜନଗଣଙ୍କୁ ସେବା ପ୍ରଦାନରେ ନୂତନ ପ୍ରକାରର ନୀତି ପାଇଁ ବୃହତ୍ ତଥ୍ୟ(ବିଗ୍ ଡାଟା) ବ୍ୟବହାରକୁ ଅନୁମୋଦନ ଦିଆଯାଇଛି। ବୈଠକରେ ଉପସ୍ଥିତ ସଦସ୍ୟମାନଙ୍କ କହିବାନୁଯାୟୀ, ଡିପିଆଇସି ଏକ ଉତ୍କର୍ଷର କେନ୍ଦ୍ରଭାବେ କାର୍ଯ୍ୟ କରିବ। କୃତ୍ରିମ ବୁଦ୍ଧିମତ୍ତା, ଆଧୁନିକ ଅର୍ଥନୈତିକବାଦ୍ ଏବଂ ପରିସଂଖ୍ୟାନ ଇତ୍ୟାଦି ନୀତି ନିର୍ଦ୍ଧାରଣରେ ସହାୟକ ହେବ। ଏହା ଶିକାଗୋ ବିଶ୍ୱବିଦ୍ୟାଳୟର ଫ୍ୟାକଲ୍ଟି ସହ ରାଜ୍ୟ ସରକାରଙ୍କ ବିଭାଗ ମଧ୍ୟରେ ସମନ୍ୱୟ ସ୍ଥାପିତ ହୋଇପାରିବ। ପ୍ରଶାସନରେ ବିଗ୍ ଡାଟାର ଅନେକ ଆବଶ୍ୟକତା ଥିବା ଜଣାପଡିଛି। ଜଳ ଏବଂ ବିଦ୍ୟୁତ ଶକ୍ତି ବ୍ୟବହାର କ୍ଷେତ୍ରରେ ଏହା ସହାୟକ ହେବ ବୋଲି କୁହାଯାଉଛି। କୃଷି କ୍ଷେତ୍ରରେ କ୍ରପ୍ ଡାଇଭର୍ସିଫିକେଶନ୍, କୃଷି ପଦ୍ଧତି, ପ୍ରଦୂଷଣ ହ୍ରାସ ଏବଂ ପରିବେଶ ସୁରକ୍ଷା ଦିଗରେ ଡିପିଆଇସି ସହଯୋଗ କରିବ ବୋଲି କୁହାଯାଉଛି।

ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ଉନ୍ନୟନ କମିଶନର ସୁରେଶ ମହାପାତ୍ର, କୃଷି ଉତ୍ପାଦନ କମିଶନର ପ୍ରଦୀପ୍ତ ମହାପାତ୍ର, ଅର୍ଥ ପ୍ରମୁଖ ସଚିବ ଅଶୋକ ମୀନା, ସ୍କୁଲ ଓ ଗଣଶିକ୍ଷା ପ୍ରମୁଖ ସଚିବ ଚିତ୍ରା ଅରୁମୁଗମ୍, ଆଇଟି ସଚିବ ମନୋଜ ମିଶ୍ର ଏବଂ ଶିକାଗୋ ବିଶ୍ୱବିଦ୍ୟାଳୟ ପ୍ରତିନିଧି ଭାବେ ଡକ୍ଟର ଅନନ୍ତ ସୁଦର୍ଶନ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚୁଡ଼ା କହ ମୁଢ଼ି କହ ଭାତର ତଳ
ବାପ କହ ଭାଇ କହ କାଚର ତଳ ।**

ଚୁଡ଼ା ମୁଢ଼ି ଭଳି ଜଳଖିଆ ସାମୟିକ ଭଲ ଲାଗେ, କିନ୍ତୁ ତାହା କେବେ ଭାତ ସମକକ୍ଷ ହୋଇପାରି ନ ଥାଏ । ଝିଅ ବାହାହେବା ପର୍ଯ୍ୟନ୍ତ ବାପା ଭାଇ ତା'ର ସମସ୍ତ ଦାୟିତ୍ୱ ତୁଲାଇଥାନ୍ତି। ପରନ୍ତୁ ବାହାହୋଇ ଶାଶୁଘରକୁ ଚାଲିଗଲେ ବାପାଭାଇଙ୍କ ଚିନ୍ତା ସରିଯାଇଥାଏ । କିନ୍ତୁ ଯାହାକୁ ବିଭା ହୋଇଥାଏ ସେହି ସ୍ୱାମୀ ଜୀବନର ସୁଖଦୁଃଖରେ ସବୁବେଳେ ସାଥୀ ହୋଇ ରହିଥାଏ । ଝିଅ ପାଇଁ ବାପାଭାଇ ଅପେକ୍ଷା ସ୍ୱାମୀ ଶ୍ରେଷ୍ଠ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚକ ଢିଲା,
ଅଖ ବି ଢିଲା ।**

ସାଧାରଣତଃ ଚକ ଓ ଅଖ ଢିଲା ରହିଲେ ଗାଡ଼ିଟି ଦୁର୍ଘଟଣାଗ୍ରସ୍ତ ହେବା ସମ୍ଭାବନା ରହିଥାଏ । ପରୋକ୍ଷରେ ଢିଲା ପ୍ରକୃତି ଥିବା ଲୋକର କୌଣସି ଠିକ୍ ଠିକଣା ରହୁ ନ ଥିବା ବେଳେ ତା'ର ହୁଗୁଳା ସ୍ୱଭାବ ଯୋଗୁ ସେ ସବୁବେଳେ ହଇରାଣ ହରକତ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ବଡ଼ଚଣା ବିଇଓ, ଶିକ୍ଷୟିତ୍ରୀମାନଙ୍କୁ କୈଫିୟତ ତଲବ

**ଭୁବନେଶ୍ୱର, ୨୧।୧(ବ୍ୟୁରୋ)**

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମଙ୍ଗଳବାର ଯାଜପୁର ଜିଲା ଗସ୍ତରେ ଯାଇ ବଡ଼ଚଣା ବିଇଓ ଅଫିସ, ବଡ଼ଚଣା ବାଳିକା ଉଚ୍ଚ ବିଦ୍ୟାଳୟ ଓ ଇଜ୍‌ଟନ୍ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ଅବସରରେ ବଡ଼ଚଣା ବିଇଓ କାର୍ଯ୍ୟାଳୟର ଏମ୍‌ଆଇଏସ୍ ସଂଯୋଜକ ବିଭୁଲାଭ ପରିଡ଼ା, ବିଆର୍‌ଟି ରଶ୍ମିରେଖା ପଣ୍ଡା, ଗଣେଶ ପ୍ରସାଦ ସିଂ, ଆକାଉଣ୍ଟାଣ୍ଟ ଅରବିନ୍ଦ ଜେନା ପ୍ରମୁଖ ଅନଧିକୃତ ଅନୁପସ୍ଥିତ ରହିଥିବା ଜାଣି ମନ୍ତ୍ରୀ ଅସନ୍ତୋଷ ପ୍ରକାଶ କରିଥିଲେ। ସେମାନେ କେଉଁ ପରିସ୍ଥିତିରେ ଅନୁପସ୍ଥିତ ଥିଲେ, ସେନେଇ ବଡ଼ଚଣା ବ୍ଲକ୍ ଶିକ୍ଷା ଅଧିକାରୀ ଦୁଇ ସପ୍ତାହ ମଧ୍ୟରେ କୈଫିୟତ ଦେବାକୁ ମନ୍ତ୍ରୀ ଯାଜପୁର ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ସେମାନଙ୍କ ଜାନୁୟାରୀ ମାସର ଦରମା ବନ୍ଦ ପାଇଁ ମଧ୍ୟ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବଡ଼ଚଣା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ରଶ୍ମିତା ସାହୁ, ରଶ୍ମିତା ମହାନ୍ତି, ଛବିଳତା ରଥ, ଦୀପ୍ତିମୟୀ ରାଉତ ଏବଂ ଅର୍ପିତା ପଟ୍ଟନାୟକ ପ୍ରମୁଖ ଅନୁପସ୍ଥିତ ଥିଲେ। ସେମାନଙ୍କୁ ମଧ୍ୟ ଦୁଇ ସପ୍ତାହ ମଧ୍ୟରେ କୈଫିୟତ ପ୍ରଦାନ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

# 'ସମସ୍ତ ସରକାରୀ କାର୍ଯ୍ୟାବଳୀ ଓଡ଼ିଆରେ କରିବାକୁ ଅନୁରୋଧ'

**ଭୁବନେଶ୍ୱର,୨୧।୧(ବ୍ୟୁରୋ)**

**ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ବିରୋଧୀ ଦଳ ନେତା**

ବିଭିନ୍ନ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷା ବ୍ୟବହାର ହେଉଛି। କିନ୍ତୁ ଦୁଃଖର ବିଷୟ, ଲୋକସେବା ଭବନ କିମ୍ବା ବିଧାନସଭା କାର୍ଯ୍ୟଧାରା ସମ୍ପୂର୍ଣ୍ଣ ଭାବେ ଓଡ଼ିଆ ଭାଷାରେ ସମ୍ପାଦିତ ହୋଇ ପାରୁନାହିଁ। ରାଜ୍ୟରେ ସର୍ବୋଚ୍ଚ ଅଦାଲତଠାରୁ ଆରମ୍ଭ କରି ନିମ୍ନ କୋର୍ଟଗୁଡ଼ିକରେ ପ୍ରଚଳିତ ଇଂଲିଶ ଭାଷା ନ୍ୟାୟ ପ୍ରଦାନ କ୍ଷେତ୍ରରେ ବିଡ଼ମ୍ବନା ସୃଷ୍ଟି କରିଛି। ଫଳରେ ସରକାରୀ କାର୍ଯ୍ୟକ୍ରମର ସୁଫଳ ହେଉ କିମ୍ବା ଲୋକଙ୍କୁ ନ୍ୟାୟ ମିଳିବା କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି ହେଉଛି। ଏ ସମ୍ପର୍କରେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏନେଇ ନାଏକ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି କହିଛନ୍ତି, ବିଧାନସଭାରେ ଉଭୟ ଶାସକ ଏବଂ ବିରୋଧୀଙ୍କ ସମ୍ମିଳିତ ଦାବି ଫଳରେ କିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଇଂଲିଶ ସହ ଓଡ଼ିଆ ଭାଷାରେ ପ୍ରକାଶନ କରାଯାଉଛି। କିନ୍ତୁ ବିଧାନସଭା ଗୃହର ଅନେକ ବିଭାଗୀୟ ସ୍ଥାୟୀ କମିଟି ରହିଛି, ଯେଉଁଗୁଡ଼ିକର ରିପୋର୍ଟ ମାତୃଭାଷାରେ ପ୍ରକାଶିତ ହୁଏନାହିଁ। ସେହିପରି ଅନେକ ବିଚାର ବିଭାଗୀୟ ରିପୋର୍ଟ, ବିଭାଗୀୟ ଖର୍ଚ୍ଚଦାବି, କମିଶନ ରିପୋର୍ଟ, ଅଧ୍ୟାଦେଶ ଆଦି ମାତୃଭାଷାରେ ଉପସ୍ଥାପିତ କରାଯାଏ ନାହିଁ। ଏହା ସହ ମୁଖ୍ୟମନ୍ତ୍ରୀ ଗୃହରେ ଇଂଲିଶରେ ବିବୃତି ଦେବା କଥାକୁ ମଧ୍ୟ ସେ ଚିଠିରେ ଉଲ୍ଲେଖ କରିଛନ୍ତି, ଯାହା ସରକାରୀ ଅମଲାମାନଙ୍କୁ ସୁହାଉଥିବା ବେଳେ ରାଜ୍ୟବାସୀଙ୍କ ଉପରେ ଏହା ନକାରାତ୍ମକ ପ୍ରଭାବ ପକାଉଥିବା ସେ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ, ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ, ବିହାର ଆଦି ରାଜ୍ୟର ଉଚ୍ଚ ନ୍ୟାୟାଳୟରେ ବିଚାର ବିଭାଗୀୟ କାର୍ଯ୍ୟ ଇଂଲିଶ ଭାଷା ବ୍ୟବହାର ହେଉଛି। ଏହା ସହ ସେହି ରାଜ୍ୟଗୁଡ଼ିକରେ ହିନ୍ଦୀକୁ ମଧ୍ୟ ଅତିରିକ୍ତ ଭାଷାରୂପେ ବ୍ୟବହାର କରାଯାଉଛି। ସେହିପରି ଓଡ଼ିଶାରେ ମଧ୍ୟ କରାଯାଉ ବୋଲି ସେ କହିଛନ୍ତି। ୨୦୧୧ ନଭେମ୍ବର ୪ରେ ରାଜ୍ୟର ଇଂଲିଶ ଭାଷାର ନାମ 'ଓରିୟା'କୁ ପରିବର୍ତ୍ତନ କରାଯାଇ 'ଓଡ଼ିଆ' କରାଗଲା। ଏହା ସତ୍ତ୍ୱେ ରାଜ୍ୟର ଉଚ୍ଚ ନ୍ୟାୟାଳୟ ନାମ ଫଳକରେ 'ଓରିୟା' ବୋଲି ଉଲ୍ଲେଖ ରହିବା ଯୋଗୁ ରାଜ୍ୟବାସୀଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହେବା ସ୍ୱାଭାବିକ। ଯଦି ସରକାର ଏ ଦିଗରେ ସଂକଳ୍ପ ନିଅନ୍ତି, ତେବେ ଏହାର ପରିବର୍ତ୍ତନ ନିଶ୍ଚିତ ସମ୍ଭବ ହୋଇପାରିବ।


# CLASSIFIED DISPLAY

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ନବବର୍ଷର ଶୁଭ ଅବସରରେ ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କେଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
7653848464
H.No. 12, Sohana Distt. Mohali

CLASSIC FINANCE (Regd No -1125124)
No File Charge No Guarantor
2% ସୁଧ 30% ଛାଡ
9532571946
9455178069
Lane No - 5, MG Road, Bangalore

ଭାରତୀୟ ମୁଦ୍ରା ଯୋଜନା ଅଧୀନରେ
1% ସୁଧ 50% ଛାଡ଼
073763-45374
087219-21764

BUSINESS

ଗ୍ଲୋବାଲ ନେଟୱର୍କ କମ୍ପାନୀ
ଅଗ୍ରିମ - 70,00,000/-, ଭଡ଼ା- 70,000/-
Add : T-61, Yamuna Puri Ext. Delhi
Contact 7082322494

SHINGHANIA TOWER
Shinghania Tower ଟାୱାର ବସାଇ ଅଗ୍ରୀମ 70,000,00/- ଭଡ଼ା 45,000/- ଟଙ୍କା
R-25/8, Krishna Apartment, MG Road Bengaluru, Karnataka 560076
WhatsApp No 8887184570

ASTROLOGY

ଗୁରୁ ସାହି ଖାନ୍
7 ଘଣ୍ଟାରେ 100 ପ୍ରତିଶତ ଗ୍ୟାରେଣ୍ଟି ସହିତ
A To Z Problem Solution
9818298397
9953959390

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ
2 ଘଣ୍ଟାରେ 100% ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବାବା ଅଲାଉଦ୍ଦିନ ବଙ୍ଗାଲି
8376889657
9971793786

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟେଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
A to Z ସମସ୍ୟାର ସମାଧାନ ଘରେ ବସି
ବାବା ଆମିଲ ସୁଫି
9540938429
8800979262

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କେଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍ଚର, ଦୁଇ ଚକିଆ, ଗ୍ରୁପ୍ ଋଣ ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ମୁଦ୍ରା ଫାଇନାନ୍ସ
89291-25571
89296-19951
M.P. Nagar, Zone-1, Bhopal, Madhya Pradesh.

ଖର୍ଚ୍ଚ ଋଣରୁ କଟିବ
MAHALAXMI FINANCE
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
1% ସୁଧ 40% ରିହାତି
9518852216, 9548270863
ADDRESS: T-51, GAUTAMPURI, DELHI

CAPITAL FINANCE
CAPITAL ଋଣ 2% ବାର୍ଷିକ ସୁଧରେ ମାତ୍ର 24 ଘଣ୍ଟାରେ ଘରେବସି ପାଆନ୍ତୁ
Plot No-14/524, Chandini Chowk, Kolkata
9992204863

BUSINESS
ଭାରତ ସରକାର ଦ୍ୱାରା ମାନ୍ୟତାପ୍ରାପ୍ତ କମ୍ପାନୀ
ଅଗ୍ରିମ - 70ଲକ୍ଷ, ଭଡ଼ା-50000 + 20 Years
No. 751/3, Beleghata Main Road Kolkata - 700010, West Bengal, India
7429717631

JOB JOB
15,000/-ରୁ 20,000/- ରୋଜଗାର
7265982706
7064768575

ଶକ୍ତିର ଦେଖନ୍ତୁ ଚମତ୍କାର
2 ଘଣ୍ଟାରେ 100% ସମାଧାନ
7578028866
ବାବା କବିର ଖାନ
8527425449

JAMUNA FINANCE
M: 7749011485
7608013153
Salt Lake City, Kolkata-700091, Panditagaon, Khalikote, Ganjam

ନବବର୍ଷର ଶୁଭ ଅବସରରେ ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
2% ସୁଧ 40% ରିହାତି
9499135756
B-34/7 A Block Vijay Enclave, Bururi, New Delhi

HEALTH CARE
ଲୋକସେବା କ୍ଲିନିକ୍
ଡାକ୍ତର ମୋହନ ଚରଣ ନାୟକ
ମୋବାଇଲ-9439043096
Regd No.-D/1307/70/ଓଡ଼ିଶା

INDUS TOWER COMPANY PVT. LTD
DIGITAL
ଅଗ୍ରିମ:70 ଲକ୍ଷ
ଭଡ଼ା: 40 ହଜାର
082784-55157
073761-01835
ADDRESS: T-51, GAUTAMPURI, DELHI

EDUCATION
Nursing: OT.TECH, DM.L.T TECH, PHARMACY, I.C.U, DIALYSIS, E.C.G, G.N.M
Fire Safety: Fire & Safety Engg. Tech., Fire and Industrial Safety Management
Hospital Practical, Hostel, Transport Facility Available Here
KIMS, KHANDAGIRI, BBSR
8658179869
7752094125

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଗଞ୍ଜାମ ଭଞ୍ଜ, କବିସୂର୍ଯ୍ୟଙ୍କ ପୁଣ୍ୟମାଟି: ବାଚସ୍ପତି

ଦିଗପହଣ୍ଡି,୨୧।୧(ଡି.ଏନ.ଏ.)

ଦିଗପହଣ୍ଡିସ୍ଥିତ ବଡ଼ଖେମୁଣ୍ଡି ହାଇସ୍କୁଲ ଖେଳପଡିଆରେ ମଙ୍ଗଳବାର ସନ୍ଧ୍ୟାରେ ଖେମୁଣ୍ଡି ମହୋତ୍ସବ-୨୦୨୦ ଉଦ୍‌ଘାଟିତ ହୋଇଯାଇଛି। ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଦକ୍ଷିଣାଞ୍ଚଳ ପୋଲିସ ଡିଆଇଜି ସତ୍ୟବ୍ରତ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ।

ମୁଖ୍ୟ ଅତିଥି ଉଦ୍‌ବୋଧନରେ କହିଥିଲେ ଯେ, ଏହି ଉତ୍ସବ ଦିଗପହଣ୍ଡିଠାରେ ପ୍ରଥମ କରି ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ମାଟି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଓ କବିସୂର୍ଯ୍ୟ ବଳଦେବଙ୍କ ପୁଣ୍ୟ ମାଟି। ଖେମୁଣ୍ଡି ଅଞ୍ଚଳର କଳା ସଂସ୍କୃତି, ଐତିହ୍ୟର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଏହି ଉତ୍ସବ ଆୟୋଜନ କରିଥିବା ସମସ୍ତ ଉଦ୍ୟୋକ୍ତାଙ୍କୁ ସେ ପ୍ରଶଂସା କରିଥିଲେ। ମହୋତ୍ସବ କମିଟି ଆବାହକ ତଥା ବିଡ଼ିଓ ହଳଧର ଶବରଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଅଭ୍ୟର୍ଥନା ସମିତି ଉପସଭାପତି ତଥା ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ତଥା ବ୍ଲକ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ, ସହ ସମ୍ପାଦକ ତଥା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆ, ବ୍ଲକ ସହକାରୀ ଯନ୍ତ୍ରୀ ଇଂ. ଗଙ୍ଗାଧର ଲେଙ୍କା, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ଭି. ରବିନାରାୟଣ ରାଜୁ, ପ୍ରଫୁଲ୍ଲ ପଣ୍ଡା, ଉପାଧ୍ୟକ୍ଷ ପ୍ରଦୀପ୍ତ ପଟ୍ଟନାୟକ, ଏମ୍. ନିରଞ୍ଜନ ରେଡ୍ଡୀ, ସରପଞ୍ଚ ବି. କ୍ରିଷ୍ଣା ରାଓ ସୁବୁଦ୍ଧି, ଉମା ମାହେଶ୍ୱରୀ ସେଠୀ, ଖେମୁଣ୍ଡି ଓକିଲ ସଂଘ ସମ୍ପାଦକ ହରପ୍ରସାଦ ରଥଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

ମହୋତ୍ସବ ଆରମ୍ଭ ପୂର୍ବରୁ ନୂଆ ବସ୍‌ଷ୍ଟାଣ୍ଡ ସମ୍ମୁଖରୁ ଗ୍ରାମାଞ୍ଚଳରୁ ଆସିଥିବା ବିଭିନ୍ନ ସାଂସ୍କୃତିକ ଦଳ, ଏନ୍‌ସିସି, ସ୍କାଉଟ ଛାତ୍ରୀଛାତ୍ର ସହର ପରିକ୍ରମା କରି ମହୋତ୍ସବ ସ୍ଥଳରେ ପହଞ୍ଚିଥିଲେ। ମହୋତ୍ସବର ଖୋଲା ମଞ୍ଚରେ ଭୁବନେଶ୍ୱରର ରୁଦ୍ରାକ୍ଷ ଓଡ଼ିଶୀ ଅନୁଷ୍ଠାନ ଓ ଦିଗପହଣ୍ଡିର ଜଗନ୍ନାଥ କଳା ନିକେତନର କଳାକାର ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ଯାଜପୁରର ଚଇତି ଘୋଡ଼ା ନାଚ ସମେତ ବିଶିଷ୍ଟ କଣ୍ଠଶିଳ୍ପୀ ଗୌତମ ଗିରି, ସତ୍ୟଜିତ ପ୍ରଧାନ, ଯାଜ୍ଞସେନୀ ନାୟକ ଓ ଭାଗ୍ୟଶ୍ରୀ ମହାନ୍ତିଙ୍କ ସଙ୍ଗୀତରେ ଦର୍ଶକ ଝୁମିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକଙ୍କ ଭିଡ଼ ଲାଗି ରହିଥିଲା। ବିଭିନ୍ନ ଷ୍ଟଲରେ ଜିଲାର ବିଭିନ୍ନ ଏସ୍‌ଏଚ୍‌ଜି ପକ୍ଷରୁ ପ୍ରଦର୍ଶନୀ ଓ ବିଭିନ୍ନ ସାମଗ୍ରୀ ବିକ୍ରି କରାଯାଇଥିଲା।



ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଦ୍ୱାରା ଖେମୁଣ୍ଡି ମହୋତ୍ସବ ଉଦ୍‌ଘାଟନ କରାଯାଉଛି।

■ଖେମୁଣ୍ଡି ମହୋତ୍ସବ ଉଦ୍‌ଘାଟିତ
■ଓଡ଼ିଶୀ ନୃତ୍ୟ, ସଙ୍ଗୀତରେ ଝୁମିଲେ ଦର୍ଶକ

## ସଂକ୍ଷେପରେ

### ୩ ବର୍ଷ ଶିଶୁକନ୍ୟାଙ୍କୁ ବଳାତ୍କାର କଲେ ନାବାଳକ

ଚିକିଟି,୨୧।୧(ଡି.ଏନ.ଏ.)-ବ୍ରହ୍ମପୁର ପୋଲିସ ଜିଲା କେ.ନୂଆଗାଁ ଥାନା ଅଞ୍ଚଳରେ ଜଣେ ୩ ବର୍ଷର ଶିଶୁକନ୍ୟାଙ୍କୁ ଅଷ୍ଟମ ଶ୍ରେଣୀ ଛାତ୍ର ବଳାତ୍କାର କରିଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ପୀଡ଼ିତାଙ୍କ ମା'ଙ୍କ ଏତଲାକୁ ଭିତ୍ତି କରି କେ.ନୂଆଗାଁ ପୋଲିସ ନଂ. ୮/୨୦ରେ ମାମଲା ରୁଜୁ କରିଛି। ଉଭୟଙ୍କୁ ଡାକ୍ତରୀ ମାଇନା ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଛି। ପ୍ରକାଶ ଯେ, ଗତ ୧୫ ତାରିଖରେ ଉକ୍ତ ଥାନା ଅଞ୍ଚଳରେ ରହୁଥିବା ଶିଶୁକନ୍ୟାଙ୍କୁ ପଡ଼ୋଶୀ ନାବାଳକ ଚକୋଲେଟ ଦେଇ ବଳାତ୍କାର କରିଥିଲେ। ଏହାକୁ ସ୍ଥାନୀୟ ଲୋକେ ଚପାଇଦେବାକୁ ଉଦ୍ୟମ କରୁଥିବା ବେଳେ ପୀଡ଼ିତାଙ୍କ ମା' କେ.ନୂଆଗାଁ ଥାନାରେ ଏତଲା ଦେଇଥିଲେ।

### ସ୍ତ୍ରୀ ହତ୍ୟାକାରୀ ଗିରଫ

ଖଲ୍ଲିକୋଟ,୨୧।୧(ଡି.ଏନ୍.ଏ.): ଖଲ୍ଲିକୋଟ ବ୍ଲକ ପଥରା ପଞ୍ଚାୟତ କଣ୍ଡରାପଡ଼ା ସାହିରେ ରବିବାର ମଧ୍ୟାହ୍ନରେ ସ୍ୱାମୀଙ୍କ ଆକ୍ରମଣରେ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିଲା। ହତ୍ୟାର ଶୀକାର ହୋଇଥିଲେ ଉକ୍ତ ଗ୍ରାମର ସେରନ୍ତୀ ବେହେରା। ହତ୍ୟାକାଣ୍ଡ ଘଟାଇବା ପରେ ସ୍ୱାମୀ ଭିକାରୀ ବେହେରା ଫେରାର ହୋଇଯାଇଥିଲା। ଭେଜିପୁଟ ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ପ୍ରଧାନଙ୍କ ନେତୃତ୍ୱରେ ପୋଲିସ ଟିମ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ମଙ୍ଗଳବାର ରାତିରେ ରମ୍ଭା ଅଞ୍ଚଳରୁ ତାଙ୍କୁ ଗିରଫ କରିଛି।

### ଏଲଆଇସି ଅଭିକର୍ତ୍ତା ସଙ୍ଗଠନର ଧର୍ମଘଟ

ଛତ୍ରପୁର,୨୧।୧(ଡି.ଏନ୍.ଏ): ଛତ୍ରପୁର ଏଲଆଇସି ଅଭିକର୍ତ୍ତା ସଙ୍ଗଠନ ପକ୍ଷରୁ ସ୍ଥାନୀୟ କାର୍ଯ୍ୟାଳୟ ଆଗରେ ୯ ଦଫା ଦାବି ନେଇ ଧର୍ମଘଟ କରାଯାଇଥିଲା। ସର୍ବଭାରତୀୟ ଏଲଆଇସି ଅଭିକର୍ତ୍ତା ସଙ୍ଗଠନ ଡାକରାରେ ପିକେଟିଂ କରି କାର୍ଯ୍ୟାଳୟକୁ ବନ୍ଦ କରାଯାଇଥିଲା। ଏଥିରେ ଛତ୍ରପୁର ଶାଖା ସମ୍ପାଦକ ମନ୍ମଥ କୁମାର ପାଢୀ ନେତୃତ୍ୱ ନେଇଥିବା ବେଳେ ଦୟାନିଧି ଦାଶ, ଭାସ୍କର ରାଓ, ସୀମାଞ୍ଚଳ ପଟ୍ଟନାୟକ, ଏସ୍ ଗୋବିନ୍ଦ, ସୁଶାନ୍ତ କୁମାର ଶତପଥୀ, ଦଣ୍ଡପାଣି ଦାସ ପ୍ରମୁଖ ସାମିଲ ଥିଲେ।

### ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

କବିସୂର୍ଯ୍ୟନଗର,୨୧।୧: କବିସୂର୍ଯ୍ୟନଗର ଶ୍ରୀଅରବିନ୍ଦ ହାଇସ୍କୁଲ ୧୯୭୨ ମାଟ୍ରିକ ବ୍ୟାଚର ବନ୍ଧୁମିଳନ ବନଦେବୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ବି. ଚିରଞ୍ଜିବ ପାତ୍ରଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ବହୁ ପଦ ପଦବୀରେ ଅଧିଷ୍ଠିତ ପୁରାତନ ଛାତ୍ରମାନେ ଯୋଗଦେଇଥିଲେ। ମୁଖ୍ୟଅତିଥି ଡ. ବିପ୍ରଚରଣ ମିଶ୍ର, କୁଞ୍ଜବିହାରୀ ମିଶ୍ର ସମ୍ମାନିତ ଅତିଥି, ଡା. ବାଳକୃଷ୍ଣ ପାତ୍ର, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ଓ ବନମାଳୀ ସ୍ୱାଇଁ, ଏ. ଆପାରାଓ ପାତ୍ର, କୈଳାସ ନାଥ ସ୍ୱାଇଁ, ଗଣପତି ସାହୁ, ଚିତ୍ତରଞ୍ଜନ ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ରାମନାଥ ମାଝୀ, ଦେବେନ୍ଦ୍ର ପଟ୍ଟନାୟକ, ଜଗନ୍ନାଥ ପଣ୍ଡା, ବଳରାମ ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଅଭିଯୁକ୍ତ ଦମ୍ପତି ଗଲେ ଜେଲ

ଦିଗପହଣ୍ଡି,୨୧।୧(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ସିଦ୍ଧଖଣ୍ଡୀ ଗ୍ରାମର ଜଣେ ମହିଳାଙ୍କୁ ଅସଦାଚରଣ ସହ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଥିଲା। ମହିଳାଙ୍କ ଏତଲାକୁ ଭିତ୍ତିକରି ଦିଗପହଣ୍ଡି ଆଇଆଇସି ବସନ୍ତ କୁମାର ସେଠୀ ନଂ. ୧୨/୨୦ରେ ମାମଲା ରୁଜୁ କରିଥିଲେ। ମଙ୍ଗଳବାର ଅପରାହ୍ନରେ ଅଭିଯୁକ୍ତ ବିନ ନାଇକ ଓ ତାଙ୍କ ସ୍ତ୍ରୀ ଝିଲ୍ଲିଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି।

ମହିଳାଙ୍କୁ ଅସଦାଚରଣ, ଆକ୍ରମଣ ମାମଲା

ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଦିଗପହଣ୍ଡି ସବ୍ ଜେଲକୁ ପଠାଯାଇଛି। ଆକ୍ରମଣରେ ଆହାତ ମହିଳା ଜଣକ ଦମ୍ପତିଙ୍କ ଚାଷଜମିରେ ଧାନ କାଟିବାକୁ ଯାଇଥିଲେ। ମଜୁରି ଟଙ୍କା ମାଗିବାରୁ ଅଭିଯୁକ୍ତ ସ୍ୱାମୀ ସ୍ତ୍ରୀ ଦ୍ୱୟ ତାଙ୍କୁ ଗତ ବୁଧବାର ସନ୍ଧ୍ୟାରେ ଆକ୍ରମଣ କରିବା ସହ ଅସଦାଚରଣ କରିଥିଲେ ବୋଲି ତଦନ୍ତକାରୀ ପୋଲିସ ଅଧିକାରୀ ଏସ୍‌ଆଇ ମଧୁସ୍ମିତା ପ୍ରଧାନ କହିଛନ୍ତି।

## କେନ୍ଦୁଝରରୁ ଉଦ୍ଧାର ହେଲେ ଜଣେ ଅନ୍ତେବାସୀ

ବ୍ରହ୍ମପୁର ଅଫିସ,୨୧।୧

ଉତ୍କଳ ବାଳାଶ୍ରମରୁ ଫେରାର ଘଟଣା
■ଏବେ ବି ୪ଙ୍କ ପତ୍ତା ମିଳୁନି

ଗଞ୍ଜାମ ଜିଲା ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ ଉତ୍କଳ ବାଳାଶ୍ରମରୁ ୧୩ ଜଣ ଅନ୍ତେବାସୀ ଗତ ୫ ତାରିଖରେ ଫେରାର ହୋଇଯାଇଥିଲେ। ଏହି ଘଟଣାରେ ପୋଲିସ ପୁଣି ଜଣେ ନାବାଳିକାଙ୍କୁ ଉଦ୍ଧାର କରିଛି। ସ୍ୱତନ୍ତ୍ର ଟିମ୍ ପକ୍ଷରୁ ମଙ୍ଗଳବାର କେନ୍ଦୁଝରରୁ ଜଣେ ଅନ୍ତେବାସୀଙ୍କୁ ଉଦ୍ଧାର କରାଯାଇଥିବା ନେଇ ଥାନାଧିକାରୀ ସୁମିତ କୁମାର ସୋରେନ ସୂଚନା ଦେଇଛନ୍ତି। ବାଳାଶ୍ରମରୁ ଅନ୍ତେବାସୀ ଫେରାର ଘଟଣାର ୧୬ ଦିନ ମଧ୍ୟରେ ୪ ଟି ପର୍ଯ୍ୟାୟରେ ୯ ଜଣଙ୍କୁ ପୋଲିସ ଉଦ୍ଧାର କରିଛି। ଅନ୍ୟପଟେ ଏବେବି ୪ ଜଣ ନିଖୋଜ ଅଛନ୍ତି। ପୋଲିସ ଟିମ୍ ସେମାନଙ୍କୁ ଠାବ କରିବା ପାଇଁ ପ୍ରୟାସ ଜାରି ରଖିଛି। ଉତ୍କଳ ବାଳାଶ୍ରମରେ ଅସୁରକ୍ଷିତ ଅବସ୍ଥାରେ ରହୁଥିବା ୧୩ ଅନ୍ତେବାସୀ ଗତ ୫ ତାରିଖ ବିଳମ୍ବିତ ରାତି ପ୍ରାୟ ସାଢ଼େ ଗୋଟାଏରେ କାନ୍ଥ ଡେଇଁ ଫେରାର ହୋଇଯାଇଥିଲେ। ସେମାନଙ୍କୁ ଠାବ କରିବା ପାଇଁ ପୋଲିସ ଓ ପ୍ରଶାସନର ୪ ଟିମ୍ ଗଠନ କରାଯାଇଥିଲା। ଗତ ୭ ତାରିଖରେ ୭ ଅନ୍ତେବାସୀଙ୍କୁ ଉଦ୍ଧାର କରାଯାଇଥିବା ନେଇ ପ୍ରଶାସନ ତରଫରୁ କୁହାଯାଇଥିଲା। ବାସ୍ତବରେ ୪ ଜଣଙ୍କୁ ଉଦ୍ଧାର କରାଯାଇଥିବା ପରେ ପୋଲିସ ପକ୍ଷରୁ ଗତ ୯ ତାରିଖରେ ସୂଚନା ଦିଆଯାଇଥିଲା। ପ୍ରଶାସନ ପକ୍ଷରୁ ଦିଆଯାଉଥିବା ତଥ୍ୟରେ ତାଳମେଳ ରହୁ ନ ଥିବା ପରିଲକ୍ଷିତ ହୋଇଥିଲା।

ସୂଚନାଯୋଗ୍ୟ ଅନ୍ତେବାସୀମାନେ ଗତ ୫ ତାରିଖ ମଧ୍ୟ ରାତ୍ରରେ ଟ୍ରେନରେ ଭୁବନେଶ୍ୱର ଚାଲିଯାଇଥିଲେ, ଯାହାକି ଷ୍ଟେଶନରେ ଲାଗିଥିବା ସିସିଟିଭି ଫୁଟେଜରୁ ଜଣାପଡିଥିଲା। ପରେ ପୋଲିସ ଭୁବନେଶ୍ୱର ଓ କଟକ ଅଞ୍ଚଳରୁ ୨ ଜଣ ଅନ୍ତେବାସୀଙ୍କୁ ଉଦ୍ଧାର କରିଥିଲା। ସେହିପରି ଗତ ୧୬ ତାରିଖରେ ହିଞ୍ଜିଳିକାଟୁରୁ ଜଣେ ଓ ୧୯ ତାରିଖରେ ଗାଙ୍ଗପୁର ଅଞ୍ଚଳରୁ ଜଣଙ୍କୁ ଉଦ୍ଧାର କରିଥିଲେ। ସେହିପରି ମଙ୍ଗଳବାର କେନ୍ଦୁଝରରୁ ଜଣେ ଅନ୍ତେବାସୀଙ୍କୁ ଉଦ୍ଧାର କରିଛି। ଏହି ଘଟଣାରେ ୯ ଅନ୍ତେବାସୀଙ୍କୁ ପୋଲିସ ଅଦ୍ୟାବଧି ଉଦ୍ଧାର କରିଥିବା ବେଳେ ଏବେବି ୪ ଜଣ ଝିଅ ନିଖୋଜ ଅଛନ୍ତି।

## ସ୍କାଉଟ୍ସ, ଗାଇଡ୍ସର ଜାତୀୟ ସଂହତି ଶିବିର

କନିଷି,୨୧।୧(ଡି.ଏନ.ଏ.)

କନିଷିସ୍ଥିତ ବାଲାଜୀ ବିଦ୍ୟାପୀଠ ପରିସରରେ ୫ ଦିନ ବ୍ୟାପୀ ଚାଲିଥିବା ଭାରତ ସ୍କାଉଟ୍ସ ଓ ଗାଇଡ୍ସର ଜାତୀୟ ସଂହତି ଶିବିରର ଚତୁର୍ଥ ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଶିକ୍ଷାଧିକାରୀ ବିନୀତା ସେନାପତି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ରୂପେ ରାଜ୍ୟ ମୁଖ୍ୟ କମିଶନର କାଳୀ ପ୍ରସାଦ ମିଶ୍ର, ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବ ଯୋଗଦେଇଥିଲେ। ଡିଏସ୍‌ପି ସାର୍ଥକ ରାୟ, ସ୍କାଉଟ୍ସର ରାଜ୍ୟ ସମ୍ପାଦକ ରାମମୂର୍ତ୍ତି ଦୋରା, କନିଷି ତହସିଲଦାର ରାଜ କିଶୋର ଜେନା, ଜିଲା ସ୍କାଉଟ୍ସ କମିଶନର ଏସ୍. ଗିରିଧର, ଗାଇଡ କମିଶନର ଶାନ୍ତିଲତା ମୁନି, ପୁରୁଷୋତ୍ତମପୁର ବିଇଓ ହରେକୃଷ୍ଣ ପଣ୍ଡା, ଛତ୍ରପୁର ବିଇଓ ଅବିନାଶ ଶତପଥୀ, ଆସିକା ବିଇଓ କୃତୀବାସ ବାରିକ, ପାତ୍ରପୁର ବିଇଓ କୁରେଶୁ ସେଠୀ, ହିଞ୍ଜିଳି ବିଇଓ ବସନ୍ତ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ଓଡ଼ିଶାରେ ଗଞ୍ଜାମ ସ୍କାଉଟ୍ସ ଓ ଗାଇଡ୍ସ ସମସ୍ତ କ୍ଷେତ୍ରରେ ସଫଳତା ଅର୍ଜନ କରିଛି ବୋଲି କହିଥିଲେ। ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲାର ସମସ୍ତ ବିଦ୍ୟାଳୟର ଛାତ୍ର ଅଂଶଗ୍ରହଣ କରିଥିବା ବେଳେ ସ୍କାଉଟ ଓ ଗାଇଡମାନଙ୍କର ଲୋକକଳା ପରମ୍ପରା ନୃତ୍ୟଗୀତ ମାଧ୍ୟମରେ ସମସ୍ତଙ୍କୁ ବିମୋହିତ କରିଥିଲା। ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ପାଦକ ଭାଗୀରଥି ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରାୟ ୭୦୦ ଶିବିରାର୍ଥୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘ ବୈଠକ




ମଞ୍ଚାସୀନ କର୍ମକର୍ତ୍ତା।

ବ୍ରହ୍ମପୁର ଅଫିସ,୨୧।୧

ଓଡିଶା ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘ ଦକ୍ଷିଣାଞ୍ଚଳ ଜୋନ୍ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ମଚାରୀଙ୍କ ସୁରକ୍ଷା, ନିରାପତ୍ତା, ଅଧିକାର, କର୍ତ୍ତବ୍ୟ ଓ ଦାବି ସମ୍ପର୍କରେ ଆଲୋଚନା କରାଯାଇଥିବା ସୋମବାର ବ୍ରହ୍ମପୁରରେ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ସଭାପତି ପ୍ରଶାନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସଂଘ ଭଞ୍ଜନଗର ଶାଖା ଉପଦେଷ୍ଟା ଆର. ତ୍ରିନାଥ ଦୋରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ସଂଘ ସଭାପତି ପ୍ରଶାନ୍ତ କୁମାର ମହାପାତ୍ର, ସାଧାରଣ ସମ୍ପାଦକ ଅକ୍ଷୟ କୁମାର ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ଦୀନବନ୍ଧୁ ମହାନ୍ତି, ଉପଦେଷ୍ଟା ଦୁର୍ଗା ମାଧବ ଆଚାର୍ଯ୍ୟ, ଉପସଭାପତି ପ୍ରଫୁଲ୍ଲ କୁମାର ପଟ୍ଟନାୟକ, କୋଷାଧ୍ୟକ୍ଷ ସଞ୍ଜୀବ ପ୍ରସାଦ ବେହେରା, ସାଙ୍ଗଠନିକ ସମ୍ପାଦକ କ୍ଷୀରୋଦ କୁମାର ସେଠୀ, ବିଜୟ କୁମାର ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଘରୋଇକରଣ ନେଇ ସର୍ଭିସ କଣ୍ଡିଶନରେ କୌଣସି ପରିବର୍ତ୍ତନ ତଥା ବିଭେଦତା କରାଗଲେ ବରଦାସ୍ତ କରାଯିବ ନାହିଁ ବୋଲି କ୍ଷୋଭ ପ୍ରକାଶ ପାଇଥିଲା। ୧୧ ଦଫା ସମ୍ବଳିତ ଏକ ଦାବିପତ୍ର ସାଉଥ୍‌କୋ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଭଞ୍ଜନଗର ଶାଖା ସମ୍ପାଦକ ମନୋଜ କୁମାର ପଣ୍ଡା, କେନ୍ଦ୍ରୀୟ ସଦସ୍ୟ ଜିତେଶ ମହାପାତ୍ର, ସହସମ୍ପାଦକ କେଦାର ନାଥ ରଣା, ସାରଦା ପ୍ରସାଦ ସ୍ୱାଇଁ ସହଯୋଗ କରିଥିଲେ। ଦକ୍ଷିଣାଞ୍ଚଳ ଜୋନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ପାଟପୁର,୨୧।୧

ସାନଖେମୁଣ୍ଡି ବ୍ଲକ ଏସ୍.ଗୋପାଳପୁର ନୋଡାଲ ହାଇସ୍କୁଲରେ ମଙ୍ଗଳବାର ସଡ଼କ ସୁରକ୍ଷା, ନାରୀ ଶିକ୍ଷାର ପ୍ରସାର, ବାଲ୍ୟ ବିବାହ ନେଇ ଏକ ଜନସଚେତନତା କାଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା କୁମାରୀ ବାଡ଼ତ୍ୟା ଶୁଭାରମ୍ଭ କରିଥିଲେ। ସ୍କାଉଟ ଶିକ୍ଷକ ଦୁର୍ଗା ମାଧବ ପାତ୍ରଙ୍କ ସଂଯୋଜନାରେ ସମସ୍ତ ଛାତ୍ରୀଛାତ୍ର ଗ୍ରାମ ପରିକ୍ରମା କରି ଟ୍ରାଫିକ ନିୟମ ମାନିବା, ହେଲ୍‌ମେଟ ବ୍ୟବହାର, ନିଶାସକ୍ତ ଭାବେ ଗାଡ଼ି ନ ଚଳାଇବା, ବାଲ୍ୟ ବିବାହ କରାଇଲେ ଆଇନଗତ ଦଣ୍ଡ ବ୍ୟବସ୍ଥା, ଅସୁବିଧା ସମ୍ପର୍କରେ ଗ୍ରାମର ସମସ୍ତ ଜନ ସାଧାରଣଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

## ଇନ୍‌ସ୍ୟୁରାନ୍ସ ଏଜେଣ୍ଟ ଆସୋସିଏଶନର ବିକ୍ଷୋଭ

ବ୍ରହ୍ମପୁର ଅଫିସ,୨୧।୧

ଏଲଆଇସି ବ୍ରହ୍ମପୁର ଶାଖା-୧ ଅଧୀନ କାର୍ଯ୍ୟରତ ଏଲଆଇସି ଏଜେଣ୍ଟଙ୍କ ବିଭିନ୍ନ ଦାବି ପୂରଣ ନେଇ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବ୍ରହ୍ମପୁର ଶାଖା-୧ର ଲାଇଫ ଇନ୍‌ସ୍ୟୁରାନ୍ସ ଏଜେଣ୍ଟ ଆସୋସିଏଶନ ପକ୍ଷରୁ ଚର୍ଚ୍ଚରୋଡସ୍ଥିତ ଡିଭିଜନ କାର୍ଯ୍ୟାଳୟରେ ଧାରଣା ଦିଆଯାଇଥିଲା। ରିନୁଆଲ କମିଶନ ବୃଦ୍ଧି, ଗ୍ରାଚୁଇଟି ବୃଦ୍ଧି, ଗ୍ରୁପ ଇନ୍‌ସ୍ୟୁରାନ୍ସ ପରିମାଣ ବୃଦ୍ଧି, ଫେଷ୍ଟିଭାଲ ଆଡଭାନ୍ସ ଠିକ୍ ସମୟରେ ଦେବା, ବିମାଧାରୀଙ୍କ ବୋନସ୍ ବୃଦ୍ଧି ଆଦି ଦାବି ପୂରଣ ନେଇ ଏଜେଣ୍ଟମାନେ ବିକ୍ଷୋଭ କରିବା ସହ ଧାରଣା ଦେଇଥିଲେ। ଇନ୍‌ସ୍ୟୁରାନ୍ସରେ ଲଗାଯାଉଥିବା ଜିଏସ୍‌ଟିକୁ ଉଚ୍ଛେଦ କରିବା ସହ ଦାବିପୂରଣ ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରିବାକୁ ଆସୋସିଏଶନ ଚେତାବନୀ ଶୁଣାଇଥିଲା। ବିକ୍ଷୋଭରେ ଶାଖା ସଭାପତି ପ୍ରିୟବ୍ରତ ପଟ୍ଟନାୟକ, ସମ୍ପାଦକ ଜଗନ୍ନାଥ ପାଲ, ଉପସଭାପତି ତୁଷାରକାନ୍ତି ରଥଙ୍କ ସମେତ ସମସ୍ତ କର୍ମଚାରୀ ସାମିଲ ହୋଇଥିଲେ।




ଆସୋସିଏଶନ କର୍ମକର୍ତ୍ତାମାନେ ଧାରଣାରେ ବସିଛନ୍ତି।

## ହାତୀ ଆକ୍ରମଣରେ ଚାଷୀ ମୃତ

ଦିଗପହଣ୍ଡି,୨୧।୧(ଡି.ଏନ୍.ଏ.)

ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ

ଦିଗପହଣ୍ଡି ଗ୍ରାମ୍ୟ ସ୍ୱାସ୍ଥ୍ୟ ତାଲିମ କେନ୍ଦ୍ର ପଛ ପଟେ ଧାନଖଳା ଜଗିଥିବା ଜଣେ ଚାଷୀଙ୍କ ହାତୀ ଆକ୍ରମଣରେ ମଙ୍ଗଳବାର ମୃତ୍ୟୁ ଘଟିଛି। ସେ ହେଲେ ଦିଗପହଣ୍ଡି ସାନଦାଣ୍ଡ ସାହିର ଆଲୁ.ଲାଛେୟା। ଦିଗପହଣ୍ଡି ଥାନାଧିକାରୀ ବସନ୍ତ କୁମାର ସେଠୀ ସଦଳବଳ ପହଞ୍ଚି ୟୁଡି କେଶ ନଂ. ୨/୨୦ ଅନୁଯାୟୀ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଇଥିଲେ।

ପ୍ରକାଶ ଯେ, ଦିଗପହଣ୍ଡି-ନିମପଲ୍ଲୀ କେନାଲ ରାସ୍ତା କଡ଼ରେ ଥିବା ସୁରେଶ ପଶୁପାଳକଙ୍କ ଖଳାରେ ଅମଳ ଧାନକୁ ଜଗିବା ପାଇଁ ଲାଛେୟା ଏବଂ ନୂଆ ସାହିର କେ.ଅରକ୍ଷିତ ପାତ୍ର ଯାଇଥିଲେ। ସେ ଦୁହେଁ ଖଳାରେ ଶୋଇଥିଲେ। ରାତି ପ୍ରାୟ ୩ ଟାରେ ଶବ୍ଦ ଶୁଣି ଉଭୟେ ନିଦରୁ ଉଠିଥିଲେ। ଖଳା ଭିତରକୁ ଷଣ୍ଢ ଆସି ଧାନ ଖାଉଥିବା ଆଶଙ୍କା କରି ଟର୍ଚ୍ଚ ଲାଇଟ୍ ଓ କଣ୍ଟି ବାଡି ଧରି ଘଉଡ଼ାଇବାକୁ ଯାଇ ହାତୀ ହାବୁଡ଼ାରେ ପଡ଼ିଥିଲେ। ଲାଛେୟାଙ୍କୁ ହାତୀ ଶୁଣ୍ଢରେ ଟେକି ଛେଚି ଦେବାରୁ ଘଟଣାସ୍ଥଳରେ ସେ ଅଚେତ ହୋଇ ପଡ଼ିଥିଲେ। ଅରକ୍ଷିତ ନିକଟସ୍ଥ ଏକ କୋଠା ଛାତ ଉପରକୁ ଦୌଡି ପଳାଇବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ପରିବାର ଲୋକେ ଲାଛେୟାଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଖବର ପାଇ ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା, ପରେଶ ଚନ୍ଦ୍ର ରଥ, କୁରେଶୁ ମହାରଣା, କେ.କୁନା ପ୍ରମୁଖ ସକାଳ ୮ ଟାରୁ ୯ ଟା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଦିଗପହଣ୍ଡି-ଚିକିଟି ମୁଖ୍ୟରାସ୍ତାକୁ ଅବରୋଧ କରିଥିଲେ। ଦିଗପହଣ୍ଡି ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ, ବନବିଭାଗ ଫରେଷ୍ଟର ସୀତାରାମ ପାତ୍ର, ଦିଗପହଣ୍ଡି ଆଇଆଇସି ବସନ୍ତ କୁମାର ସେଠୀ, ଏସ୍‌ଆଇ ମଧୁସ୍ମିତା ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାଶୁଝା କରିବା ପରେ ଅବରୋଧ ହଟିଥିଲା। ତହସିଲଦାର ଘଟଣାସ୍ଥଳ ପରିଦର୍ଶନ କରିବା ସହ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସବିଶେଷ ରିପୋର୍ଟ ସଂଗ୍ରହ କରି ଫେରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବନବିଭାଗ ପକ୍ଷରୁ ହାତୀ ଉପଦ୍ରବ ନେଇ ସତର୍କ ରହିବାକୁ ସହର ସମେତ ଆଖପାଖ ଗାଁ ଗୁଡ଼ିକରେ ପ୍ରଚାର କରାଯାଇଛି। ଶନିବାର ନନ୍ଦଗାଁରେ ହାତୀ ବହୁ ସଂଖ୍ୟକ ଚାଷୀଙ୍କ ଖଳାରେ ପଶି ଅମଳ ଧାନ ଖାଇ ଦେବା ସହ ନଷ୍ଟ କରିଥିବା ଅଭିଯୋଗ ହୋଇଥିଲା।



ଉତ୍ତେଜିତ ଲୋକଙ୍କ ସହ ତହସିଲଦାରଙ୍କ ଆଲୋଚନା।

## ବିଭାଗୀୟ ନିର୍ଦ୍ଦେଶ ପରେ ପଶିଲା ଚେତା

ବ୍ରହ୍ମପୁର ଅଫିସ,୨୧।୧

ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ
■ତରବରିଆ ଭାବେ କଲେ କ୍ୟାରିୟର କାଉନ୍‌ସେଲିଂ

ଖଲ୍ଲିକୋଟ କନିଷ୍ଠ ମହାବିଦ୍ୟାଳୟ ତଥା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କ୍ୟାରିୟର କାଉନ୍‌ସେଲିଂ ଗଠନ କରିବାକୁ ନେଇ ଦୁଇଦୁଇଥର ଉଚ୍ଚ ମାଧ୍ୟମିକ ଶିକ୍ଷା ବିଭାଗ ନିର୍ଦ୍ଦେଶ ପରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ମଙ୍ଗଳବାର ଛାତ୍ରୀଛାତ୍ରଙ୍କ କ୍ୟାରିୟର କାଉନ୍‌ସେଲିଂ ଆରମ୍ଭ କରିଛନ୍ତି। କିନ୍ତୁ ତାହା କାମଚଳାରେ ତରବରିଆ ଭାବେ ହୋଇଛି। କେବଳ ଉଚ୍ଚ ମାଧ୍ୟମିକ ଶିକ୍ଷା ବିଭାଗ ନିର୍ଦ୍ଦେଶନାମାରେ ଭୟଭୀତ ହୋଇ ଏହି କାର୍ଯ୍ୟକ୍ରମକୁ ଆରମ୍ଭ କରାଯାଇଛି। କ୍ୟାରିୟର କାଉନ୍‌ସେଲିଂ ସେଲ ଗାଇଡ୍ ଲାଇନ ପ୍ରକାରେ ଏହି କାର୍ଯ୍ୟକ୍ରମକୁ କରାଯାଉ ନ ଥିବା ଅଭିଯୋଗ ହୋଇଛି।

ସୂଚନା ପ୍ରକାରେ, କ୍ୟାରିୟର କାଉନ୍‌ସେଲିଂ ଗାଇଡ୍‌ଲାଇନ୍ ପ୍ରକାରେ ଛାତ୍ରୀଛାତ୍ରଙ୍କୁ ମହାବିଦ୍ୟାଳୟର ଏହା ଉପରେ ଅଭିଜ୍ଞତା ସମ୍ପନ୍ନ ଅଧ୍ୟାପିକା ଅଧ୍ୟାପକ ବକ୍ତବ୍ୟ ପ୍ରଦାନ କରିବେ। ଏଥି ସହ ଯୁକ୍ତ ୨ ପରବର୍ତ୍ତୀ ପାଠ୍ୟକ୍ରମ ତଥା ବୃତ୍ତି ପ୍ରଦାନ କ୍ଷେତ୍ରରେ ଅଭିଜ୍ଞ ଏକ୍ସପର୍ଟଙ୍କୁ ନିମନ୍ତ୍ରଣ କରାଯାଇ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରାଯିବାକୁ ଗାଇଡ୍‌ଲାଇନରେ ରହିଛି। କିନ୍ତୁ ଉକ୍ତ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଗାଇଡ୍‌ଲାଇନ ପ୍ରକାରେ ଏହାକୁ କରି ନ ଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଏନେଇ କେତେକ ଛାତ୍ର କ୍ୟାରିୟର କାଉନ୍‌ସେଲିଂ କାର୍ଯ୍ୟକ୍ରମ ସମ୍ପର୍କରେ କୌଣସି ସୂଚନା ନ ଥିବା କହିଛନ୍ତି। ଅନ୍ୟପକ୍ଷରେ ଅଧ୍ୟକ୍ଷା ସ୍ୱର୍ଣ୍ଣପ୍ରଭା ମହାପାତ୍ର କହିଛନ୍ତି, ମହାବିଦ୍ୟାଳୟରେ ଯୁକ୍ତ ୨ ପରେ ଛାତ୍ରୀଛାତ୍ରଙ୍କ ପାଇଁ ଥିବା ବିଭିନ୍ନ ପାଠ୍ୟକ୍ରମ କ୍ୟାରିୟର ସମ୍ପର୍କରେ ପ୍ରଥମ ଥର ପାଇଁ କାଉନ୍‌ସେଲିଂ କାର୍ଯ୍ୟକ୍ରମ କଳା ଓ ବାଣିଜ୍ୟ ବିଭାଗରେ ହୋଇଛି। କଳା ବିଭାଗରେ ଆୟୋଜିତ କାର୍ଯ୍ୟକ୍ରମକୁ ଇଂଲିଶ ଅଧ୍ୟାପକ ଜାଫରିନ ମାଜିଦ, ଅଧ୍ୟାପିକା ସୁଚିତ୍ର ଦାସ, ମନ୍ମୟୀ ପଣ୍ଡା ବକ୍ତା ଭାବେ କ୍ୟାରିୟର ସମ୍ପର୍କରେ କହିଥିଲେ। ସେହିପରି ବାଣିଜ୍ୟ ବିଭାଗରେ ପ୍ରଶାନ୍ତ କୁମାର ଦାସ, ମଧୁମିତା ନାୟକ, ସାଇ କୃଷ୍ଣା ପ୍ରମୁଖ କ୍ୟାରିୟର ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିବା ସେ କହିଥିଲେ। କିନ୍ତୁ କ୍ୟାରୟର କାଉନ୍‌ସେଲିଂ କାର୍ଯ୍ୟକ୍ରମର ଗାଇଡ୍‌ଲାଇନ ସମ୍ପର୍କରେ ସ୍ପଷ୍ଟ ତଥ୍ୟ ପ୍ରଦାନ କରିପାରି ନ ଥିଲେ। ଯାହା ଫଳରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନ ତଥା ଉତ୍ତମ ପଥ ଦେଖାଇବା ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମର ସଫଳତା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏ ଦିଗରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଗୁରୁତ୍ୱ ଦେବା ସହ ବାହାରୁ ଏକ୍ସପର୍ଟଙ୍କୁ ଆଣି ଛାତ୍ରୀଛାତ୍ରଙ୍କୁ ଉତ୍ତମ ଦିଗ୍‌ଦର୍ଶନ ଦେବା ଉପରେ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ଓ ଅଭିଭାବକ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

## ସଂକ୍ଷେପରେ

### ନ୍ୟୁଏରା ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ

ବୁଗୁଡ଼ା,୨୧।୧(ଡି.ଏନ.ଏ.)-ବୁଗୁଡ଼ା ନ୍ୟୁଏରା ପବ୍ଲିକ ସ୍କୁଲର ୧୯ତମ ବାର୍ଷିକ ଉତ୍ସବ ସମ୍ପୃକ୍ତ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପରିଚାଳନା କମିଟି ସଭାପତି କାଳି ଚରଣ ଦାଶଙ୍କ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଡିଓ ତନ୍ମୟ ପାତ୍ର, ମୁଖ୍ୟବକ୍ତା ଭାବେ ତହସିଲଦାର ସଂଗ୍ରାମ କେଶରୀ ଜେନା ଏବଂ ସମ୍ମାନିତ ଅତିଥି ଭାବେ ପିପୁଲସ୍ କଲେଜ ଅଧ୍ୟକ୍ଷ ରଜନୀକାନ୍ତ ଦାଶ, ଆଇଆଇସି ଚିତ୍ତରଞ୍ଜନ ବେହେରା, ଏବିଇଓ ପ୍ରମୋଦ ଚନ୍ଦ୍ର ସେନାପତି, ସ୍କୁଲ ଅଧ୍ୟକ୍ଷ ଦେବେନ୍ଦ୍ର କୁମାର ପରିଡ଼ା ଯୋଗଦେଇଥିଲେ। ଛାତ୍ରୀ ମନୋରଞ୍ଜନ ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ବୈଷ୍ଣବ ଚରଣ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ବରିଷ୍ଠ ଶିକ୍ଷକ ମନୋରଞ୍ଜନ ଦାଶ ବାର୍ଷିକ ବିବରଣୀ ପାଠ ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରିଚାଳନାରେ ଅନିରୁଦ୍ଧ ଗୌଡ଼, ସୀମାଞ୍ଚଳ ଦାଶ, ସୁଦୀପ୍ତା ମିଶ୍ର, ନିବେଦିତା ମିଶ୍ର, ରମାଦେବୀ ତ୍ରିପାଠୀ, ସସ୍ମିତା ମିଶ୍ର, ଶୁଭଶ୍ରୀ ଜେନା, ତପନ କୁମାର ମହାରଣାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ସେବିକାମାନେ ସହଯୋଗ କରିଥିଲେ।

### ଆର.ଉଦୟଗିରି ଉଚ୍ଚ ବିଦ୍ୟାଳୟରେ ରୋବୋଟିକ କର୍ମଶାଳା

ଆର.ଉଦୟଗିରି,୨୧।୧(ଡି.ଏନ.ଏ.): ଆର.ଉଦୟଗିରି ସରକାରୀ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଆନୁକୂଲ୍ୟରେ ଏକ ଦିବସୀୟ ରୋବୋଟିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ପ୍ରଧାନ ଶିକ୍ଷକ ସରୋଜ କୁମାର ସିଂ ଉଦ୍‌ଘାଟନ କରିଥିଲେ। ଉକ୍ତ କର୍ମଶାଳାରେ ଆର.ଉଦୟଗିରି ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟରୁ ବିଜ୍ଞାନ ଶିକ୍ଷକ, ପ୍ରଧାନଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। କଳାହାଣ୍ଡି ଜିଲାର ଭବାନୀପାଟଣା ସରକାରୀ ଇଞ୍ଜିନିୟରିଂ ମହାବିଦ୍ୟାଳୟର ପ୍ରାଧ୍ୟାପକ ଅଶୋକ ଭୋଇ, ପ୍ରାଧ୍ୟାପକ ଡ. ବସନ୍ତ ସ୍ୱାଇଁ ଛାତ୍ରୀଛାତ୍ରମାନଙ୍କୁ କୃତ୍ରିମ ବୁଦ୍ଧି ଓ ରୋବଟ କିପରି ତିଆରି କରାଯାଏ ଏହି ବିଷୟରେ ତାଲିମ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଶିକ୍ଷା କ୍ଷେତ୍ରରେ ଉନ୍ନତି ନିମନ୍ତେ ରୋବଟ କିଟ୍ ବଣ୍ଟନ କରାଯାଇଥିଲା। ଶେଷରେ ଶିକ୍ଷକ ଅଭୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଟୋକନ ଆସୁନାହିଁ, ଉତ୍ତ୍ୟକ୍ତ ଚାଷୀଙ୍କ ଧାରଣା

ଭଞ୍ଜନଗର,୨୧।୧(ଡି.ଏନ୍.ଏ.)

ବିଗତ କିଛିବର୍ଷ ହେବ ଗଞ୍ଜାମ ଜିଲାରେ ପ୍ରାକୃତିକ ଦୁର୍ବିପାକ ଯୋଗୁ ଧାନ ଅମଳ କମିଯାଇଥିଲା। ଚାଷୀମାନେ କ୍ଷତିଗ୍ରସ୍ତ ହୋଇଥିଲେ। କିନ୍ତୁ ଚଳିତବର୍ଷ ଫସଲ ପ୍ରାୟ ସ୍ୱାଭାବିକ ହୋଇଛି। ତେଣୁ

### ଅଭାବୀ ଧାନ ବିକ୍ରି ପାଇଁ ଷଡ଼ଯନ୍ତ୍ର

ଚାଷୀମାନେ ଧାନକୁ ସରକାରୀ ଦରରେ ମଣ୍ଡିରେ ବିକ୍ରି ପାଇଁ ଯୋଜନା କରିଥିଲେ। କିନ୍ତୁ ପ୍ରଶାସନିକ ଷଡଯନ୍ତ୍ର ଯୋଗୁ ଚାଷୀମାନେ ଧାନକୁ ମଣ୍ଡିରେ ବିକିବାରେ ବଞ୍ଚିତ ହେଉଛନ୍ତି। ଶେଷରେ ବାଧ ହୋଇ କମ୍ ଦରରେ ଦଲାଲଙ୍କୁ ବିକି ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଅଭାବୀ ଧାନ ବିକ୍ରି, ଚାଷୀ ପଞ୍ଜୀକରଣରେ ତ୍ରୁଟି ଓ ଟୋକେନ ଆସିବାରେ ବିଳମ୍ବ ଦର୍ଶାଇ ମଙ୍ଗଳବାର ଭଞ୍ଜନଗର ବ୍ଲକ ଜିଲୁଣ୍ଡି ସେବା ସମବାୟ ସମିତି କାର୍ଯ୍ୟାଳୟ ସମ୍ମୁଖରେ କେତେଜଣଚାଷୀ ବିକ୍ଷୋଭ



ଚାଷୀମାନେ ଧାରଣାରେ ବସିଛନ୍ତି।

ସହ ଧାରଣରେ ବସିଥିଲେ। ଏହାପରେ ସେମାନଙ୍କ କଥା ବୁଝାଯିବ ବୋଲି ସେଠାରେ କାର୍ଯ୍ୟରତ ଜଣେ କର୍ମଚାରୀ ପ୍ରତିଶ୍ରୁତି ଦେବାପରେ ଚାଷୀମାନେ ଆନ୍ଦୋଳନରୁ ଓହରିଥିଲେ। ଅମୂଲ୍ୟ ସ୍ୱାଇଁ, ପ୍ରଦୀପ ଗୌଡ଼, ପାଣ୍ଡୁ ଡ଼ାକୁଆ, କୃଷ୍ଣ ବିଷୋୟୀ, ଶୟନ ଗୌଡ଼, ବାବୁଲା ପ୍ରଧାନ, ସୁବଳ ବିଷୋୟୀ ପ୍ରମୁଖ ଚାଷୀ ଧାରଣାରେ ବସିଥିଲେ।

ପ୍ରକାଶଯେ ଚଳିତ ବର୍ଷ ସରକାର ଟୋକନ ବ୍ୟବସ୍ଥା କରିଛନ୍ତି। ଟୋକେନ ମିଳିବା ପରେ ହିଁ ଚାଷୀ ମଣ୍ଡିରେ ଧାନ ବିକ୍ରି କରିପାରିବ। ଧାନ ବିକ୍ରିପାଇଁ ଚାଷୀ ଯେବେ ଚାହିଁବେ ତା’ ପୂର୍ବରୁ ସେବା ସମବାୟ ସମିତି ସମ୍ପାଦକମାନଙ୍କୁ ଜଣାଇବେ। ଏହାପରେ ସେବା ସମବାୟ ସମିତି ପକ୍ଷରୁ ଟୋକେନ ପାଇଁ ଅନ୍‌ଲାଇନରେ ବୁକିଂ କରାଯିବ। କିନ୍ତୁ ଭଞ୍ଜନଗର ବ୍ଲକର ଏକାଧିକ ଚାଷୀ ଟୋକନ ଆବେଦନ କରିବାର ମାସେ ବିତିବାକୁ ବସିଲାଣି ତଥାପି ଟୋକେନ ଆସୁନାହିଁ। ଯାହାକୁ ନେଇ ଚାଷୀ ଚିନ୍ତାରେ। ସେଥିମଧ୍ୟରୁ କେତେଜଣ ଚାଷୀ ପ୍ରଶାସନର ଏଭଳି ଅବହେଳାକୁ ନେଇ ବିରକ୍ତିଭାବ ପ୍ରକାଶ କରିବା ସହ ଦଲାଲମାନଙ୍କୁ ଧାନ ବିକ୍ରି କରି ଦେଇଛନ୍ତି। କ୍ଷତି ଅପେକ୍ଷା ସରକାରୀ ନିର୍ଯ୍ୟାତନା ଅଧିକ ହୋଇଯାଉଛି ତେଣୁ ବାଧ୍ୟ ହୋଇ ଦଲାଲଙ୍କୁ ଧାନ ବିକ୍ରି କରୁଛୁ ବୋଲି କେତେଜଣ ଚାଷୀ ଏଠାରେ କ୍ଷୋଭର ସହ କହିଛନ୍ତି। ଅପରପକ୍ଷେ ଆଉ କେତକ ସ୍ଥାନରେ ଚାଷୀମାନଙ୍କ ଅଧିକ ଜମିଥିଲେ ମଧ୍ୟ ସେମାନଙ୍କ କମ୍ ଜମିଥିବା ରେକର୍ଡ଼ରେ ଦର୍ଶାଯାଇଛି। ଫଳରେ ବଡ଼ ଚାଷୀମାନେ ମଣ୍ଡିରେ ଆବଶ୍ୟକତା ଅନୁଯାଇ ଧାନ ବିକ୍ରି କରିବାରୁ ବଞ୍ଚିତ ହେବେ।

### ସେମାନେ କୁହନ୍ତି...

“ ଜାଣିଶୁଣି ବଡ଼ ଚାଷୀମାନଙ୍କୁ ହଇରାଣ କରାଯାଉଛି। ଉଦ୍ଦେଶ୍ୟମୂଳକ ଭାବେ ଚାଷୀଙ୍କ ନାମ ପଞ୍ଜୀକରଣ ସମୟରେ ହିଁ ଭୁଲ୍ ରେକର୍ଡ଼ ସୋସାଇଟି କର୍ମଚାରୀମାନେ ଦେଇଛନ୍ତି। ତେଣୁ ଏହି ସମସ୍ୟା ଉପୁଜିଛି। ଟୋକନ ମାସ ମାସ ଧରି ମିଳୁନାହିଁ। ସମସ୍ତ ଚାଷୀ ଯେଭଳି ସେମାନଙ୍କ ସମସ୍ତ ଅମଳ ଧାନ ମଣ୍ଡିରେ ବିକି ପାରିବେ ସେଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦିଅନ୍ତୁ। ନଚେତ ଆଗାମୀ ଦିନରେ ଚାଷୀ ଆନ୍ଦୋଳନ ହେବ।

**ଶୁଭେଗା ପ୍ରଧାନ,**
**ଚାଷୀ, ଭାଲିଆଖାଇ ଗ୍ରାମ**

“ ଚାଷୀମାନଙ୍କ ସମସ୍ୟା ପ୍ରତି ଅବଗତ ଅଛୁ। ଟୋକନ ନେଇ ଭୁବନେଶ୍ୱରରୁ ଚାଷୀଙ୍କ ମୋବାଇଲକୁ ମେସେଜ ଆସୁଛି। ଆଇନ ଅନୁଯାଇ ଚାଷୀଙ୍କ ଧାନ ମଣ୍ଡିରେ କିଣିବା ବ୍ୟବସ୍ଥା କରାଯାଉଛି।

**ରାଜେନ୍ଦ୍ର ସ୍ୱାଇଁ,**
**ଜିଲୁଣ୍ଡି ସୋସାଇଟି କର୍ମଚାରୀ**

## ହାତୀଓଟ ନୋଡାଲ ହାଇସ୍କୁଲରେ କ୍ୟାରିୟର କାଉନ୍‌ସେଲିଂ

ହାତୀଓଟ,୨୧।୧

ହାତୀଓଟ ନୋଡାଲ ହାଇସ୍କୁଲରେ ଦୁଇଦିନ ବ୍ୟାପି ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କୁ ନେଇ କ୍ୟାରିୟର କାଉନ୍‌ସେଲିଂ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ଉମା ଶଙ୍କର ଦାସ ପରିଚାଳନା କରିଥିଲେ। ହାତୀଓଟ ମେଡିକାଲରୁ ଡା ସୁଭ୍ରା, ବରିଷ୍ଠ ଆଇନଜୀବୀ ଓ ପୋଲସରା ଓକିଲ ସଂଘର ସଭାପତି ସୁଶାନ୍ତ କୁମାର ସାହୁ, ଫରେଷ୍ଟର ହର ସାହୁ, ଶିକ୍ଷାବିତ ଶରତ ଚନ୍ଦ୍ର ରାଉତ, ଅର୍ଥନୀତିଜ୍ଞ ପ୍ରହଲ୍ଲାଦ ସାହୁ ପ୍ରମୁଖ ଛାତ୍ରୀଛାତ୍ରମାନଙ୍କୁ କ୍ୟାରିୟର ଗଠନ ସମ୍ପର୍କରେ ବୁଝାଇଥିଲେ। ଏଥିରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶୁଭାସିନି ସାହୁ, ପ୍ରଫୁଲ୍ଲ କୁମାର ସାହୁ, ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ। ଶେଷରେ ବିଦ୍ୟାଳୟର ଶିକ୍ଷକ ନିରାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଭିଯୋଗ ଶୁଣିଲେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ



ସଚିବ ମହାନ୍ତି ନାଥେଶ୍ୱର ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରୁଛନ୍ତି।

ଶେରଗଡ,୨୧।୧(ଡି.ଏନ୍.ଏ.)

ଶେରଗଡ଼ ବ୍ଲକକୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଦିଲିପ କୁମାର ମହାନ୍ତି ମଙ୍ଗଳବାର ଦିନିକିଆ ଗସ୍ତରେ ଆସିଥିଲେ। ଧନନ୍ତର, ବରମୁଣ୍ଡଳୀ, କରଡାକଣା ଓ ଶେରଗଡ ପଞ୍ଚାୟତ ପରିଦର୍ଶନ କରିବା ସହ ବିଭିନ୍ନ ଅଭିଯୋଗ ଶୁଣିଛନ୍ତି। ପ୍ରାୟ ୧୨ଟାବେଳେ ଧନନ୍ତର ପଞ୍ଚାୟତରେ ପହଞ୍ଚିବା ପରେ ବ୍ଲକ ଅଧକ୍ଷା ସାରସ ସ୍ୱାଇଁ, ଧନନ୍ତର ସରପଞ୍ଚ ରୁନୁ ସ୍ୱାଇଁ ସ୍ୱାଗତ କରିଥିଲେ। ସୁବଳୟାପଲ୍ଲୀ ଗ୍ରାମରେ କଲ୍ୟାଣ ମଣ୍ଡପ ପାଇଁ ସମିତିସଭ୍ୟଙ୍କ ସ୍ୱାମୀ ରବୀନ୍ଦ୍ର ପାତ୍ର ଦାବି କରିଥିଲେ। ସେଠାରେ ଠୁରୁବୁରାଇ ଗ୍ରାମର କେତେଜଣ ଲୋକେ ବିଭିନ୍ନ ପ୍ରକଳ୍ପ ନିର୍ମାଣ ପାଇଁ ଦାବି କରିଥିଲେ। ସେଠାରୁ ସଚିବ ମହାନ୍ତି ନାଥେଶ୍ୱର ଉଚ୍ଚବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ। ଶ୍ରେଣୀଗୃହ ଅଭାବ ନେଇ ଭାରପ୍ରାପ୍ତ ପ୍ରଧାନଶିକ୍ଷକ କାହ୍ନୁଚରଣ ସାହୁ ଏକ ପତ୍ର ପ୍ରଦାନ କରିଥିଲେ। ଲାଞ୍ଜିଆପଲ୍ଲୀ ଯାଇ ଏକ ନୂତନ କୋଠା ସାଙ୍ଗକୁ ଉନ୍ନୟନ ପ୍ରକଳ୍ପ ବୁଲି ଦେଖିଥିଲେ। ଶେରଗଡ ଡାକ୍ତରଖାନା ପରିଦର୍ଶନରେ ଯାଇ ଡାକ୍ତର ଶାନ୍ତିଦେବୀଙ୍କ ସହ ଆଲୋଚନା କରିବାପରେ ବର୍ହିଃବିଭାଗ ବୁଲି ଦେଖିଥିଲେ। ବରମୁଣ୍ଡଳୀ ପଞ୍ଚାୟତ ସଭାଗୃହରେ ସରପଞ୍ଚ କାଳୁଚରଣ ସାହୁ ଶିବ ମନ୍ଦିର ନିକଟରେ ଏକ ପୋଲ ନିର୍ମାଣ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ପ୍ରମୋଦ ଉଦ୍ୟାନ କରିବା, ବରମୁଣ୍ଡଳୀ ପଟାପାବୁଲି ଓ ବିରିକୋଟରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ, ଖଦାଳ ସମାଜ ନିମନ୍ତେ ଏକ କୋଠଘର ନିର୍ମାଣ ପାଇଁ ଦାବି କରାଯାଇଥିଲା। ଏହାପରେ ସଚିବ ମହାନ୍ତି କରଡକଣା ଯାଇ ଗୋଟିଏ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପେପର ପ୍ଲେଟ ଶିଳ୍ପ ଦେଖି ଖୁସିବ୍ୟକ୍ତ କରିଥିଲେ। ଶେରଗଡ ପଞ୍ଚାୟତକୁ ଯାଇ ପଞ୍ଚାୟତ କୋଠା ଦେଖିବା ସହ ସଭାଗୃହରେ ସରପଞ୍ଚ ଯାଜ୍ଞସେନୀ ପ୍ରଧାନ, ସମିତିସଭ୍ୟା ସାଗରିକା ପ୍ରଧାନ ସ୍ୱାଗତ କରିଥିଲେ। ଶେରଗଡ ବସ୍‌ଷ୍ଟାଣ୍ଡ ନିର୍ମାଣ, ପ୍ରତ୍ୟେକ ଘରକୁ ପିଇବା ପାଣି, ଆବର୍ଜନା ଉଠାଇବାକୁ ଗାଡ଼ି, ଚାରିଛକରେ ଏକ ବିଶ୍ରାମଗାର ନିର୍ମାଣ, ଶେରଗଡ ଡାକ୍ତରଖାନାରେ ୨୪ ଘଣ୍ଟିଆ ଡାକ୍ତର ରହିବା ବ୍ୟବସ୍ଥା ପାଇଁ ପଞ୍ଚାୟତ ପକ୍ଷରୁ ଦାବିପତ୍ର ଦିଆଯାଇଥିଲା। ଏହାପରେ ସ୍ୱତନ୍ତ୍ର ସଚିବ ବ୍ରାହ୍ମଣଛାଇ, ତହଁରର ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଥିଲେ। ରାଜ୍ୟରେ ୫-ଟି ଲାଗୁପରେ ସ୍ୱତନ୍ତ୍ର ସଚିବ ମହାନ୍ତିଙ୍କର ଏହା ତୃତୀୟ ଗସ୍ତ। ବ୍ଲକ ଅଧକ୍ଷା ସାରସ ସ୍ୱାଇଁ, ଉପାଧକ୍ଷ ବିଶ୍ୱନାଥ ସ୍ୱାଇଁ, ବିଡିଓ ସୁରଞ୍ଜନ କୁମାର ସାହୁ, ତହସିଲଦାର ଡ. ଦୟାସିନ୍ଧୁ ପରିଡା, ସହାକାରୀ ନିର୍ବାହୀ ଯନ୍ତ୍ରୀ ମହେନ୍ଦ୍ର କୁମାର ଷଡଙ୍ଗୀ, ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର, ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପାତ୍ର, ପ୍ରମୋଦ କୁମାର ସାହୁ, ପୂର୍ବତନ ବ୍ଲକ ଅଧକ୍ଷ ବାବୁଲା କୁମାର ଚୌଧୁରୀ, ସନ୍ତୋଷ କୁମାର ପଟ୍ଟନାୟକ, ହୃଷିକେଶ ପାଢୀ, ହୀନ ବେହେରା, ଗୋପାଳଚରଣ ପଟ୍ଟନାୟକ, ନିରଞ୍ଜନ ଜେନା, ଦିଗାମ୍ବର ନାହାକ ପ୍ରମୁଖ ସଚିବଙ୍କ ଗସ୍ତବେଳେ ଉପସ୍ଥିତ ଥିଲେ।

# ପୁରାତନ ଛାତ୍ର ସଂସଦ ବୈଠକ

ଆସିକା,୨୧।୧(ଡି.ଏନ୍.ଏ.)

ଆସିକା ବିଜ୍ଞାନ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ବୈଠକ ରବିବାର ମଧ୍ୟାହ୍ନରେ କଲେଜ ପରିସରରେ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ଡ. ତାରାପ୍ରସାଦ ଦାସ ଏଥିରେ ସଭାପତିତ୍ୱ କରିଥିବାବେଳେ ପ୍ରଦୀପ କୁମାର ପାଢୀ, ଡ. ଜୀବାନନ୍ଦ ତ୍ରିପାଠୀ, ଅବସରପ୍ରାପ୍ତ ଅଧ୍ୟାପିକା ଶ୍ରୀମତୀ ମିଶ୍ର, ଅଧ୍ୟାପକ ଭରତ ବେହେରା, ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହିଅବସରରେ ପୁରାତନ ଛାତ୍ର ସଂସଦ ଅଧିକ ସଂଗଠିତ କରିବା, ସରକାରଙ୍କ ମୋ କଲେଜ ଯୋଜନାର କାର୍ଯ୍ୟକାରୀ କରିବା ଏବଂ କଲେଜ ସୁବର୍ଣ୍ଣ ଜୟନ୍ତୀ ପାଳନ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ପୁରାତନ ଛାତ୍ର ସଂସଦର ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ବିଶିଷ୍ଟ ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ନିରାକର ଭଞ୍ଜ ସଭାପତି, ଅଜିତ୍ ଚୌଧୁରୀ ଉପ-ସଭାପତି, ରମେଶ ଚନ୍ଦ୍ର ଜାନି ସମ୍ପାଦକ, ପ୍ରଦୀପ କୁମାର ପାଣିଗ୍ରାହୀ ଯୁଗ୍ମ ସମ୍ପାଦକ, ସନାତନ ପାଢୀ କୋଷାଧ୍ୟକ୍ଷ, ଧନଞ୍ଜୟ ମହାପାତ୍ର ସହ-କୋଷାଧ୍ୟକ୍ଷ, ଅଧ୍ୟାପକ ସରୋଜ କୁମାର ପଣ୍ଡା ସଙ୍ଗଠନ ସମ୍ପାଦକ ଏବଂ ୧୦ ଜଣ ସଦସ୍ୟଙ୍କୁ ନେଇ ଏକ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି। ଉପଦେଷ୍ଟା ରହିଛନ୍ତି କଲେଜ ଅଧ୍ୟକ୍ଷ ଡ. ଦାସ।




ବୈଠକରେ ଉପସ୍ଥିତ ଅଧ୍ୟକ୍ଷ ଓ ଅନ୍ୟମାନେ।

# ଅବ୍ୟବସ୍ଥା ସଜାଡ଼ିବା ପରେ ୫-ଟି ଉପରେ ପରାମର୍ଶ

ଭଞ୍ଜନଗର,୨୧।୧(ଡି.ଏନ.ଏ)

ବ୍ରହ୍ମପୁରସ୍ଥିତ ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ କାର୍ଯ୍ୟାଳୟରେ ଅବସ୍ଥାପିତ ଏଆର୍‌ଡ଼ି (ସହକାରୀ ନିର୍ଦ୍ଦେଶକ) ବିଶ୍ୱମ୍ଭର ଷଡ଼ଙ୍ଗୀ ଜଗନ୍ନାଥପ୍ରସାଦ କଲେଜକୁ ୫ଦିନିଆ ଗସ୍ତରେ ଆସି ରବିବାର ସୁଦ୍ଧା କଲେଜର ବିଭିନ୍ନ ଆର୍ଥିକ କାରବାର ସମ୍ବନ୍ଧୀୟ କାଗଜପତ୍ର ଯାଞ୍ଚ କରିଥିଲେ। କାଗଜପତ୍ର ପ୍ରସ୍ତୁତିରେ ଥିବା ତ୍ରୁଟିକୁ ସୁଧାରିବା ସହ ଆଗାମୀ ଦିନରେ ଏଭଳି ତ୍ରୁଟି ନହେବ ନେଇ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହ ଗସ୍ତ ଶେଷ ପୂର୍ବରୁ କଲେଜର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକଙ୍କୁ ୫-ଟି ଉପରେ ପରାମର୍ଶ ଦେଇଥିଲେ। ୫-ଟି କାର୍ଯ୍ୟକାରୀ ହେବାପରେ ତ୍ୱରିତ ନ୍ୟାୟ ମିଳୁଛି। ତେଣୁ କଲେଜର ସମସ୍ତ



ଜଗନ୍ନାଥପ୍ରସାଦ କଲେଜରେ ଏଆର୍‌ଡ଼ିଙ୍କ ସମେତ ଅନ୍ୟମାନେ।

### ଏଆର୍‌ଡିଙ୍କ କଲେଜରେ ସମୀକ୍ଷା

କର୍ମଚାରୀ ଏଥିପ୍ରତି ଧ୍ୟାନ ଦେବାକୁ ଏଆର୍‌ଡ଼ି ଷଡ଼ଙ୍ଗୀ କହିଥିଲେ। ଏଆରଡ଼ିଙ୍କ ଗସ୍ତ ସମୟରେ ଯୁକ୍ତ୩ କଲେଜ ଅଧ୍ୟକ୍ଷ ସନାତନ ସାହୁ ଓ ଯୁକ୍ତ୨ କଲେଜ ଅଧ୍ୟକ୍ଷ ନୃସିଂହ ଚରଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଏଆର୍‌ଡ଼ି ଏହା ପୂର୍ବରୁ ବିଭିନ୍ନ ଦିବସରେ ଭଞ୍ଜନଗର ସାବିତ୍ରୀ ମହାବିଦ୍ୟାଳୟ ଓ ବିଡ଼ିପୁରସ୍ଥିତ ତେନ୍ତୁଳିଆ ଶାସନ ଦେବସ୍ଥାନ ମହାବିଦ୍ୟାଳୟ ମଧ୍ୟ ପରିଦର୍ଶନରେ ଯାଇଥିଲେ। ଏଥିସହ କ୍ଷତ୍ରିୟବରପୁର ଯୁକ୍ତ୩ କଲେଜର କର୍ମଚାରୀଙ୍କ ସହ କଲେଜର ବିଭିନ୍ନ ସମସ୍ୟା ଓ ଏହାର ନିରାକରଣ ଉପରେ ଆଲୋଚନା କରିଥିଲେ।

## ଅତିରିକ୍ତ ତହସିଲଦାରଙ୍କ ଯୋଗଦାନ

କୁକୁଡାଖଣ୍ଡି,୨୧।୧(ଡି.ଏନ.ଏ.)

କୁକୁଡ଼ାଖଣ୍ଡି ତହସିଲ କାର୍ଯ୍ୟାଳୟରେ ନୂତନ ଅତିରିକ୍ତ ତହସିଲଦାର ଭାବେ ଅମ୍ରିତ ମହାନ୍ତି କାର୍ଯ୍ୟାରେ ଯୋଗ ଦେଇଛନ୍ତି। ସେ ପୂର୍ବରୁ ପୁରୀରେ କାର୍ଯ୍ୟରତ ଥିଲେ। ବର୍ତ୍ତମାନ କୁକୁଡ଼ାଖଣ୍ଡି ତହସିଲରେ ଯୋଗଦେବା ପରେ ତାଙ୍କୁ କର୍ମଚାରୀମାନେ ସ୍ୱାଗତ କରିଛନ୍ତି। ତହସିଲରେ ପଡି ରହଇଥିବା ଥିବା ସମସ୍ତ ପଡ଼ା କାର୍ଯ୍ୟ ସାରିବା ସହ ଲୋକଙ୍କୁ ସେବା ଯୋଗାଇଦେବାକୁ ପ୍ରତଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି।

# ନାଳ ନିକଟରୁ ଉଦ୍ଧାର ମୃତକଙ୍କ ପରିଚୟ ମିଳିଲା

ଭଞ୍ଜନଗର,୨୧।୧(ଡି.ଏନ.ଏ)

ତାରସିଂ ଥାନା ଢ଼ୋଲପିଟା ନାଳ ନିକଟରୁ ସୋମବାର ସନ୍ଧ୍ୟାରେ ଉଦ୍ଧାର ହୋଇଥିବା ମୃତ ଯୁବକଙ୍କର ପରିଚୟ ମଙ୍ଗଳବାର ମିଳିଛି। ସେ ହେଲେ ଉକ୍ତ ଥାନା ବାରଦଣ୍ଡାର ଅଶୋକ ନାଇକ (୩୦)। ତାଙ୍କୁ ହତ୍ୟା କରାଯାଇଛି ନା ସେ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି ସେ ନେଇ ପୋଲିସ ଦ୍ୱନ୍ଦ୍ୱରେ ଅଛି। ମାତ୍ର ପୋଲିସ ସୋମବାର ରାତିରେ ନଂ.୧୬।୨୦ ରେ ଏକ ହତ୍ୟା ମାମଲା ରୁଜୁକରି ଘଟଣାର

### ହତ୍ୟା ନା ଦୁର୍ଘଟଣା ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା

ତଦନ୍ତ ଚଳାଇଛି। ମଙ୍ଗଳବାର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ। ଅପରପକ୍ଷେ ଏହି ମାମଲାରେ ପୋଲିସ ୨ଜଣଙ୍କୁ ଥାନାକୁ ନେଇ ପଚରାଉଚରା କରୁଛି। ସୂଚନା ଅନୁଯାୟୀ, ଅଶୋକ ସୋମବାର ଗ୍ରାମର ଅନ୍ୟ ଜଣେ ଯୁବକଙ୍କ ସହ ମିଶି ବାଇକ୍ ଯୋଗେ କାଠଚିରା ଗ୍ରାମ ଅଭିମୁଖେ ଯାଉଥିଲେ। ବାଟରେ ୨ଟି ସ୍ଥାନରେ ସାମାନ୍ୟ ଦୁର୍ଘଟଣା ଘଟିଥିଲା ମାତ୍ର ସେମାନେ ଆହତ ହୋଇ ନ ଥିଲେ। ଏହାପରେ ସନ୍ଧ୍ୟାରେ ଢ଼ୋଲପିଟା ନିକଟରେ ଅଶୋକଙ୍କ କ୍ଷତାକ୍ତ ମୃତଦେହ ପଡ଼ିଥିବା ଲୋକେ ଦେଖିଥିଲେ। ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ଥିବାରୁ ପୋଲିସ ନିଜ ଆଡୁ ଏକ ହତ୍ୟା ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡିବ ବୋଲି ଥାନା ଅଧିକାରୀ କହିଛନ୍ତି।

# ମୋବାଇଲ ଟାୱାର ପ୍ରତିଷ୍ଠା, ବସ୍ ଚଳାଚଳ ଦାବି

ଦାରିଙ୍ଗବାଡ଼ି,୨୧।୧(ଡି.ଏନ୍.ଏ)

ଦାରିଙ୍ଗବାଡ଼ି ବ୍ଲକ ସିଆଙ୍ଗବାଲି ପଞ୍ଚାୟତ ଅଞ୍ଚଳକୁ ସବୁଦିନିଆ ଯାତ୍ରୀବାହୀ ବସ୍ ଚଳାଚଳ ସହ ମୋବାଇଲ ଟାୱାର ପ୍ରତିଷ୍ଠା ପାଇଁ ଅଞ୍ଚଳବାସୀ ଜିଲାପ୍ରଶାସନ ନିକଟରେ ଦାବି କରିଆସୁଛନ୍ତି। ମାତ୍ର କୌଣସି ଅଧିକାରୀ ଗାଁରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରି ନ ଥିବା ସରପଞ୍ଚ ଅନିମା ପ୍ରଧାନ, ପୂର୍ବତନ ସରପଞ୍ଚ ଲେଙ୍କା ପ୍ରଧାନ ପ୍ରମୁଖ ଅଭିଯୋଗ କରିଛନ୍ତି। ଏବେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିବାକୁ ସଜବାଜ ହେଉଛନ୍ତି ଗ୍ରାମବାସୀ।

ପ୍ରକାଶ ଯେ, ଦାରିଙ୍ଗବାଡ଼ିଠାରୁ ମାତ୍ର ୮ କିମି ଦୂରରେ ରହିଛି ସିଆଙ୍ଗବାଲି ପଞ୍ଚାୟତ ହେଡ୍‌କ୍ୱାର୍ଟର। ଉକ୍ତ ପଞ୍ଚାୟତର ୧୩ ରାଜସ୍ୱ ଗ୍ରାମ ରହିଥିବାବେଳେ ଜନସଂଖ୍ୟା ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ। ଦୈନିକ ଅଞ୍ଚଳବାସୀ ଦାରିଙ୍ଗବାଡ଼ି ଉପରେ ସରକାରୀ ଏବଂ ବେସରକାରୀ କାର୍ଯ୍ୟ ପାଇଁ ନିର୍ଭର କରୁଛନ୍ତି। ସେହିପରି ସିଆଙ୍ଗବାଲିକୁ ୫୯ ନଂ. ଜାତୀୟ ରାଜପଥରୁ ୩ଟି ପ୍ରବେଶ ପଥ ବିଭିନ୍ନ ସ୍ଥାନରୁ ରହିଥିବାବେଳେ ସିମନବାଡ଼ି-ରାଇକିଆ ପୂର୍ତ୍ତ ବିଭାଗ ରାସ୍ତାର ବାଡାବାଙ୍ଗା ଠାରୁ ମଧ୍ୟ ପ୍ରବେଶ ପଥ ରହିଛି। ସରକାରଙ୍କ ପକ୍ଷରୁ ଏହି ସମସ୍ତ ପ୍ରବେଶପଥ ଦେଇ ସିଆଙ୍ଗବାଲି ପର୍ଯ୍ୟନ୍ତ ପକ୍କାରାସ୍ତା ନିର୍ମାଣ ହୋଇଛି। ହେଲେ ସିଆଙ୍ଗବାଲି ପଞ୍ଚାୟତ




ସିଆଙ୍ଗବାଲି ପଞ୍ଚାୟତ କାର୍ଯ୍ୟାଳୟ।

### ଆନ୍ଦୋଳନ ପାଇଁ ସଜବାଜ

ଅଧୀନ ଲୋକମାନେ ଜରୁରୀକାଳୀନ ପରିସ୍ଥିତିରେ ଦାରିଙ୍ଗବାଡ଼ି ଯିବାକୁ ସିଆଙ୍ଗବାଲିରେ ପହଞ୍ଚିଲେ ମଧ୍ୟ ଯାତ୍ରୀବାହୀ ବସ୍ ନ ଥିବାରୁ ଅଟୋରେ ଅଧିକ ଖର୍ଚ୍ଚାନ୍ତ ହୋଇ ଯାଉଛନ୍ତି। ଆମ୍ବୁଲାନ୍ସ ଡାକିବାକୁ ହେଲେ ଫୋନର ମଧ୍ୟ ବ୍ୟବସ୍ଥା ନାହିଁ। ସିଆଙ୍ଗବାଲିରେ ଶହେ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ରହିଥିବାବେଳେ ଉପସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟ ରହିଛି। ଛାତ୍ରୀମାନଙ୍କ ଦେହ ଅସୁସ୍ଥ ହେଲେ ମୋବାଇଲ ଟାୱାର ନ ଥିବାରୁ ଆମ୍ବୁଲାନ୍ସ ଡକାଯାଇପାରୁନାହିଁ। ତେଣୁ ମୋବାଇଲ ସେବା ସହ ଯାତ୍ରିବାହୀ ବସ୍ ଚଳାଚଳ କଲେ ସମସ୍ତ ପ୍ରକାର ସୁବିଧା ହେବ ବୋଲି ପୂର୍ବତନ ସମିତିସଭ୍ୟ ତଥା ବହୁମୁଖୀ ସମବାୟ ସମିତି ସଭାପତି ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସେହିପରି ମୋବାଇଲ ସେବା କିମ୍ବା ଗାଡ଼ିମୋଟର ଚଳାଚଳ ନ ଥିବାରୁ ଉକ୍ତ ରାସ୍ତାଦେଇ ମାଫିଆ ବେଧଡ଼କ ଗଞ୍ଜେଇ ଚୋରାଚାଲାଣ କରୁଛନ୍ତି। ମୋବାଇଲ ସେବା ଏବଂ ଉକ୍ତ ରାସ୍ତାରେ ଗାଡ଼ିମୋଟର ଚଳାଚଳ ହେଲେ ଏହିସବୁ ଅସାମାଜିକ କାର୍ଯ୍ୟକଳାପ ବନ୍ଦ ହେବାରେ ସହାୟକ ହେବ ବୋଲି ଅଞ୍ଚଳବାସୀ ଆଶା ରଖିଛନ୍ତି। ଏନେଇ ଫୁଲବାଣୀ ଆଞ୍ଚଳିକ ପରିବହନ ଅଧିକାରୀ ତଥା ଏମ୍‌ଭିଆଇ ଗତିକୃଷ୍ଣ ସାମନ୍ତରାୟ କହିଛନ୍ତି ଯେ, ଚଳିତ ସପ୍ତାହରେ ଏକ ଘରୋଇ ବସ୍ ସିଆଙ୍ଗବାଲିକୁ ଯାତାୟାତ କରିବ। ଏନେଇ ସମସ୍ତ ପ୍ରସ୍ତୁତି କରାଯାଉଛି। ସେହିପରି ପଞ୍ଚାୟତକୁ ଜିଲା ପ୍ରଶାସନ ସହାୟତା କଲେ ତିଲେଶ୍ୱରୀ ପଞ୍ଚାୟତ ଭଳି ନଷ୍ଟ ହୋଇ ପଡି ରହିଥିବା ନଳକୂପ ପାଇପରେ ଟାୱାର ନିର୍ମାଣ କରିବୁ ବୋଲି ସରପଞ୍ଚ ଅନିମା ପ୍ରଧାନ କହିଛନ୍ତି। ପଞ୍ଚାୟତ ନିଜ ପାଣ୍ଠିରେ ଏହା ନିର୍ମାଣ କରିବାରେ କୌଣସି ସମସ୍ୟା ନାହିଁ ବୋଲି ବିଡିଓ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ କହିଛନ୍ତି।

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ଜି.ଉଦୟଗିରି,୨୧।୧(ଡି.ଏନ୍.ଏ.)

ଜି.ଉଦୟଗିରିରେ ବୋଲେରୋ ସହ ଅଟୋ ଧକ୍କାରେ ଗୁରୁତର ହୋଇଥିବା ନନ୍ଦଗିରି ଗ୍ରାମର ନିଳିମା ମଲ୍ଲିକଙ୍କ ସୋମବାର ରାତିରେ ଚିକିତ୍ସାଧୀନ ଅବସ୍ଥାନରେ ମୃତ୍ୟୁ ଘଟିଛି। ମୃତଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ନନ୍ଦଗିରିଠାରେ ମଙ୍ଗଳବାର ସକାଳ ୭ ଟାରୁ ୧୧ ଘଣ୍ଟା ପର୍ଯ୍ୟନ୍ତ ରାଜ୍ୟ ରାଜପଥକୁ ଟାୟାର ଜାଳି ଗଛ ପକାଇ ଲୋକେ ଅବରୋଧ କରିଥିଲେ। ଜି.ଉଦୟଗିରି ଏସ୍‌ଡିପିଓ ଜୟକୃଷ୍ଣ ବେହେରା, ଆଇଆଇସି ଧୀରାଜ କୁମାର ଲେଙ୍କା ଏବଂ ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ସଞ୍ଜୀବ କୁମାର ପାତ୍ର ପହଞ୍ଚି ଲୋକଙ୍କ ସହ ଆଲୋଚନା



ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି।

### ଦୁର୍ଘଟଣାରେ ଗୁରୁତରଙ୍କ ମୃତ୍ୟୁ

କରିଥିଲେ। ଆଇଆଇସି ନିୟମ ମୁତାବକ କ୍ଷତିପୂରଣ ଦିଆଯିବ ବୋଲି କହିବା ପରେ ରାସ୍ତାରୋକୋ ହଟିଥିଲା। ପ୍ରକାଶ ଯେ, ଜି.ଉଦୟଗିରି ସହରର ଡୁଗୁଡ଼ି ଶଙ୍ଖ ସାହି ରାସ୍ତାରେ ସୋମବାର ଏକ ଅଟୋ ସହ ବୋଲେରୋ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ଘଟିଥିଲା। ଅଟୋ ଚାଳକ ଜି.ଉଦୟଗିରିର ପଙ୍କଜ ପଟ୍ଟନାୟକ, ନିଳିମାଙ୍କୁ ବ୍ରହ୍ମପୁର ମେଡିକାଲ ପଠାଯାଇଥିଲା। ସାଗରିକା ମଲ୍ଲିକ ଫୁଲବାଣୀ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

## ସଂକ୍ଷେପରେ

### ୨ ଯୁବତୀଙ୍କୁ ଅପହରଣ ଅଭିଯୋଗ

**ରୂପ୍‌ସା, ୨୧।୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅଞ୍ଚଳରୁ ୨ଜଣ ଯୁବତୀଙ୍କୁ ଅପହରଣ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଏନେଇ ପୋଲିସ ତଦନ୍ତ ଜାରି ରହିଛି। ସୋମବାର ବରହମପୁର ଗ୍ରାମର ଜଣେ ଯୁବତୀଙ୍କୁ ରୂପ୍‌ସା ସାମିଲହାସନପୁର ଗ୍ରାମର ସଞ୍ଜୟ କୁମାର ବେହେରା ଅପହରଣ କରିଥିବା ପରିବାର ପକ୍ଷରୁ ଲିଖିତ ଭାବେ ଅଭିଯୋଗ ହୋଇଛି। ସେହିପରି ସାର୍ଥା ଅଞ୍ଚଳର ଜଣେ ଯୁବତୀ ରୂପ୍‌ସା ହାତିଆଡ଼ିହା ଗ୍ରାମରେ ଅଜା ଘରେ ରହି କଲେଜରେ ଅଧ୍ୟୟନ କରୁଥିଲେ। ଗତ ୨୦୧୯ ଅକ୍ଟୋବରରେ ରାସଗୋବିନ୍ଦପୁର ଅଞ୍ଚଳର ସଞ୍ଜୟ ମୁର୍ମୁ ଯୁବତୀଙ୍କୁ ଅପହରଣ କରିଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ଅପହୃତା ଯୁବତୀ ଓ ଅପହରଣକାରୀଙ୍କ ସନ୍ଧାନ ପାଇଁ ପୋଲିସ ତଦନ୍ତ ଜାରି ରଖିଛି।

### ୧୭ ଉପଭୋକ୍ତାଙ୍କ ବିଦ୍ୟୁତ୍ କାଟ୍

**ଭୋଗରାଇ,୨୧।୧(ଡି.ଏନ.ଏ.):** ଭୋଗରାଇ ନେସ୍କୋ ବିଦ୍ୟୁତ୍ ଉପଖଣ୍ଡ ପକ୍ଷରୁ ମଙ୍ଗଳବାରଠାରୁ ବକେୟା ବିଦ୍ୟୁତ୍ ବିଲ ଆଦାୟ ଅଭିଯାନ ଆରମ୍ଭ ହୋଇଛି। ଜଳେଶ୍ୱର ନେସ୍କୋ ବିଦ୍ୟୁତ୍ ବିଭାଗର ନିର୍ବାହୀଯନ୍ତ୍ରୀ ହରିଶ କୁମାର ପଣ୍ଡା, ଭୋଗରାଇ ସହକାରୀଯନ୍ତ୍ରୀ ରାଜକମଳ ଦାସଙ୍କ ନେତୃତ୍ୱରେ ଥାନାଛକଠାରୁ ଭୋଗରାଇ ବ୍ଲକ ପର୍ଯ୍ୟନ୍ତ ବକେୟା ବିଦ୍ୟୁତ ଉପଭୋକ୍ତାଙ୍କଠାରୁ ୩ଲକ୍ଷ ଟଙ୍କା ଦେୟ ଆଦାୟ କରାଯାଇଛି। ୧୭ଜଣ ବିଦ୍ୟୁତ୍ ଉପଭୋକ୍ତା ବିଦ୍ୟୁତ୍ ଦେୟ ପୈଠ କରି ନ ଥିବାରୁ ସେମାନଙ୍କର ବିଦ୍ୟୁତକାଟ୍ କରାଯାଇଥିବା ବିଭାଗୀୟ ପକ୍ଷରୁ ସୂଚନା ମିଳିଛି। ଭୋଗରାଇର ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ବିଲ୍ ଖୁବ୍‌ଶୀଘ୍ର ପୈଠ ପାଇଁ ଡାକବାଜି ଯନ୍ତ୍ରରେ ପ୍ରଚାର କରାଯାଇ ସଚେତନ କରାଯାଇଛି। ବିଦ୍ୟୁତ୍ ବିଭାଗ ନେସ୍କୋ ପକ୍ଷରୁ ଫିନାନସିଆଲ ମ୍ୟାନେଜର ଅନିଲ କୁମାର ପାତ୍ର, ବରିଷ୍ଠ ଲାଇନ୍ ମ୍ୟାନ ସୁଶାନ୍ତ କର ପ୍ରମୁଖ ସହଯୋଗ କରିଥିଲେ। ନେସ୍କୋ ପକ୍ଷରୁ ବିଦ୍ୟୁତ୍ ବିଲ୍ ଆଦାୟ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ଅଭିଯାନ ଚାଲୁ ରହିବା ସହିତ ବିଦ୍ୟୁତ୍ ଚୋରା ବ୍ୟବହାକୁ ସ୍କ୍ୱାଡ଼ ପକ୍ଷରୁ ଚଢ଼ାଉ କରାଯାଇ ଜରିମାନା ଆଦାୟ କରାଯାଉଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

### ଶିକ୍ଷକ, ଅଭିଭାବକଙ୍କ ମଧ୍ୟରେ ସମନ୍ୱୟ ଜରୁରୀ

**ସୋର, ୨୧।୧ (ଡି.ଏନ.ଏ.):** ସୋର ବ୍ଲକ ଅନ୍ତର୍ଗତ ନଟାପଡା ପଞ୍ଚାୟତ ୱାଦା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷୟିତ୍ରୀ ନିରୂପମା ରଣାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସ୍ଥାନୀୟ ମଦନମୋହନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନନ୍ତ ପ୍ରସାଦ ବାରିକ, ମୁଖ୍ୟବକ୍ତା ଭାବେ ଶିକ୍ଷକ ବସନ୍ତ କୁମାର ମୁଦୁଲି ଓ ବରେଣ୍ୟ ଅତିଥି ଭାବେ ବସନ୍ତ କୁମାର ମିଶ୍ର ଓ ଶ୍ରୀକାନ୍ତ ଦାଶ ପ୍ରମୁଖ ଯୋଗଦେଇ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ଶିକ୍ଷକ ଓ ଅଭିଭାବକଙ୍କ ଉତ୍ତମ ସମନ୍ୱୟ ରହିବା ଜରୁରୀ ବୋଲି କହିଥିଲେ। ଏହି ଅବସରରେ ଆୟୋଜିତ କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ସାଧାରଣତନ୍ତ୍ର ଦିବସରେ ପୁରସ୍କୃତ କରାଯିବା ନେଇ ଘୋଷଣା ହୋଇଥିଲା। ବରିଷ୍ଠ ଶିକ୍ଷକ ନାରାୟଣ ପ୍ରସାଦ ବାରିକ ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରହ୍ଲାଦ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ମାନସ ରଞ୍ଜନ ନାୟକ ଧନ୍ୟବାଦ ଦେଇଥିଲେ। ଶିକ୍ଷୟିତ୍ରୀ ବାଗ୍‌ଦେବୀ ବେହେରା ଓ ମିନତି ସାହୁ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ।

### ସମିତି ଅଫିସ ତାଲା ଭାଙ୍ଗି ଚୋରି

**ରୂପ୍‌ସା, ୨୧।୧(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ସିନ୍ଧିଆ କୃଷି ସମବାୟ ସମିତି ଅଫିସ ତାଲା ଭାଙ୍ଗି ସୋମବାର ରାତିରେ ଦୁର୍ବୃତ୍ତମାନେ ଚୋରି କରିଥିବା ଅଭିଯୋଗ ହୋଇଛି। ଏନେଇ ସଦର ଥାନାରେ ମଙ୍ଗଳବାର ପୋଲିସ ଏକ ମାମଲା (ନଂ. ୧୭/୨୦) ରୁଜୁ କରି ତଦନ୍ତ ଜାରି ରଖିଛି। ରାତିରେ ଅଫିସ ଘର ତାଲା ଭାଙ୍ଗି ଦୁର୍ବୃତ୍ତମାନେ କମ୍ପ୍ୟୁଟର ହାର୍ଡ଼ ଡିସ୍କ ସହ ଅନ୍ୟାନ୍ୟ ଆସବାବପତ୍ର ଚୋରି କରିନେଇଥିବା ସମିତି ସମ୍ପାଦକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ଛାନ୍‌ଭିନ ଆରମ୍ଭ କରିଛି।

# ତହସିଲ ଆଗରେ ଆଦିବାସୀଙ୍କ ମେଳି

**ଜଳେଶ୍ୱର, ୨୧।୧(ସ୍ୱ.ପ୍ର.)**

## ସରକାରୀ ଜମିରୁ ଉଚ୍ଛେଦ ପ୍ରତିବାଦ


ଆଦିବାସୀ ମଞ୍ଚ ପକ୍ଷରୁ ତହସିଲ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

ଜଳେଶ୍ୱର ତହସିଲ ଅନ୍ତର୍ଗତ ଆରୁହା ପଞ୍ଚାୟତର ନିମପୁରଠାରେ ସରକାରୀ ସ୍ଥାନକୁ ଜବରଦଖଲ କରି ରହିଥିବା ଆଦିବାସୀମାନେ ସେମାନଙ୍କ ନାମରେ ନାମିତ କରିବା ଲାଗି ଦାବି କରି ଆସୁଥିବା ବେଳେ କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି। ବରଂ ୩ ଦିନ ମଧ୍ୟରେ ଉଚ୍ଛେଦ ନୋଟିସ୍ ଦେଇଥିବାରୁ ମଙ୍ଗଳବାର ଶତାଧିକ ଆଦିବାସୀ ମହିଳା ଓ ପିଲାଙ୍କୁ ଧରି ତହସିଲ ସମ୍ମୁଖରେ ବିକ୍ଷୋଭ କରିଛନ୍ତି। ଏନେଇ ତହସିଲଦାରଙ୍କୁ ଏକ ସ୍ମାରକପତ୍ର ଦିଆଯାଇଛି।

ଖାତା ନଂ. ୨୭୨ ଖସଡା ନଂ. ୩୨୧, ୩୨୬, ୩୨୩, ୩୮୫ରେ ପ୍ରାୟ ୫୯ଜଣ ଆଦିବାସୀ ବସବାସ କରି ଆସୁଛନ୍ତି। ଗତ ୧୮ତାରିଖରେ ତହସିଲଦାରଙ୍କ ପକ୍ଷରୁ ସରକାରୀ ସ୍ଥାନରୁ ଉଚ୍ଛେଦ କରାଯିବା ପାଇଁ ୨୧ତାରିଖ ଧାର୍ଯ୍ୟ କରାଯାଇ ଥିବାବେଳେ ମଙ୍ଗଳବାର ଆଦିବାସୀଙ୍କ ପକ୍ଷରୁ ଜୟନାରାୟଣ ଜେନା ନେତୃତ୍ୱରେ ବିକ୍ଷୋଭ କରାଯାଇଛି। ଆଦିବାସୀ ମଞ୍ଚର ସମ୍ପାଦକ କେଦାର ସିଂ ଅତୀତରେ ଏ ସମ୍ପର୍କରେ କର୍ତ୍ତୃପକ୍ଷଙ୍କୁ ଜଣାଇ ଆସୁଥିଲେ ମଧ୍ୟ ବାଲେଶ୍ୱର ସଦର ଉପଜିଲାପାଳଙ୍କ କୋର୍ଟରେ ଏକ ମିସ୍ ପିଟିସନ ୮୬୭ ତା ୪।୧୧।୧୯ ଦାଏର କରିଥିଲେ। ଉପଜିଲାପାଳ ଏଥିନେଇ ଜଳେଶ୍ୱର ତହସିଲଦାରଙ୍କୁ ତଦନ୍ତ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀ ସମୟରେ ତହସିଲଦାର ସେମାନଙ୍କ ବିରୋଧରେ ଏଲ୍‌ଇ କେସ୍ କରି ଜରିମାନା ମଧ୍ୟ ଆଦାୟ କରିସାରିଛନ୍ତି। ତେଣୁ ସେମାନେ ବସବାସ କରି ଆସୁଥିବା ସ୍ଥାନକୁ ପଟ୍ଟା ପ୍ରଦାନ କରିବାକୁ ଲକ୍ଷ୍ମଣ ସରେନ୍, ଗଙ୍ଗାଧର ସିଂ, ମନ ସିଂ, ଚୈତନ ସିଂ, ଦୀପୁ ମୁର୍ମୁ, କୁନା କିସ୍କୁ, କାଦ ସିଂ, ମାଧବ ମୁର୍ମୁ, ଲତା ସିଂ ପ୍ରମୁଖ ଶତାଧିକ ବ୍ୟକ୍ତି ନିଜର ହକ୍ ପାଇଁ ମେଳି ବାନ୍ଧିଥିଲେ। ମାତ୍ର ତହସିଲଦାର ଭୟରେ ମୁଖ୍ୟ ଫାଟକରେ ତାଲା ପକାଇବା ଯୋଗୁ ଉତ୍ତେଜନା ପ୍ରକାଶ ପାଇଥିଲା।

# ଗୋରୁ ବୋଝେଇ ଗାଡ଼ି ଜବତ: ୧ ମୃତ, ୨ ଗୁରୁତର

**ବାହାନଗା,୨୧।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ କୋଟିଆକୋଇଲି ପଞ୍ଚାୟତର ୭ ନମ୍ବର ୱାର୍ଡ କରଞ୍ଜେଇ ଗ୍ରାମ ରାସ୍ତାରୁ ଚୋରା ଚାଲାଣ ହେଉଥିବା ଗୋରୁ ବୋଝେଇ ୪୦୭ ଗାଡିକୁ ଗ୍ରାମର ଯୁବକ ଓ ଅନନ୍ତପୁର ଫାଣ୍ଡି ପୋଲିସ୍ ଜବତ କରିଥିଲେ। ଗାଡିରେ ଥିବା ୫୨ ଗୋରୁଙ୍କ ମଧ୍ୟରୁ ଗୋଟିଏ ଗୋରୁର ମୃତ୍ୟୁ ହୋଇଥିବା ବେଳେ ୨ଟି ଗୋରୁଙ୍କୁ ଗୁରୁତର ଅବସ୍ଥାରେ ଲୋକମାନେ ଉଦ୍ଧାର କରିଥିଲେ। ତେବେ ଗାଡିର ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି।

ବାସୁଦେବପୁର ଅଞ୍ଚଳରୁ ସଲ୍ଟ ରୋଡ ଦେଇ ରାତି ସାଢେ ଗୋଟାଏ ବେଳେ ସୋର ଆଡକୁ ଆସୁଥିବା ଏକ ୪୦୭ (ନଂ.ଓଡି–୦୧ଡବ୍ଲ୍ୟୁ୬୪୭୭)ରେ ଚୋରାରେ ଗୋରୁ ଚାଲାଣ ହେଉଥିବର ଖବରପାଇ ଅନନ୍ତପୁର ଫାଣ୍ଡି ପୋଲିସ ଧରିବା ପାଇଁ ଗୋଡାଇଥିଲେ। ଗାଡି ଡ୍ରାଇଭର ସୋର ଆଡକୁ ନ ଯାଇ ପାଖର ଛକରୁ ବାହାନଗା ବ୍ଲକ ସାଉଡୁ ପଞ୍ଚାୟତର ନଡିଆଳି ଗ୍ରାମ ରାସ୍ତା ଦେଇ କୋଟିଆକୋଇଲି ପଞ୍ଚାୟତର କରଞ୍ଜେଇ ଗ୍ରାମ ଦେଇ ପଳାଉଥିବା ବେଳେ ରାତିରେ କରଞ୍ଜେଇ ରାସ୍ତା କାମ ହେଉଥିବାରୁ ଗାଡି ଆଗକୁ ଆଉ ଯାଇ ପାରି ନ ଥିଲା। ଗ୍ରାମରେ ଉପସ୍ଥିତ କେତେକ ଯୁବକ ଗାଡିରେ ଗୋରୁଗୁଡିକ ଲଦା ହୋଇଥିବା ଦେଖି ଡ୍ରାଇଭରଙ୍କୁ ମାଡ ମାରିବା ସହିତ ଗ୍ରାମବାସୀଙ୍କୁ ଡାକିଥିଲେ। ଗାଡି ଡ୍ରାଇଭର ଖସିପଳାଇବାକୁ ସକ୍ଷମ ହୋଇଥିଲେ। କିଛି ସମୟ ପରେ ଅନନ୍ତପୁର ଫାଣ୍ଡି ପୋଲିସ ପହଞ୍ଚି ଲୋକଙ୍କ ସହାୟତାରେ ଗାଡି ଭିତରୁ ଗୋରୁଗୁଡିକୁ ବାହାର କରିଥିଲେ। ରାତିରେ ପୋଲିସ ଗୋରୁଗୁଡିକୁ ଗ୍ରାମବାସୀଙ୍କ ଜିମାରେ ରଖିବା ସହିତ ମଙ୍ଗଳବାର ସକାଳେ ମୃତ ଗୋରୁର ଶବ ବ୍ୟବଚ୍ଛେଦ କରାଯାଇଥିଲା। ଗୁରୁତର ଆହତ ଦୁଇଟି ଗୋରୁଙ୍କୁ ଚିକିତ୍ସା କରାଯାଇଛି। ମଙ୍ଗଳବାର ସକାଳେ ସୋର ଥାନା ଅଧିକାରୀ ଶ୍ରୀବଲ୍ଲଭ ସାହୁ ସଦଳବଳେ ପହଞ୍ଚି ୪୯ ଗୋରୁଙ୍କୁ ବାମପଦା ଗୋଶାଳାକୁ ପଠାଇଛନ୍ତି। ଗୋରୁ ବୋଝେଇ ଗାଡିକୁ ପୋଲିସ୍ ଜବତ କରି ଥାନାକୁ ନେଇଯାଇଥିଲା। ଥାନାରେ ଏକ ମାମଲା ରୁଜୁ କରାଯାଇଛି।

# ଫାଇନାଲରେ ଅଲରାଉଣ୍ଡର, ବିକାଶ କ୍ଲବ

**ରୂପ୍‌ସା, ୨୧।୧(ଡି.ଏନ.ଏ.)**

## ସିନୋଟ୍ରାକ ଚ୍ୟାଲେଞ୍ଜ ଟ୍ରଫି

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ବାହାବଳପୁର ୟଙ୍ଗଷ୍ଟାର କ୍ଲବ ଆନୁକୂଲ୍ୟରେ ଆୟୋଜିତ ସିନୋଟ୍ରାକ ଚ୍ୟାଲେଞ୍ଜ ଟ୍ରଫି–୨୦୨୦ ଆନ୍ତଃଜିଲା କ୍ରିକେଟ୍ ଟୁର୍ନାମେଣ୍ଟର ୨ୟ ସେମିଫାଇନାଲ ମ୍ୟାଚ୍ ମଙ୍ଗଳବାର ଶେଷ ହୋଇଛି। ଏହି ମ୍ୟାଚ୍‌ରେ ୟଙ୍ଗଷ୍ଟାର କ୍ଲବକୁ ୧୧୪ ରନ୍‌ରେ ପରାସ୍ତ କରି ବାଲେଶ୍ୱର ଅଲରାଉଣ୍ଡର କ୍ଲବ ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ଅଲରାଉଣ୍ଡର କ୍ଲବ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ୍ ହରାଇ ୨୧୮ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବ୍ୟାଟ୍ସମ୍ୟାନ ତାପସ ରାଉତ ସର୍ବାଧିକ ୮୦ ଓ ସବ୍ୟସାଚୀ ୫୬ ରନ୍ କରିଥିଲେ। ଜବାବରେ ୟଙ୍ଗଷ୍ଟାର କ୍ଲବ ୧୫.୪ ଓଭରରେ ୧୦୪ ରନ୍ କରି ଅଲଆଉଟ୍ ହୋଇଯାଇଥିଲେ।

ସେହିପରି ସୋମବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଭଦ୍ରକ ଦଳକୁ ୪ ରନରେ ପରାସ୍ତ କରି ଚାନ୍ଦିପୁର ବିକାଶ କ୍ଲବ ଫାଇନାଲରେ ପ୍ରବେଶ କରିଥିଲା। ପ୍ରଥମେ ବିକାଶ କ୍ଲବ ବ୍ୟାଟିଂ କରି ୮ ଉଇକେଟ୍ ବିନିମୟରେ ୧୩୭ ରନ୍ କରିଥିଲା। ଜବାବରେ ଭଦ୍ରକ ଦଳ ୭ ଉଇକେଟ୍ ହରାଇ ୧୩୩ ରନ୍ କରି ପରାସ୍ତ ହୋଇଥିଲା। ଅମ୍ପାୟାର ତାପସ କୁମାର ଜେନା ଓ ସଞ୍ଜୟ କୁମାର ବେରା ମ୍ୟାଚ୍ ପରିଚାଳନା କରିଥିଲେ। ସଞ୍ଜୟ କୁମାର ମଣ୍ଡଳ ସ୍କୋରିଂ ଦାୟିତ୍ୱରେ ଥିଲେ। ପ୍ରେମଚାନ୍ଦ ପରିଡ଼ା ଓ ଗୌର ଗୋପାଳ ଦାସ ମ୍ୟାଚ୍‌ର ଧାରା ବିବରଣୀ ଶୁଣାଇଥିଲେ। ବୁଧବାର ଅଲରାଉଣ୍ଡର ଓ ବିକାଶ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ହେବ।

# ସରି ଆସୁଛି ଧାନ ସଂଗ୍ରହ ଧାର୍ଯ୍ୟ ସମୟ

**ଚିଙ୍କିଟି,୨୧।୧(ଡି.ଏନ.ଏ.)**

## ଧାନ ବିକିପାରୁନାହାନ୍ତି ଚାଷୀ

ସରକାରୀ ଭାବେ ଧାନ ସଂଗ୍ରହର ଧାର୍ଯ୍ୟ ସମୟ ପୂରଣ ହେବାକୁ ବସିଥିଲେ ମଧ୍ୟ ଚାଷୀମାନେ ଧାନବିକ୍ରି କରି ପାରିନାହାନ୍ତି । ଚିଙ୍କିଟି ବ୍ଲକର ୧୭ ପଞ୍ଚାୟତର ବିଭିନ୍ନ ଗ୍ରାମାଞ୍ଚଳରେ ଧାନର ଅଭାବୀ ବିକ୍ରି ଲାଗି ରହିଛି। ଏଥିପାଇଁ ପ୍ରତି ପଞ୍ଚାୟତରେ ଧାନମଣ୍ଡି ଖୋଲିବାକୁ ପ୍ରଶାସନର ଘୋଷଣା କରିଥିଲେ। କିନ୍ତୁ ଏହା କାଗଜ କଲମରେ ସିମିତ ରହିଯାଇଛି। ଯୋଗାଣ ବିଭାଗ ଓ ମିଲ ମାଲିକଙ୍କ ମଧୁଚନ୍ଦ୍ରିକା ଯୋଗୁ ଚିଙ୍କିଟି ଅଞ୍ଚଳରେ ଚାଷୀଙ୍କ ଚିନ୍ତା ବଢିଯାଇଛି। ପ୍ରତ୍ୟେକ ଦିନ ଚାନ୍ଦପୁର, ଡଭାର, ନୂଆପଡା ଏବଂ ଏହାର ଆଖପାଖ ଅଞ୍ଚଳରୁ ଆନ୍ଧ୍ରକୁ ଧାନ ଚାଲାଣ ହେଉଛି। ଅପରପକ୍ଷରେ ଚାଷୀମାନେ ସରକାରୀ ଭାବେ ଧାନବିକ୍ରୀ କରି ନ ପାରି କିଛି ଦଲାଲଙ୍କ ମଧ୍ୟସ୍ଥରେ ପଡୋଶୀ ଆନ୍ଧ୍ରକୁ ଚାଲାଣ ହେଉଛି । କୃଷି ବିଭାଗ ରିପୋର୍ଟ ଅନୁଯାୟୀ, ଚିଙ୍କିଟି ବ୍ଲକ୍‌ର ୧୭ ପଞ୍ଚାୟତରେ ୧୮ ମଣ୍ଡି ଖୋଲିଛି । ଚଳିତବର୍ଷ ୯୭୬୦ ହେକ୍ଟର ଚାଷଜମିରେ ଧାନ ଫସଲ ହୋଇଛି। ସରକାରୀ ଭାବେ ମୋଟ ୧ଲକ୍ଷ ୧୪ ହଜାର କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷଧାର୍ଯ୍ୟ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ଆଶାନୁରୁପକ ଧାନ ସଂଗ୍ରହ ହୋଇନାହିଁ । ସରକାରୀ ଭାବେ ଧାନର କୁଇଣ୍ଟାଲ ପ୍ରତି ୧୮୧୫ ଟଙ୍କା ପ୍ରଦାନ କରାଯାଉଥିଲେ ମଧ୍ୟ ସରକାରଙ୍କ ନିୟମନୁଯାୟୀ ୨ମାସ ପୂର୍ବରୁ ପଞ୍ଜୀକରଣ କରିଥିଲେ ସୁଦ୍ଧା ଟୋକେନ୍ ନ ମିଳିବାରୁ ଚାଷୀମାନେ ବାଧହୋଇ ଦଲାଲଙ୍କ ଜରିଆରେ କୁଇଣ୍ଟାଲ ପ୍ରତି ୧୩୫୦ରୁ ୧୪୦୦ ଟଙ୍କାରେ ଆନ୍ଧ୍ର ବେପାରୀଙ୍କୁ ବିକ୍ରୟ କରୁଛନ୍ତି। ସରକାରଙ୍କ ପକ୍ଷରୁ ଚାଷୀମାନଙ୍କ ପାଇଁ ସବୁପ୍ରକାର ସୁବିଧା ପ୍ରଦାନ କରାଯାଉଥିବା ବେଳେ ପ୍ରଶାସନିକ ସ୍ତରରେ ଏହାକୁ ଠିକ୍ ରୁପେ କାର୍ଯ୍ୟକାରୀ କରାଯାଉ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଯୋଗାଣ ନୀରିକ୍ଷିକା ପି.ଭାର୍ଗବିଙ୍କ ସହ ଯୋଗାଯୋଗ ବେଳେ ସରକାରଙ୍କ ନିୟମାନୁଯାୟୀ ଧାନ ସଂଗ୍ରହ କରାଯାଉଛି। ବର୍ତ୍ତମାନ ଅଲନାଇନ୍ ମାଧମରେ ଟୋକେନ ଆସିଲେ ଚାଷୀମାନେ ମଣ୍ଡିକୁ ବିକ୍ରି କରୁଥିବା କହିଥିଲେ।

# ଛାତ୍ରୀଛାତ୍ରଙ୍କ ଜୀବନ ଗଢ଼େ ପ୍ରାଥମିକ ଶିକ୍ଷା

**ବାଲେଶ୍ୱର ଅଫିସ, ୨୧।୧**


ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

ବାଲେଶ୍ୱର ସହର ନିକଟସ୍ଥ ଶୋଭାରାମପୁର ସରକାରୀ ଉନ୍ନୀତ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ଉପଜିଲାପାଳ ନୀଲୁ ମହାପାତ୍ର ଯୋଗଦେଇ ପ୍ରାଥମିକ ଶିକ୍ଷା ଛାତ୍ରୀଛାତ୍ରଙ୍କ ଜୀବନ ଗଢ଼େ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସୁବର୍ଣ୍ଣଶ୍ରୀ ପ୍ରକାଶନୀର ପ୍ରତିଷ୍ଠାତା କାଳୀପଦ ପଣ୍ଡା ଯୋଗଦେଇ ଗଳ୍ପ ଛଳରେ ଗୁରୁ ଓ ଶିଷ୍ୟର ସମ୍ପର୍କ ଏବଂ ଶିକ୍ଷକଙ୍କ ମମତା କିପରି ଛାତ୍ରର ଜୀବନ ପରିବର୍ତ୍ତନ କରିଦିଏ ବୋଲି କହିଥିଲେ। ଅନ୍ୟତମ ସମ୍ମାନନୀୟ ଅତିଥି ଭାବେ ସଦର ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଦୀପ୍ତି ଦାସ, ମିନତି ନାୟକ, ପୂର୍ବତନ ୱାର୍ଡ଼ କାଉନ୍‌ସିଲର କୈଳାସ ବିହାରୀ ଦାସ, ରାଜା ବଗିଚା କ୍ଲଷ୍ଟର ସିଆର୍‌ସିସି ରବୀନ୍ଦ୍ର ପ୍ରଧାନ, ଉଚ୍ଚ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଅମର କୁମାର ପଣ୍ଡା, ବିଏଡ୍ ସଂଘ ସମ୍ପାଦକ ବିଶ୍ୱନାଥ ରଣା, ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଅରୁଣ ପାତ୍ର, ଗୋଲକ ବିହାରୀ ସ୍ମୃତି ପୁରସ୍କାରଦାତ୍ରୀ ମଞ୍ଜୁ ଦାଶ, ପ୍ରାକ୍ତନ ପ୍ରଧାନଶିକ୍ଷକ ହରେନ୍ଦ୍ର ପ୍ରସାଦ ଦାସ ପ୍ରମୁଖ ଯୋଗଦେଇଥିଲେ।

ଉତ୍ସବରେ ସଭାପତି ସୁରେନ୍ଦ୍ର ସିଂ ସଭାପତିତ୍ୱ କରିଥିବା ବେଳେ ପ୍ରଧାନଶିକ୍ଷୟିତ୍ରୀ ଶୈଳବାଳା ବେହେରା ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ପୂର୍ଣ୍ଣିମା ସାହୁ ବିବରଣୀ ପାଠ କରିଥିଲେ। ଶିକ୍ଷକ ଗୌରବ ସମ୍ମାନରେ ଶିକ୍ଷୟିତ୍ରୀ କାଞ୍ଚନବାଳା ବେହେରା, ସ୍ୱତନ୍ତ୍ର ଶିକ୍ଷକ ସମ୍ମାନରେ ଶିକ୍ଷୟିତ୍ରୀ ଉଷାରାଣୀ ସାହୁ, ଉତ୍ତମ ଛାତ୍ର ଭାବେ ପ୍ରତ୍ୟୁଷ କୁମାର ପାତ୍ରଙ୍କୁ ମଞ୍ଜୁ ଦାଶଙ୍କ ତରଫରୁ ୫ ହଜାର ଟଙ୍କା ଚେକ୍, ଉତ୍ତମ ଛାତ୍ର ରୂପେ ହିମାଂଶୁ ଶେଖର ରାଉତରାୟ, ଛାତ୍ରୀ ଦେବସ୍ମିତା ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ହୃଷୀକେଶ କର, ପରିମଳ ଚିମ୍ବ ସଦସ୍ୟମାନଙ୍କୁ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଭାତ କୁମାର ସାହୁ, ସୋମାଶ୍ରୀ ଜେନାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟାସଭ୍ୟ, ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଶ୍ରୀଅରବିନ୍ଦଙ୍କ ଦର୍ଶନର ପ୍ରାସଙ୍ଗିକତା

**ରୂପ୍‌ସା, ୨୧।୧(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ଉଇଟିକିରିସ୍ଥିତ ଶାନ୍ତିଲତା ମହାବିଦ୍ୟାଳୟର ଦର୍ଶନ ବିଭାଗ ପକ୍ଷରୁ 'ସାମ୍ପ୍ରତିକ ଜୀବନରେ ଶ୍ରୀ ଅରବିନ୍ଦଙ୍କ ଦର୍ଶନର ପ୍ରାସଙ୍ଗିକତା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ତଥା ବିଭାଗୀୟ ମୁଖ୍ୟପ୍ରାଧ୍ୟାପକ ଗୋବିନ୍ଦ ଚନ୍ଦ୍ର ମାଝି ଅଧ୍ୟକ୍ଷତା କରି ଶ୍ରୀଅରବିନ୍ଦଙ୍କ ଦର୍ଶନର ତତ୍ତ୍ୱ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ରିସୋର୍ସ ପର୍ଶନ ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ବ୍ରଜବନ୍ଧୁ ସାହୁ, ଅଧ୍ୟାପକ ମାନସ କୁମାର ଦତ୍ତ, ଅଧ୍ୟାପକ ମନୋରଞ୍ଜନ ବେହେରା ଓ ବିଜୟ କୁମାର ମହାପାତ୍ର ପ୍ରମୁଖ ଶ୍ରୀ ଅରବିନ୍ଦଙ୍କ ଦର୍ଶନ ଓ ବାସ୍ତବ ଜୀବନରେ ଏହାର ଉପଯୋଗିତା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଦର୍ଶନ ବିଭାଗର ଛାତ୍ରୀଛାତ୍ର ସ୍ୱରଚିତ ନିବନ୍ଧ ପାଠ କରିଥିଲେ। ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଓ ଅଣଶିକ୍ଷକ କର୍ମଚାରୀ ଆଲୋଚନାଚକ୍ରରେ ଉପସ୍ଥିତ ଥିଲେ।


ମଙ୍ଗଳପୁରସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

**ସୋର, ୨୧।୧ (ଡି.ଏନ.ଏ.)**

ସୋର ବ୍ଲକ ଅନ୍ତର୍ଗତ ମଙ୍ଗଳପୁରସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ ଲକ୍ଷ୍ମଣ ପ୍ରସାଦ ବାରିକଙ୍କ ପୌରୋହିତ୍ୟରେ ଆୟୋଜିତ ହୋଇଥିଲା। ଏହି ଅବସରରେ ମୁଖ୍ୟଅତିଥି ଭାବେ ପ୍ରଦୀପ କୁମାର ଧଳ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଶିକ୍ଷକ ଦେବେନ୍ଦ୍ର କୁମାର ପ୍ରଧାନ ଓ ବରେଣ୍ୟ ଅତିଥି ଭାବେ ଶଶିକାନ୍ତ ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରମୋଦ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପରମାନନ୍ଦ ବାରିକ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କେନ୍ଦ୍ର ସରକାରଙ୍କ ଜନମାରଣ ନୀତି ସମ୍ପର୍କିତ ପଥପ୍ରାନ୍ତ ସଭା

**ଜଳେଶ୍ୱର, ୨୧।୧(ସ୍ୱ.ପ୍ର.)**

ଦେଶରେ ସିଏଏ, ଏନ୍‌ଆର୍‌ସି ଓ ଏନ୍‌ପିଆର୍ ଆଇନର ପ୍ରତ୍ୟାହାର, ଶ୍ରମ ଆଇନର ପରିବର୍ତ୍ତନ, ସରକାରୀ ବିଭିନ୍ନ ସଂସ୍ଥାର ଘରୋଇକରଣକୁ ବନ୍ଦ କରିବା, ଉତ୍ପାଦିତ ଫସଲର ଉପଯୁକ୍ତ ମୂଲ୍ୟ କୃଷକକୁ ମିଳିବା ଆଦି ଦାବି ନେଇ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଉପାନ୍ତ ଅଗରୱାଲା ଛକଠାରେ ଶ୍ରମିକ, କୃଷକ ଓ କ୍ଷେତ ମୂଲିଆ ସଂଘ ପକ୍ଷରୁ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ସରପଞ୍ଚ ବସନ୍ତ ଦାସ ଅଧ୍ୟକ୍ଷତା କରିଥିଲେ। ଦିଲୀପ ଗିରି, ସିତାଂଶୁ ସେନାପତି, ରବିନ୍ଦ୍ର ବାରିକ, ଅଜୟ ମଣ୍ଡଳ ଓ ବିଜୟ ମଣ୍ଡଳ ପ୍ରମୁଖ ଏଥିଲାଗି ଜନସାଧାରଣ ଅଧିକ ସଚେତନ ହେବା ଏବଂ ଏପରି ଜନବିରୋଧୀ ଆଇନକୁ ବିରୋଧ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିପ୍ରତି ଭାଜପା ସରକାର ସଚେତନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ବକ୍ତାମାନେ କହିଥିଲେ।


ଅଗରୱାଲା ଛକରେ ଶ୍ରମିକ, କୃଷକ ଓ ଖେତ ମୂଲିଆ ସଂଘ ପକ୍ଷରୁ ପଥପ୍ରାନ୍ତ ସଭା।

# ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କଲେ ଦର୍ଶକ

**ଖଇରା,୨୧।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକର ଅନ୍ୟତମ ପୁରାତନ ଗଣ୍ଡିବେଡ ହାଇସ୍କୁଲର ସାମ୍ବତ୍ସରିକ ଉତ୍ସବ ମଙ୍ଗଳବାର ସଭା ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ନିଶାକର ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି, ଗୋଷ୍ଠୀ ଶିକ୍ଷାଧିକାରୀ ଧରଣୀଧର ପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ପିଲାମାନଙ୍କ ମଧ୍ୟରେ ଶିକ୍ଷାପ୍ରତି ଆଗ୍ରହ ସୃଷ୍ଟି ପାଇଁ ଶୈକ୍ଷିକ ପରିବେଶ ସୃଷ୍ଟି କରାଯିବା ଆବଶ୍ୟକ ବୋଲି କହିଥିଲେ। ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଏସ୍‌ଆର ଗ୍ରୁପ ଅଧ୍ୟକ୍ଷ ଇଂ ରାଜେଶ ମହାକୁଡ, ଜିଲା ପରିଷଦ ସଭ୍ୟା ଜୟନ୍ତୀ ମହଲା, ସରପଞ୍ଚ ସୁଶାନ୍ତ ମହାକୁଡ, ସମିତି ସଭ୍ୟ ରବିନ୍ଦ୍ର ମହାନ୍ତି, ପୁରାତନ ଛାତ୍ର ପରିଷଦ ସମ୍ପାଦକ ଅଭିମନ୍ୟୁ ରାଉଳ, ଅଧ୍ୟାପକ ଅଭୟ କୁମାର ମହାନ୍ତି, ଅଧ୍ୟାପକ ଅରୁଣ କୁମାର ପାଢୀ, ଏସ୍‌ଏମସି ଅଧ୍ୟକ୍ଷ ନରେନ୍ଦ୍ର ପ୍ରସାଦ ରାଉଳ ରାଉଳ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ୨୦୧୮–୧୯ ସାର୍ଟିଫିକେଟ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଅମରଜ୍ୟୋତି ଘଡାଇଙ୍କ ସମେତ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ସଫଳତା ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପିଲାମାନଙ୍କ ଦ୍ୱାରା ମଞ୍ଚସ୍ଥ ନୃତ୍ୟ ସଙ୍ଗୀତକୁ ଅଭିଭାବକ ଏବଂ ଦର୍ଶକମାନେ ମନଭରି ଉପଭୋଗ କରିଥିଲେ।


ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର।



“ସିଏଏକୁ ବିରୋଧ ସହ ହିଂସାକୁ ସମର୍ଥନ କରୁଥିବା ବ୍ୟକ୍ତି ସେମାନଙ୍କ ପ୍ରତ୍ୟେକ କାର୍ଯ୍ୟ ଲାଗି ଉତ୍ତରଦାୟୀ।
-କଙ୍ଗନା ରାଣାୱତ୍,
ବଲିଉଡ୍ ଅଭିନେତ୍ରୀ



# କନ୍ୟାର ମା’ଙ୍କୁ ନେଇ ବର ବାପା ଫେରାର୍



**ସୁରଟ:** ସତରେ, ପ୍ରେମ ହେଉଛି ଅନ୍ଧ। ଯିଏ କହିଥିଲେ, ଠିକ୍ କହିଥିଲେ। ପ୍ରେମ କି ମାନେ ବନ୍ଧବାଡ଼। ପ୍ରେମ କି ଜାଣେ ସ୍ଥାନ,କାଳ। ପ୍ରେମ ହେଲେ ଲୋକ ଅନ୍ଧ ଭଳି ସବୁକିଛି ଭୁଲିଯାଆନ୍ତି। ଗୁଜରାଟର ସୁରଟରେ ଘଟିଯାଇଥିବା ଏକ ଘଟଣା ଲୋକଲୋଚନକୁ ଆସିବା ପରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଦେଇଥିବା ବେଳେ ପ୍ରେମ ଯେ ଅନ୍ଧ ଏ କଥାକୁ ମଧ ସତ୍ୟ ପ୍ରମାଣିତ କରିଛି। ଫିଲ୍ମ ସିନ୍ ଭଳି ଘଟିଯାଇଥିଲା ଘଟଣା। ବିବାହ ପ୍ରସ୍ତୁତି ଭିତରେ ବରର ବାପା କନ୍ୟାର ମା’ଙ୍କୁ ଧରି ଫେରାର୍ ହୋଇଯାଇଥିବା ଜଣାପଡ଼ିଥିଲା। ସମସ୍ତେ ଚକିତ ଆଉ ସ୍ତବ୍ଧ ହୋଇଯାଇଥିଲେ। ଆଉ ବର-କନ୍ୟାଙ୍କ ବିବାହ ହୋଇଗଲା ଠପ୍। ପରେ ଜଣାପଡ଼ିଥିଲା, ବରର ପିତା ଏବଂ କନ୍ୟାର ମା’ ଯୁବାବସ୍ଥାରୁ ହିଁ ପରସ୍ପରକୁ ପସନ୍ଦ କରୁଥିଲେ। ନିଜ ନିଜ ସନ୍ତାନର ବିବାହ ପ୍ରସ୍ତୁତି ଚାଲିଥିବାବେଳେ ଉଭୟ ନିଜର ଅଧାରେ ରହିଯାଇଥିବା ପ୍ରେମକୁ ଆଉ ଛାତି ତଳେ ଲୁଚାଇ ରଖିପାରିଲେ ନାହିଁ। ଏଭଳି ପରିସ୍ଥିତିରେ ଶେଷରେ ଉଭୟ ଏକାଠି ଫେରାର୍ ହୋଇଯିବାକୁ ନିଷ୍ପତ୍ତି ନେଲେ। ବରର ଘର କଟାରଗାମ ଅଞ୍ଚଳରେ ହୋଇଥିବାବେଳେ କନ୍ୟାର ଘର ନଭସାରୀ ଅଞ୍ଚଳରେ ବୋଲି ଜଣାପଡ଼ିଛି।

ଏକ ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ଫେବୃୟାରୀ ଦ୍ୱିତୀୟ ସପ୍ତାହରେ ହେବାର ଥିଲା। ହେଲେ ଗତ ୧୦ ଦିନ ହେଲା ବରର ୪୮ ବର୍ଷୀୟ ପିତା ଏବଂ କନ୍ୟାର ୪୬ ବର୍ଷୀୟା ମା’ ଗାଏବ ହୋଇଯାଇଛନ୍ତି। ଉଭୟ ଯୁବାବସ୍ଥାରୁ ପରସ୍ପର ପ୍ରତି ଆକର୍ଷିତ ଥିଲେ। ଭଲ ବନ୍ଧୁ ମଧ ଥିଲେ। ପୋଲିସ କହିବା ହେଲା ଉଭୟେ ଏକାଠି ଫରାର୍ ହୋଇଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି। ଏହି କାରଣରୁ ପ୍ରକୃତ ବର-କନ୍ୟାଙ୍କ ବିବାହ ଠପ୍ ହୋଇଗଲା। ବର୍ଷେ ପୂର୍ବରୁ ବର-କନ୍ୟାଙ୍କ ନିର୍ବନ୍ଧ ସରିଥିଲା। ଉଭୟଙ୍କ ସହମତି ଏବଂ ଇଚ୍ଛାରେ ବିବାହ ସ୍ଥିର ହୋଇଥିଲା। ହେଲେ ବିବାହର ସ୍ୱପ୍ନ ପୂରଣ ହେବା ଠିକ୍ ପୂର୍ବରୁ ବରର ବାପା ସହ କନ୍ୟାର ମା’ ଫେରାର୍ ହୋଇଯିବା ଦ୍ୱାରା ଏମାନଙ୍କ ସ୍ୱପ୍ନ ଭାଙ୍ଗିଗଲା। ଘଟଣାଟି ଲୋକଲୋଚନକୁ ଆସିବା ପରେ ସମସ୍ତଙ୍କୁ ସ୍ତବ୍ଧ କରିଦେଇଥିବା ବେଳେ ସମ୍ପୃକ୍ତ ପରିବାରକୁ ସାମାଜିକ ଲଜ୍ଜାବୋଧ ହେଉଛି।



ଶିଳ୍ପା ସେଟ୍ଟୀ କୁନ୍ଦ୍ରା

## ‘ଚାମ୍ପିୟନ ଅଫ୍ ଚେଞ୍ଜ’ ସମ୍ମାନ ପାଇଲେ ଶିଳ୍ପା

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ତଥା ଫିଟ୍‌ନେସ୍ କୁଇନ ଶିଳ୍ପା ସେଟ୍ଟୀ କୁନ୍ଦ୍ରାଙ୍କୁ ‘ଚାମ୍ପିୟନ ଅଫ୍ ଚେଞ୍ଜ’ ପୁରସ୍କାର ୨୦୧୯ରେ ସମ୍ମାନିତ କରାଯାଇଛି। ସ୍ୱଚ୍ଛ ଭାରତ ଅଭିଯାନ ପାଇଁ ଲୋକଙ୍କୁ ପ୍ରୋତ୍ସାହିତ କରିବା ଯୋଗୁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସୋମବାର ଦିଲ୍ଲୀରେ ଆୟୋଜିତ ଏକ ଉତ୍ସବରେ ଭାରତର ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ଶିଳ୍ପାଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଏହି ପୁରସ୍କାର ପାଇ ଶିଳ୍ପା ଗର୍ବ ଅନୁଭବ କରିଛନ୍ତି ବୋଲି କହିଛନ୍ତି। ସେ ଆହୁରି ମଧ କହିଛନ୍ତି, ଦେଶକୁ ସ୍ୱଚ୍ଛ ରଖିବା ପ୍ରତ୍ୟେକ ଭାରତୀୟଙ୍କ କର୍ତ୍ତବ୍ୟ। ଏଥିପାଇଁ ପ୍ରଥମେ ସ୍ୱଚ୍ଛତା ମନରୁ ଆରମ୍ଭ କରିବା ଦରକାର ବୋଲି ଶିଳ୍ପା ମତ ପ୍ରକାଶ କରିଛନ୍ତି।


## ଇଣ୍ଟରନେଟ୍ ସର୍ଚ୍ଚରେ କୋହଲି ନମ୍ବର ୱାନ୍



**ନୂଆଦିଲ୍ଲୀ:** କ୍ରିକେଟ୍ ଖେଳରେ ଶ୍ରେଷ୍ଠତ୍ୱ ଜାରି ରଖିଥିବା ବିରାଟ କୋହଲି ଇଣ୍ଟର୍‌ନେଟ୍ ସର୍ଚ୍ଚରେ ମଧ ଏକ ନମ୍ବର ସ୍ଥାନରେ ରହିଛନ୍ତି। ୨୦୧୫ ଡିସେମ୍ବରରୁ ୨୦୧୯ ଡିସେମ୍ବର ମଧ୍ୟରେ ସର୍ବାଧିକ ୟୁଜର ବିରାଟଙ୍କୁ ସର୍ଚ୍ଚ କରିଛନ୍ତି। ଏନେଇ ହୋଇଥିବା ଏକ ସର୍ଭେ ରିପୋର୍ଟରେ ଏହା ପ୍ରକାଶ ପାଇଛି। ବିରାଟଙ୍କ ପଛକୁ ଏମ୍.ଏସ୍. ଧୋନୀ, ରୋହିତ ଶର୍ମା, ସଚିନ୍ ତେନ୍ଦୁଲକର, ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ଯୁବରାଜ ସିଂଙ୍କ ନାମ ରହିଛି। ୟୁଜର ଗତ ୪ ବର୍ଷ ମଧ୍ୟରେ ବିରାଟଙ୍କୁ ୧୭ ଲକ୍ଷ ୬୦ ହଜାର ଥର ସର୍ଚ୍ଚ କରିଥିବାବେଳେ ଧୋନୀଙ୍କ ୯ଲକ୍ଷ ୫୦୯ ହଜାର ଥର ସର୍ଚ୍ଚ କରିଛନ୍ତି। ସେହିପରି ରୋହିତ ଶର୍ମା, ସଚିନ୍ ତେନ୍ଦୁଲକର, ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ଯୁବରାଜ ସିଂଙ୍କୁ ଯଥାକ୍ରମେ ୭ ଲକ୍ଷ ୩୩ ହଜାର, ୪ ଲକ୍ଷ ୫୧ ହଜାର, ୩ ଲକ୍ଷ ୬୮ ହଜାର ଏବଂ ୩ ଲକ୍ଷ ୩୮ ହଜାର ଥର ସର୍ଚ୍ଚ କରିବା ଏହି ରିପୋର୍ଟରେ ଦର୍ଶାଯାଇଛି।

**ବରେଲୀ:** ଲାଞ୍ଚ ନ ମିଳିବାରୁ ଜଣେ ୪ ବର୍ଷର ଶିଶୁଙ୍କ ବୟସ ଜନ୍ମ ପ୍ରମାଣପତ୍ରରେ ୧୦୪ ବର୍ଷ କରାଯାଇଛି। ଉତ୍ତରପ୍ରଦେଶ ବରେଲୀର ଏକ ଅଦାଲତ ଏହି ମାମଲାରେ ଅଭିଯୁକ୍ତ ଗ୍ରାମ ବିକାଶ ଅଧିକାରୀ ଏବଂ ଗ୍ରାମ ପ୍ରଧାନଙ୍କ ବିରୋଧରେ ତଦନ୍ତ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଶାହଜାହାନପୁର ଅଞ୍ଚଳର ବେଲା ଗାଁର ପୱନ କୁମାର ତାଙ୍କର ୪ ବର୍ଷର ପୁତୁରା ଶୁଭ ଏବଂ ୨ ବର୍ଷ ବୟସ୍କ ପୁତୁରା ସଙ୍କେତଙ୍କ ଜନ୍ମ ପ୍ରମାଣପତ୍ର ପାଇଁ ଅନ୍ ଲାଇନ୍‌ରେ ଆବେଦନ କରିଥିଲେ। ତେବେ ଏନେଇ ଗ୍ରାମ ବିକାଶ ଅଧିକାରୀ ସୁଶୀଲ ଚନ୍ଦ୍ର ଅଗ୍ନିହୋତ୍ରୀ ପୱନଙ୍କୁ ୫୦୦ ଟଙ୍କା ଲାଞ୍ଚ ମାଗିଥିଲେ।

## ଶିଶୁର ବୟସ ୧୦୪ ବର୍ଷ



ଟଙ୍କା ନ ମିଳିବାରୁ ଶୁଭଙ୍କର ଜନ୍ମ ତାରିଖ ୨୦୧୬ ଜୁନ୍ ୧୩ ପରିବର୍ତ୍ତେ ୧୯୧୬ ଜୁନ୍ ୧୩ ଲେଖିଥିଲେ। ସେହିପରି ସଙ୍କେତଙ୍କର ଜନ୍ମ ୨୦୧୮ ଜାନୁୟାରୀ ୬ ବଦଳରେ ୧୯୧୮ ଜାନୁୟାରୀ ୬ ଲେଖିଥିଲେ। ଫଳରେ ଶୁଭଙ୍କର ବୟସ ୧୦୪ ଏବଂ ସଙ୍କେତଙ୍କର ବୟସ ୧୦୨ ବର୍ଷ ହୋଇଯାଇଥିଲା। ଏନେଇ ପୱନ ଅଦାଲତର ସହାୟତା ନେଇଥିଲେ। ୨୦୨୦ ଜାନୁୟାରୀ ୧୭ରେ ଅଦାଲତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ବରେଲି ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



## ଅଣମୁସଲମାନଙ୍କ ପାଇଁ ଖୋଲିଲା ମୋଦି ମସ୍‌ଜିଦ

**ବେଙ୍ଗାଲୁରୁ:** କର୍ନାଟକର ବେଙ୍ଗାଲୁରୁ ଅନ୍ତର୍ଗତ ଟସ୍କର ଟାଉନରେ ଥିବା ମୋଦି ଅବଦୁଲ୍ ଗଫୁର ମସଜିଦ୍‌କୁ ଅଣ ମୁସଲ୍‌ମାନଙ୍କ ପାଇଁ ଖୋଲା ଯାଇଛି। ୧୭୦ ବର୍ଷ ମଧ୍ୟରେ ପ୍ରଥମ କରି ମସଜିଦ୍‌ରେ ଅଣ ମୁସଲମାନ ପ୍ରବେଶ କରିଛନ୍ତି। ରବିବାର ଏହା ଖୋଲା ଯାଇଥିଲା। ପ୍ରଥମ ଦିନ ୪୦୦ରୁ ଅଧିକ ପର୍ଯ୍ୟଟକ ମସଜିଦ୍‌ରେ ପ୍ରବେଶ କରିଛନ୍ତି। ପର୍ଯ୍ୟଟକଙ୍କ ମଧ୍ୟରେ ସବୁ ଧର୍ମର ପୁରୁଷ ଓ ମହିଳା ରହିଥିବା କୁହାଯାଉଛି। ଇସଲାମ୍ ଧର୍ମ ନେଇ ଲୋକଙ୍କ ମଧ୍ୟରେ ଥିବା ନାନା ଭ୍ରାନ୍ତିକୁ ଦୂର କରିବା ପାଇଁ ଏଭଳି କରାଯାଇଥିବା ମସଜିଦ୍ କର୍ମକର୍ତ୍ତା ସୂଚନା ଦେଇଛନ୍ତି। ଏହି ଅବସରରେ ପର୍ଯ୍ୟଟକଙ୍କ ଲାଗି ଏକ ମୋଟିଭେଶନ ଶିବିରର ଆୟୋଜନ ମଧ କରାଯାଇଥିଲା। ପର୍ଯ୍ୟଟକଙ୍କୁ କୋରାନ୍‌ର କପି ମଧ ପ୍ରଦାନ କରାଯାଇଥିଲା। ମୁମ୍ବାଇର ‘ଭିଜିଟ୍ ମାଇଁ ମସ୍କ’ ସ୍ୱେଚ୍ଛାସେବୀ ସଂସ୍ଥା ପକ୍ଷରୁ ମସଜିଦ୍‌ରେ ଅଣ ମୁସଲମାନ୍‌ଙ୍କ ପ୍ରବେଶ ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ମସଜିଦ୍ ନିର୍ମାଣ ଲାଗି ମୋଦି ଅବଦୁଲ୍ ଗଫୁର ଶ୍ରମ ଦାନ କରିଥିବାରୁ ଏହାର ନାମ କରଣ ତାଙ୍କ ଅନୁସାରେ କରାଯାଇଛି। ତେବେ ଲୋକେ ଏହାକୁ ମୋଦି ମସଜିଦ୍ ଭାବେ ନାମିତ କରିଥିବା ସ୍ୱେଚ୍ଛାସେବୀ ସଂସ୍ଥା ପକ୍ଷରୁ ସାଦିକ୍ ସୈଲାନି ସୂଚନା ଦେଇଛନ୍ତି।



**ମୁମ୍ବାଇ:** ବଲିଉଡ୍‌ରେ କଙ୍ଗନା ରଣାୱତ୍ ନିଜର ଏକ ଭିନ୍ନ ତଥା ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ସେ ଏଭଳି ଜଣେ ବ୍ୟକ୍ତିତ୍ୱ, ଯାହାଙ୍କୁ ଆପଣ ପସନ୍ଦ କରନ୍ତୁ ବା ନ କରନ୍ତୁ, ଅଣଦେଖା ବିଲ୍‌କୁଲ୍ କରିପାରିବେ ନାହିଁ। ତିନି ତିନୋଟି ନ୍ୟାଶନାଲ ଆୱାର୍ଡ ସହ ଖୁଲ୍‌ମଖୁଲା ବିଚାରଧାରର ଅଧିକାରିଣୀ ହେଉଛନ୍ତି କଙ୍ଗନା। ଯେକୌଣସି ବିଷୟ ଉପରେ ନିଜର ସ୍ପଷ୍ଟ ପକ୍ଷ ରଖି ସେ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି। ଗତଥର ରାଜକୁମାର ରାଓଙ୍କ ସହ ସାଇକୋଲୋଜିକାଲ ଥ୍ରୀଲର୍ ‘ଜଜ୍‌ମେଣ୍ଟାଲ୍ ହେ କ୍ୟା’ ଫିଲ୍ମରେ ନଜରକୁ ଆସିଥିବା କଙ୍ଗନାଙ୍କୁ ଆଗକୁ ‘ପଙ୍ଗା’ ଫିଲ୍ମରେ ଦେଖିବାକୁ ମିଳିବ। ଫିଲ୍ମର ଟ୍ରେଲର୍ ରିଲିଜ୍ ହୋଇଯାଇଥିବାବେଳେ ଦର୍ଶକ ପୁଣିଥରେ କଙ୍ଗନାଙ୍କ ଦମ୍‌ଦାର ଅଭିନୟରର ଭୂରି ଭୂରି ପ୍ରଶଂସା କରିଛନ୍ତି। ତେବେ ନିଜ ଅପ୍‌କମିଂ ଫିଲ୍ମକୁ ନେଇ କଙ୍ଗନାଙ୍କ ପ୍ରତିକ୍ରିୟା ବିଷୟରେ ଆଜି ଜାଣିବା।

‘ପଙ୍ଗା’ର ଟାଇଟଲ ଟ୍ରାକ୍ ‘ମନ୍ କୀ ଜୋ ସୁନେ ହୈ ୱହି ପଙ୍ଗା’କୁ ନେଇ କଙ୍ଗନା କୁହନ୍ତି, ମୋତେ ଲାଗୁଛି ମୋ ଜୀବନରେ ମଧ ଏହି ଫଣ୍ଡା ହିଁ ରହିଛି। ମୁଁ କେବଳ ମୋ ହୃଦୟକୁ ମାନିଚାଲେ। ଖୁବ୍‌କମ୍ ବୟସରେ ମୁଁ ଘର ଛାଡ଼ି ଦେଇଥିଲି ଏବଂ ମୋ ଉପରେ ହୁକୁମ ଚଲାଇବାକୁ କେହି ବି ନ ଥିଲେ। ମାତ୍ର ୧୭ ବର୍ଷ ବୟସରେ ମୁଁ କାମ କରିବା ଆରମ୍ଭ କରିଦେଇଥିଲି। ଆଉ ସେହି ସମୟରୁ ହିଁ ମୁଁ ପଙ୍ଗା ନେଉଛି ବୋଲି କଙ୍ଗନା କହିଛନ୍ତି।

ସେ ଆହୁରି ମଧ କହିଛନ୍ତି, ଘର ଛାଡ଼ିବା ମୋ ଜୀବନର ସବୁଠାରୁ ବଡ଼ ନିଷ୍ପତ୍ତି ଥିଲା। ମୋତେ ଲାଗୁଥିଲା, ଯଦି ମୁଁ ସଫଳ ହୋଇପାରିବି ନାହିଁ, ତେବେ କ’ଣ ହେବ। ପରେ ମୋ ହୃଦୟ କହିଲା, ଯାହା ହେବ ମୁଁ ଏକା ତାହାକୁ ସାମ୍ନା କରିପାରିବି। ମୁଁ ଜୀବନରେ ଅନେକ ଦୁଃଖର ସମୟ ବିତେଇଛି। ଭୋକପେଟରେ ଶୋଇଛି। ଘରେ ମୋତେ ସବୁ ସୁଖସୁବିଧା ମିଳିପାରିଥାନ୍ତା। କିନ୍ତୁ ମୁଁ ଫେରିଯାଇ ନ ଥିଲି। ମୁଁ ନିଜ ରାସ୍ତା ନିଜେ ବାଛିଲି ଏବଂ ନିଷ୍ପତ୍ତିରେ ଅଟଳ ରହିଲି ବୋଲି କଙ୍ଗନା କହିଛନ୍ତି। ଏକ ଜାତୀୟ ଗଣମାଧ୍ୟମକୁ ନିଜ ଅପ୍‌କମିଂ ଫିଲ୍ମ ବାବଦରେ ସାକ୍ଷାତ୍‌କାର ଦେବା ସମୟରେ କଙ୍ଗନା ଏହା କହିଛନ୍ତି। ଅଶ୍ୱିନୀ ଅୟର ତିୱାରୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ଆସନ୍ତା ୨୪ରେ ରିଲିଜ୍ ହେବ।

## କଙ୍ଗନାଙ୍କ ରିୟଲ୍ ଲାଇଫ୍ ‘ପଙ୍ଗା’

## ରହିବେନି ଆଉ କେହି ଭୋକିଲା

**ହେଲସିଙ୍କି:** ଆଗାମୀ ଦିନରେ ପୃଥିବୀର ଖାଦ୍ୟ ସମସ୍ୟା କିଭଳି ଦୂର କରାଯିବ ସେ ନେଇ ବୈଜ୍ଞାନିକମାନେ ଗବେଷଣା ଜାରି ରଖିଛନ୍ତି। ଏହି ମର୍ମରେ ଫିନ୍‌ଲାଣ୍ଡର ବୈଜ୍ଞାନିକ ପାଣି, ପବନ ଏବଂ ବିଦ୍ୟୁତ୍ ଶକ୍ତିରୁ ବିକଳ୍ପ ଖାଦ୍ୟ ସୋଲେନ୍ ତିଆରି କରିଥିବା ଦାବି କରିଛନ୍ତି। ଏହାକୁ ବୈଜ୍ଞାନିକ ଥିନ୍ ଏୟାର ଫୁଡ୍ ଭାବେ ନାମିତ କରିଛନ୍ତି। ଏହି ଖାଦ୍ୟ ପରିବେଶ ଉପଯୋଗୀ ମଧ ହେବ ବୋଲି ଏହାକୁ



ତିଆରି କରିଥିବା କମ୍ପାନୀ ସୋଲାର ଫୁଡସ୍ ପକ୍ଷରୁ କୁହାଯାଇଛି। ପୃଥିବୀର ଜନସଂଖ୍ୟା ବଢ଼ିବା ଯୋଗୁ ଖାଦ୍ୟର ଚାହିଦା ବୃଦ୍ଧି ପାଇବାରେ ଲାଗିଛି। ଏପରିସ୍ଥଳେ ସୀମିତ ଖାଦ୍ୟ ଉତ୍ସ ଉପରେ ଚାପ ପଡୁଛି। ଏହାଦ୍ୱାରା ଗ୍ରୀନ୍ ହାଉସ୍ ଗ୍ୟାସ୍ ପରିମାଣ ମଧ ବଢୁଛି। ୧୪.୫ ପ୍ରତିଶତ ଗ୍ରୀନ୍ ହାଉସ୍ ଗ୍ୟାସ୍ କେବଳ ବିଭିନ୍ନ ଖାଦ୍ୟ ଉତ୍ପାଦନ ପ୍ରକ୍ରିୟା ଦ୍ୱାରା ସୃଷ୍ଟି ହେଉଛି। ଫଳରେ ଜଳବାୟୁ ପରିବର୍ତ୍ତନ ହେବାରେ ଲାଗିଛି। ମାତ୍ର ଏହି ବିକଳ୍ପ ଖାଦ୍ୟ ଦ୍ୱାରା କୌଣସି ନକାରାତ୍ମକ ପ୍ରଭାବ ପଡ଼ିବ ନାହିଁ। ତିଆରି ହୋଇଥିବା ସୋଲେନ୍ ପ୍ରାକୃତିକ ପ୍ରୋଟିନ୍ ଭଳି କାର୍ଯ୍ୟ କରିବାକୁ ସକ୍ଷମ ହେବ ବୋଲି ବୈଜ୍ଞାନିକ କହିଛନ୍ତି।



## ତୃତୀୟ ଭାଷା ହିନ୍ଦୀ/ସଂସ୍କୃତ (THIRD LANGUAGE HINDI/SANSKRIT)

## HINDI

*Time: 2½ Hours* *Full Marks: 100*

***Candidates are required to write the answers in their own words as far as practicable.***
***(The figures in right hand margin indicate marks)***

### PART – I (OBJECTIVE)

**1. निम्नलिखित प्रश्नों के उत्तर एक-एक वाक्य में दीजिए। [1×5=5**
(क) कुछ लोग सबके साथ कैसा वार्तालाप करते हैं?
(ख) पहले मुसाफीर के साथ ठाकुर-साहब ने कैसा व्यवहार किया था?
(ग) रामकृष्ण मिशन अब क्या कर रहा है?
(घ) गिल्लू लेखिका की अस्वस्थता के समय क्या करता था?
(ङ) लोग जिंदगी के विषय में क्या कहते हैं?

**2. निम्नलिखित प्रश्नों के उत्तर एक-एक शब्द में दीजिए। [1×5=5**
(क) पोशाक का मान क्या होने से स्थायी होगा?
(ख) पंडित चन्द्रधर का वेतन कितना था?
(ग) स्वामी विवेकानन्द ने अपनी विद्वत्ता से किसे प्रभावित किया?
(घ) गिल्लू ने जीवन के अंतिम समय में क्या पकड़ लिया था?
(ङ) किसके कारण खेतों की सिंचाई हुई?

**3. निम्नलिखित प्रश्नों के खाली स्थान भरिए। [1×5=5**
(क) ________ मजबूरी हो या आर्थिक इनकार शिष्टता के साथ होना चाहिए।
(ख) चोखेलाल वास्तव में ________ थे।
(ग) कुछ लोग सुख भोगने को ________ रहते हैं।
(घ) उस लघुगात का किसी ________ खिल जाने का विश्वास मुझे संतोष देता था।
(ङ) मनुष्य की यह ________ नया-नया इतिहास रचती है।

**4. निम्नलिखित प्रश्नों के उत्तर एक-एक वाक्य में दीजिए। [1×5=5**
(क) श्रीकृष्ण खंभ में प्रतिबिंब देखकर क्या करते हैं?
(ख) वेद किसके प्रमाण हैं?
(ग) चाँद माँ से क्या हठ करता है?
(घ) झोंके चलने से क्या हुआ?
(ङ) कटुता के शमन कहाँ होता है?

**5. निम्नलिखित प्रश्नों के उत्तर एक-एक वाक्य में दीजिए। [1×5=5**
(क) विचार करके कहने का परिणाम क्या होता है?
(ख) बेचारी ऐंठ कैसे भागी?
(ग) लोग कवि की आँख में क्या देने लगे?
(घ) विशाल हाथ किसके हैं?
(ङ) निर्माण का सुख किससे नहीं दबता?

**6. निर्देशानुसार उत्तर दीजिए। [1×5=5**
(क) 'विशाल' विशेषण के साथ लगने वाली सही संज्ञा लिखिए।
(ख) वाक्य शुद्ध कीजिए : भाषा की सार्थकता इसी में है।
(ग) स्त्रीलिंग शब्द पहचानिए : नौका, रत्न, कमल ।
(घ) 'उठना' का प्रथम प्रेरणार्थक क्रिया-रूप लिखिए ।
(ङ) अकर्मक क्रिया छाँटिए : कहना, करना, कटना ।

**7. निर्देशानुसार उत्तर दीजिए। [1×5=5**
(क) 'सिंचाई' में कौन-सा प्रत्यय है?
(ख) 'लाचार' में कौन-सा उपसर्ग है?
(ग) व्यक्तियों ने नाम ________ । (वह का सही रूप लिखिए।)
(घ) 'कौन (बहुवचन) + ने' का रूप क्या हागा?
(ङ) 'अमला' का बहुवचन रूप लिखिए ।

**8. निर्देशानुसार उत्तर दीजिए। [1×5=5**
(क) 'कहनियाँ' का एकवचन रूप क्या होगा?
(ख) 'निर्माण' का विशेषण-रूप क्या होगा?
(ग) 'खुशकिस्मत' का विलोम शब्द लिखिए।
(घ) 'रानी' का पुंलिंग रूप लिखिए।
(ङ) 'सिलसिला' का समानार्थी शब्द लिखिए।

**9. निर्देशानुसार उत्तर दीजिए। [1×5=5**
(क) मधुसूदन इतिहास को पढ़ते हैं। (वाक्य को भूतकाल में बदलिए।)
(ख) 'लगाव' में प्रत्यय क्या है?
(ग) उपयुक्त परसर्ग से शून्यस्थान भरिए : गजपति ________ उपाधि झूठी हो गई।
(घ) 'बूढ़ा' का भाववाचक संज्ञा-रूप लिखिए ।
(ङ) मैंने जाली का एक कोना खोल दिया। रेखांकित पद का कारक बनाइए।

**10. निर्देशानुसार उत्तर दीजिए। [1×5=5**
(क) 'कठीनाइ' की वर्तनी सही कीजिए।
(ख) थाली में खाने की हिम्मत ________ । ('होना' क्रिया के सही रूप से शून्यस्थान भरिए।)
(ग) 'नन्हे-नन्हे' कौन-सा पद है?
(घ) कौन-सी सकर्मक क्रिया है? बैठना, बहना, बुलाना।
(ङ) 'आ' उपसर्ग लगाकर एक शब्द लिखिए।

### PART – II (SUBJECTIVE)

**1. निम्नलिखित प्रश्नों में से किन्हीं दो के उत्तर (प्रत्येक दो-तीन वाक्यों) में दीजिए : [5×2=10**
(i) किन-किन गुणों के कारण मनुष्य आदर भाजन बनता है?
(ii) पंडित चन्द्रधर को नींद क्यों नहीं आयी?
(iii) विवेकानंद ने देशवासियों को क्या कहकर ललकारा?

**2. निम्नलिखित प्रश्नों में से किन्हीं दो के भाव (प्रत्येक दो-तीन वाक्यों) में समझाइए : [5×2=10**
(i) तरुवर फल नहीं खाता है, सरवर पिय हिं न पान ।
कहि रहीम पर काज हित संपत्ति संचहि सुजान ।।
(ii) रहनो न भूल के सभी मदांध तुच्छ वित्त में,
सनाथ जान आपको करो न गर्व चित्त में।
(iii) एक चिड़िया चोंच में तिनका
लिए जो जा रही है,
वह सहज में ही पवन
उंचास को नीचा दिखाती ।

**3. निर्देशानुसार निम्नलिखित प्रश्नों के उत्तर दीजिए: [2×5=10**
(i) रेखांकित शब्द का वचन बदलकर वाक्य को फिर से लिखिए: वहाँ एक आदमी काम करता है।
(ii) रेखांकित शब्द का लिंग बदलकर वाक्य को फिर से लिखिए: उसने पंडित जी के चरण छुए।
(iii) निम्नलिखित वाक्य को शुद्ध करके लिखिए : वह अच्छा खाना खाया।
(iv) वे अपनी इच्छा से घरबार छोड़ देते हैं। – इस वाक्य को भविष्यत काल में बदलकर लिखिए।
(v) 'जंजाल' शब्द का प्रयोग करके एक सार्थक वाक्य बनाइए।

**4. निम्नलिखित किन्हीं पाँच वाक्यों का हिन्दी में अनुवाद कीजिए : [2×5=10**
**(i)** ମାଆ ଓ ମାତୃଭୂମି ସ୍ୱର୍ଗଠାରୁ ବଡ଼।
**(ii)** ବାଳକମାନେ କ୍ରିକେଟ୍ ଖେଳିଲେ।
**(iii)** ଆମ ଶ୍ରେଣୀରେ ୫୦ ଜଣ ଛାତ୍ର ଓ ୩୦ ଜଣ ଛାତ୍ରୀ ପଢ଼ନ୍ତି।
**(iv)** ମୋ କଲମଟି ହଜିଗଲା।
**(v)** ଭଲ କାମ କଲେ ପୁରସ୍କାର ମିଳେ।
**(vi)** ତୁମେ କାଲି କ'ଣ କ'ଣ ଖାଇଲ?
**(vii)** ବସ୍ ବନ୍ଦ ଯୋଗୁଁ ମୁଁ ଭୁବନେଶ୍ୱର ଯାଇପାରିଲି ନାହିଁ।
**(viii)** ଆପଣ କେତୋଟି କବିତା ଲେଖିଛନ୍ତି?

**5. निम्नलिखित अनुच्छेद को पढ़कर पूछे गये प्रश्नों के उत्तर दीजिए : [2×5=10**
किसान युवके के सामने हाथ जोड़कर खड़ा हो गया। बोला – "महाराज, आपने आज मुझे उबार लिया, नहीं तो सारी रात यहीं बैठना पड़ता।" युवक ने हँसकर कहा – "अब मुझे कुछ इनाम देते हो?" किसान ने गंभीर भाव से कहा, "नारायण चाहेंगे तो दीवानी आपको ही मिलेगी।" युवक ने किसान की तरफ गौर से देखा। उसके मन में संदेह हुआ, कहीं ये सुजान सिंह तो नहीं है? आवाज मिलती है, चेहरा मोहरा भी वही लगता है। किसान ने भी उसकी ओर तीव्र दृष्टि से देखा शायद उसके दिल के संदेह को भाँप गया। मुस्कराकर बोला – "गहरे पानी में पैठने से मोती मिलता है।"
(i) किसान युवक के सामने खड़े होकर क्या बोला?
(ii) युवक ने हँसकर किसान से क्या कहा?
(iii) गंभीर भाव से किसान ने क्या कहा?
(iv) युवक के मन में क्या संदेह हुआ?
(v) किसान मुस्कराकर क्या बोला?

### उत्तर - PART – I (OBJECTIVE)

1.(क) कुछ लोग सबके साथ निजी-संबंध का सा वार्तालाप करते हैं किन्तु बात उतनी ही कही जाए जितनी निभाई जा सके।
(ख) ठाकुर साहब ने पहले मुसाफिर पर खुफिया-फरोसी का अपराध लगाकर नकद पच्चीस रुपए लिए थे।
(ग) रामकृष्ण मिशन अब अपनी संस्थाओं द्वारा देश-विदेश में जनता की सेवा में डटी हुई है।
(घ) गिल्लू लेखिका की अस्वस्थता के समय तकिए पर सिरहाने बैठकर नह्ने-नन्हें पंजों से उनके सिर और बालों की सहलाता था।
(ङ) लोग जिंदगी के विषय में कहते हैं कि यह चार दिन की चाँदनी, फिर अंधेरी रात जैसी है।

2. (क) भाषण से पुष्ट (ख) पंद्रह रुपए (ग) अंग्रेज विद्वानों को (घ) लेखिका की उँगली (ङ) हीराकुद बाँध

3. (क) सैद्धांतिक (ख) कम्पौंडर (ग) व्याकुल (घ) वासंती दिन (ङ) अदम्य जिज्ञासा

4.(क) श्रीकृष्ण खंभ में अपना प्रतिबिंब देखकर उसे माखन खिलाते हैं।
(ख) वेद आत्मा या अंत:करण की एकता का प्रमाण देते हैं।
(ग) चाँद माँ से हठ करता है कि मेरे लिए ऊन का एक मोटा झिंगोला सिलवा दो।
(घ) झोंके चलने से बड़े-बड़े पहाड़ काँप गए, बड़े-बड़े पेड़ जड़सहित उखड़ गए।
(ङ) ममता की शीतल छाया में कटुता का शमन होता है।

5. (क) हितकर (ख) दवेपाँव (ग) मूँठ (घ) दयालु दीनबंधु के (ङ) नाश के दुख से

6. (क) विशाल हाथ (ख) भाषा की सार्थकता इसी में है। (ग) नौका (घ) उठाना (ङ) कटना

7. (क) आई (ख) ला (ग) कमाया (घ) किन्होंने (ङ) अमले

8. (क) कहानी (ख) निर्मित (ग) बदकिस्मत (घ) राजा (ङ) कड़ी

9. (क) मधुसूदन ने इतिहास को पढ़ा। (ख) आव (ग) की (घ) बुढ़ापा (ङ) संबंधकारक

10. (क) कठिनाई (ख) थाली में खाने की हिम्मत हुई। (ग) विशेषण (घ) बुलाना (ङ) आहार

### उत्तर - PART – II (SUBJECTIVE)

1. (i) वार्तालाब की शिष्टता मनुष्य को आदर भाजन बनाती है। इसके साथ-साथ पोशाक, चालढाल, कथनी और करनी में समानता, दिल खोलकर बातचीत करना, मधुर वचन बोलना आदि भी मनुष्य को समाज में आदर भाजन बनाने में सहायक होते हैं।
(ii) पंडित चन्द्रधर को नींद नहीं आई कारण उनकी विचार-शक्ति उस यात्रा के घटनाओं का उल्लेख कर रही थी। रेलगाड़ी की रगड़-झगड़ और चिकित्सालय की नोच-खसोट के सम्मुख कृपाशंकर की सहायता और शालीनता प्रकाशमय दिखाई देती थी।
(iii) विवेकानंद ने देशवासियों को ललकारा – "प्यारे देशवासियों उठो, जागो। स्वतंत्रता जीवन का वरदान है। उसे प्राप्त करो, गर्व से कहो कि मैं भारतीय हूँ। भारत मेरा जीवन है, मेरा प्राण है। भारत मेरे बचपन का हिंडोला है, मेरे जीवन का आनंद लोक और मेरे बुढ़ापे का बैकुंठ है।"

2. i) ऊपर की पंक्तियों में कविवर रहीम का कहना है कि पेड़ अपना फल नहीं खाता और सरोवर या तालाब अपना पानी नहीं पीता। ये दूसरों केलिए फल तथा पानी का संचय करते हैं। उसी प्रकार सज्जन व्यक्ति अपना स्वार्थ छोड़कर दूसरों की भलाई केलिए धन-संपत्ति का संचय करते हैं।
(ii) राष्ट्रकवि मैथिलीशरण गुप्त कहते हैं कि धन-संपत्ति पर हमें गर्व नहीं करना चाहिए। कारण धन स्तायी नहीं है और धन हमारे पास हमेशा केलिए नहीं रहेगा। हमारी सहायता केलिए बहुत हैं और संसार में कोई अनाथ नहीं है, दीनबन्धु सभी पर कृपा करते हैं।
(iii) इन पंक्तियों में कवि 'बच्चन'जी का कहना है कि जब बादल गरजते हैं, चिड़ियाँ भी चहचाहती हैं। उस समय एक छोटी-सी चिड़िया नये जीवन की आशा लेकर आसमान पर चढ़ जाती है। वह विपत्ति की परवाह न करके चोंच में तिनका लेकर उड़ जाती है। इससे मुसीबतों के भीतर मनुष्य को उत्साही होकर कर्म करने की प्रेरणा मिलती है।

3.(i) वहाँ बहुत आदमी काम करते हैं।
(ii) उसने पंडिताइन के चरण छुए।
(iii) उसने अच्छा खाना खाया।
(iv) वे अपनी इच्छा से घरबार छाड़ देंगे।
(v) साधु धन-संपत्ति को जंजाल समझते हैं।

4.(i) माँ और मातृभूमि स्वर्ग से बड़ी है।
(ii) लड़कों ने क्रिकेट खेला।
(iii) हमारी कक्षा में ५० छात्र और तीस छात्राएँ पढ़ते हैं।
(iv) मेरी कलम खो गई।
(v) अच्छे काम करने से इनाम मिलता है।
(vi) तुमने कल क्या-क्या खाये?
(vii) बस बन्द के कारण मैं भुवनेश्वर जा नहीं सका/सकी।
(viii) आपने कितनी कविताएँ लिखी हैं?

5.(i) किसान युवक के सामने खड़े होकर बोला – "महाराज आपने आज मुझे उबार लिया, नहीं तो सारी रात यहीं बैठना पड़ता।
(ii) युवक ने हँसकर किसान से कहा – "अब मुझे कुछ इनाम देते हो?"
(iii) गंभीर भाव से किसान ने कहा – "नारायण चाहेंगे तो दीवानी आपको मिलेगी।"
(iv) युवक के मन में संदेह हुआ, कहीं ये सुजान सिंह तो नहीं है?
(v) किसान मुस्कराकर बोला कि गहरे पानी में पैठने से मोती मिलता है।

❑❑❑

## SANSKRIT

*Time: 2½ Hours* *Full Marks: 100*

***Candidates are required to write the answers in their own words as far as practicable.***
***(The figures in right hand margin indicate marks)***

### PART – I (OBJECTIVE)

**1. अधोलिखितम् अनुच्छेदं पठित्वा निजभाषया शुद्धम् उत्तरं लिखत। [1×5=5**
कश्चन राजा स्वगुरुं प्रति श्रद्धावान् आसीत् । स एकदा गुरवे पट्टवस्त्राणि दत्तवान् । गुरु: वस्त्राणि गृहीत्वा गृहं प्रति प्रस्थितवान् । मार्गे स एकं दीनं जनं दृष्टवान् । तस्य दुरवस्थाविलोकनेन गुरो: मनसि करुणा जाता । तस्मै राजप्रदत्तानि वस्त्राणि दत्त्वा गुरु: गतवान् । अन्यस्मिन् दिवसे राजा तं जनम् अपश्यत् । गुरवे प्रदत्तं वस्त्रं तस्य शरीरस्य शोभां वर्धयति । गुरु: स्वदत्तं वस्त्रम् अन्यस्मै दत्तवान् इति हेतो: राजा आत्मानम् अपमानितं मानयति स्म । राजा गुरुं किञ्चित् न अपृच्छत् । कालक्रमेण (पुन: दानावसरे) राजा गुरवे सुवर्णकङ्कणं दत्तवान् । तस्मिन् नगरे कश्चिद् दरिद्र: पुरुष: आसीत् । स: कन्याया: विवाहनिमित्तं क्लेशम् अनुभूतवान् । गुरु: तस्मै राजप्रदत्तं सुवर्णकङ्कणम् अददात् । राजा इमं विषयं ज्ञात्वा गुरुम् अपृच्छत् – "गौरवभावनया भवते उपायनानि प्रदत्तानि । किन्तु भवान् अन्येभ्य: तानि ददाति । किम् एतत् समुचितम्?" गुरु: उक्तवान् – "भवान् उपायनं प्रदाय दानविषयं चिन्तयति । भवान् अद्यापि तद्धनं भवत: इति भावयति । तर्हि कथय -कीदृशं दानं भवता कृतम्? तद्वस्तुभि: मम प्रयोजनं नासीत् । यत्र प्रयोजनमस्ति तत्र तानि प्रदत्तानि ।" राजा दानस्य महत्त्वं विज्ञाय गुरुं क्षमां प्रार्थयत । अत एवं वक्तुमुचितम् –
**'आशा दत्तेषु द्रव्येषु दु:खं हि जनयिष्यति ।**
**फलं पात्राय दानस्य सुप्रयोगे विलोक्यते' ।।**
(i) राजा कं प्रति श्रद्धावान् आसीत्?
(ii) राजा कस्मै पट्टवस्त्राणि दत्तवान्?
(iii) गुरु: वस्त्राणि गृहीत्वा कं प्रति प्रस्थितवान्?
(iv) कस्य मनसि करुणा जाता?
(v) राजा गुरवे किं दत्तवान्?

**2. प्रदत्तवाक्येषु रेखाङ्कितपदानां सकारणं विभक्तिं लिखत। [1×5=5**
(i) मया सर्वत: प्रतिषिद्ध: स नियतं कुयित: नागच्छति।
(ii) वक आह - दैवज्ञमुखात्।
(iii) यत्र अन्यानि भूतानि संश्लिष्टानि सन्ति।
(iv) स: यथा वदति तथा स्वजीवने आचरति।
(v) सहर्षम् आत्मगतम्।

**3. शुद्धं सन्धिविधानं / विच्छेदं कुरुत। [1×5=5**
(i) तत् + आवरणस्य (ii) उत्तरेण + एव (iii) माम् + एव (iv) किंस्वित् (v) प्रविवेशाथ

**4. रिक्तस्थाने शुद्धं समासनाम / समस्त पदं / व्यासवाक्यं लिखत। [1×5=5**
(i) दिवसक्षये = ______ = षष्ठीतत्पुरुष: ।
(ii) सादरम् = आदरेण सह वर्त्तमानम् = ______ ।
(iii) ______ = कराणां ताल: तै: = षष्ठीतत्पुरुष: ।
(iv) मातापितरौ = माता च पिता च = ______ ।
(v) महाजन: = ______ कर्मधारय: ।

**5. प्रदत्तवाक्येषु रेखाङ्कितपदानां भ्रमसंशोधनं कुरुत। [1×5=5**
(i) उपाध्यायतं गोरक्षणाय प्रेषयति स्म।
(ii) अस्मिन् कूपं पतितोऽहम् ।
(iii) जना: गृहे आवसन्ति।
(iv) राजा प्रजानां धनं ददाति।
(v) भवान् ईश्वरेण स्मरतु।

**6. एकपदेन स्त्रीप्रत्ययरूपं लिखत। [1×5=5**
(i) रुद्रस्य स्त्री =
(ii) विधातृशब्दस्य स्त्रीप्रत्यये =
(iii) याचकस्य स्त्री =
(iv) सूर्यस्य मानवी स्त्री
(v) यवनस्य स्त्री

**7. अधोलिखितानि पदानि व्यवहृत्य पृथक् वाक्यानि रचयत। [1×5=5**
(i) नमस्करोति (ii) सार्धम् (iii) ददासि (iv) स्निह्यति (v) पुरत:

**8. शून्यस्थाने शुद्धं प्रकृति/ प्रत्ययं लिखत। [1×5=5**
(i) भेद: = भिद् + ______
(ii) शान्ति: = ______ + क्तिन्
(iii) पृष्टवान् = प्रच्छ् + ______
(iv) कृत्वा = ______ + क्त्वा
(v) प्रहृष्ट: = प्र + हृष् + ______

**9. प्रदत्तवाक्येषु रेखाङ्कितपदानां मातृभाषया अर्थं लिखत। [1×5=5**
(i) वसत: तान् निबोध मे।
(ii) लोभ: अनन्तक: व्याधि:।
(iii) जनान् कुलम् आनेतुं दिश: निर्दिशति।
(iv) प्राणिन: भूमे: भोजनं गृहीत्वा जीवन्ति।
(v) बलीय: खलु भीतोऽस्मि।

**10. प्रदत्तवाक्येषु रेखाङ्कितपदानि आघृत्य प्रश्ननिर्माणं कुरुत। [1×5=5**
(i) उपमन्यु: उपाध्यायं प्रत्यभाषत।
(ii) सर्वजलचराणां क्षेमं भविष्यति।
(iii) ते अमरधाम्न: पृथिविम् अवतरन्ति।
(iv) अमरकोषे परिवेष इति शब्द: उपलब्ध:।
(v) मदीये उटजे वर्णचित्रित: मृत्तिकामयूर: तिष्ठति।

### PART – II (SUBJECTIVE)

**1. निजभाषया वाक्यत्रयेण प्रश्नद्वयस्य उत्तरं लिखत: [5×2=10**
(क) रक्षाकरण्डकविषये प्रथमा तापसी किम् उक्तवती?
**अथवा,**
माता विवेकानंद सर्वदा किं भवितुम् उपदिशति स्म?
(ख) "जलं रस: इति उच्यते इत्यस्य क: अर्थ:?
**अथवा,**
कुलीरक: बहुजलचरसमेत: समेत्य दु:खितं बकं किम् आह?

**2. निजभाषया वाक्यत्रयेण प्रश्नद्वयस्य उत्तरं लिखत: [5×2=10**
(क) संसारे क: मोदते?
**अथवा,**
ज्ञान-शम-दया-आर्यव इत्यादिनि कानि?
(ख) वने केन भावेन निवत्स्यामि इति सीता उक्तवती?
**अथवा,**
वनादेशकथनात् पूर्वं राम: सीताया: कृते किं किं सम्बोधितवान्?

**3. निजभाषया संक्षेपेण उत्तरं लिखत: [2×5=10**
(क) सर्वदमन ! किं प्रेक्षस्व इति तापसी उक्तवती?
(ख) ईश्वरस्य पुत्रा: केन संसारस्य प्रभूतम् उपकारं कुर्वन्ति?
(ग) यज्ञाग्नौ किं वायुमण्डलं शुद्धं कुर्वन्ति?
(घ) बक: जलचराणां कया मनांसि रञ्जयन् आहारवृत्तिमकरोत्?
(ङ) उपमन्यु: कदाचित् अरण्ये क्षुधार्त्त: भ्रमन् किम् अभक्षयत्?

**4. निजभाषया संक्षेपेण उत्तरं लिखत: [2×5=10**
(क) स्वधर्मवर्त्तित्वं किम्?
(ख) धर्मस्य तत्त्वं कुत्र निहितम्?
(ग) आतुरस्य च किं मित्रम्?।
(घ) सीते! वनं गत्वा तव किं न भविष्यति?
(ङ) राम: वने किं चिन्तयन् सीता नेतुं बुद्धिं न कुरुते?

**5. अधोलिखितवाक्येषु पञ्चानां वाक्यानां संस्कृतभाषया अनुवादं कुरुत : [2×5=10**
(କ) ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ହେବାକୁ ଯୋଗ୍ୟ।
(ଖ) ବାପା ମିଛରେ ମୋ ଉପରେ ବିରକ୍ତ ହେଉଛନ୍ତି।
(ଗ) ସବୁବେଳେ ଆପଣଙ୍କର ମଙ୍ଗଳ ହେଉ।
(ଘ) ପିଲାଦିନରୁ ସେ ଈଶ୍ୱର ବିଶ୍ୱାସୀ।
(ଙ) ରୋଗୀକୁ ଗରମପାଣି ଭଲ ଲାଗେ ନାହିଁ।
(ଚ) ଲୋକେ ଅଳ୍ପକରେ ସନ୍ତୁଷ୍ଟ ହେଉନାହାଁନ୍ତି।
(ଛ) ବନ୍ୟାପାଣି ନଗର ଆଡ଼କୁ ଆସୁଛି।
(ଜ) ତୁମ ସହଯୋଗ କେବେ ଭୁଲିବି ନାହିଁ।

### ଉତ୍ତର - PART – I (OBJECTIVE)

1. (i) ସ୍ୱଗୁରୁଙ୍କ ପ୍ରତି (ii) ଦୀନଜନକୁ (iii) ଘରକୁ (iv) ଗୁରୁଙ୍କର (v) ପାଟବସ୍ତ୍ର
2. (i) ଅନୁକ୍ତେ କର୍ତ୍ତରି ୩ୟା (ii) ଅପାଦାନେ ୫ମୀ (iii) କର୍ତ୍ତରି ୧ମା (iv) ଅଧିକରଣେ ୭ମୀ (v) କ୍ରିୟା ବିଶେଷଣେ ୨ୟା
3. (i) ତଦାବରଣସ୍ୟ (ii) ଉତ୍ତରେଣୈବ (iii) ମାମେବ (iv) କିଂ + ସ୍ୱିତ୍ (v) ପ୍ରବିବେଶ + ଅଥ
4. (i) ଦିବସ୍ୟ କ୍ଷୟଃ ତସ୍ମିନ୍ (ii) ସହାର୍ଥେ ବହୁବ୍ରୀହିଃ (iii) କରତାଳୈଃ (iv) ଦ୍ୱନ୍ଦ୍ୱ (v) ମହାନ୍ଜନଃ
5. (i) ଉପାଧ୍ୟାୟସ୍ତମ୍ (ii) କୂପେ (iii) ଗୃହମ୍ (iv) ପ୍ରଜାଭ୍ୟଃ (v) ଈଶ୍ୱରମ୍ / ଈଶ୍ୱରସ୍ୟ
6. (i) ରୁଦ୍ରାଣୀ (ii) ବିଧାତ୍ରୀ (iii) ଯାଚିକା (iv) ସୂରୀ (v) ଯବନୀ
7. (i) ଛାତ୍ରଃ ଗୁରୁଂ ନମସ୍କରୋତି। (ii) ତ୍ୱୟା ସାର୍ଦ୍ଧମ୍ ଅହଂ ଗଚ୍ଛାମି। (iii) ତ୍ୱଂ ଦରିଦ୍ରାୟ ଧନଂ ଦଦାସି। (iv) ପିତା ପୁତ୍ରେ ସ୍ନିହ୍ୟତି। (v) ମମ ପୁରତଃ ତ୍ୱଂ ତିଷ୍ଠ।
8. (i) ଘଞ୍ (ii) ଶମ୍ (iii) କ୍ତବତ୍ (iv) କୃ (v) କ୍ତ
9. (i) ଜାଣ (ii) ସୀମାହୀନ (iii) ଆଣିବା ପାଇଁ (iv) ଗ୍ରହଣ କରି (v) ବହୁତ ବଳ
10. (i) ଉପମନ୍ୟୁଃ କଂ ପ୍ରତ୍ୟଭାଷତ? (ii) ସର୍ବ ଜଳଚରାଣାଂ କିଂ ଭବିଷ୍ୟତି? (iii) ତେ କୁତଃ ପୃଥିବୀମ୍ ଅବତରନ୍ତି? (iv) କୁତ୍ର ପରିବେଷ ଇତି ଶବ୍ଦଃ ଉପଲବ୍ଧଃ। (v) ମଦୀୟ ଉଟଜେ କୀଦୃଶଃ ମୃତ୍ତିକାମୟୂରଃ ତିଷ୍ଠତି?

### ଉତ୍ତର - PART – II (SUBJECTIVE)

1.(क) ରକ୍ଷାକବଚ ସମ୍ବନ୍ଧରେ ପ୍ରଥମା ତାପସୀ ରାଜାଙ୍କୁ କହିଥିଲା ଯେ ଏହି କବଚଟରେ ଅପରାଜିତାନାମ ଔଷଧି ରହିଅଛି। ଭଗବାନ୍ ମାରୀଚ ଏହାକୁ ଶିଶୁର ଜନ୍ମସମୟରେ ପ୍ରଦାନ କରିଥିଲେ। ଏହାକୁ ନିଜେ ଅଥବା ମା' ଓ ବାପାଙ୍କ ବ୍ୟତୀତ ଅନ୍ୟ କେହି ଭୂମିରେ ପଡ଼ିଥିଲାବେଳେ ଧରିନଥାନ୍ତି।
**अथवा,**
ବିବେକାନନ୍ଦଙ୍କ ମାତା ସର୍ବଦା ଉପଦେଶ ଦେଉଥିଲେ ଯେ ପୁତ୍ର! ଆଜୀବନ ପବିତ୍ର ହୁଅ। ସର୍ବଦା ନିଜର ସମ୍ମାନ ରକ୍ଷାକର। ଅନ୍ୟର ସମ୍ମାନହାନି ହେଲାପରି କୌଣସି କାର୍ଯ୍ୟ କରନାହିଁ।
(ख) ଜଳ ବିନା ଜୀବନ ଅସମ୍ଭବ। କାରଣ ପର୍ବତମାନଙ୍କରୁ ପ୍ରବାହିତ ହୋଇଥାନ୍ତି ଜଳଧାରା। ଏହି ଜଳଧାରାରେ ମୃତ୍ତିକା, ଧାତୁ, ଖଣିଜ-ଲବଣାଦି ରସ ସଞ୍ଚରିତ ହୋଇଥାଏ। ଏଥିରେ ଜୀବନକୁ ଧାରଣ ଓ ପୋଷଣ କରୁଥିବା ତତ୍ତ୍ୱ ନିହିତ ଥାଏ। ଏଣୁ ଜଳକୁ ରସ ବୋଲି କୁହାଯାଏ।
**अथवा,**
କଙ୍କଡ଼ା ପୋଖରୀକୂଳରେ ବସି ଲୁହ ଗଡ଼ାଉଥିବା ବକକୁ ଦେଖିଲା। ସେ ଅନ୍ୟାନ୍ୟ ଜଳଚରମାନଙ୍କ ସହ ତା'ର ଦୁଃଖରେ ଦୁଃଖିତ ହୋଇଥିଲା। ପଚାରିଲା, "ମାମୁଁ! କ'ଣ ଆଜି ଖାଦ୍ୟ ଗ୍ରହଣ କରିବ ନାହିଁ। କେବଳ ଲୁହଗଡ଼ାଇ ବସିରହିବ?"

2.(क) ଯୁଧିଷ୍ଠିର ଯକ୍ଷଙ୍କ ପ୍ରଶ୍ନର ଉତ୍ତର ଦେଇ କହୁଛନ୍ତି ଋଣ ନ କରିବା, ଧନୋପାର୍ଜନ ନିମିତ୍ତ ବିଦେଶକୁ ନ ଯିବା ଆଜିର ସମାଜରେ କଷ୍ଟଦାୟକ। ଏଣୁ ପ୍ରାୟତଃ ସମସ୍ତେ ଋଣ କରିବାକୁ ଓ ବିଦେଶ ଯିବାକୁ ଇଚ୍ଛାକରିଥାନ୍ତି। ମାତ୍ର ଋଣୀ ଓ ବିଦେଶରେ ଥିବା ବ୍ୟକ୍ତି କେବେ ସୁଖ ପାଇପାରନ୍ତି ନାହିଁ। ସେଥିପାଇଁ ଋଣ ନ କରି ବିଦେଶ ନ ଯାଇ ସ୍ୱସ୍ଥାନରେ ଦିନର ପଞ୍ଚମ ଓ ଷଷ୍ଠ ପ୍ରହରରେ ଶାକାନ୍ନ ଭୋଜନ କରି ରହୁଥିବା ବ୍ୟକ୍ତି ହିଁ ବାସ୍ତବରେ ସୁଖୀ ଅଟନ୍ତି ବୋଲି ଯୁଧିଷ୍ଠିର ମତବ୍ୟକ୍ତ କରିଛନ୍ତି।
**अथवा,**
ଈଶ୍ୱରଙ୍କ ଉପସ୍ଥିତିକୁ ଉପଲବ୍ଧ କରିବାକୁ ଜ୍ଞାନ ଓ ମନର ଶାନ୍ତି ହିଁ ବାସ୍ତବ ଶାନ୍ତି ଅଟେ। ଜଗତର ସମସ୍ତ ଜୀବଜଗତର କଲ୍ୟାଣ କାମନାକୁ ଦୟା ବୋଲି କୁହାଯାଏ। ଜଗତବାସୀଙ୍କ ପ୍ରତି ସମାନ ହୃଦୟ ହେବା ସରଳତା ରୂପେ ପରିଗଣିତ।
(ख) ରାମଙ୍କ ସହ ବନ ଗମନକରିବା ପାଇଁ ସୀତା ବହୁ ଅକାଟ୍ୟ ଯୁକ୍ତିମାନ ଉପସ୍ଥାପନ କରିଛନ୍ତି। ତାଙ୍କ ମତରେ ବନ ଦୁର୍ଗମ ହେଉଥାଉନା କାହିଁକି ବା ଯେତେ ହିଂସ୍ର ପଶୁ ସେଥିରେ ବାସକରନ୍ତୁ ନା କାହିଁକି ତାହା ତାଙ୍କ ପ୍ରତି କଷ୍ଟ ପ୍ରଦାନ କରିବ ନାହିଁ। ବରଂ ଝିଅମାନେ ବାପଘରେ ଯେପରି ସୁଖରେ ରହିଥାନ୍ତି ସେହିପରି ସ୍ୱାମୀଙ୍କ ସାନ୍ନିଧରେ ସେ ବନ ମଧ୍ୟରେ ସୁଖରେ ରହିବେ।
**अथवा,**
ରାମ ଥରୁଥିବା ସୀତାଙ୍କୁ ଦେଖି ନିଜର ମନୋଭାବକୁ ଲୁଚାଇ ରଖିବାକୁ ସମର୍ଥ ହୋଇ ନଥିଲେ। ତାଙ୍କୁ ବନବାସ ଆଦେଶ ଓ ଭରତଙ୍କୁ ରାଜ୍ୟାଭିଷେକ ଏହି କଥା ଶୁଣି କାଳେ ସୀତା ଈର୍ଷାପରାୟଣା ହୋଇଯିବେ ଏଥିପାଇଁ ସେ ଚିନ୍ତିତ ଥିଲେ। ଫଳରେ ସୀତାଙ୍କୁ ଶାନ୍ତକରିବା ଉଦ୍ଦେଶ୍ୟରେ ରାଜର୍ଷି ଜନକଙ୍କ ପରି ଉଚ୍ଚ ବଂଶରେ ଜନ୍ମନେଇଛ, ଦୟା, କ୍ଷମାଦି ଉଚ୍ଚଗୁଣର ଅଧିକାରିଣୀ ତଥା ଧର୍ମଆଚରଣଶୀଳା ଇତ୍ୟାଦି ସମ୍ବୋଧନ କରିଥିଲେ।

3. (क) ସର୍ବଦମନ! ମୃତ୍ତିକା ମୟୂରସ୍ୟ ଲାବଣ୍ୟଂ ପେକ୍ଷସ୍ୱ ଇତି ତାପସୀ ଉକ୍ତବତୀ। / ସର୍ବଦମନ ମାଟି ମୟୂରର ସୌନ୍ଦର୍ଯ୍ୟ ଦେଖ ବୋଲି ତାପସୀ କହିଥିଲେ।
(ख) ଈଶ୍ୱରସ୍ୟ ପୁତ୍ରାଃ ସ୍ୱଳ୍ପଜୀବନେନ ସଂସାରସ୍ୟ ପ୍ରଭୂତମ୍ ଉପକାରଂ କୁର୍ବନ୍ତି। / ଈଶ୍ୱରଙ୍କ ପୁତ୍ରମାନେ ଅଳ୍ପ ଜୀବନ କାଳ ମଧ୍ୟରେ ସଂସାରର ବିପୁଳ ଉପକାର କରିଥାନ୍ତି।
(ग) ଯଜ୍ଞାଗ୍ନୌ ଘୃତଯୁକ୍ତ-ଆହୂତୟଃ ବାୟୁମଣ୍ଡଳଂ ଶୁଦ୍ଧଂ କୁର୍ବନ୍ତି।/ ଯଜ୍ଞାଗ୍ନିରେ ଘୃତଯୁକ୍ତ ଆହୁତି ବାୟୁମଣ୍ଡଳକୁ ଶୁଦ୍ଧ କରିଥାଏ।
(घ) ବକ ମିଥ୍ୟାବାର୍ତ୍ତୟା ମନାଂସି ରଞ୍ଜୟନ୍ ଆହାରବୃତ୍ତିମ୍ ଅକରୋତ୍। / ବଗ ମିଛକଥା କହି ମନୋରଞ୍ଜନ କରି ଖାଦ୍ୟ ବ୍ୟବସ୍ଥା କଲା।
(ङ) ଉପମନ୍ୟୁଃ କଦାଚିତ୍ କ୍ଷୁଧାର୍ତ୍ତଃ ଅରଣ୍ୟେଭ୍ରମନ୍ ଅର୍କପତ୍ରାଣି ଅଭକ୍ଷୟତ୍। ଉପମନ୍ୟୁ ଦିନେ ଭୋକରେ ଅରଣ୍ୟରେ ବୁଲୁବୁଲୁ ଅରଖପତ୍ରଗୁଡ଼ିକୁ ଖାଇଦେଲା।

4. (क) ସ୍ୱଧର୍ମ ବର୍ତ୍ତିତ୍ୱଂ ତପଃ। / ନିଜ କର୍ତ୍ତବ୍ୟରେ ଅବିଚଳିତ ରହିବା ତପାସ୍ୟା ଅଟେ।
(ख) ଧର୍ମସ୍ୟ ତତ୍ତ୍ୱଂ ଗୁହାୟାଂ ନିହିତମ୍। / ଧର୍ମର ତତ୍ତ୍ୱ ଜ୍ଞାନରୂପକ ଗୁମ୍ଫାରେ ଲୁଚିରହିଛି।
(ग) ଆତୁରସ୍ୟ ଭିଷକ୍ ମିତ୍ରମ୍। / ଆତୁରର ଚିକିତ୍ସକ ବନ୍ଧୁ।
(घ) ସୀତେ! ବନଂ ଗତ୍ୱାଂ ତବ କ୍ଷମଂ ନ ଭବିଷ୍ୟତି। / ହେ ସୀତା! ବନଗମନ ତୁମପାଇଁ ମଙ୍ଗଳକର ହେବନାହିଁ।
(ङ) ରାମଃ ବନେ ଦୁଃଖାନି ଚିନ୍ତୟନ୍ ସୀତାଂ ନେତୁଂ ବୁଦ୍ଧିଂ ନ କୁରୁତେ।/ରାମ ବନରେ ଦୁଃଖକୁ ଚିନ୍ତାକରି ସୀତାଙ୍କୁ ନେବାକୁ ମନବଳାଇଲେ ନାହିଁ।

5. (କ) ନରେନ୍ଦ୍ରମୋଦ୍ୟାଂ ପ୍ରଧାନମନ୍ତ୍ରିତ୍ୱଂ ଯୁଜ୍ୟତେ।
(ଖ) ପିତା ମିଥ୍ୟା ମୟି ବିରକ୍ତଃ ଭବତି।
(ଗ) ସର୍ବଦା ଭବତଃ ମଙ୍ଗଳଂ ଭବତୁ।
(ଘ) ବାଲ୍ୟାତ୍ ସଃ ଈଶ୍ୱରବିଶ୍ୱାସୀ।
(ଙ) ରୋଗିଣେ ଉଷ୍ଣଜଳଂ ନ ରୋଚତେ।
(ଚ) ଜନାଃ ଅଳ୍ପେନ ନ ତୃପ୍ୟନ୍ତି।
(ଛ) ବନ୍ୟାଜଳଂ ନଗରଂ ପ୍ରତି ଆଗଚ୍ଛତି।
(ଜ) ଭବତଃ ସହଯୋଗଂ କଦାପି ନ ବିସ୍ମରିଷ୍ୟାମି।

# ଟିକସ ଆଦାୟ ଲକ୍ଷ୍ୟ ପୂରଣ ନ ହେଲେ କାର୍ଯ୍ୟାନୁଷ୍ଠାନ

**ଛତ୍ରପୁର,୨୧।୧(ଡି.ଏନ.ଏ)**

ଛତ୍ରପୁରସ୍ଥିତ ଜିଲାପରିଷଦ ଭବନ ଋଷିକୁଲ୍ୟା ସମ୍ମିଳନୀ ଗୃହରେ ମଙ୍ଗଳବାର ଗଞ୍ଜାମ, କନ୍ଧମାଳ ଓ ନୟାଗଡ ଜିଲାର ସହରାଞ୍ଚଳ ଉନ୍ନୟନ ସମୀକ୍ଷା ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଜି. ମାଥିଭାଥନନ୍ ଯୋଗଦେଇ ସମୀକ୍ଷା କରିଥିଲେ। ତାଙ୍କ ସହ ବିଭାଗର ଅଧିକାରୀମାନେ ଆସିଥିଲେ। ବୈଠକରେ ସହରାଞ୍ଚଳ ଗୁଡ଼ିକରେ ଚାଲିଥିବା ବର୍ଜ୍ୟବସ୍ତୁ ପରିଚାଳନାଠାରୁ ଆରମ୍ଭ କରି ପାଇଖାନା ନିର୍ମାଣ, ପ୍ରତି ଘରକୁ ପାଇପ୍ ଯୋଗେ ଜଳ ଯୋଗାଣ, ପ୍ରଧାନମନ୍ତ୍ରୀ ଆବାସ, ପ୍ରତି ଘରୁ ଆବର୍ଜନା ସଂଗ୍ରହ, ବିଭିନ୍ନ ଟିକସ ଆଦାୟ ଏବଂ କନିଷ୍ଠ ଯନ୍ତ୍ରୀମାନଙ୍କ କାର୍ଯ୍ୟର ସହରାଞ୍ଚଳୱାରୀ ସମୀକ୍ଷା କରାଯାଇଥିଲା।

ବ୍ରହ୍ମପୁର ମହାନଗର ନିଗମରେ ଥିବା ବସ୍ତି ବାସିନ୍ଦାଙ୍କ ପାଇଁ ରାଜୀବ ଗାନ୍ଧୀ ଆବାସ ଯୋଜନା କିମ୍ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବହୁତଳ କୋଠା ନିର୍ମାଣ କରି ଥଇଥାନ କରିବାକୁ ପ୍ରମୁଖ ଶାସନ ସଚିବ କହିଥିଲେ। ଜାଗା ମିଶନ ଗଞ୍ଜାମରୁ ଆରମ୍ଭ ହୋଇଥିଲା। ପରେ ରାଜ୍ୟର ସମସ୍ତ ସହରାଞ୍ଚଳରେ ଏହାର ଶୁଭାରମ୍ଭ ହୋଇଛି। ଗଞ୍ଜାମ ପୂରା ରାଜ୍ୟକୁ ବାଟ ଦେଖାଇଥାଏ ବୋଲି କହି ପ୍ରମୁଖ ଶାସନ ସଚିବ ଜିଲାକୁ ପ୍ରଶଂସା କରିଥିଲେ। ବସ୍ତିବାସିନ୍ଦାଙ୍କୁ ଜମି ଅଧିକାରୀ ପ୍ରମାଣପତ୍ର ବଣ୍ଟନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସହରାଞ୍ଚଳରେ ପରିମଳ ଏକ ମୁଖ୍ୟ ବିଷୟ। ସହରାଞ୍ଚଳରେ ସଫେଇ କାର୍ଯ୍ୟ ବେଳେ ନିର୍ବାହୀ ଅଧିକାରୀମାନେ ପରିଦର୍ଶନରେ ଯାଉନାହାନ୍ତି। ଏଣିକି ସକାଳ ୬ଟାରେ ନିର୍ବାହୀ ଅଧିକାରୀ ଓ ସହରାଞ୍ଚଳ ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀ ପରିଦର୍ଶନରେ ଯିବେ। ସେହିପରି ରାତିରେ ରାସ୍ତା ସଫେଇ ଉପରେ ପ୍ରମୁଖ ଶାସନ ସଚିବ ଗୁରୁତ୍ୱ ଦେଇଥିଲେ। ସହରାଞ୍ଚଳର ପ୍ରତି ଘରକୁ ପାଇପ୍ ଯୋଗେ ଜଳଯୋଗାଣ କରିବାକୁ ପଡିବ। ମିଟର ଲଗାଇ ୨୪ ଘଣ୍ଟା ପାଣି ଯୋଗାଣ କରାଯିବ। ଏହାଦ୍ୱାରା ଘର ଉପରେ ଟାଙ୍କି କିମ୍ବା ତଳେ ସମ୍ପ ରହିବନି ଏବଂ ମୋଟର ଲାଗିବନି ବୋଲି ସଚିବ କହିଛନ୍ତି। ଗୋପାଳପୁର ଏନ୍ଏସିର ସମସ୍ତ ଘରକୁ ପାଇପ୍ ଯୋଗେ ଜଳ ଯୋଗାଣ ହେଉଛି ଏବଂ ଏହା ରାଜ୍ୟରେ ପ୍ରଥମ ବୋଲି ସଚିବ ସୂଚନା ଦେଇଥିଲେ। ପୁରୀ ଓ ଭୁବନେଶ୍ୱର ଭଳି ୱାର୍ଡସ୍ତରରେ ଜଳସାଥୀ ରହିବେ। ଏମାନେ ବିଲ୍ କାଟିବେ ଓ ଟଙ୍କା ଆଦାୟ ଓ ପାଣିର ମାନ ପରୀକ୍ଷା କରିବେ। ନିର୍ବାହୀ ଅଧିକାରୀମାନେ ପବ୍ଲିକ୍ ଟଏଲଟ୍ ବ୍ୟବହାର କଲେ ତାହା ସଫା ରହିପାରିବ ବୋଲି ସଚିବ କହିଥିଲେ। ଗୋପାଳପୁର, ରମ୍ଭା, ଭଞ୍ଜନଗର, କୋଦଳା, ପୁରୁଷୋତ୍ତମପୁର ଓ ପୋଲସରା ଏନ୍ଏସି, ଫୁଲବାଣୀ ମ୍ୟୁନିସିପାଲିଟି ହୋଲଡିଂ ଟିକସ ଆଦାୟରେ ପଛରେ ପଡ଼ିଛି। ସେହିପରି ବିଭିନ୍ନ ଟିକସ ଆଦାୟ କ୍ଷେତ୍ରରେ ରମ୍ଭା, କୋଦଳା, ଭଞ୍ଜନଗର, ଚିକିଟି, ବାଲିଗୁଡା ଏନଏସିର ସ୍ଥିତି ନୈରାଶ୍ୟଜନକ। ଏଥିରେ ସୁଧାର ନ ଆଣିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଥିଲା। ବ୍ରହ୍ମପୁର ମହାନଗର ନିଗମକୁ ୩୫ କୋଟି ଟିକସ ଆଦାୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ପୁରୁଷୋତ୍ତମପୁର, ପୋଲସରା, ଖଲ୍ଲିକୋଟ, କୋଦଳା, ସୋରଡା ଯନ୍ତ୍ରୀଙ୍କ କାର୍ଯ୍ୟ ବହୁତ ନୈରାଶ୍ୟଜନକ ଥିବା ସମୀକ୍ଷା ବେଳେ ଜଣାପଡିଥିଲା। ଗଞ୍ଜାମ ଜିଲାର ସମସ୍ତ ସହରାଞ୍ଚଳକୁ ଦିଆଯାଇଥିବା ଅନୁଦାନ ମଧ୍ୟରୁ ମାତ୍ର ୪.୨ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇଥିବାରୁ ପ୍ରମୁଖ ଶାସନ ସଚିବ ଉଦ୍‌ବେଗ ପ୍ରକାଶ କରିଥିଲେ। ବୈଠକରେ ରାଜ୍ୟ ନଗର ଉନ୍ନୟନ ବିଭାଗର ନିର୍ଦ୍ଦେଶକ (ମ୍ୟୁନିସିପାଲିଟି ପ୍ରଶାସନ) ସଂଗ୍ରାମଜିତ୍ ନାୟକ, ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, କନ୍ଧମାଳ ଜିଲାପାଳ ଡ. ବୃନ୍ଦା ଡି, ନୟାଗଡ ଜିଲାପାଳ ଡ. ପୁମା ଗୁପ୍ତ, ବ୍ରହ୍ମପୁର ମହାନଗର ନିଗମର କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର, ନଗର ଉନ୍ନୟନ ବିଭାଗର ଯୁଗ୍ମ ସଚିବ ଦୁର୍ଗା ପ୍ରସାଦ ମହାପାତ୍ର, ଯୁଗ୍ମ ସଚିବ କଲ୍ୟାଣ କୁମାର ରଥ, ସୁଡା (ରାଜ୍ୟ ସହରାଞ୍ଚଳ ଉନ୍ନୟନ ସଂସ୍ଥା)ର ଅତିରିକ୍ତ ନିର୍ଦ୍ଦେଶକ ଶାରଦା ପ୍ରସାଦ ପଣ୍ଡାଙ୍କ ସମେତ ୩ ଜିଲାର ୨୬ ସହରାଞ୍ଚଳର ନିର୍ବାହୀ ଅଧିକାରୀ, ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ପ୍ରମୁଖ ଶାସନ ସଚିବ ଓ ଅନ୍ୟମାନେ।

## ଗଞ୍ଜାମ, କନ୍ଧମାଳ, ନୟାଗଡ ସହରାଞ୍ଚଳ ସମୀକ୍ଷା

- ଭୋର ୬ଟାରେ ନିର୍ବାହୀ ଅଧିକାରୀ ଦେଖିବେ ପରିମଳ କାର୍ଯ୍ୟ
- ସମସ୍ତ ଘରକୁ ପାଇପ୍ ଯୋଗେ ପାଣି ଦିଅ: ସଚିବ

# ପ୍ରଥମ ପର୍ଯ୍ୟାୟରେ ୬୦୦ ଆଦର୍ଶ ଅଙ୍ଗନୱାଡ଼ି ଲକ୍ଷ୍ୟ



ପ୍ଲେ ସ୍କୁଲ ଢାଞ୍ଚାରେ ପଢ଼ିଲେଣି ଅଙ୍ଗନୱାଡି ଶିଶୁ ।

**ଫୁଲବାଣୀ ଅଫିସ, ୨୧।୧**

**କନ୍ଧମାଳ ଜିଲା**

ଆଜିକାଲିର ପ୍ରତିଯୋଗୀଭାବ ସମ୍ପନ୍ନ ସମାଜରେ ପିଲାକୁ ପଢ଼ାଇବା ପାଇଁ ଅଭିଭାବକମାନେ ପ୍ରଥମେ ପ୍ଲେ ସ୍କୁଲ ପରଖୁଛନ୍ତି। ଯେଉଁଠି ପିଲା ପ୍ରିନର୍ସରୀ ସାରି ନର୍ସରୀ ପଢ଼ିବା ପାଇଁ ପ୍ରସ୍ତୁତ ହୋଇପାରିବ। ସାଧାରଣତଃ ସହରାଞ୍ଚଳରେ ଏହି ସୁବିଧା ଥାଏ। ଗ୍ରାମାଞ୍ଚଳର ଶିଶୁମାନଙ୍କୁ କିଭଳି ପ୍ଲେ ସ୍କୁଲ ପିଲାଙ୍କ ଭଳି ଶିକ୍ଷା ଦିଆଯାଇ ପାରିବ ସେଥିନେଇ କନ୍ଧମାଳ ଜିଲାପାଳ ଡା.ବୃନ୍ଦା ଡି. ପ୍ରୟାସ ଆରମ୍ଭ କରିଛନ୍ତି। ଅଙ୍ଗନୱାଡି କେନ୍ଦ୍ରର ଉନ୍ନତୀକରଣ କରି ଆଦର୍ଶ ଅଙ୍ଗନୱାଡି କେନ୍ଦ୍ରରେ ପରିଣତ କରାଯାଇଛି। ଯେଉଁଠି ଗ୍ରାମାଞ୍ଚଳର ଶିଶୁମାନେ ପ୍ଲେ ସ୍କୁଲ ଭଳି ସମସ୍ତ ସୁବିଧା ପାଇପାରିବେ। ସେମାନେ ସହରର ପିଲାଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବେ।

ଆଦର୍ଶ ଅଙ୍ଗନୱାଡି ହେବା ପରେ ପୂର୍ବରୁ ଅଙ୍ଗନୱାଡିରୁ ମୁହଁ ଫେରାଉଥିବା ଅଭିଭାବକ ଏବେ ଏଥିପ୍ରତି ଆକୃଷ୍ଟ ହେଲେଣି। ଫୁଲବାଣୀ ବ୍ଲକ କାଣିବାଲିରେ ଜିଲାର ପ୍ରଥମ ରୋଲ ମଡେଲ ଆଦର୍ଶ ଅଙ୍ଗନୱାଡି କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଏବେ ଏହି ଢାଞ୍ଚାରେ ପ୍ରଥମ ପର୍ଯ୍ୟାୟରେ ଜିଲାର ୧୨ ବ୍ଲକରେ ୫୦ଟି ଲେଖାଏ ଏପରି ମୋଟ ୬୦୦ ଆଦର୍ଶ ଅଙ୍ଗନୱାଡି କେନ୍ଦ୍ର କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏପରିକି ଫୁଲବାଣୀରେ ୮, ରାଇକିଆରେ ୧୦, ଫିରିଙ୍ଗିଆରେ ୬, ତୁମୁଡିବନ୍ଧରେ ୨ କେନ୍ଦ୍ରରେ ନୂଆ ଢାଞ୍ଚାରେ ପଢ଼ା ଆରମ୍ଭ ହେଲାଣି।

ଅଙ୍ଗନୱାଡିରେ ଥିବା ପାଠ୍ୟ ପୁସ୍ତିକା ଅନୁସାରେ କାନ୍ଥ, ଚଟାଣ, ଛାତରେ ଚିତ୍ର ଅଙ୍କନ କରାଯାଇ ପିଲାଙ୍କୁ ଶିକ୍ଷା ଦିଆଯାଉଛି। ନାଚଗୀତ ମଧ୍ୟ ଶିଖାଯାଉଛି। ଖେଳିବା ପାଇଁ ଉପକରଣ ରଖାଯାଇଛି। ଏସବୁ ପ୍ରତି ଆକୃଷ୍ଟ ହୋଇ ପିଲାମାନେ କେନ୍ଦ୍ରକୁ ଆସୁଛନ୍ତି। ଅନ୍ୟପକ୍ଷରେ ପିଲାମାନଙ୍କୁ ପ୍ରତିଯୋଗୀଭାବ ସମ୍ପନ୍ନ କରିବା ପାଇଁ ଆମେ ଚେଷ୍ଟା କରୁଛୁ ବୋଲି ଅଙ୍ଗନୱାଡି କର୍ମୀ ଅଲାଦିନ କହଁର ପ୍ରକାଶ କରିଛନ୍ତି। ସେହିପରି ଫୁଲବାଣୀ ବିଡିଓ ସୁବ୍ରତ କୁମାର ଜେନା କହିଛନ୍ତି, ପୂର୍ବରୁ ଅଙ୍ଗନୱାଡି କେନ୍ଦ୍ରରେ ପଢ଼ା ପ୍ରତି ସେଭଳି ଗୁରୁତ୍ୱ ଦିଆଯାଉ ନ ଥିଲା। ଶିଶୁମାନଙ୍କୁ ଖାଇବାକୁ ଦିଆଯାଇ ସେମାନଙ୍କ ମା' ମାନଙ୍କୁ ସରକାରଙ୍କ ପକ୍ଷରୁ ଯାହା ମିଳିବା କଥା ଯୋଗାଇ ଦିଆଯାଉଥିଲା। ଏବେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରରେ ପରିବର୍ତ୍ତନ ଅଣାଯାଇଛି। ପ୍ଲେ ସ୍କୁଲ ଭଳି ଆଦର୍ଶ ଅଙ୍ଗନୱାଡି କେନ୍ଦ୍ର ହୋଇଛି। ସେଠାରେ ପିଲାମାନଙ୍କ ଶାରୀରିକ, ମାନସିକ ପ୍ରଗତି ହେବ। ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ଅରୁଣିମା ପୁସ୍ତିକାରେ ଯାହା ପାଠ୍ୟକ୍ରମ ରହିଛି, ସେଥିରୁ କିଛି ପ୍ରସଙ୍ଗ କେନ୍ଦ୍ରର ଚଟାଣ, ଛାତ, କାନ୍ଥରେ ଚିତ୍ର ଆକାରରେ ଅଙ୍କାଯାଇଛି। ପିଲାଙ୍କ ଶାରୀରିକ ବିକାଶ ପାଇଁ ବିଭିନ୍ନ ଖେଳ ଉପକରଣ ଦିଆଯାଇଛି। ବସିବା ଲାଗି ଚେୟାର ଟେବୁଲ ବ୍ୟବସ୍ଥା ହୋଇଛି। ପିଲାଙ୍କୁ ଶିଖାଯାଉଥିବା ନାଚଗୀତର ଶୁଟିଂ କରାଯାଇ କେନ୍ଦ୍ରକୁ ଯୋଗାଇ ଦିଆଯାଇଥିବା ଟିଭିରେ ତାହା ସେମାନଙ୍କୁ ଦେଖାଯାଉଛି। ଏହାଦ୍ୱାରା ପିଲାମାନେ ଆହୁରି ଭଲ କରିବେ ବୋଲି ବିଡିଓ ଜେନା ପ୍ରକାଶ କରିଛନ୍ତି।

# ଟାଏକୋଣ୍ଡୋରେ କନ୍ଧମାଳ ପ୍ରତିଯୋଗୀଙ୍କ ସଫଳତା

**ଫୁଲବାଣୀ ଅଫିସ, ୨୧।୧**

ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା କଟକସ୍ଥିତ ଜବାହାରଲାଲ ନେହେରୁ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବର୍ଗରେ କନ୍ଧମାଳ ଜିଲାର ପ୍ରତିଯୋଗୀମାନେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରେ ୫ ଜଣଙ୍କୁ ସ୍ୱର୍ଣ୍ଣ, ୯ ଜଣଙ୍କୁ ରୌପ୍ୟ ଏବଂ ୩ ଜଣଙ୍କୁ କାଂସ୍ୟ ପଦକ ମିଳିଛି। ୨୪ କି.ଗ୍ରା.ରେ ଅମିତ କୁମାର ସାହୁ, ୨୩ କି.ଗ୍ରା.ରେ ଆୟାନ କୁମାର ନାୟକ, ୫୬ କି.ଗ୍ରାରେ ଅନୟ ମହାନ୍ତି, ୫୨ କି.ଗ୍ରା.ରେ ଏମ୍.କେ. କମଲେସ୍, ୫୭ କି.ଗ୍ରା.ରେ ସୁଜ୍ଞାନଜିତ୍ ପଟ୍ଟନାୟକଙ୍କୁ ସ୍ୱର୍ଣ୍ଣ ପଦକ ମିଳିଛି। ସେହିପରି ୨୯ କି.ଗ୍ରା.ରେ ଅଜୟ କୁମାର ମଲ୍ଲିକ, ୩୨ କି.ଗ୍ରା.ରେ ତେଜସ ବିରଞ୍ଚି ନାରାୟଣ, ରୁଦ୍ରପ୍ରସାଦ ମହାପାତ୍ରଙ୍କୁ ରୋପ୍ୟ ପଦକ, ୨୯ କି.ଗ୍ରା.ରେ କୁମାର ଜିରନ କିଷ୍ଟୁ, ସାଇକ୍ରିଷ୍ଣା ଦାସ ଏବଂ ସିନିୟର ବିଭାଗରେ ଦେବାଶିଷ ପ୍ରଧାନଙ୍କୁ କାଂସ୍ୟ ପଦକ ମିଳିଛି। ସେହିପରି ବାଳିକା ୫୧ କି.ଗ୍ରା. ବର୍ଗରେ ଯୁକ୍ତା ଜେନା, ୫୧ କି.ଗ୍ରା.ରେ ଶ୍ୱେତା ମହାନ୍ତି, ୫୫ କି.ଗ୍ରା.ରେ ସ୍ନେହଶ୍ରଦ୍ଧା ସୁବୁଦ୍ଧି, ୫୯ କି.ଗ୍ରାରେ ଅନ୍ୱେଷା ପାଣିଗ୍ରାହୀ, ସିନିୟର ବିଭାଗରେ ପୁଷ୍ପିତା କହଁରଙ୍କୁ ରୌପ୍ୟ ପଦ ମିଳିଛି। ବାଳକ ବିଭାଗ କୋଚ ଭାବେ ପ୍ରୀତମ ଚନ୍ଦ୍ର ପ୍ରଧାନ, ମ୍ୟାନେଜର ରମାକାନ୍ତ ବେହେରା, କୋଚ ମାଧବୀ ମିଶ୍ର, ମ୍ୟାନେଜର ଗୋବିନ୍ଦ ସାହାଣୀ, ମୁଖ୍ୟ କୋଚ ପ୍ରଭାତ କୁମାର ସାହୁଙ୍କ ନେତୃତ୍ୱରେ ୨୫ ପ୍ରତିଯୋଗୀ ପ୍ରତିଯୋଗିତାରେ ଭାଗ ନେଇଥିଲେ।

# ଶିଶୁ ଅଧିକାର ଆଇନ ସଚେତନତା ସଭା

**ଛତ୍ରପୁର,୨୧।୧(ଡି.ଏନ.ଏ)**

ଛତ୍ରପୁରସ୍ଥିତ ଜିଲା ସମଗ୍ର ଶିକ୍ଷା ସମ୍ମିଳନୀ ଗୃହରେ ମଙ୍ଗଳବାର ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଆନୁକୂଲ୍ୟରେ ଜିଲା ପାଠାଗାର ସହଯୋଗରେ ଶିଶୁ ଅଧିକାର ଆଇନ୍ ଓ ଶିଶୁ ସୁରକ୍ଷା ଉପରେ ସଚେତନତା ସଭା ହୋଇଥିଲା। ଶିଶୁ ସୁରକ୍ଷା, ଶିଶୁ ଅଧିକାର ଆଇନ୍‌ର କାର୍ଯ୍ୟକାରୀ କରାଯିବା ନେଇ ଜନସଚେତନତା କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, ଅଧ୍ୟାପିକା ସୁଜାତା ପଟ୍ଟନାୟକ, ନିରଞ୍ଜନ ତ୍ରିପାଠୀ, ଅମୀୟ କୁମାର ତ୍ରିପାଠୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁବୋଧ କୁମାର ଷଡଙ୍ଗୀ, ବି ବୈରାଗୀ ପାତ୍ର, ପ୍ରଫୁଲ୍ଲ ନାୟକ, କେ ସତ୍ୟ ନାରାୟଣ ରେଡ୍ଡି, ସିଆରସିସି ରୀତା ରଥ, ସୁବର୍ଣ୍ଣ ମାଳା ବିଷୋୟୀ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ଜିଲା ଗ୍ରନ୍ଥାଗାରିକ ଅମିୟ ଧଳ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଚାଇଲ୍ଡ ଲାଇନ୍‌ର କେନ୍ଦ୍ର ସଂଯୋଜକ ସାଇ ପ୍ରସାଦ ସାମଲ ଧନ୍ୟବାଦ ଦେଇଥିଲେ।

# ଭାଇ ହତ୍ୟାକାରୀଙ୍କୁ ଖଣ୍ଡାରେ ଆକ୍ରମଣ

**ବୁଗୁଡ଼ା,୨୧।୧(ଡି.ଏନ୍.ଏ.)**

ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ସୋରଡ଼ ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ଭାଇଙ୍କ ହତ୍ୟାକାରୀଙ୍କୁ ସାନ ଭାଇ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରିଛନ୍ତି। ଆକ୍ରମଣର ଶିକାର ହୋଇଥିବା ହତ୍ୟାକାରୀ ଜଣକ ହେଲେ ସୋରଡ଼ ଗ୍ରାମର ରଞ୍ଜିତ ପରିଡ଼ା। ପରିବାର ଲୋକେ ରଞ୍ଜିଙ୍କୁ ପ୍ରଥମେ ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରିବା ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ। କିନ୍ତୁ ଖବର ପାଇ ବାଲିପଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ପ୍ରକାଶ ଯେ, ୨୪ ମେ ୨୦୧୮ରେ ରଞ୍ଜିତ ମନୋଜଙ୍କ ବଡ଼ ଭାଇ ସରୋଜ ପ୍ରଧାନଙ୍କୁ ହତ୍ୟା କରି ଜେଲ ଯାଇଥିଲେ। ଏହାର ପ୍ରତିଶୋଧ ନେବା ପାଇଁ ମନୋଜ ରଞ୍ଜିତଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ।

# ପାଣି ପଞ୍ଚାୟତ ପକ୍ଷ ପାଳିତ


କୃତୀ ଛାତ୍ରୀଛାତ୍ରମାନଙ୍କୁ ବିଧାୟିକା ପୁରସ୍କାର ପ୍ରଦାନ କରୁଛନ୍ତି।

**ବେଗୁନିଆପଡ଼ା,୨୧।୧(ଡି.ଏନ.ଏ.)**

ବେଗୁନିଆପଡ଼ା ବ୍ଲକ ମର୍ଦ୍ଦକୋଟ ପଞ୍ଚାୟତ ନିକଟବର୍ତ୍ତି ଝରନଈ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିକଟରେ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। କବିସୂର୍ଯ୍ୟନଗରର ବିଧାୟିକା ଲତିକା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ନିର୍ବାହୀ ଯନ୍ତ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ, ପୋଲସରା ସହକାରୀ ଯନ୍ତ୍ରୀ ଗୁଣନିଧି ପରିଜା, ଗଞ୍ଜାମର ରଜନୀଗନ୍ଧା ଦାସ, ରାଜ୍ୟ ଜଳ ବିଭାଜିକା ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ ଯୋଗଦେଇ ପାଣି ପଞ୍ଚାୟତର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ପୂର୍ବରୁ ବିଭିନ୍ନ ବିଦ୍ୟାଳୟରେ ହୋଇଥିବା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ଓ ବ୍ଲକସ୍ତରରେ ମ୍ୟାଟ୍ରିକରେ ଅଧିକ ନମ୍ବର ରଖିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ଧାରଣା ଚେତାବନୀ ପରେ ତହସିଲଦାରଙ୍କ ବୈଠକ

## ମାର୍ଚ୍ଚ ଶେଷ ସୁଦ୍ଧା ସମସ୍ତଙ୍କୁ ପଟ୍ଟା ପ୍ରଦାନ ପ୍ରତିଶ୍ରୁତି

**ଗଞ୍ଜାମ,୨୧।୧(ଡି.ଏନ.ଏ.)**

ଗ୍ରାମକଣ୍ଟକ ଘରପଟ୍ଟା ପାଇଁ ସହରର ବିଭିନ୍ନ ସଂଗଠନ ଦାବି କରି ଆସୁଛନ୍ତି। କିନ୍ତୁ କୌଣସି ସୁଫଳ ମିଳ ନଥିବାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଦେଇଛି। ଏ ନେଇ ଆସନ୍ତା ୨୩ ତାରିଖରେ ଏନ୍ଏସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଗଞ୍ଜାମ ଜିଲାପାଳ, ଥାନାଧିକାରୀଙ୍କୁ ରେଜିଷ୍ଟ୍ରେଶନ ଯୋଗେ ଚିଠି କରାଯାଇଥିଲା। ଏଥିପାଇଁ ତହସିଲଦାର ଅବନୀ କୁମାର ସାହୁ ମଙ୍ଗଳବାର ପଟ୍ଟା ସମ୍ପର୍କିତ ଏକ ଆଲୋଚନା ବୈଠକ କରିଥିଲେ।

ଗଞ୍ଜାମ ସହର ପ୍ଲଟ ନଂ. ୪୪୪ ଗ୍ରାମକଣ୍ଟକ ଘରପଟ୍ଟା ପାଇଁ ୧୬୬୫ ହାଉସ ହୋଲଡର। ସେଥିରୁ ରାଜସ୍ୱ ଆଇନ ଅନୁସାରେ ଗ୍ରାମକଣ୍ଟକ ପତିତ, ଗାଁ ଆଡ଼ି, ମନ୍ଦିର ଜାଗା ଆଦି ୪୮୮ ଜଣଙ୍କ ପଟ୍ଟା ହୋଇପାରିବ ନାହିଁ। ଅବଶିଷ୍ଟ ୧୧୭୭ ଜଣଙ୍କ ଗ୍ରାମକଣ୍ଟକ ଘର ମିଳିବ। ଆସନ୍ତା ଫେବୃୟାରୀ ମାସରେ ୨୦୦ ଜଣଙ୍କୁ ପଟ୍ଟା ପ୍ରଦାନ ଏବ ମାର୍ଚ୍ଚ ଶେଷ ସୁଦ୍ଧା ସମସ୍ତଙ୍କୁ ପଟ୍ଟା ପ୍ରଦାନ କରାଯିବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେଇଥିବା ପୂର୍ବତନ ଏମ୍‌ପି ପ୍ରତିନିଧି ସୁଧୀର ପାଢ଼ୀ କହିଛନ୍ତି। ଆସନ୍ତା ୨୩ରେ ଧାରଣା ଦିଆଯିବ ନା ନାହିଁ ବୁଧବାର ପୁଣି ଅଞ୍ଚଳବାସୀ ବୈଠକ କରି ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି। ବୈଠକରେ ଅତିରିକ୍ତ ତହସିଲଦାର ସନାତନ ମହାଲିକ, ବିଜେଡି ଯୁବ ନେତା ମନୋଜ କୁମାର ପ୍ରଧାନ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ଲିଙ୍ଗରାଜ ପଟ୍ଟନାୟକ, ବାବୁଲି ପଣ୍ଡା, ବୃନ୍ଦାବନ ପଲାଇ, ଗୌରୀ ପାଢ଼ୀ, ବିନୋଦ ମହାପାତ୍ର, ବିଜେଡି ନେତା ସୁଧିର ପାଢ଼ୀ, ଗୋବିନ୍ଦ ପଣ୍ଡା, ସୁଦାମ ଜେନା, ସୁଦାମ ଚରଣ ପଲାଇ, ପର୍ଶୁରାମ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଆଲୋଚନା ଚାଲିଛି।


ଧରିତ୍ରୀ DHARITRI CAREER APPOINTMENT ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍ଚର କନ୍‌ଷ୍ଟ୍ରକ୍ସନ୍, ହେଲପର, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଡିଣ୍ଡୋଲି, ସୁରତ, ଗୁଜୁରାଟ
9157012447, 9157312448

WANTED
Male Candidate having knowledge of computer typing and internet to work in xerox and internet shop.
Salary Rs.7500 to 10000
Walk-in with Bio-data
PRUDENT ONLINE, Badambadi
New Lic Colony, Cuttack-753012
Mob: 9337273594

PART / FULL TIME
ଘରକାମ/ରୋଷେଇ/ରୋଗୀଙ୍କ ଯତ୍ନ/ଛୋଟପିଲାଙ୍କ ଯତ୍ନ ଏବଂ ଡ୍ରାଇଭର ଆବଶ୍ୟକ।
9090909300
9777010045

REQUIRES
A Division of Furniture & Timber Unit.
MANAGER - 2 Nos.
Qualification : Any Graduate.
DRIVER - 2 Nos.
Contact : 9692676868

BANABASI SEVA SAMITI, DANGARIGUDA ( KALAHANDI) BRANCH
Ph. 06846-243637, Web : www. banabasi.org
WANTED : Superintendent, Counselor, Child Welfare Officer, Paramedical Staff, Store Keeper-cum-Accountant for Children's Home (CCIs),Dangariguda, Kalahandi. Details may be download from website : www.banabasi.org
Last Date for submission of Application: 4.02.2020 (5 PM)
Sd/- Secretary

SHREE SAI ASHRIBAD ENTERPRISES
DEALS IN AGARBATI AND ALL CHEMICAL PRODUCTS REQUIRES DISTRIBUTORS & MARKETING EXECUTIVES FOR ALL DISTRICTS OF ODISHA.
Contact : 9938512002
8106029138

ମାର୍ବଲ ଦୋକାନ ପାଇଁ ମାର୍କେଟିଙ୍ଗ୍ ମ୍ୟାନେଜର ଆବଶ୍ୟକ।
ଭୁବନ, ଢେଙ୍କାନାଳ।
ଦରମା: ୧୦,୦୦୦ ରୁ ୧୫,୦୦୦ ଟଙ୍କା
ମାର୍ବଲ ମାର୍କେଟିଙ୍ଗରେ ୨ବର୍ଷର ଅଭିଜ୍ଞତା ଥିଲେ ଅଗ୍ରାଧିକାର ମିଳିବ।
ଯୋଗାଯୋଗ: 9777339411
8895455851

WANTED
Sales Man for Dhenkanal Hindustan Jewellers, age must be 30-35. Walk-In-Interview with your Bio-data at HINDUSTAN JEWELLERS, Bhubaneswar, 27.01.2020 & 28.01.2020, time 11 A.M. to 5 P.M. Please Contact No.
9437033691

REQUIRED
Marketing Executive and Delivery Boy for Hardware Materials Company at Bhubaneswar.
Apply with C.V. in
yashviagencies@hotmail.com
Contact No. 9090098989

JOB OPPORTUNITY !
HIGHLANDs AGRIVENTURE LTD. (An ISO 9001: 2015 Certified Public Company) requires candidates for the position of
AGRICULTURAL PROJECT IN-CHARGE
at- KEONJHAR, MAYURBHANJ, BALASORE & SAMBALPUR.
• Minimum Graduate (preferably experienced)
• Knowledge of Computer is essential.
• Willing to work with farmer base of semi-urban.
• Having own 2 Wheeler and willing to travel.
Joining Date : Immediately.
Gross Salary per month: 15, 000/- (apart from other benefits).
Send us your latest CV, within 10 days from the date of advertisement by email-: highlands.co.hr.@gmail.com,
Cont. No. – 6371 811 350.
(Deserving candidate will be called for a personal interview)

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ପାଇଁ ଯୁବକ/ଯୁବତୀ ଆବଶ୍ୟକ।
ଯୋଗ୍ୟତା: 10th/ above. ବୟସ: (18-35)yrs. Monthly Salary upto Rs. 27000/-
Contact : 9938676412

Officially Staff
For BBSR, CTC, Berhampur, Puri .
Qualification 10th above.
Salary upto Rs.25,000/-
M-9938699963

ଦି ଶିପିଂ କର୍ପୋରେଶନ୍ ଅଫ୍ ଇଣ୍ଡିଆ ଲିଃ
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
SCI Navratna Company (ISO 9001:2015, ISO 14001 :2015 & ISO 45001:2018 Certified)
ଶିପିଂ ହାଉସ୍, ୨୪୫, ମାଡାମ କାମା ରୋଡ୍, ନରିମାନ ପଏଣ୍ଟ, ମୁମ୍ବାଇ - ୪୦୦୦୨୧, ଭାରତ • ଟେଲି: ୦୨୨-୨୨୭୭୨୫୭୬
• ୱେବ୍‌ସାଇଟ୍: www.shipindia.com • Twitter: @shippingcorp
• ସିଆଇଏନ୍-ନଂ.: L63030MH1950GOI008033
ଠିକା ଭିତ୍ତିରେ ସହକାରୀ ପରିଚାଳକ ଏବଂ ଉପ ସାଧାରଣ ପରିଚାଳକ ସ୍ତରୀୟ ଅଧିକାରୀଙ୍କ ନିଯୁକ୍ତି । ଅନ୍‌ଲାଇନ୍ ପଞ୍ଜୀକରଣ ଏବଂ ଦେୟ ପୈଠ: ତା୨୫।୦୧।୨୦୨୦ରୁ ୨୪।୦୨।୨୦୨୦ରିଖ
ଦି ଶିପିଂ କର୍ପୋରେଶନ୍ ଅଫ୍ ଇଣ୍ଡିଆ ଲିମିଟେଡ୍ ଠିକା ଭିତ୍ତିରେ ସହକାରୀ ପରିଚାଳକ ପଦବୀ ଲାଗି ଦରଖାସ୍ତ ଆମନ୍ତ୍ରଣ କରୁଛି (ବିଶେଷଜ୍ଞତା ସବିଶେଷ ବିଜ୍ଞାପନରେ ଦର୍ଶାଯାଇଥିବା ଅନୁଯାୟୀ) । ଧାର୍ଯ୍ୟ ପ୍ରକ୍ରିୟାଗୁଡ଼ିକୁ ଅନୁସରଣ କରାଯାଇ, ଠିକା ଅବଧିରେ ସହକାରୀ ପରିଚାଳକଙ୍କ ନିୟମିତୀକରଣର ସମ୍ଭାବନା ରହିଛି । ଉପ ସାଧାରଣ ପରିଚାଳକ ସ୍ତରୀୟ ବରିଷ୍ଠ ଅଧିକାରୀ ପଦଗୁଡ଼ିକ ପାଇଁ ମଧ ଦରଖାସ୍ତ ଆମନ୍ତ୍ରଣ କରାଯାଉଛି (ଆଇନ୍: ୧ ପଦବୀ, ଓ ସିଭିଲ: ୧ ପଦବୀ) । ଖାଲିସ୍ଥାନ, ଯୋଗ୍ୟତା/ଅଭିଜ୍ଞତା ଏବଂ ସେବା ସର୍ତ୍ତାବଳୀ ସଂକ୍ରାନ୍ତୀୟ ବିବରଣୀ ଏସ୍‌ସିଆଇର ୱେବ୍‌ସାଇଟ୍ ଲିଙ୍କ୍ www.shipindia.com→careers→shoreରେ ଦେଖାଯାଇପାରିବ।
କରୁଛୁ ମାଲ୍ ପରିବହନ । ଆଣୁଛୁ ଜୀବନରେ ପରିବର୍ତ୍ତନ ।

OFFICIALLY JOB
ଯୋଗ୍ୟତା : ଦଶମ ପାସ୍/ଫେଲ,
ବୟସ : (18-40)yrs.
Monthly salary upto Rs. 25,000/-
Contact : Immediately
Mob : 8763257042

WANTED
ବଗିଚା କାମ କରିବା ପାଇଁ ମାଳୀ ଆବଶ୍ୟକ। ରହିବା ଘର ଓ ଖାଇବା ସହ 7500/– ଫୁଲନଖରା, କଟକ
7809525452

See Career Appointment on every Wednesday & Saturday

Required 4 Nos of
Hardware Engineer
Free Accomodation
B-25, Saheed Nagar, Bhubaneswar
Mob : 9438091660

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

# ‘ସିଏଏ ଦ୍ୱାରା ଭାରତୀୟଙ୍କ ଅଧିକାର କ୍ଷୁଣ୍ଣ ହେବନି’

ରାଇଘର,୨୧।୧(ଡି.ଏନ.ଏ)

ନବରଙ୍ଗପୁର ଜିଲା ରାଇଘର ମିନି ଷ୍ଟାଡିୟମ ପରିସରରେ ଭାଜପା ପକ୍ଷରୁ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ସମ୍ପର୍କରେ ଜନ ଜାଗରଣ ଅଭିଯାନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସଭା ସଦସ୍ୟ ରୂପା ଗାଙ୍ଗୁଲି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସିଏଏ, ଏନଆରସି ବିଲ୍ କ’ଣ ଏବଂ ଏହାର କାର୍ଯ୍ୟକାରିତା ସମ୍ପର୍କରେ ବଙ୍ଗଳା ଓ ହିନ୍ଦୀ ଭାଷାରେ ଉପସ୍ଥିତ ଜନତାଙ୍କୁ ଉଦବୋଧନ ଦେଇଥିଲେ। ନାଗରିକତ୍ୱ ସଂଶୋଧନ ଆଇନ ଦ୍ୱାରା କୌଣସି ଭାରତୀୟଙ୍କ ଅଧିକାର କ୍ଷୁଣ୍ଣ ହେବ ନାହିଁ। ପାକିସ୍ତାନ, ଆଫଗାନିସ୍ତାନ ଓ ବାଂଲାଦେଶର ନାଗରିକମାନେ ଶରଣାର୍ଥୀ ଭାବେ ଭାରତରେ ରହିଛନ୍ତି। ସେମାନଙ୍କୁ ନାଗରିକତା ଦେବା ପାଇଁ କେନ୍ଦ୍ର ସରକାର ନାଗରିକତ୍ୱ ସଂଶୋଧନ ଆଇନ କାର୍ଯ୍ୟକାରୀ କରିଛନ୍ତି ବୋଲି କହିଥିଲେ। ଏଥିରେ ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ରମେଶ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ,ପୂର୍ବତନ ଏମପି ପର୍ଶୁରାମ ମାଝୀ, ବଳଭଦ୍ର ମାଝୀ, ଭାଜପା ଜିଲା ସଭାପତି ଜଗଦୀଶ ବିଷୋୟୀ, ଜିଲାର ପୂର୍ବତନ ସଭାପତି ଗୋବିନ୍ଦ ଜୈନ ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟ ଭାଜପା ସମ୍ପାଦକ ସନ୍ତୋଷ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ରାଜ୍ୟ ସଭା ସଦସ୍ୟ ରୂପା ଗାଙ୍ଗୁଲି ଉଦ୍‌ବୋଧନ ଦେଉଛନ୍ତି।

## ସୁନ୍ଦରୀ ବିବରଣୀ ମାଗିଲେ କାହ୍ନା କର୍ତ୍ତୃପକ୍ଷ

ବନ୍ତଲା,୨୧।୧(ଡି.ଏନ.ଏ.)

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟ ରାଇଗୁଡ଼ା ଏନ୍‌କ୍ଲୋଜରରୁ ବାଘୁଣୀ ସୁନ୍ଦରୀକୁ ନେବା ପାଇଁ ମଧ୍ୟପ୍ରଦେଶ କାହ୍ନା ବ୍ୟାଘ୍ର ପ୍ରକଳ୍ପ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଏଥିପାଇଁ ମଙ୍ଗଳବାର ମଧ୍ୟପ୍ରଦେଶ କାହ୍ନା ଜାତୀୟ ବ୍ୟାଘ୍ର ପ୍ରକଳ୍ପର ଚିଫ୍ ୱାଇଲ୍ଡ ଲାଇଫ୍‌ଙ୍କ ପକ୍ଷରୁ ଓଡ଼ିଶା ବନ୍ୟପ୍ରାଣୀ ପ୍ରଧାନ ମୁଖ୍ୟ ବନସଂରକ୍ଷକଙ୍କ ନିକଟକୁ ଚିଠି କରାଯାଇଛି। ଏହାପରେ ପ୍ରଦାନ ମୁଖ୍ୟ ବନସଂରକ୍ଷକ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକଙ୍କୁ ଚିଠି ଲେଖିଥିବା ସୂଚନା ମିଳିଛି। ବାଘୁଣୀ ସୁନ୍ଦରୀର ଇତିହାସ, ପ୍ରବୃତ୍ତି, ସ୍ୱାସ୍ଥ୍ୟ ଓ ଆଚରଣ ସମ୍ପର୍କରେ ବିସ୍ତୃତ ତଥ୍ୟ ଦେବାକୁ ଚିଠିରେ ଉଲ୍ଲେଖ କରାଯାଇଛି। ସାତକୋଶିଆ କର୍ତ୍ତୃପକ୍ଷ ଏ ନେଇ କାହ୍ନା କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ଦେବା ପରେ ମଧ୍ୟପ୍ରଦେଶ ଏବଂ ଓଡ଼ିଶା ସରକାର ସୁନ୍ଦରୀକୁ ସ୍ଥାନାନ୍ତର ନେଇ ଯୋଜନା କରିବେ। ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ ପ୍ରଦୀପ ରାଜ କରାଟେ କହିଛନ୍ତି, ମଙ୍ଗଳବାର ସନ୍ଧ୍ୟାରେ ଏନ୍‌ଟିସିଏଙ୍କ ନିର୍ଦ୍ଦେଶକ୍ରମେ ମଧ୍ୟପ୍ରଦେଶ ଚିଫ୍ ୱାଇଲ୍ଡ ଲାଇଫ୍ ୱାର୍ଡେନ୍‌ଙ୍କ ଚିଠି ପାଇଛୁ। ଗୁରୁବାର ଏହାର ରିପୋର୍ଟ କାହ୍ନା ବ୍ୟାଘ୍ର ପ୍ରକଳ୍ପକୁ ଦିଆଯିବ। ଜାନୁୟାରୀ ଶେଷ ସପ୍ତାହରେ ଛତିଶଗଡ଼ ଓ ଓଡ଼ିଶାର ରେଞ୍ଜର୍ସମାନେ କାହ୍ନା ବ୍ୟାଘ୍ର ପ୍ରକଳ୍ପକୁ ଟ୍ରେନିଂ ପାଇଁ ଯିବେ। ସେଠାରେ ସୁନ୍ଦରୀ ବିଷୟରେ ଆଲୋଚନା ହେବ ବୋଲି କରାଟେ ପ୍ରକାଶ କରିଛନ୍ତି।

## କଂଗ୍ରେସ ମିଡିଆ ସେଲ୍ ତାଲିକା ଭାଇରାଲ୍‌କୁ ନେଇ ଅଡୁଆ

ଭୁବନେଶ୍ୱର,୨୧।୧(ବ୍ୟୁରୋ)

ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ନୂଆ ମିଡିଆ ସେଲ୍ କମିଟି ଗଠନ କରିବା ଲାଗି ଯୋଜନା ଆରମ୍ଭ କରିଛନ୍ତି। ମିଡିଆ ସେଲ୍‌ରେ ୨୭ ଜଣ ନେତାଙ୍କୁ ଥଇଥାନ କରିବାର ଲକ୍ଷ୍ୟ ରଖାଯାଇଛି। ଏ ସମ୍ପର୍କିତ ପୂରା ତାଲିକା ପ୍ରସ୍ତୁତ ହୋଇସାରିଥିବା ବେଳେ ଏହାକୁ ଅନୁମୋଦନ ସକାଶେ ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂଙ୍କୁ ଚିଠି କରାଯାଇଛି। ଜିତେନ୍ଦ୍ରଙ୍କ ଅନୁମୋଦନ ପରେ ଉକ୍ତ ତାଲିକା ପ୍ରକାଶ ପାଇଥାଆନ୍ତା। ହେଲେ ଏହା ପୂର୍ବରୁ ସବୁକିଛି ଗଡ଼ବଡ଼ ହୋଇଯାଇଛି। ପିସିସି ପକ୍ଷରୁ ପ୍ରସ୍ତୁତ ଚିଠା ଗଣମାଧ୍ୟମରେ ପ୍ରଘଟ ହୋଇଯିବା ପରେ ସବୁକିଛି ବିଗିଡ଼ି ଯାଇଛି। ନିର୍ବାଚନ ପୂର୍ବରୁ ମିଡିଆ ସେଲ୍ ଅଧ୍ୟକ୍ଷ ଭାବେ ସତ୍ୟ ପ୍ରକାଶ ନାୟକ ଦାୟିତ୍ୱ ତୁଲାଇ ଆସୁଥିଲେ। କିନ୍ତୁ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ପିସିସିର ସମସ୍ତ କମିଟି ଭାଙ୍ଗି ଦେବାପରେ ନୂଆ କମିଟି ଗଠନ ହେବାର ଥିଲା। ମାତ୍ର କମିଟି ଗଠନ ହୋଇ ନ ଥିଲେ ମଧ୍ୟ ସତ୍ୟ ପ୍ରକାଶ ଦଳର ସମସ୍ତ ଗଣମାଧ୍ୟମ ଦାୟିତ୍ୱ ବୁଝି ଆସୁଥିଲେ। ହେଲେ ହଠାତ୍ ବାହାରେ ପ୍ରଘଟ ହୋଇଥିବା ଦଳର ଗଣମାଧ୍ୟମ ସେଲ୍ ତାଲିକାରେ ସତ୍ୟ ପ୍ରକାଶଙ୍କୁ ରିସୋର୍ସ ପର୍ସନ ଭାବେ ରଖାଯାଇଛି। ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋଙ୍କୁ ମିଡିଆ ସେଲ୍ ଅଧ୍ୟକ୍ଷ କରିବାକୁ ପ୍ରସ୍ତାବ ରହିଛି। ଉକ୍ତ ତାଲିକା ପ୍ରକାଶ ପାଇବା ପରେ କୁଆଡ଼େ ସତ୍ୟ ପ୍ରକାଶ ଅସନ୍ତୁଷ୍ଟ ହୋଇ ଦଳ ଛାଡ଼ିବାକୁ ନିଷ୍ପତ୍ତି ନେଇ ସାରିଥିବା ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଅନ୍ୟପଟେ ଭାଇରାଲ୍ ହୋଇଥିବା କଂଗ୍ରେସ ମିଡିଆ ସେଲ୍ ତାଲିକାର ସତ୍ୟତା ନ ଥିବା ଖୋଦ୍ ପିସିସି ସଭାପତି କହିଛନ୍ତି। ଅନ୍ୟଜଣେ ବରିଷ୍ଠ ନେତାଙ୍କ କହିବାନୁଯାୟୀ, ଚିଠିର ସମ୍ପୂର୍ଣ୍ଣ ସତ୍ୟତା ରହିଛି, ହେଲେ ଏହା ପିସିସି ଅଫିସ୍‌ର କୌଣସି ବ୍ୟକ୍ତିଙ୍କ ଦ୍ୱାରା ଭାଇରାଲ କରି ଦିଆଯାଇଛି।

## ହେଭି ଭେଇକିଲ୍‌ରେ ସ୍ଥାନାନ୍ତର ହେବ ନରହନ୍ତା ଦନ୍ତା

**ତାଳଚେର,୨୧।୧(ନି.ପ୍ର.):** ଅନୁଗୋଳ ଜିଲା ତାଳଚେର ରେଞ୍ଜ ଅଞ୍ଚଳରେ ଦୀର୍ଘଦିନ ଧରି ଉପଦ୍ରବ ଚଳାଇଥିବା ନରହନ୍ତା ଦନ୍ତା ହାତୀକୁ ସୋମବାର ବନ ବିଭାଗ ଟ୍ରାଙ୍କୁଲାଇଜ କରିବାରେ ସଫଳ ହୋଇଥିଲେ ବି ରାତିରେ ସ୍ଥାନାନ୍ତର କରିବାରେ ବିଫଳ ହୋଇଛି। ଢେଙ୍କାନାଳ କପିଳାସସ୍ଥିତି ଚିଡ଼ିଆଖାନାର ଏଲିଫ୍ୟାଣ୍ଟ ରେସ୍‌କ୍ୟୁ ସେଣ୍ଟରକୁ ନିଆଯିବା ପାଇଁ ଟ୍ରକ୍‌ରେ ଚଢ଼ାଯିବା ପରେ ଦନ୍ତାହାତୀ ଚେନ ଛିଣ୍ଡାଇଦେବା ସହ ଟ୍ରକ୍ ଭାଙ୍ଗିଦେବାରୁ ବନ ବିଭାଗର ଯୋଜନା ବିଫଳ ହୋଇଯାଇଥିଲା। ତେବେ ହେଭି ଭେଇକିଲ୍ ମିଳିବା ପରେ ହାତୀକୁ କପିଳାସ ରେସ୍‌କ୍ୟୁ ସେଣ୍ଟରକୁ ନିଆଯିବ ବୋଲି ବିଭାଗ କହିଛି। ସୂଚନା ଅନୁଯାୟୀ, ଉକ୍ତ ନରହନ୍ତା ଦନ୍ତାକୁ କାବୁ କରିବାକୁ ଶୁକ୍ରବାରଠାରୁ ବନ ବିଭାଗ ଅକ୍ଳାନ୍ତ ପରିଶ୍ରମ ଜାରି ରଖିଥିଲା। ଟ୍ରାଙ୍କୁଲାଇଜ ପରେ ରାତିରେ ହାତୀକୁ ଚେନରେ ବାନ୍ଧି ଏମ୍‌ସିଏଲ୍‌ର କ୍ରେନ ସାହାଯ୍ୟରେ ଟ୍ରକ୍ ଉପରକୁ ଚଢ଼ାଯାଇଥିଲା। ତେବେ ଗୋଡ଼ରେ ବନ୍ଧା ହୋଇଥିବା ଚେନ ଦନ୍ତା ଛିଣ୍ଡାଇଦେବା ସହ ଟ୍ରକ୍ ଡାଲାକୁ ଭାଙ୍ଗି ଦେଇଥିଲା। ଫଳରେ ବିଭାଗୀୟ ଅଧିକାରୀ ହାତୀକୁ ଟ୍ରକ୍‌ରୁ ତଳକୁ ଓହ୍ଲାଇ ଦେବାକୁ ବାଧ ହୋଇଥିଲେ। ମଙ୍ଗଳବାର ଉକ୍ତ ନରହନ୍ତା ଦନ୍ତା ଏମ୍‌ସିଏଲ୍‌ର ୩ ଓ ୪ ନମ୍ବର ରେଲୱେ ସାଇଡିଂ ନିକଟସ୍ଥ ଜଙ୍ଗଲରେ ଥିବାବେଳେ ବନ ବିଭାଗ ଚାରିପଟେ ଟ୍ରେଞ୍ଚ ଖୋଳିଦେଇଛି। ସେଠାରେ ତାକୁ ଖାଇବାକୁ ଦିଆଯିବା ସହ ୱାଟରିଂ କରାଯାଉଛି। ହେଭି ଭେଇକିଲ ମିଳିବା ପରେ ସେଥିରେ କପିଳାସ ରେସ୍‌କ୍ୟୁ ସେଣ୍ଟରକୁ ସ୍ଥାନାନ୍ତର କରାଯିବା ଯୋଜନା ଥିବା ଏସିଏଫ୍ ବାସୁଦେବ ନାୟକ ପ୍ରକାଶ କରିଛନ୍ତି।

## ଅନୁଗୋଳ ବନ ମଣ୍ଡଳରେ ୭୫,୬୦୭ ପକ୍ଷୀ


ସାତକୋଶିଆ ମହାନଦୀ ଗଣ୍ଡରେ ପକ୍ଷୀ।

ବନ୍ତଲା,୨୧।୧(ଡି.ଏନ.ଏ.)

**ବନ୍ୟପ୍ରାଣୀ ମୁଖ୍ୟ ବନ ସଂରକ୍ଷକଙ୍କ ନିକଟକୁ ଚିଠି**

ଅନୁଗୋଳ ବନମଣ୍ଡଳ ସର୍କଲରେ ଗତ ୧ ତାରିଖରେ କରାଯାଇଥିବା ପକ୍ଷୀ ଗଣନା ରିପୋର୍ଟ ମଙ୍ଗଳବାର ବନ ବିଭାଗ ପ୍ରକାଶ କରିଛି। ଏଥିରେ ଅନୁଗୋଳ, ଆଠମଲ୍ଲିକ, ଆଠଗଡ଼, କଟକ, ଢେଙ୍କାନାଳ, ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଓ ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡକୁ ନେଇ ଗଠିତ ଅନୁଗୋଳବନମଣ୍ଡଳ (ସର୍କଲ)ରେ ୭୫ ହଜାର ୬୦୭ ବିଭିନ୍ନ ପ୍ରକାରର ପକ୍ଷୀ ରହିଥିବା ଦର୍ଶାଯାଇଛି। କଟକ ବନଖଣ୍ଡରେ ସର୍ବାଧିକ ପକ୍ଷୀ ରହିଥିବାବେଳେ ସାତକୋଶିଆ ବନଖଣ୍ଡରେ ତାହାଠାରୁ କମ୍ ପକ୍ଷୀ ଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ରିପୋର୍ଟରୁ ପ୍ରକାଶ ଯେ, ଭାରତରେ ଦେଖାଯାଉଥିବା ୧୭୫ ପ୍ରକାର ପକ୍ଷୀ ମଧ୍ୟରୁ ଅନୁଗୋଳ ବନଖଣ୍ଡରେ ୪୬ ପ୍ରଜାତିର ୩ ହଜାର ୪୯୮ଟି ପକ୍ଷୀ ରହିଛନ୍ତି। ସେହିପରି ଆଠମଲ୍ଲିକ ବନଖଣ୍ଡରେ ୨୨ ପ୍ରଜାତିର ୩ ହଜାର ୨୯୯ଟି, ଆଠଗଡ଼ ବନଖଣ୍ଡରେ ୩୮ ପ୍ରଜାତିର ୨୧ ହଜାର ୮୨୪, କଟକ ବନଖଣ୍ଡରେ ୪୨ ପ୍ରଜାତିର ୩୦ ହଜାର ୯୦୮, ଢେଙ୍କାନାଳ ବନଖଣ୍ଡରେ ୩୩ ପ୍ରଜାତିର ୭ ହଜାର ୧୫୩, ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡରେ ୪୮ ପ୍ରଜାତିର ୫ ହଜାର ୫୦୩ ଓ ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡରେ ୫୪ ପ୍ରଜାତିର ୩ ହଜାର ୪୨୨ଟି ପକ୍ଷୀ ରହିଛନ୍ତି। ତେବେ ୨୦୧୯ରେ ଅନୁଗୋଳ ବନମଣ୍ଡଳରେ ୧୬୩ ପ୍ରଜାତିର ୬୨ ହଜାର ୩ ଶହ ପକ୍ଷୀ ରହିଥିବାବେଳେ ଚଳିତ ବର୍ଷ ସେଥିରେ ୧୩ ହଜାର ୩୦୭ ବୃଦ୍ଧି ଘଟିଛି।

## ବାଚସ୍ପତିଙ୍କୁ ଭେଟିଲେ ରାଜ୍ୟ ସଭା ମହାସଚିବ

**ଭୁବନେଶ୍ୱର,୨୧।୧(ବ୍ୟୁରୋ):** ରାଜ୍ୟ ସଭାର ମହାସଚିବ ଦେଶ୍ ଦୀପକ ବର୍ମା ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କୁ ବିଧାନସଭାସ୍ଥିତ ତାଙ୍କ ପ୍ରକୋଷ୍ଠରେ ମଙ୍ଗଳବାର ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି। ଏହି ସାକ୍ଷାତ୍ ସମୟରେ ଓଡ଼ିଶା ବିଧାନସଭା ଓ ରାଜ୍ୟ ସଭାର ବିଭିନ୍ନ କାର୍ଯ୍ୟାବଳୀ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଓଡ଼ିଶା ବିଧାନସଭାର ବିଭିନ୍ନ ଆବଶ୍ୟକତା ଓ ନ୍ୟାସନାଲ୍ ଇ-ବିଧାନ ଆପ୍ଲିକେଶନ୍ ଆଦି ବିଷୟ ଏହି ଆଲୋଚନରେ ସ୍ଥାନ ପାଇଥିଲା। ରାଜ୍ୟ ସଭାରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରୁଥିବା ଏମ୍‌ପିମାନଙ୍କ କାର୍ଯ୍ୟଶୈଳୀ ଓ ବିତର୍କ ଅତି ଉଚ୍ଚକୋଟୀର ରହିଛି ବୋଲି ବର୍ମା ପ୍ରକାଶ କରିଥିଲେ। ବର୍ମା ଓଡ଼ିଶା ବିଧାନସଭାର ବିଭିନ୍ନ ଉପବିଭାଗ ଓ ବିଧାନସଭା ଗୃହ ପରିଦର୍ଶନ କରିଥିଲେ। ବାଚସ୍ପତି ଡ. ପାତ୍ର ବର୍ମାଙ୍କୁ ପ୍ରଭୁ ଜଗନ୍ନାଥଙ୍କର ଏକ ପ୍ରତିମୂର୍ତ୍ତି ଏବଂ ଉପଢୌକନ ପ୍ରଦାନ କରିଥିଲେ। ଏହି ସୌଜନ୍ୟ ସାକ୍ଷାତ୍ ସମୟରେ ବିଧାନସଭା ସଚିବ ଦାଶରଥୀ ଶତପଥୀ ମଧ ଉପସ୍ଥିତ ଥିଲେ।


**FAKIRMOHANUNIVERSITY**
Vyasa Vihar, Balasore - 756019, Odisha, India
Web.: www.fmuniversity.nic.in
File No.: FMU/R&D/129/2020/593 Date: 20.01.2020

**TENDER CALL NOTICE**

Sealed quotations are invited from interested Manufacturers/Distributors or Dealers/Suppliers/Reputed Firms with valid GSTIN, PAN for supply and installation of minor equipment and chemicals for UGC Startup Grant Project. **The number of items and their details specifications are available in the Fakir Mohan University website: www.fmuniversity.nic.in**. The quotations complete in all respect should reach to Dr. Rajib Biswal (PI), Assistant Professor, Department of Applied Physics and Ballistics, F M University, Old Campus, Balasore - 756019 by 3.00 P.M. on date 05.02.2020 through Speed Post/Registered Post and shall be opened on the date 05.02.2020 at 3.00 P.M. in the Office of the Registrar, New Campus, F.M. University, Balasore. The authority reserves the right to cancel any or all tenders without assigning any reason thereof.

Sd./- (Principal Investigator)

**GOVERNMENT OF ODISHA**
**DEPARTMENT OF WATER RESOURCES**
**Office of the Executive Engineer**
**Padampur Investigation Division, Padampur**
Pin-768036, Email : executiveengineerpid@gmail.com
Government of Odisha "e" Procurement Notice
Bid Identification No.EEPID-01/2019-20 (Online)
No.601-A :- dated: 18.01.2020

| | | |
|---|---|---|
| 1 | Nature of work | Pre-construction Survey Works for design of earth dam. |
| 2 | No. of works | 01 (One) No. |
| 3 | Estimated Cost | Rs.14.65 Lakhs |
| 4 | Period of Completion | As per DTCN |
| 5 | Date & Time of availability of bid document in the portal | 28.01.2020 at 10.00 A.M. to 10.02.2020 upto 05.00 P.M. |
| 6 | Last date / time for receipt of bid in the portal | 10.02.2020 upto 05.00 P.M. |
| 7 | Date of opening of Bid | 11.02.2020 at 11.A.M |
| 8 | Name & Address of the Officer Inviting Bid | Executive Engineer, Padampur Investigation Division, Padampur, P.O- Rajborasambar, Dist.- Bargarh, Pin-768036. |

Further details can be seen from the e-Procurement Portal https://tendersodisha.gov.in

Executive Engineer,
Padampur Investigation Division,
32086/11/0001/1920 Padampur

**NOTICE FOR PRE-QUALIFICATION-CUM-LIMITED TENDER FOR ENGAGEMENT OF PROJECT ARCHITECT**

Collector, Bhadrak invites sealed Limited Tender from eligible Architects of repute in two Bid Systems having expertise in archaeological Conservation work for Providing Comprehensive Architectural Consultancy Services, preparation of DPR/ estimate, drawing, design, preparing Tender documents, Supervising field work for the conservation and development work of the following monument and any other monuments which will require architectural consultancy in future.

| Sl. No. | Name of Monument | Estimated Cost |
|---|---|---|
| 1 | Repair and Renvocation of Akhandalamani Temple, Aradi, Dist- Bhadrak | Rs. 600.00 lakh |

Duly completed application forms, which can be downloaded from the website of bhadrak.nic.in i.e. should reach the office of the Collector, Bhadrak, Odisha, PIN-756100 on or before 29.01.2020 by 03.00 PM.

For further details log on to our website
www.bhadrak.nic.in

Sd./- Collector, Bhadrak

**OFFICE OF THE DISTRICT PROJECT COORDINATOR, RTE-SS, SUBARNAPUR**
Email: dpcsonepurssa.opepa@nic.in, Ph- 06654-220551, 06654-220514(fax)
No.150 Date:21.01.2020

**"TENDER CALL NOTICE FOR PRINTING OF QUESTON-CUM-BLANK ANSWER SHEETS FOR SUMMATIVE ASSESSMENT-II AND REPORT CARD FOR THE YEAR-2020"**

Sealed tenders are invited in prescribed format from the registered firms with offset printers having PAN, GST and IT clearance certificate for printing and supply of question cum blank answer sheets for summative Assessment-II, 2020 and Report Card from Class-I to VIII of Subrnapur District. The tender paper will be submitted to District Project Coordinator, RTE-SS, Subrnapur lastest by 06.02.2020. Detail terms and conditions can be downloaded from the official website www.subrnapur.nic.in and www.opepa.nic.in.

*By Order of Collector and Chairman, RTE-SS, Subrnapur*
Sd./- District Project Coordinator, RTE-SS, Subarnapur

**Panchayat Samiti, Jatni** Ph. No.: (0674) 2490858 (O), E-Mail: ori-jatni@nic.in

**INVITATION FOR BIDS (IFB)**

Sealed percentage rate bids are invited in double cover system for the following work

| Sl. No. | Name of work | Value of work (in Rs.) | Place of sale/ submission of tender paper | Class of contractor eligible | Bid Security/ E.M.D. (in Rs.) | Cost of bid documents including 18% G.S.T. (Non refundable) including VAT @ 5% (Rs.) | Period of completion (in months) |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of Multipurpose Community Center for Minor Community, Village: Benapanjari, G.P.: Benapanjari | Civil 11,28737.00 | O/o Panchyat Samiti, Jatni, Khordha | 'D' & 'C' class | 11,287.00 | 7,080.00 | 6 (Six Calendar Months) |
| 2 | Construction of Mini Stadium at Labanagiri Bidyapitha, Jamukoli, Panchagan, Village/ G.P.: Jamukoli | Civil 17,41,189.00 | O/o Panchayat Samiti, Jatni, Khordha | 'D' & 'C' class | 17,412.00 | 7.080.00 | 6 (Six Calendar Months) |
| 3 | Construction of Stadium at Gada DharamSagar, Village: JMC, Block: Jatni | Civil 17,41,189.00 | O/o Panchayat Samiti, Jatni, Khordha | 'D' & 'C' class | 17,412.00 | 7.080.00 | 6 (Six Calendar Months) |

1. The Bid documents can be availed from the office as mentioned in Col.4 by paying Demand Draft drawn on any Nationalised Bank in favour of Block Development Officer, Jatni, Khordha, payable at Jatni. 2. The sale of Bid document starts from 22.01.2020 to 05.02.2020 during office hour (i.e. from 10.30 AM to 5.30 PM excluding Holidays) and last date of receipt of Bid documents is 05.02.2020 upto 5.30 PM. 3. The tenders will be opened on 06.02.2020 at 11.30 AM in the Office of the Panchayat Samiti, Jatni. 4. All other terms and conditions can be had from the Bid documents.

Block Development Officer, Panchayat Samiti, Jatni

No.CAD-850

**ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ**
**ODISHA BRIDGE & CONSTRUCTION CORPORATION LIMITED**
Office of the Senior Project Manager(Bhubaneswar), O.B.&C.C.Ltd, Setu Bhavan, Nayapalli, Bhubaneswar

**e-Tender Call Notice No. 01/2019-20**

1. Senior Project Manager, (Bhubaneswar), Odisha Bridge & Construction Corporation on behalf of the Governor of Odisha, invites online tenders for providing VRF Air Conditioning System in the 3rd Floor of Setu Bhawan from the intending bidders.
2. Date and time for online bidding from Dt. 14.01.2020 to 4.00 P.M. of Dt. 27.01.2020.
3. Bid shall be received only through "online" up to 4.00 P.M. of dt. 27.01.2020 & shall be opened at 4.30 P.M. on dt. 27.01.2020.
4. Further details can be seen from the website https://tendersodisha.gov.in.
5. Any changes/corrigendum will be displayed in the website only.

Sd./-
Sr. Project Manager
34106/11/0031/1920 O.B. & C.C. Ltd., Bhubaneswar

**ଵିଜୁପଟ୍ଟନାୟକ କ୍ରୀଡ଼ା ପୁରସ୍କାର -୨୦୧୯ ପାଇଁ ମନୋନୟନ ଦରଖାସ୍ତ ଆହ୍ୱାନ**

No. 771 /SYS., Dated 20.01.2020
SYS-SPW-AWARD-0001/2020

କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା, ଭୁବନେଶ୍ୱର ରାଜ୍ୟରେ କ୍ରୀଡ଼ାର ବିକାଶ, ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ବ୍ୟକ୍ତି ବିଶେଷ, କ୍ରୀଡ଼ାବିତ୍, ପ୍ରଶିକ୍ଷକ ଓ କ୍ରୀଡ଼ା ସାମ୍ବାଦିକଙ୍କୁ ୨୦୧୯ ମସିହା ପାଇଁ ନିମ୍ନଲିଖିତ ବିଭାଗମାନଙ୍କରେ ସମ୍ମାନ ଜନକ ବିଜୁପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ ନିମନ୍ତେ ମନୋନୟନ/ ଦରଖାସ୍ତ ଆହ୍ୱାନ କରୁଛନ୍ତି।

୧. ରାଜ୍ୟରେ କ୍ରୀଡ଼ାର ବିକାଶ କ୍ଷେତ୍ରରେ ଆଜୀବନ ଉଲ୍ଲେଖନୀୟ ଅବଦାନ ପାଇଁ ବିଜୁପଟ୍ଟନାୟକ କ୍ରୀଡ଼ା ପୁରସ୍କାର (Biju Patanaik Sports Award for Lifetime Achievement in Promotion of Sports & Games)
୨. ୨୦୧୯ ମସିହାରେ (ତା.୦୧.୦୧.୨୦୧୯ ରିଖ ରୁ ତା.୩୧.୧୨.୨୦୧୯ ରିଖ ମଧ୍ୟରେ ) ଜାତୀୟ ତଥା ଆନ୍ତର୍ଜାତୀୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରି ରାଜ୍ୟ ଓ ଦେଶକୁ ଗୌରବାନିତ୍ୱ କରିବା ନିମନ୍ତେ ବିଜୁପଟ୍ଟନାୟକ ଶ୍ରେଷ୍ଠକ୍ରୀଡ଼ାବିତ ସମ୍ମାନ (Biju Patanaik Sports Award for Outstanding Performance in Sports & Games) for the year 2019
୩. କ୍ରୀଡ଼ା ପ୍ରଶିକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଉପଲବ୍ଧି ପାଇଁ ବିଜୁପଟ୍ଟନାୟକ କ୍ରୀଡ଼ା ପ୍ରଶିକ୍ଷକ ପୁରସ୍କାର (Biju Patanaik Sports Award for Excellence in Coaching).
୪. କ୍ରୀଡ଼ାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସର୍ବୋତ୍କୃଷ୍ଟ ଅବଦାନ ପାଇଁ ବିଜୁପଟ୍ଟନାୟକ କ୍ରୀଡ଼ା ପୁରସ୍କାର (Biju Patanaik Sports Award for Best Contribution to Promotion of Sports and Games).
୫. କ୍ରୀଡ଼ା ସାମ୍ବାଦିକତା କ୍ଷେତ୍ରରେ ସର୍ବୋତ୍କୃଷ୍ଟ ଉପଲବ୍ଧ ପାଇଁ ବିଜୁପଟ୍ଟନାୟକ କ୍ରୀଡ଼ା ସାମ୍ବାଦିକ ପୁରସ୍କାର (Biju Patanaik Sports Award for Excellence in Sports Journalism).

ଏ ସମ୍ପର୍କୀତ ବିଶେଷ ବିବରଣୀ ସମସ୍ତ ଜିଲ୍ଲାର ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ଜିଲ୍ଲା କ୍ରୀଡ଼ା ଅଧିକାରୀ, ସମସ୍ତ ରାଜ୍ୟସ୍ତରୀୟ କ୍ରୀଡ଼ା ସଂଘ, ଓଡ଼ିଶା କ୍ରୀଡ଼ା ପରିଷଦ, ସତ୍ୟବ୍ରତ ଷ୍ଟାଡ଼ିୟମ, କଟକ, ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ, ନୟାପଲ୍ଲୀ, ସି-୧ ,ଭୁବନେଶ୍ୱର -୧୨ ରେ ସମସ୍ତ କାର୍ଯ୍ୟ ଦିବସ ମାନଙ୍କରେ ମିଳିପାରିବ । ଏତଦ୍‌ବ୍ୟତୀତ ଏହି ବିଜୁପଟ୍ଟନାୟକ କ୍ରୀଡ଼ା ପୁରସ୍କାର ଯୋଜନାର ସରକାରୀ ସଂକଳ୍ପ, ମନୋନୟନ ସଂକ୍ରାନ୍ତୀୟ ଯୋଗ୍ୟତା ବିଭିନ୍ନ ବିଭାଗର କ୍ରୀଡ଼ା ପୁରସ୍କାର ପାଇଁ ନିର୍ଦ୍ଧାରିତ ଫର୍ମ ଇତ୍ୟାଦିର ବିବରଣୀ କ୍ରୀଡ଼ା ଓ ଯୁବ ସେବା ବିଭାଗର ୱେବସାଇଟ୍ www.sportsodisha.gov.in ରେ ମଧ୍ୟ ଉପଲବ୍ଧ ଅଟେ ।

ଏହି ପୁରସ୍କାର ନିମନ୍ତେ ମନୋନୟନ ଦରଖାସ୍ତ/ପ୍ରସ୍ତାବ/ସୁପାରିଶ, ବ୍ୟକ୍ତି ବିଶେଷ, ସମସ୍ତ ରାଜ୍ୟସ୍ତରୀୟ କ୍ରୀଡ଼ା ସଂଘମାନେ ନିର୍ଦ୍ଧାରିତ ଫର୍ମରେ ତା ୩୧.୦୩.୨୦୨୦ ରିଖ ମଧ୍ୟରେ କମିଶନର ତଥା ଶାସନ ସଚିବ, କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା, ସି-୧ ନୟାପଲ୍ଲୀ, ଭୁବନେଶ୍ୱର -୧୨ ରେ ଦାଖଲ କରିବାକୁ ଅନୁରୋଧ ।

କମିଶନର ତଥା ଶାସନ ସଚିବ
କ୍ରୀଡ଼ା ଓ ଯୁବ ସେବା, ଓଡ଼ିଶା
29001/11/0050/1920 No. TT-19 ସି.୧, ନୟାପଲ୍ଲୀ,ଭୁବନେଶ୍ୱର-୧୨

**ODISHA ELECTRICITY REGULATORY COMMISSION**
Plot No. - 4, Chunukoli, Saileshree Vihar, Chandrasekharpur, Bhubaneswar - 751021
E-mail: orierc@rediffmail.com, Website: www.orierc.org

**PUBLIC NOTICE** No. CAD-852

Case No. 70 of 2019

**In the Matter of: Hearing of CESU's application on Aggregate Revenue Requirement (ARR), Wheeling Tariff & Retail Supply Tariff for the FY 2020-21 under the Electricity Act, 2003 read with OERC (Terms and Conditions for Determination of Wheeling Tariff and Retail Supply Tariff) Regulations, 2014.**

Pursuant to the Public Notice published in the English and Odia dailies by CESU on 17.12.2019 with regard to its Aggregate Revenue Requirment (ARR), Wheeling Tariff & Retail Supply Tariff for the Financial Year 2020-21, it is notified that the aforesaid applications will be taken up for both admission and hearing along with **Case No. 77 of 2019** for determination of open access charges for FY 2020-21 on **10.02.2020 at 11.00 A.M.** in the Office of the Commission at Plot No. - 4, Chunukoli, Saileshree Vihar, Chandrasekharpur, Bhubaneswar - 751021. The objections/suggestions filed by the Organization/Person against the above stated application of CESU whose name appears in this notice have been admitted by the Commission for hearing.

Both the applicant (CESU) and the Organizations/Persons whose objections/suggestions are admitted by the Commission for hearing are hereby directed to be present in person or through their authorized representatives or duly constituted attorney before the Commission on the date, time & place mentioned above. Since, the hearing is taking place in the supply area of CESU and for the convenience of the consumers of the licensed area, the Commission has been pleased to allow such persons to put forth their objection/suggestion during hearing who shall register their name at Utility's head quarter office by 03.02.2020.

By Orderof the Commission
Dated: 21.01.2020 Sd./- Secretary

**N.B.:** (i) The above public notice with list of Organizations/ Persons whose objections/suggestions have been admitted by the Commission for hearing is also available in OERC website **www.orierc.org** and is also available in the website of CESU.

**CESU**

| | |
|---|---|
| 1 | Shri Akshya Kumar Sahani, Retd. Electrical Inspector, GoO, B/L-108, VSS Nagar, Bhubaneswar |
| 2 | Shri Ramesh Ch. Satpathy, Secretary, National Institute of Indian Labour & President, Upobhokta Mahasangha, Plot No.- 302(B), Behera Sahi, Nayapalli, Bhubaneswar - 751012 |
| 3 | Shri Santosh Kumar Agarwal, A/17, Ashok Nagar, Market Building, Bhubaneswar - 751009 |
| 4 | Principal Chief Electrical Engineer, East Coast Railway, Rail Sadan, Chandrasekharpur, Bhubaneswar - 751017 |
| 5 | M/s. Utkal Chamber of Commerce & Industry Ltd., N-6, IRC Village, Nayapalli, Bhubaneswar - 751015 |
| 6 | Shri R.P. Mahapatra, Retd. Chief Engineer & Member (Gen.), Plot No.- 775(P), Lane - 3, Jayadev Vihar, Bhubaneswar - 751013 |
| 7 | M/s. Grinity Power Tech. Pvt. Ltd., At-K-8-82, Kalinga Nagar, Ghatikia, Bhubaneswar - 751029 |
| 8 | ATC Telecom Infrastructure (P) Ltd., 4th Floor, Module-A, Fortune Tower, Chandrasekharpur, Bhubaneswar - 751023 |
| 9 | Sri Prabhakar Dora, Vidya Nagar, 3rd Line, Co-operative Colony, Rayagada, Dist.- Rayagada - 765001 |

04010/11/0014/1920

No. D-268

**DIRECTORATE GENERAL**
**FIRE SERVICES, HOME GUARDS & CIVIL DEFENCE, ODISHA**

**SHORT TENDER CALL NOTICE NO.-6/2019-20.**

1. Sealed tenders are invited from the original equipment manufacturer (OEM) or their authorized agent/ dealer for purchase of different types of equipments during 2019-20. The details of items with requirement are as follows.

| Sl No. | Name of the item | Approximate Quantity |
|---|---|---|
| 1 | Clean Agent Fire Extinguisher | 10 Nos |
| 2 | Aluminum Short Branch Pipe | 74 Nos |
| 3 | Concrete Cutter | 10 Nos |
| 4 | Mechanical Saw (24 Inch) | 300 Nos |
| 5 | Single Nozzle B.A Compressor | 05 Nos |
| 6 | Generator Set | 35 Nos |
| 7 | Victim Location Camera | 01 No. |
| 8 | Search Light | 155 Nos |
| 9 | Tarpaulin | 110 Nos |
| 10 | Gum Boot with Steel Toe (Black Colour) | 100 Prs |

2. Sale of tender document w. e. f. dt. 22-01-2020.
3. Last date for sale of tender document dt. 05-02-2020, 5.30 P.M.
4. Last date for receipt of tender document dt. 05-02-2020, 5.30 P.M.
5. Date for opening of tenders/Technical Bids dt. 06-02-2020, 11.00 AM. onward.
6. The tender document with detail technical specification, condition may be seen from the state website www.odisha.gov.in and Odisha Fire Service website www.odishafshgscd.gov.in . The tender document may be obtained by depositing `300/- (Rupees three hundred) only between 11.00 A.M to 5.30 P.M on each working day, from 22-01-2020 to 05-02-2020.
7. Address.
Directorate General of F.S, H.Gs & C.D,
At-3rd Floor of Vigilance Directorate,
Nuapatna, Cuttack, Pin-753001
FAX-0671-2300201/ 2303387.

I.G of Police, Fire Service,
Home Guards & Civil Defence,
Odisha, Cuttack.

Address - 3rd Floor, Vigilance Building, Nuapatna, Buxibazar, Cuttack-753001
Tel. - 0671-2300317, Fax : 0671-2300201,
E-mail : cghomeguardsodisha@gmail.com, fireservicesodisha@gmail.com

12006/11/0007/1920



# ବଜାର ଅନୁଯାୟୀ ଫସଲ ଚାଷ





ଡ. ପରେଶ କୁମାର ପଣ୍ଡା



ଆମ ରାଜ୍ୟରେ କୃଷି ନୀତି-୨୦୦୮, ନୂତନ କୃଷିନୀତି-୨୦୧୩ ଓ ଏବର ସମୃଦ୍ଧି-୨୦୨୦, ରାଜ୍ୟ ସରକାରଙ୍କ କୃଷି ଓ କୃଷକମାନଙ୍କ ପ୍ରତି ଆଗ୍ରହ ଓ ପ୍ରଚେଷ୍ଟାକୁ ସୂଚାଇଥାଏ। ପରିବର୍ତ୍ତିତ ଜଳବାୟୁ, କୃଷି ପରିବେଶ, ସାମାଜିକ ଚଳଣି, ଅର୍ଥ ବ୍ୟବସ୍ଥା, କୃଷି ଯାନ୍ତ୍ରିକୀକରଣ, କୃଷି ଜ୍ଞାନ କୌଶଳ ଓ ମାନବ ସମାଜର ଭିନ୍ନ ଆବଶ୍ୟକତା ଆଦିକୁ ଆଧାରକରି କୃଷକମାନଙ୍କୁ ଯଥେଷ୍ଟ ସହଯୋଗ ଓ ଆବଶ୍ୟକୀୟ ସହାୟତା ପ୍ରଦାନ କରିବାର ଲକ୍ଷ୍ୟ ନେଇ କୃଷିନୀତିକୁ ଶାଣିତ କରାଯାଇଥାଏ। ନୂତନ କୌଶଳ ସବୁକୁ ପ୍ରଦର୍ଶନ ଜରିଆରେ କୃଷକମାନଙ୍କୁ ସେମାନଙ୍କର ଚାଷ ପ୍ରତି ଆଗ୍ରହ ବୃଦ୍ଧି କରିବାର ଲକ୍ଷ୍ୟ ନେଇ ଜିଲାସ୍ତରୀୟ କୃଷି ମେଳା ଓ ରାଜ୍ୟସ୍ତରୀୟ କୃଷି ଓଡ଼ିଶା କାର୍ଯ୍ୟକ୍ରମ ଚାଲୁ ରହିଛି। ଏସବୁ କଥା କହିବାର ଉଦ୍ଦେଶ୍ୟ ହେଲା ଫସଲ ଚାଷ ଓ ଅନ୍ୟ କୃଷିକୁ କେବଳ ଉତ୍ପାଦନରେ ସୀମିତ ନ ରଖି ବଜାର ଅନୁଯାୟୀ ଫସଲ ଓ ବିଭିନ୍ନ ପ୍ରାଣିଜ, ପକ୍ଷିଜ ଓ ଜଳଜ ଉତ୍ପାଦନରୁ ଲାଭ ଯଥେଷ୍ଟ ପାଇବା ସହିତ କୃଷି ପରିସରଗୁଡ଼ିକର ବିକାଶ ଘଟାଇବା ନିତାନ୍ତ ଜରୁରୀ।

ଶିକ୍ଷିତ ଯୁବଗୋଷ୍ଠୀଙ୍କର ଜ୍ଞାନ କୌଶଳର ବିନିଯୋଗ ଓ ମନୋଭାବରେ ପରିବର୍ତ୍ତନ ହୋଇ କୃଷି ପ୍ରତି ଆଗ୍ରହ ଏବଂ ସକାରାତ୍ମକ ଯୋଜନାର ପ୍ରବର୍ତ୍ତନ ହେଉଛି ଆଜିର ଏ ସମୟର ଆହ୍ୱାନ। ଆମ ରାଜ୍ୟରେ କୃଷି ସମ୍ବଳର ଅଭାବ ନାହିଁ। ଜଳ, ଜମି ଓ ଶ୍ରମର ଅଭାବ ନାହିଁ। କୃଷି ଜଳବାୟୁ ବିଭିନ୍ନ ଫସଲ, ଫଳ, ପନିପରିବା, ଫୁଲ, ପ୍ରାଣୀ ଓ ମତ୍ସ୍ୟଚାଷ ଆଦି ପାଇଁ ବେଶ୍ ଅନୁକୂଳ ଆଉ ବଜାର ମଧ୍ୟ ବିକାଶଶୀଳ।

ଯେ କୌଣସି ଫସଲ ଚାଷ ପାଇଁ ବଜାରର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଠିକ୍ ଦାମରେ ଯଦି ଉତ୍ପାଦନ ସାମଗ୍ରୀ ବିକ୍ରି ହୋଇ ନ ପାରିଲା, ତେବେ ଆଶାଜନକ ଲାଭ ମିଳେନାହିଁ। ଫଳରେ ଲାଭ କମିଯାଏ। ସାଧାରଣତଃ ଆମର ଅଧିକାଂଶ ଚାଷୀ ଏ ଦିଗରେ ନଜର ଦେଇ ନ ଥାନ୍ତି। ଏକାବେଳକେ ସମସ୍ତେ କୋବି, ବାଇଗଣ, ଭେଣ୍ଡି, ମୂଳା, କଲରା ଆଦି ଅମଳ କରିଥାନ୍ତି। ବିକ୍ରି ହେବାରେ ଅସୁବିଧା ହୁଏ ଓ ଭଲ ଦାମ ମଧ୍ୟ ମିଳି ନ ଥାଏ। ବର୍ଷାଦିନ ଆରମ୍ଭରେ ବିଲାତି ବାଇଗଣ, ଫୁଲକୋବି, ବନ୍ଧାକୋବି, ଧନିଆ ଇତ୍ୟାଦି ଫସଲ ଲଗାଇଲେ ତାହାକୁ ଅଧିକ ଦାମରେ ବିକ୍ରି କରି ଲାଭ ଅଧିକ ମିଳିଥାଏ। ସେହିପରି ଖରାଦିନିଆ ପନିପରିବାର ଚାହିଦା କଥା ସମସ୍ତେ ଜାଣନ୍ତି। ଆହୁରି ମଧ୍ୟ କେତେକ ଫସଲ ରହିଛି, ଯାହାର ବିକ୍ରିରୁ ବର୍ଷ ତମାମ ଅଧିକ ଦାମ ମିଳିଥାଏ। ଉଦାହରଣ କ୍ୟାପ୍‌ସିକମ, ଗାଜର, ବିଟ, ଖମ୍ବଆଳୁ, ମକା ବା ବେବିକର୍ନ ଇତ୍ୟାଦି। ସ୍ଥାନ ବିଶେଷରେ କେତେକ ଦ୍ରବ୍ୟର ଚାହିଦା ଅଧିକ। ଉଦାହରଣ- କୁକୁଡ଼ା ଫାର୍ମ ନିକଟରେ ମକା ଓ ସୋୟାବିନର ଚାହିଦା ଅଧିକ ରହିଥାଏ। ବର୍ଷାଦିନିଆ ଚିନାବାଦାମର ବଜାର ଚାହିଦା ଯଥେଷ୍ଟ ଅଧିକ। ବଜାର ଚାହିଦାକୁ ନଜରରେ ରଖି ଫସଲ ପର୍ଯ୍ୟାୟ ନେଇପାରିଲେ କୃଷକ ଅଧିକ ଲାଭବାନ ହୋଇପାରିବେ।

ଆମ ପାଖରେ ବିଭିନ୍ନ ପ୍ରକାର ସମ୍ବଳ ଯଥା- ଜମି, ଜଳ, ଶ୍ରମଶକ୍ତି, ଅର୍ଥ, ବଳଦ, କୃଷି ଯନ୍ତ୍ରପାତି, ବଜାର, ଜଳବାୟୁ, ଜୈବିକ ପଦାର୍ଥ ଇତ୍ୟାଦି ରହିଛି। ସେସବୁର ସଦ୍‌ବିନିଯୋଗ ହୋଇପାରିଲେ ଆୟ ଅଧିକ ହୋଇଥାଏ। କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଋଣ ପ୍ରଦାନ ଲାଗି ବିଭିନ୍ନ ବ୍ୟାଙ୍କ, ସମବାୟ ସଂସ୍ଥା ତଥା ଅନ୍ୟାନ୍ୟ ଅର୍ଥ ଲଗାଣକାରୀ ସଂସ୍ଥା ନିୟମିତ କାର୍ଯ୍ୟ ଓ ଆଗ୍ରହ ପ୍ରକାଶ କରୁଛନ୍ତି। ସୁତରାଂ ସେଠାରୁ ଋଣ ଆଣି ଉପଯୁକ୍ତ ଭାବେ ବିନିଯୋଗ କରି ଆୟ ଯଥେଷ୍ଟ ବଢ଼ାଇପାରିବା। ନିକଟସ୍ଥ ଓ ଦୂର ବଜାରକୁ ବୁଝି ନ ପାରି ଆମେ ବିନିଯୋଗ କରିପାରି ନ ଥାଉ। ବାହାର ରାଜ୍ୟର ଚାଷୀମାନେ ସେମାନଙ୍କର ଉତ୍ପାଦିତ ସାମଗ୍ରୀ ଯଥା- ଆଳୁ, ପନିପରିବା, ପିଆଜ, ମକା, ଲେମ୍ବୁ, କଦଳୀ, ଅଣ୍ଡା, ଆମ୍ବ, ଫୁଲ ଇତ୍ୟାଦି ବିକ୍ରି କରି ରାଜ୍ୟରୁ ପ୍ରଚୁର ଅର୍ଥ ନେଇଯାଉଛନ୍ତି, ଯାହା କି ଆମେ ରଖିପାରନ୍ତେ। ମାତ୍ର ବଜାର ସୁବିଧା ନାହିଁ କହି ଆମେ ନିରୁତ୍ସାହିତ ରହୁଛେ। ଅନେକ ଶିକ୍ଷିତ ଯୁବତୀ, ଯୁବକ ଉନ୍ନତ, ଆଧୁନିକ ବୈଷୟିକ ଜ୍ଞାନ କୌଶଳ ଜାଣିପାରି କୃଷି ଓ ଆନୁଷଙ୍ଗିକ ବିଭାଗ ପ୍ରତି ଆକୃଷ୍ଟ ହେବା ସ୍ୱାଭାବିକ କଥା। ସେମାନଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଗଲେ ନିୟମିତ ଅର୍ଥ ରୋଜଗାର କରି ସମାଜର ଅନ୍ୟମାନଙ୍କୁ ସେମାନେ ପ୍ରବର୍ତ୍ତାଇ ପାରନ୍ତେ।

ସମ୍ବଳ ଅନୁଯାୟୀ ଫସଲ କରାଗଲେ ପରିବାରର ଆୟ ବୃଦ୍ଧି ଆଶାନୁରୂପ ହୋଇପାରିବ। କମ୍ ଜମି, କମ୍ ଅର୍ଥ ଓ କମ୍ ଶ୍ରମ ଶକ୍ତି ଆବଶ୍ୟକ କରୁଥିବା ଫସଲ ଯଥା- ଶାଗ, ଧନିଆପତ୍ର, ସଜନା, ମାଟିଆଳୁ, ହଳଦୀ, ସପୁରି ଇତ୍ୟାଦି ଚାଷକୁ ପ୍ରାଧାନ୍ୟ ଦିଆଯିବା ଆବଶ୍ୟକ।

ସଙ୍କଟଜନକ ପରିସ୍ଥିତି ଯଥା- ବନ୍ୟା, ବାତ୍ୟା, ମରୁଡ଼ି, ଅଦିନିଆ ବର୍ଷା ପରିସ୍ଥିତିକୁ ସାମ୍ନା କରିବା ପାଇଁ ଉପଯୁକ୍ତ କୃଷି ବ୍ୟବସ୍ଥା ଗ୍ରହଣ କରିବା ଦରକାର। ମରୁଡ଼ି ସହନଶୀଳ ଫସଲ ନେବା ଜରୁରୀ। ମିଶ୍ରିତ ଫସଲ, ଅନ୍ତଃ ଫସଲ, ପାଏରା ଫସଲ ଓ ଫଳ ବଗିଚା ମଧ୍ୟରେ ଫସଲ ଚାଷ କରାଗଲେ ସାମଗ୍ରିକ ଆୟ ସ୍ଥିର ରହିପାରିବ। ଯଥେଷ୍ଟ ପରିମାଣରେ ଜୈବିକ ଖତ ଯଥା- କମ୍ପୋଷ୍ଟ, ଗୋବର ଖତ, କୁକୁଡ଼ା ଖତ, ଜିଆ ଖତ, ଆଜୋଲା, ସବୁଜ ସାର, ନିମ୍ବ ଓ କରଞ୍ଜ ପିଡ଼ିଆ, ଗୋବର ଗ୍ୟାସ ଖତ ଜମିରେ ପ୍ରୟୋଗ କରାଗଲେ ମୃତ୍ତିକାର ଉର୍ବରତା ସ୍ଥିର ରହିବା ସହିତ ଫସଲ ଉତ୍ପାଦନ ଓ ଉତ୍ପାଦକତା ଆଶାନୁରୂପ ହୋଇପାରିବ ଏବଂ ଉତ୍ପାଦନଜନିତ ଖର୍ଚ୍ଚ ମଧ୍ୟ କମିଯିବ।

*-ସହକାରୀ କୃଷି ଅଧିକାରୀ, ଭୁବନେଶ୍ୱର, ମୋ: ୭୨୦୫୦୯୬୦୮୦*

## ପରିଶ୍ରମକୁ ଆଦରି ପାରିଲେ ଜଣେ ସ୍ୱାବଲମ୍ବୀ ହୋଇପାରିବ



ପିଲାଟି ଦିନରୁ ଚାଷ ପ୍ରତି ଥିଲା ତାଙ୍କର ଅହେତୁକ ଆଗ୍ରହ। ମେକାନିକାଲ୍‌ରେ ଡିପ୍ଲୋମା ପାସ୍ ସହ ବିଜ୍ଞାନରେ ସ୍ନାତକ ହାସଲ ପରେ ଚାକିରି ପ୍ରତି ତାଙ୍କର ମନ ବଳି ନ ଥିଲା। ନିଜେ ସ୍ୱାବଲମ୍ବୀ ହେବା ସହିତ ଆଉ କେତେ ଜଣଙ୍କୁ କିପରି ରୋଜଗାରର ବାଟ ଦେଖାଇବେ ସେହି ଚିନ୍ତା ଘାରିଲା। ଶେଷରେ ଏଥିଲାଗି କୃଷିକୁ ଆପଣାଇବା ପାଇଁ ସେ ମନସ୍ଥ କଲେ। ଆରମ୍ଭ ହେଲା ଉଦ୍ୟମ। ପ୍ରଥମେ କଲେ ଧାନଚାଷ। ଏଥିରେ ପ୍ରାଥମିକ ସଫଳତା ତାଙ୍କ ମନୋବଳ ବଢ଼ାଇଦେଲା। ତା'ପରେ ଡାଏରୀ ଫାର୍ମ, ମାଛଚାଷ, କୁକୁଡ଼ା ଫାର୍ମ ସହିତ ପନିପରିବା ଚାଷ କଲେ। ଆଉ ବର୍ଷ କେଇଟାରେ ସେ ଜଣେ ସଫଳ ଚାଷୀ ଭାବେ ନିଜକୁ ପରିଚିତ କରାଇବା ସହ ୭/୮ ଜଣଙ୍କୁ ରୋଜଗାର ଯୋଗାଇବାରେ ହୋଇଛନ୍ତି ସକ୍ଷମ। ସେ ହେଲେ ଉଦୟନାଥ କର (ମୋ:୭୮୭୩୧୫୮୪୮୦)।

ଭଦ୍ରକ ଜିଲା ବନ୍ତ ବ୍ଲକ ଅନ୍ତର୍ଗତ ବସନ୍ତିଆ ପଞ୍ଚାୟତର ସିଳନ୍ଦି ଗ୍ରାମରେ ତାଙ୍କ ଜନ୍ମ। ମାତା ସ୍ୱର୍ଗତା କାଳୀ ଓ ପିତାଙ୍କ ନାମ ସ୍ୱର୍ଗତ କାହ୍ନୁଚରଣ କର। ଚାକିରି ପଛରେ ନ ଗୋଡ଼ାଇ ଚାଷ ମାଧ୍ୟମରେ ସ୍ୱାବଲମ୍ବୀ ହେବା ଲକ୍ଷ୍ୟ ନେଇ ୨୦୦୦ ମସିହାରେ ସେ ଆରମ୍ଭ କଲେ ଧାନ ଚାଷ। ଏଥିରୁ ମିଳିଲା ସଫଳତା। ମନୋବଳ ତାଙ୍କର ବଢ଼ିଗଲା। କିଛି ବର୍ଷ ଧାନଚାଷରେ ମନୋନିବେଶ କରିବା ପରେ ଭଦ୍ରକ ନଳାଙ୍ଗ ଅଞ୍ଚଳର ଚାଷୀ ଭାସ୍କର ଚନ୍ଦ୍ର ମଲ୍ଲିକଙ୍କ ପ୍ରେରଣାରେ ସେ ଆରମ୍ଭ କଲେ ଏକ ଫାର୍ମ । ୨୦ ଏକର ଜମିକୁ ନେଇ ହୋଇଥିବା ଏହି ଫାର୍ମରେ ପ୍ରଥମେ ଏକ ପୋଖରୀ ଖୋଳାଇ ମାଛଚାଷ କଲେ। ଏଥିସହ ୨୦ଟି ଗାଈକୁ ନେଇ ଏକ ଡାଏରୀ ଫାର୍ମ ଆରମ୍ଭ କରିଥିଲେ। ଧୀରେଧୀରେ ଫାର୍ମ ଜମିକୁ ସୁରକ୍ଷିତ କରିବା ନେଇ ପାଚେରି ତିଆରି ସହିତ କଦଳୀ ଓ ପନିପରିବା ଚାଷ କଲେ । ବର୍ଷକ ପରେ ୧୫ ହଜାର ବ୍ରଏଲର କୁକୁଡ଼ା ପାଇଁ ଘର ନିର୍ମାଣ କରିଥିଲେ । ଏଥିସହିତ ୫ ଏକର ଜମିରେ ଆଉ ୩ଟି ପୋଖରୀ ଖୋଳାଇଥିଲେ। ଏହି ପୋଖରୀ ଖୋଳାରେ ତାଙ୍କୁ କୌଣସି ସରକାରୀ ସହାୟତା ମିଳି ନ ଥିଲା ବୋଲି କୁହନ୍ତି ସେ । ପରେ ଛେଳି ପାଳନ ଲାଗି ମନ ବଳାଇଥିଲେ। ଏଥିଲାଗି ପ୍ରଥମେ ୧୦୦ ଛେଳିକୁ ନେଇ ଆରମ୍ଭ କରିଥିଲେ ଏହି କାର୍ଯ୍ୟ। ଏହି ଛେଳିଙ୍କ ପାଇଁ ସରକାରୀ ସ୍ତରରେ ସ୍ୱଳ୍ପ ପରିମାଣରେ ଖାଦ୍ୟସାମଗ୍ରୀ ପ୍ରଦାନ କରାଯାଇଥିଲା । ନିଜସ୍ୱ ଅର୍ଥ ତଥା ଧାରକରଜ କରି ଚଳାଇଥିବା ବ୍ରଏଲର ଫାର୍ମଟି ଗତ ୨୦୧୮ ମସିହାର ପ୍ରାକୃତିକ ବିପର୍ଯ୍ୟୟରେ ନଷ୍ଟ ହୋଇଯାଇଥିଲା । ଏଥିରେ ତାଙ୍କର ୫ରୁ ୬ ଲକ୍ଷ ଟଙ୍କା କ୍ଷତି ହୋଇଥିବା ବେଳେ ତାଙ୍କୁ କୌଣସି ସରକାରୀ ସହାୟତା ମିଳି ନ ଥିଲା । ପରେ ଉକ୍ତ ବ୍ରଏଲର ଫାର୍ମକୁ ଏକ କମ୍ପାନୀ ଲିଜ୍ ସୂତ୍ରରେ ନେଇ ତାଙ୍କୁ ସ୍ୱଳ୍ପ ଅର୍ଥ ପ୍ରଦାନ କରୁଥିବାରୁ ତାଙ୍କର ବହୁତ କ୍ଷତି ହେଉଥିବା ସେ କହିଛନ୍ତି । ଅପରପକ୍ଷେ ସେ ଏହି ଫାର୍ମ ଜରିଆରେ ନିଜେ ଆତ୍ମନିର୍ଭରଶୀଳ ହେବା ସହିତ ୭ରୁ ୮ ଜଣ ଶ୍ରମିକଙ୍କୁ ନିଯୁକ୍ତି ଦେଇପାରିଛନ୍ତି। ତାଙ୍କର ଏହି ଫାର୍ମରୁ ମାସିକ ୧୫ରୁ ୨୦ କୁଇଣ୍ଟାଲ ମାଛ, ୨ ହଜାର ଲିଟର କ୍ଷୀର ଏବଂ ପ୍ରତି ୨ ମାସରେ ଥରେ ୧୩ ହଜାର କୁକୁଡ଼ା ବିକ୍ରୟ କରିପାରୁଛନ୍ତି । ଏଥିସହିତ ଅନ୍ୟାନ୍ୟ ପନିପରିବା ବିକ୍ରୟ କରି ଅର୍ଥ ଉପାର୍ଜନ କରୁଛନ୍ତି । ତେବେ ଗାଈଙ୍କର ସରକାରୀ ଭାବେ ବୀମା କରାଯାଉଥିଲେ ମଧ୍ୟ ଗାଈ ମୃତ୍ୟୁବରଣ କଲେ ତାଙ୍କୁ କ୍ଷତିପୂରଣ ମିଳୁ ନ ଥିବା ସେ କୁହନ୍ତି। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ ଉପଯୁକ୍ତ ସହାୟତା ମିଳିଲେ ସେ ଆହୁରି ଆଗକୁ ଯାଇପାରିବେ ବୋଲି ଦୃଢ଼ୋକ୍ତି ବ୍ୟକ୍ତ କରନ୍ତି ଉଦୟନାଥ ।

**ସଫଳ ଚାଷୀ**
ଉଦୟନାଥ କର

କୃଷିକ୍ଷେତ୍ରରେ ସଫଳତା ଲାଗି ୨୦୧୭ରେ ଚାନ୍ଦବାଲିଠାରେ ଅନୁଷ୍ଠିତ କୃଷକ ମେଳାରେ ସେ ସମ୍ମାନିତ ହୋଇଥିଲେ। ଏଥିସହ ବିଭିନ୍ନ ସମୟରେ ଅନେକ ଚାଷୀ ତାଙ୍କଠାରୁ ପରାମର୍ଶ ନେବାକୁ ଆସିଥାନ୍ତି। ପରିଶ୍ରମକୁ ଆଦରି ପାରିଲେ ଜଣେ କୃଷି ମାଧ୍ୟମରେ ନିଶ୍ଚିତ ସ୍ୱାବଲମ୍ବୀ ହୋଇପାରିବ ବୋଲି କୁହନ୍ତି ଏହି ସଫଳ ଚାଷୀ।

**- ହରିନାରାୟଣ ମହାନ୍ତି**



## ଚିନାବାଦାମରେ ଫୁଲ ଆସୁଥିଲେ...

ଚିନାବାଦାମ ଫସଲରେ ଫୁଲ ଆସିବା ସମୟରେ କୋଡ଼ାଖୁସା କରନ୍ତୁ ନାହିଁ। ଏହି ଫସଲରେ ପତ୍ରକଣା ଓ ପତ୍ରଖିଆ ପୋକ ଲାଗିବାର ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଏଣ୍ଡୋସଲଫାନ୍ ମିଶାଇ ସିଞ୍ଚନ କରନ୍ତୁ। ପ୍ରତି ଲିଟର ପାଣିରେ ୨ମିଲି ହିସାବରେ ମନୋକ୍ରୋଟଫସ କିମ୍ବା କ୍ଲୋରୋପାଇରିଫସ ମିଶାଇ ସିଞ୍ଚନ କରନ୍ତୁ।



## ଗହମରେ କାଳିଗୁଣ୍ଡି ପୋକ ଲାଗୁଥିଲେ...

ଗହମ ଫସଲରେ କାଳିଗୁଣ୍ଡି ରୋଗ ହୋଇଥିଲେ, ଏହାର ଦମନ ସକାଶେ ଆକ୍ରାନ୍ତ ଗଛଗୁଡ଼ିକୁ ମାଟିରେ ପୋତି ଦିଅନ୍ତୁ କିମ୍ବା ପୋଡ଼ି ଦିଅନ୍ତୁ ଏବଂ ଏକର ପ୍ରତି ୨୦୦ଗ୍ରାମ୍ କାର୍ବେଣ୍ଡାଜିମ୍ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସଅଳ ଲଗାଯାଇଥିବା ଫସଲରେ ଶସ୍ୟତ୍ୟାଗ ରୋଗ ଲାଗିବାର ଆଶଙ୍କା ଅଛି। ଏହାର ଦମନ ପାଇଁ ଏକର ପ୍ରତି ୬୦୦ଗ୍ରାମ୍ ମାଙ୍କୋଜେବ୍ ୨୦୦ଲିଟର ପାଣିରେ ସିଞ୍ଚନ କରନ୍ତୁ। ବର୍ଷା ନ ଥିଲେ ଫସଲରେ ଜଳସେଚନର ଆବଶ୍ୟକତା ବଢ଼ିଯାଇଥାଏ, ଫୁଲ ଓ କ୍ଷୀର ଢୋକିବା ଅବସ୍ଥାରେ ଜଳସେଚନ ପ୍ରତି ଧ୍ୟାନ ଦିଅନ୍ତୁ।

## ସଙ୍କର ମକା ଚାଷ



ଏକାଦଶୀ ନନ୍ଦୀ



ମକା ଖାଇବାକୁ ସମସ୍ତେ ଭଲ ପାଆନ୍ତି। ବିଶେଷକରି ଏହାର ଆଦର ସହରରୁ ଗାଁ ପର୍ଯ୍ୟନ୍ତ ସବୁଠି ରହିଛି। ପାହାଡ଼ିଆ ଅଞ୍ଚଳରେ ଏହା ଲୋକଙ୍କର ଚାଉଳ, ମାଣ୍ଡିଆ ଭଳି ଏକ ମୁଖ୍ୟ ଖାଦ୍ୟ। ଦେଶୀ ମକା ଖୁବ୍ କମ୍ ଅମଳ ଦେଇଥାଏ। ତେଣୁ ଅଧିକ ଅମଳ ସହ ଚାଷୀଙ୍କ ଆୟ ବଢ଼ାଇବା ପାଇଁ ସଙ୍କରଜାତୀୟ ମକାର ପ୍ରଚାର ଓ ପ୍ରସାର ପାଇଁ କୃଷି ବିଭାଗ ସଦା ତତ୍ପର। କେତେକ କ୍ଷେତ୍ରରେ ଏହି ସଙ୍କର ମକା ଚାଷରେ ବହୁଳ ଅମଳ ପାଇଁ ଅଧିକ ସାର ଓ ରୋଗପୋକ ନାଶକ ବ୍ୟବହାର କରିବାକୁ ପଡ଼ିଥାଏ। ପୁଣି ପ୍ରତିକୂଳ ପାଣିପାଗ ଫସଲକୁ କ୍ଷତି ପହଞ୍ଚାଇଥାଏ। ଏସବୁକୁ ଦୃଷ୍ଟିରେ ରଖି ଓଡ଼ିଶା ରାଜ୍ୟରେ ସିମିଟ୍, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ତଥା ବେସରକାରୀ ସଂସ୍ଥା ଲାଲ, ଜଗତ୍‌ସିଂହପୁରର ମିଳିତ ସହାୟତାରେ ବିଭିନ୍ନ ସଙ୍କର ମକା କିସମର ଉତ୍ପାଦନ ଓ ବିତରଣର ବ୍ୟବସ୍ଥା କରାଯାଇଛି। ସେହିସବୁ କିସମ ମଧ୍ୟରୁ 'ଲାଲ-୪୫୪' ନାମରେ ନାମିତ ଏକ କିସମ ଚାଷୀମାନଙ୍କ ଦ୍ୱାରା ଆଦର ଲାଭ କରିଛି। ଏହାର କାରଣ ହେଲା ଏହି କିସମର କେତେକ ବିଶେଷ ଗୁଣ ଯଥା- ଏହା ଶୁଷ୍କାଞ୍ଚଳରେ ଚାଷ ପାଇଁ ଉପଯୋଗୀ। ୨୪-୪୮ ଘଣ୍ଟା ପର୍ଯ୍ୟନ୍ତ କ୍ଷେତରେ ଠିଆ ପାଣି ସହିପାରେ। ଶୀଘ୍ର ବଢୁଥିବାରୁ କ୍ଷେତରେ ଘାସଲଟା ଉଠିବାକୁ ସୁଯୋଗ ଦିଏନି। ମକାର ଦାନାଗୁଡ଼ିକ ସମ୍ପୂର୍ଣ୍ଣ ପୂରଣ ହୋଇଥାଏ ତଥା ଅମଳ ପରେ ଗଛଗୁଡ଼ିକ ସବୁଜ ରହୁଥିବାରୁ ଗୋଖାଦ୍ୟ ଉପଯୋଗୀ ହୋଇଥାଏ। ଏକଥା ସମ୍ବଲପୁର, ନବରଙ୍ଗପୁର ଓ ମୟୂରଭଞ୍ଜ ଜିଲାର କୃଷକମାନେ ସ୍ୱୀକାର କରିଛନ୍ତି। ଏହାବାଦ୍ ଏହି କିସମଟି ଅନ୍ୟ କିସମ ତୁଳନାରେ ଖୁବ୍ କମ୍ ରାସାୟନିକ ସାର ଓ ଜୈବିକ ଖତସାର ପ୍ରୟୋଗ ଦ୍ୱାରା ଅଧିକ ଅମଳ ଦେଇଥାଏ। ଏହି ଫସଲରେ ଅନ୍ତଃଫସଲ ଭାବେ ହରଡ଼, ଝୁଡ଼ଙ୍ଗ, ମାଟିଆଳୁ ଆଦି ନିଆଯାଇପାରେ।

ବିହନ ଉତ୍ପାଦନଠାରୁ ଆରମ୍ଭ କରି କୃଷକମାନଙ୍କୁ ଏହି କିସମ ଚାଷ ବିଷୟରେ ବୈଷୟିକ ଜ୍ଞାନ ପ୍ରଦାନ ତଥା ଚାଷ ପାଇଁ ଉତ୍ସାହ ବୃଦ୍ଧି ନିମିତ୍ତ ଉକ୍ତ ସଂସ୍ଥା କୃଷକମେଳାର ମଧ୍ୟ ଆୟୋଜନ କରିଥାଏ। ଗତ ଅକ୍ଟୋବରରେ ଏହି ପ୍ରକାର ତିନିଟି (ସମ୍ବଲପୁର ଜିଲାର ରେଢ଼ାଖୋଲ, ମୟୂରଭଞ୍ଜ ଜିଲାର ଯଶୀପୁର ଓ ନବରଙ୍ଗପୁର ଜିଲାର ଝରିଗାଁ)ଠାରେ କୃଷକ ସମାରୋହ କରାଯାଇଥିଲା। ଏଥିରେ ଫସଲ ଲାଗି ମାଙ୍କଡ଼ ଓ ଶୁଆ ସମସ୍ୟାକୁ ଛାଡ଼ିଦେଲେ ଉପସ୍ଥିତ ହିତାଧିକାରୀମାନେ 'ଲାଲ-୪୫୪' ସଙ୍କର ମକା କିସମକୁ ଖୁବ୍ ପସନ୍ଦ କରିଛନ୍ତି। ଚଳିତ ରବିଋତୁରେ ଜଳସେଚନ ସୁବିଧା ଥିବା ଅଞ୍ଚଳରେ କିଛି କୃଷକ ଏହି କିସମଟିକୁ ଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏହି କିସମ ସୁସ୍ୱାଦୁ ତଥା ପୁଷ୍ଟିସାରରେ ଭରପୂର। ଏକର ପ୍ରତି ୨୦ ରୁ ୨୫ କୁଇଣ୍ଟାଲ ଅମଳ ହୋଇଥାଏ।



*-ବିହନ ଓ ଜୈବକୃଷି ବିଶେଷଜ୍ଞ, ପୂର୍ବତନ ମୁଖ୍ୟ ବିହନ ପ୍ରମାଣନ ଅଧିକାରୀ,ଓସୋପ୍‌କା, ଭୁବନେଶ୍ୱର, ମୋ:୯୪୩୭୪୧୨୪୧୧*

## ମୂଳି ଆଖୁରେ ସାର ପ୍ରୟୋଗ


ଆଗରୁ ଲଗାଯାଇଥିବା ଆଖୁ ୪୫ଦିନର ହୋଇଯାଇଥିଲେ କୋଡା ଖୁସା କରି ଏକର ପ୍ରତି ୪୦କି.ଗ୍ରା. ଯବକ୍ଷାରଜାନ ସାରକୁ ଧାଡ଼ିରେ ପ୍ରୟୋଗ କରି ହୁଡ଼ା ଟେକି ଦିଅନ୍ତୁ। ମୂଳି ଆଖୁ ୩୦ରୁ ୪୫ଦିନର ହୋଇଯାଇଥିଲେ ଏକର ପ୍ରତି ୪୦କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ମନ୍ଦା ପ୍ରଣାଳୀରେ ଲଗାଯାଇଥିବା ଆଖୁ ୩୦ରୁ ୪୫ଦିନର ହୋଇଯାଇଥିଲେ ମନ୍ଦା ପିଛା ୧୫ଗ୍ରାମ୍ ୟୁରିଆ ଓ ୧୦ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ। ଯବକ୍ଷାରଜାନ ସାରକୁ ୟୁରିଆ ସାର ହିସାବରେ ବ୍ୟବହାର କଲେ ୟୁରିଆ ସହିତ ନିମ୍ବ ପିଡ଼ିଆ ମିଶାଇ ପ୍ରୟୋଗ କରନ୍ତୁ। ୧୦୦କିଗ୍ରା ୟୁରିଆ ସହିତ ୨୦କି.ଗ୍ରା. ନିମ୍ବ ପିଡ଼ିଆ ମିଶାଇବାକୁ ପଡ଼ିଥାଏ। ରାସାୟନିକ ଜୈବିକ ସାରକୁ ୫୦୦କି.ଗ୍ରା. ଗୁଣ୍ଡ ଗୋବର ଖତ ସହିତ ମିଶାଇ ଆଖୁ ଲଗାଇବାର ୩୦ଦିନରେ ଥରେ ଏବଂ ୬୦ଦିନରେ ଆଉଥରେ ଆଖୁ ଗଛ ମୂଳରେ ଦିଅନ୍ତୁ।



"ସରକାରଙ୍କ ମଧ୍ୟରେ ରହିଥିବା ନିଜସ୍ୱ ସିଷ୍ଟମ ଉଦ୍ଭାବନ ଦିଗରେ ଚିନ୍ତା କରିବାର ଆବଶ୍ୟକତା ରହିଛି।
–ରବି ଶଙ୍କର ପ୍ରସାଦ, କେନ୍ଦ୍ର ମନ୍ତ୍ରୀ



"ଆସନ୍ତା ବର୍ଷ ବିକ୍ରି ବଢାଇବା କ୍ଷେତ୍ରରେ ନୂଆ ଯାନ ଲଞ୍ଚିଂର ଏକ ପ୍ରମୁଖ ଭୂମିକା ରହିବ ।
–ଏସ୍.ଏସ୍.କିମ୍, ହ୍ୟୁଣ୍ଡାଇ ମୋଟର୍ସ ସିଇଓ



# ବିଗ୍ ବଜାର ଆଣିଲା ସବ୍‌ସେ ଶସ୍ତେ ୫ ଦିନ

ନୂଆଦିଲ୍ଲୀ,୨୧-୧

ଲୋକପ୍ରିୟ ହିପରମାର୍କେଟ ଚେନ୍ ବିଗ୍ ବଜାର ପକ୍ଷରୁ ଏହାର ବୃହତ୍ତ ଶପିଂ ଫେଷ୍ଟିଭାଲ 'ସବସେ ଶସ୍ତେ ୫ ଦିନ' ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଚଳିତ ମାସ ୨୨ ଠାରୁ ୨୬ ତାରିଖ ଯାଏ ଚାଲୁ ରହିବ। ଦେଶରେ ଥିବା ସମସ୍ତ ବିଗ୍ ବଜାର ଷ୍ଟୋର, ବିଗ୍ ବଜାର ଜେନ୍ ନେକ୍ସଟ ଏବଂ ହାଇପରସିଟି ଷ୍ଟୋରଗୁଡିକରେ ଗ୍ରାହକ ଏହି ଅଫରର ଲାଭ ଉଠାଇ ପାରିବେ।




ଏହି ସମୟରେ ଗ୍ରାହକ ମେଗା ଡିଲ, କମ୍ବୋ ଅଫର ଏବଂ ଆକର୍ଷଣୀୟ ରିହାତି ଲାଭ କରିପାରିବେ। ଖାଦ୍ୟ, ଫ୍ୟାଶନ, ହୋମ ଫର୍ନିସିଂ, ଲଗେଜ, କିଚେନୱେର ଏବଂ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଭଳି ଅନ୍ୟ ବର୍ଗର ପ୍ରଡକ୍ଟ କ୍ରୟ ଉପରେ ଗ୍ରାହକ ଅଫରର ଲାଭ ଉଠାଇ ପାରିବେ। ଖାଦ୍ୟ ସାମଗ୍ରୀ ବର୍ଗରେ ସୁଲଭ ମୂଲ୍ୟରେ ବିସ୍ତୃତ ରେଞ୍ଜର ପ୍ରଡକ୍ଟ ଗ୍ରାହକଙ୍କୁ ପ୍ରଦାନ ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିବା ବିଗ୍ ବଜାର ପକ୍ଷରୁ ସୂଚନା ରହିଛି। ଖାଦ୍ୟ ଏବଂ ତେଜରାତି ସାମଗ୍ରୀ ବର୍ଗରେ ୨ଟି କିଣି ଗୋଟିଏ ପ୍ରଡକ୍ଟ ପାଇପାରିବେ। କିଚେନ କମ୍ବୋ ସେଟ୍ ଉପରେ ଫ୍ଲାଟ ୫୦% ରିହାତି, କେତେକ ନିର୍ଦ୍ଦିଷ୍ଟ ବ୍ରାଣ୍ଡ ଟ୍ରଲି ବ୍ୟାଗରେ ଫ୍ଲାଟ ୭୦% ରିହାତି, ୩୧,୯୯୦ ଟଙ୍କା ମୂଲ୍ୟର କରଚ୍ଛୋ ଟିଭି ୧୪,୯୯୯ ଟଙ୍କାରେ ମିଳିପାରିବ। ସେହିଭଳି ଫ୍ୟାଶନ ଉପରେ ଫ୍ଲାଟ ୫୦% ରିହାତି ଏବଂ ରୂପେ କାର୍ଡରେ ଅତିରିକ୍ତ ୧୦% ରିହାତି ଗ୍ରାହକ ପାଇପାରିବେ। ଗ୍ରାହକଙ୍କ ଆବଶ୍ୟକତାକୁ ବିଚାର କରି ଚଳିତ ବର୍ଷ ସବସେ ଶସ୍ତେ ୫ ଦିନ ଅଫରକୁ ଅଧିକ ଆକର୍ଷଣୀୟ କରି ଗଢାଯାଇଥିବା ବିଗ୍ ବଜାରର ସିଇଓ ସଦାଶିବ ନାୟକ କହିଛନ୍ତି।

# ଆମ୍ରି ପକ୍ଷରୁ କାର୍ଡିଆକ୍ ସପୋର୍ଟ ଗ୍ରୁପ

ଭୁବନେଶ୍ୱର,୨୧-୧

ଆମ୍ରି ହସ୍ପିଟାଲ୍ସ ପକ୍ଷରୁ ପୂର୍ବ ଭାରତର ପ୍ରଥମ କାର୍ଡିଆକ୍ ସର୍ପୋଟ ଗ୍ରୁପ (ହୃଦରୋଗ ସହାୟତା ଦଳ) ଗଠନ ଲାଗି ହୃଦରୋଗୀଙ୍କୁ ନେଇ ଏକ ମଞ୍ଚ(ପ୍ଲାଟଫର୍ମ) ଗଠନ କରାଯାଇଛି। ହାପି ହାର୍ଟ କ୍ଲବ ନାମକ ଏହି ପ୍ଲାଟଫର୍ମକୁ ଚିକିତ୍ସା ଲାଭ କରିଥିବା କିଛି ରୋଗୀ ମିଳିତ ଭାବେ ଉନ୍ମୋଚନ କରିଛନ୍ତି। ଆମ୍ରି ହସ୍ପିଟାଲ ଗ୍ରୁପ ସିଇଓ ରୂପକ ବରୁଆ, ଭୁବନେଶ୍ୱର ୟୁନିଟ ମୁଖ୍ୟ ଡକ୍ଟର ଅନୁଜ ତିୱାରୀ ମଙ୍ଗଳବାର ଏହାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବିଶେଷଜ୍ଞ ମାନେ ପ୍ରତିଷେଧମୂଳକ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଜଟିଳ ହୃଦରୋଗ ସମସ୍ୟାକୁ ଉପଷମ କରିବା ଏବେ ସହଜ ହୋଇଛି ବୋଲି ବିଶେଷଜ୍ଞ ମାନେ କହିଛନ୍ତି।

କାର୍ଡିଆକ ବିଭାଗରେ ଏହି ହସ୍ପିଟାଲ ପକ୍ଷରୁ ସଦ୍ୟତମ ପ୍ରଯୁକ୍ତି ଏବଂ ଚିକିତ୍ସା ପ୍ରୋଟୋକଲ ପ୍ରଦାନ କରାଯାଉଛି। ଏହା ମଧ୍ୟରେ ମିନିମାଲ ଇନଭେସିଭ




କାର୍ଡିଆକ ସର୍ଜରୀ, ଟେଟ୍ରୋଲୋଜି ଅଫ୍ ପାଲାଟେ ସର୍ଜରୀ, ଏଏସ୍‌ଡି, ଭିଏସ୍‌ଡି, ପିଡିଏ, ସିଆର୍‌ଟିଡି, ପ୍ରାଇମେରି ଆଞ୍ଜିଓପ୍ଲାଷ୍ଟି, ଇଲେକଟ୍ରୋଫିଜିଓଲୋଜି ଷ୍ଟଡି, ନାନୋ ପେସମେକର ରହିଛି। ଏହାବାଦ ବିଏସିଜି ଏବଂ ପିଟିସିଏ ଭଳି ସାଧାରଣ ଚିକିତ୍ସା ପଦ୍ଧତି ଲୋକଙ୍କ ଲାଗି ପ୍ରଦାନ କରାଯାଉଥିବା ହସ୍ପିଟାଲ ପକ୍ଷରୁ ସୂଚନା ରହିଛି। ସେହିଭଳି ୩୬୧ ଡିଗ୍ରୀ କାର୍ଡିଆକ୍ କେୟାର, ଯେକୌଣସି ସମୟରେ ଇସିଜି ଭଳି ବିଭିନ୍ନ ସୁବିଧା ପ୍ରଦାନ କରାଯାଉଥିବା ଜଣାପଡିଛି। ହୃଦରୋଗ ସହାୟତା ଦଳ ଗଠନ କରିବା ହସ୍ପିଟାଲର ରୋଗୀମାନେ ଦେଇଥିବା ପ୍ରସ୍ତାବକୁ ସାଦରେ ଗ୍ରହଣ କରାଯାଇଥିବା ଗ୍ରୁପ ସିଇଓ ବରୁଆ କହିଛନ୍ତି। ବିଶ୍ୱ ସ୍ତରୀୟ ଭିତ୍ତିଭୂମି ଶ୍ରେଷ୍ଠ ବିଶେଷଜ୍ଞମାନଙ୍କୁ ନେଇ ବର୍ଷ ବ୍ୟାପି କାର୍ଡିଆକ୍ ସହାୟତା ପ୍ରଦାନ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। କାର୍ଯ୍ୟକ୍ରମରେ ଡ. ଜିତେନ୍ଦ୍ର ପଟ୍ଟନାୟକ, ଡ. ଚନ୍ଦ୍ରଭାନୁ ପରିଜା, ଡ.ଜେ.କେ. ପାଢି, ଡ. ଲିଙ୍ଗରାଜ ନାଥ, ଡ.ମହେଶ ପ୍ରଶାଦ ଅଗ୍ରୱାଲ, ଡ.ଏସ୍‌ଏନ୍ ପଣ୍ଡା ଉପସ୍ଥିତ ଥିଲେ।

## ଫିଟ୍‌ଜୀର ଆଇଆଇଟି ଜିନିୟସ ଟାଇଟଲ

ଭୁବନେଶ୍ୱର,୨୧-୧

ଫିଟ୍‌ଜୀ ପକ୍ଷରୁ ଆଇଆଇଟି ଜିନିୟସ ଟାଇଟଲ ସମ୍ପର୍କରେ ଘୋଷଣା କରାଯାଇଛି। ଟପ୍ ୧୦ ଛାତ୍ରୀଛାତ୍ରଙ୍କୁ ଏହି ଟାଇଟଲ ପ୍ରଦାନ ଦ୍ୱାରା ଫିଟ୍‌ଜୀର ସ୍ୱନଶର ଆଇଆଇଟିଗୁଡିକରେ ଶିକ୍ଷା ଲାଭ କରିବାର ସୁଯୋଗ ପ୍ରଦାନ କରାଯିବ। ଗତ ୨୭ ବର୍ଷ ଧରି ଫିଟଜୀ କୋଚିଂ କ୍ଷେତ୍ରରେ ସେବା ଯୋଗାଇ ଦେଉଛି। ଆଇଆଇଟି ଜିନିୟସ ସ୍କଲାରଶିପ ଦ୍ୱାରା ଏହା ଛାତ୍ରୀଛାତ୍ରଙ୍କୁ ସହାୟତା କରୁଛି। ଅଷ୍ଟମ ଠାରୁ ଯୁକ୍ତ ଦୁଇ ପ୍ରଥମ ବର୍ଷର ପ୍ରତି ଶ୍ରେଣୀରୁ ଶୀର୍ଷ ୧୦ ଜଣଙ୍କୁ ଆଇଆଇଟି ଜିନିୟସ ସ୍କଲାରଶିପ ପ୍ରଦାନ ନେଇ ବ୍ୟବସ୍ଥା କରାଯିବାକୁ ପ୍ରତିଷ୍ଠାନ ପକ୍ଷରୁ ସୂଚନା ରହିଛି। ଏହି ସ୍କଲାରଶିପ ମଧ୍ୟରେ ପ୍ରତିଷ୍ଠାନର ଖର୍ଚ୍ଚ, ହଷ୍ଟେଲ ଫି, ଟ୍ୟୁଶନ ଫି, ବୁକ ଫି ସାମିଲ ରହିଛି। ଆଇଆଇଟି ଜିନିୟସ ଟେଷ୍ଟ ଏବଂ ଇଣ୍ଟରଭ୍ୟୁ ଦ୍ୱାରା ଏହି ଛାତ୍ରୀଛାତ୍ରଙ୍କୁ ଚୟନ କରାଯିବ। ପ୍ରତିଭାଧାରୀଙ୍କୁ ଆଗକୁ ବଢିବା ଦିଗରେ ପ୍ରୋତ୍ସାହିତ କରିବା ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଉଥିବା ଫିଟ୍‌ଜୀ ଗ୍ରୁପର ନିର୍ଦ୍ଦେଶକ ଆର୍.ଏଲ୍ ତ୍ରୀଖା କହିଛନ୍ତି।

## ଅତନୁ କୁମାର ଦାସ ବିଓଆଇର ନୂତନ ଏମ୍‌ଡି

ଭୁବନେଶ୍ୱର,୨୧-୧



ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ)ର ନୂତନ ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ଭାବେ ଅତନୁ କମାର ଦାସ ଅବସ୍ଥାପିତ ହୋଇଛନ୍ତି। ସେ ଆପ୍ଲାଏଡ ଇକୋନୋମିକ୍ସରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ୧୯୯୪ରେ ଆଇଆଇଟି ଖଡଗପୁରରେ ପିଏଚ୍‌ଡି କରୁଥିବା ସମୟରେ ଜଣେ ଅର୍ଥନୀତିଜ୍ଞ ଭାବେ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ଯୋଗ ଦେଇଥିଲେ। ବ୍ୟାଙ୍କିଙ୍ଗରେ ତାଙ୍କର ଦୀର୍ଘ ୨୬ ବର୍ଷର ଅଭିଜ୍ଞତା ରହିଛି। ଉଭୟ ନୀତି ନିର୍ଦ୍ଧାରଣ ଏବଂ ପରିଚାଳନା କ୍ଷେତ୍ରରେ ସେ କାର୍ଯ୍ୟ କରିଛନ୍ତି। ଏହା ପୂର୍ବରୁ ସେ ଦିଲ୍ଲୀରେ ଆଞ୍ଚଳିକ ମୁଖ୍ୟ , ବିଜୟା ବ୍ୟାଙ୍କର ଲକ୍ଷ୍ନୌ ଅଞ୍ଚଳ ମୁଖ୍ୟ ଭାବେ କାର୍ଯ୍ୟ କରିଛନ୍ତି।

## ଆଇସିଆଇସିଆଇ ବ୍ୟାଙ୍କର ନୂଆ ଶାଖା

**ଭୁବନେଶ୍ୱର,୨୧-୧:** ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ବରଗଡ ଜିଲାର ବିଜେପୁରରେ ଓଡ଼ିଶାରେ ଏହାର ୧୫୦ତମ ଶାଖା ଶୁଭାରମ୍ଭ ହୋଇଛି। ଏହି ଅଞ୍ଚଳରେ ଏହା ପ୍ରଥମ ଘରୋଇ ବ୍ୟାଙ୍କ ଶାଖା। ଏଥିରେ ୨୪ ଘଣ୍ଟିଆ ଏଟିଏମ୍ ସେବା ଉପଲବ୍ଧ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଶାଖାର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବକୁ ଉଦଘାଟନ କରିଥିଲେ। ଏହି ଶାଖା ଦ୍ୱାରା ବିଜେପୁରବାସୀ ଲାଭବାନ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗ୍ରାହକଙ୍କୁ ଉନ୍ନତ ମାନର ବ୍ୟାଙ୍କିଙ୍ଗ ସେବା ଏବଂ ଅଭିନବ ଉତ୍ପାଦ ଯୋଗାଣ ଦିଗରେ ଉଦ୍ୟମ ଜାରି ରଖିଥିବା ବ୍ୟାଙ୍କର ଓଡ଼ିଶା ଛତିଶଗଡ ଜୋନାଲ ରିଟେଲ ମୁଖ୍ୟ ପ୍ରଦୋଶ ରାଉତ କହିଛନ୍ତି।

## ମାରୁତି ସୁଜୁକି ଇକୋର ବିଏସ୍-୬ ମଡେଲ

ଭୁବନେଶ୍ୱର,୨୧-୧

ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ ପକ୍ଷରୁ ମଲ୍ଟି ପରପସ ଭ୍ୟାନ ଇକୋର ବିଏସ୍-୬ ଭାରିଆଣ୍ଟର ଶୁଭାରମ୍ଭ ହୋଇଛି। ଏହି ମଡେଲଟି ବେଷ୍ଟ ସେଲିଂ ମଲ୍ଟି ପରପସ ଭ୍ୟାନ ଭାବେ ପରିଗଣିତ ହୋଇଛି। ସରକାର ବିଏସ୍-୬ ନିୟମ ଲାଗୁ କରାଇବା ନେଇ ଘୋଷଣା କରି ସାରିଛନ୍ତି। ଏହାର ଅବ୍ୟବହିତ ପୂର୍ବରୁ କମ୍ପାନୀ ନୂଆ ମଡେଲକୁ ବଜାରକୁ ଛାଡିଛି। ଏହି ମଡେଲଟିରେ ଗ୍ରାହକ ଅତୁଳନୀୟ ମାଇଲେଜ, ସେଗମେଣ୍ଟର ସର୍ବୋତ୍ତମ ଆରାମ, ସ୍ପେଶ ଏବଂ ପାୱାର ଲାଭ କରିପାରିବେ। ଏହାର ପରିଚାଳନା ଖର୍ଚ୍ଚ ମଧ କମ୍ ରହିଛି। ଏହି ମଡେଲଟି ପ୍ରଥମ କରି ୨୦୧୦ରେ ବଜାରକୁ ଆସିଥିଲା। ଗ୍ରାହକଙ୍କୁ ଏକ ଭରଷା ଯୋଗ୍ୟ ମୋବିଲିଟି ସଲ୍ୟୁଶନ ଯୋଗାଣ ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା କମ୍ପାନୀର ମାର୍କେଟିଂ ଏବଂ ସେଲ୍‌ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶଶାଙ୍କ ଶ୍ରୀବାସ୍ତବ କହିଛନ୍ତି।

# ଓଜିବି କର୍ମଚାରୀ ସଂଘର ବୈଠକ

ଭୁବନେଶ୍ୱର,୨୧-୧




ଓଡିଶା ଗ୍ରାମ୍ୟ ବ୍ୟାଙ୍କ(ଓଜିବି) କର୍ମଚାରୀ ସଂଘ ପକ୍ଷରୁ ଚତୁର୍ଥ ଇସି ବୈଠକ ସପ୍ତଶଯ୍ୟାଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭ୍ୟ ମାନଙ୍କର ସମସ୍ୟା ସମାଧାନ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ଏଆଇଜିବିଡବ୍ଲ୍ୟୁଓର ସରୋଜ ପ୍ରଧାନ ଉପସ୍ଥିତ ରହି ଦତ୍ତପନ୍ତ ଥେଙ୍ଗିଡିଙ୍କ ଜୀବନି ଉପରେ ଗୁରୁତ୍ୱାରୋପ କରିଥିଲେ। ସଂଘର ସାଧାରଣ ସମ୍ପାଦକ ପ୍ରଦୀପ୍ତ କୁମାର ନାୟକ ବ୍ୟାଙ୍କର ଉନ୍ନତି ଏବଂ ଏନ୍‌ପିଏ ଅସୁଲି ଉପରେ ସମସ୍ତଙ୍କ ସହଯୋଗ ଲୋଡା ବୋଲି କହିଥିଲେ। ଓଡ଼ିଶା ହାଇକୋର୍ଟ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ବକେୟା ଦରମା ବାବଦରେ ଦେଇଥିବା ରାୟକୁ ସଂଘ ପକ୍ଷରୁ ସ୍ୱାଗତ କରାଯାଇଛି। ବ୍ୟାଙ୍କର ଉନ୍ନତି ଲାଗି ଅଧ୍ୟକ୍ଷ ବୃନ୍ଦାବନ ନାୟକ ନେଇଥିବା ପଦକ୍ଷେପକୁ ସଭ୍ୟମାନେ ପ୍ରଶଂସା କରିଛନ୍ତି। ଏହି ଅବସରରେ ନବଘନ ଜେନା, ରଶ୍ମି ରଞ୍ଜନ ମହାପାତ୍ର, ହାଡିବନ୍ଧୁ ସାହୁ, ରମେଶ ସାହୁ, ବନ ବିହାରି ପୃଷ୍ଟି, ପ୍ରକାଶ ନାୟକ, ପ୍ରିୟ ପ୍ରକାଶ ମିଶ୍ର, ଶ୍ରୀକାନ୍ତ ଶତପଥୀ ଏବଂ ପିତାମ୍ବର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

**ODISHA ELECTRICITY REGULATORY COMMISSION**
Plot No. 4, Chunukoli, Saileshree Vihar, Chandrasekharpur, Bhubaneswar-751021
E-mail : orierc@rediffmail.com, Website :www. orierc.org

**PUBLIC NOTICE**
Case No.76 of 2019

Hearing Of SOUTHCO Utility's Application on Aggregate Revenue Requirement (ARR), Wheeling Tariff & Retail Supply Tariff For the FY 2020-21 under S.62 of the Electricity Act, 2003 read with OERC (Terms and Conditions for Determination of Wheeling Tariff and Retail Supply Tariff) Regulations, 2014.

Pursuant to the Public Notice published in the English and Odia dailies by SOUTHCO Utility on 17.12.2019 with regard to its Aggregate Revenue Requirement, Wheeling Tariff & Retail Supply Tariff for the Financial Year 2020-21, it is notified that the aforesaid applications will be taken up for both admission and hearing along with Case No.80 of 2019 for determination of open access charges for FY 2020-21 on **14.02.2020 at 10.00 A.M. at Sandhya Functional Hall, Near Gandhi Chawk, Jeypore**. The objections/suggestions filed by the Organization/Person against the above stated applications of SOUTHO Utility whose name appears in this notice have been admitted by the Commission for hearing.

Both the applicant (SOUTHCO Utility) and the Organizations/ Persons whose objections/ suggestions are admitted by the Commission for hearing are hereby directed to be present in person or through their authorized representatives or duly constituted attorney before the Commission on the date, time & place mentioned above. Since, the hearing is taking place in the supply area of SOUTHCO Utility and for the convenience of the consumers of the licensed area, the Commission has been pleased to allow such persons to put forth their objection/ suggestion during hearing who shall register their name at Utility's head quarter office by 07.02.2020.

**Dated:21.01.2020** **By Order of the Commission**
**Sd/-**
**SECRETARY**

**N.B.:** (i) The above public notice with list of Organizations/ Persons whose objections/suggestions have been admitted by the Commission for hearing is also available in OERC website www.orierc.org and is also available in the website of the Commission www.orierc.org and Website of SOUTHCO Utility.

**(SOUTHCO Utility)**
1 Shri Ramesh Ch. Satpathy, Secretary, National Institute of Indian Labour & President,Upobhokta Mahasangha, Plot No.302(B), Beherasahi, Nayapalli, Bhubaneswar-751012.
2 Shri. Akshya Kumar Sahani, Retd. Electrical Inspector,GoO, B/L-108, VSS Nagar, Bhubaneswar
3 Principal Chief Electrical Inspector, East Coast Railway, Rail Sadan, Chandrasekharpur, Bhubaneswar-751017.
4 All India Weavers Welfare and Charitable Trust, C/o-Shri B.C.Behera, Om Sai Marga, Manik Nagar-5, Po-Hinjilicut, Dist-Ganjam-761102.
5 M/s. Utkal Chamber of Commerce & Industry Ltd., N-6, IRC Village, Nayapalli, Bhubaneswar-751015.
6 M/s. Grinity Power Tech Pvt. Ltd., At-K-8-82, Kalnga Nagar, Ghatikia, Bhubaneswar-751029.
7 ATC Telecom Infrastructure(P) Ltd., 4th Floor, Module-A, Fortune Tower, Chandrasekharpur, Bhubaneswar-751023.
8 Sri Prabhakar Dora, Vidya Nagar, 3rd Line, Co-Operative Colony, Rayagada, Dist. Rayagada-765001

**NOTICE INVITING TENDER**
**OFFICE OF THE NOTIFIED AREA COUNCIL, RANPUR**
NAYAGARH (ODISHA), PIN - 752026
e-mail: eoranpurnac.ranpur@gmail.com
Tender Call Notice No.- 75, Dt.20.01.2020
E-Procurement Notice No.: RNP NAC-03/2019-20

| | | | |
|---|---|---|---|
| 1 | Name of the Work | : | Individual Civil Construction and other Works as per DTCN |
| 2 | No. of Works | : | 35 Nos. |
| 3 | Value of Work | : | Rs.2,97,500/- to Rs.12,92,000/- |
| 4 | Class of Contractor | : | 'D' & 'C' |
| 5 | Period of Completion | : | 60 Days to 90 Days |
| 6 | Date of Publication | : | 21.01.2020 |
| 7 | Date and time of availability of document in the portal | : | From Dt.22.01.2020 at 11 A.M. to Dt.04.02.2020 upto 5 P.M. |
| 8 | Last Date/Time for receipt of bids in portal | : | Dt.04.02.2020 upto 5 P.M. |
| 9 | Last date of submission of original documents in this office | : | Dt.06.02.2020 upto 5.00 P.M. |
| 10 | Date and Time of opening Bid | : | Dt.07.02.2020 at 11.00 A.M. |
| 11 | Name and address of the Officer Inviting Bid | : | Sd./- Executive Officer, NAC, Ranpur |

Further details can be seen from e-Procurement Portal: https://tendersodisha.gov.in.

**SAMAGRA SIKHYA, KALAHANDI BHAWANIPATNA**
No.157 Dated: 20.01.2020
**QUOTATION CALL NOTICE FOR PRINTING**

Sealed tenders under two part bid systems are invited in the prescribed tender forms, from the Registered Offset Printers / Firms of Odisha having valid registration certificate number under NSIC / OSIC / GM DIC / Udyog Aadhaar etc. along with production certificate issued by DIC, valid PAN, IT return of last 03 years and GST registration certificate for printing, packing & supply of two types of items separately (1) Question-Cum-Answer sheets of Summative Assessment-II, 2020 and (2) Report Cards from Class I to VIII, for the year 2019-20 of Kalahandi district. The tender papers (Bid Documents) containing detailed specifications with terms & conditions can be downloaded from District website htpp://KALAHANDI.nic.in and OSEPA website http://osepa.odisha.gov.in and the cost of the tender paper i.e. Rs.1000/- (one thousand)has to be deposited in shape of Demand Draft to be pledged in favour of DPC, SSA Kalahandi with the quotation papers. The tender paper shall only be received through registered Post / Speed Post before 5.00 P.M. of 05.02.2020. The tender received after 5.00 P.M. will not be entertained. The undersigned will not be responsible for any postal delay. The tender will be opened on Dt.06.02.2020 at 11.00 A.M. in the office chamber of the DPC, Kalahandi in presence of the bidders or their authorized representatives. For details please visit District website htpp://Kalahandi.nic.in and OSEPA website http://osepa.odisha.gov.in. Undersigned reserves the right to reject any or all of the quotations without assigning any reason there for.

*By the order of Collector-cum-Chairperson*
Sd./-
District Project Coordinator
Samagra Shiksha, Kalahandi

**COE, Berhampur University**
**Bhanja Bihar, Berhampur, Ganjam, Odisha-760007**
No.01/COE/BU/2020 **TENDER NOTICE** Date:22.01.2020

Sealed quotations are invited from qualified and registered suppliers for supply of Computer, Printer-cum-scanner and Power Backup for COE, Berhampur University. The details are available with Coordinator, COE, Dept. of Physics,Berhampur University, Odisha and www.buodisha.edu.in. The last date of receiving tender/quotation through speed/registered post is 06.02.2020 by 03.00 PM.

Coordinator, COE,
Dept. of Physics, Berhampur University

**ନିର୍ମାଣ ଶ୍ରମିକମାନଙ୍କର ସାମାଜିକ ସୁରକ୍ଷା ନିମିତ୍ତ ସେମାନଙ୍କୁ ଚିହ୍ନଟ କରାଯାଇ ପରିଚୟ ପତ୍ର ପ୍ରଦାନ କରି ବିଭିନ୍ନ ସାମାଜିକ ସହାୟତା ତଥା-**

**୧.** ପ୍ରସୂତିକାଳୀନ ସହାୟତା, **୨.** ଶିକ୍ଷାବୃତ୍ତି ସହାୟତା, **୩.** ସାଇକେଲ ସହାୟତା, **୪.** ନିରାପତ୍ତା ଉପକରଣ ସହାୟତା, **୫.** ଯନ୍ତ୍ରପାତି ସହାୟତା, **୬.** ଗୃହ ନିର୍ମାଣ ସହାୟତା, **୭.** ବିବାହ ସହାୟତା, **୮.** ମୃତ୍ୟୁକାଳୀନ ସହାୟତା ଓଡ଼ିଶା ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ତଥା ଜିଲ୍ଲା ଶ୍ରମ ବିଭାଗ ଦ୍ୱାରା ନିର୍ମାଣ ଶ୍ରମିକଙ୍କ କଲ୍ୟାଣ ନିମିତ୍ତ ପ୍ରଦାନ କରାଯାଇଥାଏ।

**ସୌଜନ୍ୟ: ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ଶ୍ରମବିଭାଗ, ଜଗତ୍‌ସିଂହପୁର**

**ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ**
ପ୍ଲଟ୍ ନଂ.୪, ଚୁନକୋଲି, ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୨୧
Together, Let us light up our lives
ଇ-ମେଲ- orierc@rediffmail.com, ୱେବ୍‌ସାଇଟ୍- www. orierc.org

**ସର୍ବସାଧାରଣ ବିଜ୍ଞପ୍ତି**
**୨୦୧୯ର କେସ୍ ନଂ ୬୮**

**ଆର୍ଥିକ ବର୍ଷ ୨୦୨୦-୨୧ ନିମନ୍ତେ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ (ଓଏଚ୍‌ପିସି)ର ସମୁଦାୟ ରାଜସ୍ୱ ଆବଶ୍ୟକତା**

**ଏବଂ ବିଦ୍ୟୁତ୍ ଉତ୍ପାଦନ ଶୁଳ୍କ ନିର୍ଦ୍ଧାରଣ ସମ୍ବନ୍ଧୀୟ ଆବେଦନ ପତ୍ରର ଶୁଣାଣି।**

ଦୈନିକ ଇଂରାଜୀ ଏବଂ ଓଡ଼ିଆ ସମ୍ବାଦପତ୍ରରେ ଆର୍ଥିକ ବର୍ଷ ୨୦୨୦-୨୧ ନିମନ୍ତେ ସମୁଦାୟ ରାଜସ୍ୱ ଆବଶ୍ୟକତା ଏବଂ ବିଦ୍ୟୁତ୍ ଉତ୍ପାଦନ ଶୁଳ୍କ ସମ୍ବନ୍ଧରେ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଦ୍ୱାରା ୧୭.୧୨.୨୦୧୯ ରେ ପ୍ରକାଶିତ ସର୍ବସାଧାରଣ ବିଜ୍ଞପ୍ତି ଅନୁଯାୟୀ ଏହି ବିଜ୍ଞପ୍ତି ମାଧ୍ୟମରେ ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ଆବେଦନପତ୍ରର ଗ୍ରହଣୀୟତା ଓ **ଶୁଣାଣି ତା. ୦୩.୦୨.୨୦୨୦ ରିଖ ପୂର୍ବାହ୍ନ ୧୧.୦୦ ଘଟିକାରେ ଆୟୋଗଙ୍କ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟ ପ୍ଲଟ ନଂ. ୪, ଚୁନକୋଲି, ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୨୧ ଅଧିନସ୍ଥ ଶୁଣାଣି କକ୍ଷରେ ଅନୁଷ୍ଠିତ ହେବ।** ଓଡ଼ିଶା ଜଳ ବିଦ୍ୟୁତ୍ ନିଗମର ଉପରୋକ୍ତ ଆବେଦନପତ୍ର ସମ୍ବନ୍ଧରେ ଏହି ନୋଟିସ୍‌ରେ ଦର୍ଶାଯାଇଥିବା ଅନୁଷ୍ଠାନ/ବ୍ୟକ୍ତିବିଶେଷଙ୍କ ଦ୍ୱାରା ଦାଖଲ କରାଯାଇଥିବା ଅଭିଯୋଗ/ପ୍ରସ୍ତାବ ଆୟୋଗଙ୍କ ଦ୍ୱାରା ଶୁଣାଣି ନିମନ୍ତେ ଗ୍ରହଣ କରାଯାଇଛି। ଉଭୟ ଆବେଦନକାରୀ (ଓଏଚ୍‌ପିସି) ଏବଂ ଅନୁଷ୍ଠାନ/ବ୍ୟକ୍ତିବିଶେଷ, ଯେଉଁମାନଙ୍କ ଅଭିଯୋଗ/ପ୍ରସ୍ତାବ ଆୟୋଗଙ୍କ ଶୁଣାଣି ନିମନ୍ତେ ଗ୍ରହଣ କରାଯାଇଛି, ସେମାନେ ଆୟୋଗଙ୍କ ସମ୍ମୁଖରେ ବ୍ୟକ୍ତିଗତ ଭାବେ କିମ୍ବା ନିଜର ସ୍ୱୀକୃତିପ୍ରାପ୍ତ ପ୍ରତିନିଧି କିମ୍ବା ନିଯୁକ୍ତ ଆଟର୍ଣ୍ଣି ମାଧମରେ ଉପରୋକ୍ତ ତାରିଖ, ସମୟ ଓ ସ୍ଥାନରେ ଉପସ୍ଥିତ ରହିବା ପାଇଁ ଏତଦ୍ୱାରା ନିର୍ଦ୍ଦେଶ ଦିଆଯାଉଅଛି।

ଆୟୋଗଙ୍କ ନିର୍ଦ୍ଦେଶକ୍ରମେ
ସ୍ୱା /- ସମ୍ପାଦକ
ତା. ୨୧.୦୧.୨୦୨୦

ବି.ଦ୍ର.: ଉପରୋକ୍ତ ସାଧାରଣ ବିଜ୍ଞପ୍ତି ସହିତ ଯେଉଁ ସଂସ୍ଥା ଓ ବ୍ୟକ୍ତି ବିଶେଷମାନଙ୍କର ଆପତ୍ତି/ ପ୍ରସ୍ତାବ ଆୟୋଗଙ୍କ ଦ୍ୱାରା ଶୁଣାଣି ପାଇଁ ଗୃହିତ ହୋଇଅଛି, ସେମାନଙ୍କର ନାମ ଓ ତାଲିକା ଆୟୋଗଙ୍କ ୱେବସାଇଟ୍ www.orierc.org ରେ ମଧ ଉପଲବ୍ଧ।

| କ୍ର.ନଂ. | ସଂସ୍ଥା / ବ୍ୟକ୍ତିବିଶେଷଙ୍କ ନାମ ଓ ଠିକଣା |
|---|---|
| ୧. | ଶ୍ରୀ ଆର.ପି. ମହାପାତ୍ର, ଅବସରପ୍ରାପ୍ତ ମୁଖ୍ୟ ଯନ୍ତ୍ରୀ ଓ ସଭ୍ୟ (ଜେନ୍), ପ୍ଲଟ୍ ନମ୍ବର: ୭୭୫ (ବି), ଲେନ୍ – ୩, ଜୟଦେବ ବିହାର, ଭୁବନେଶ୍ୱର-୭୫୧୦୧୩ |
| ୨. | ଶ୍ରୀ ରମେଶ ଚନ୍ଦ୍ର ଶତପଥୀ, ସେକ୍ରେଟାରି, ନ୍ୟାସନାଲ୍ ଇନ୍-ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆନ୍ ଲେବର ଓ ସଭାପତି, ଉପଭୋକ୍ତା ମହାସଙ୍ଘ, ପ୍ଲଟ ନମ୍ବର: ୩୦୨ (ବି), ବେହେରାସାହି, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨ |
| ୩. | ସାଧାରଣ ପରିଚାଳକ (ପି.ପି.), ମେସର୍ସ ଗ୍ରୀଡକୋ ଲିମିଟେଡ, ଜନପଥ, ଭୁବନେଶ୍ୱର-୭୫୧୦୨୨ |

**ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ**
ପ୍ଲଟ୍ ନଂ.୪, ଚୁନକୋଲି, ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୨୧
Together, Let us light up our lives
ଇ-ମେଲ୍: orierc@rediffmail.com, ୱେବ୍‌ସାଇଟ୍: www.orierc.org

**ସର୍ବସାଧାରଣ ବିଜ୍ଞପ୍ତି**
୨୦୧୯ ର କେସ୍ ନଂ.୭୨

**ବିଦ୍ୟୁତ୍ ଆଇନ୍, ୨୦୦୩ ଅନ୍ତର୍ଗତ ଧାରା ୬୨ ଓ ୬୪ ଏବଂ ଆନୁଷଙ୍ଗିକ ବ୍ୟବସ୍ଥା ତଥା ଓଇଆରସି (ସରାବରାହ ଶୁଳ୍କ ନିର୍ଦ୍ଧାରଣ ସର୍ତ୍ତାବଳୀ) ବିନିୟମ, ୨୦୧୪ ଅନୁଯାୟୀ ଓପିଟିସିଏଲ୍‌ର ଆର୍ଥିକ ବର୍ଷ ୨୦୨୦-୨୧ ନିମନ୍ତେ ସମୁଦାୟ ରାଜସ୍ୱ ଆବଶ୍ୟକତା ଏବଂ ସରବରାହ ଶୁଳ୍କ ଆବେଦନ ପତ୍ରର ଶୁଣାଣି।**

ଦୈନିକ ଇଂରାଜୀ ଏବଂ ଓଡ଼ିଆ ସମ୍ବାଦପତ୍ରରେ ଆର୍ଥିକ ବର୍ଷ ୨୦୨୦-୨୧ ନିମନ୍ତେ ସମୁଦାୟ ରାଜସ୍ୱ ଆବଶ୍ୟକତା ଏବଂ ସରବରାହ ଶୁଳ୍କ ସମ୍ବନ୍ଧରେ ଓପିଟିସିଏଲ୍ ଦ୍ୱାରା ୧୭.୧୨.୨୦୧୯ରେ ପ୍ରକାଶିତ ସର୍ବସାଧାରଣ ବିଜ୍ଞପ୍ତି ଅନୁଯାୟୀ ଏହି ବିଜ୍ଞପ୍ତି ମାଧ୍ୟମରେ ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ଆବେଦନପତ୍ରର ସ୍ୱୀକୃତି ଓ ଶୁଣାଣି **ତା.୦୬.୦୨.୨୦୨୦ ରିଖ ପୂର୍ବାହ୍ନ ୧୧.୦୦ ଘଟିକାରେ ଆୟୋଗଙ୍କ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟ ପ୍ଲଟ୍ ନଂ. ୪, ଚୁନକୋଲି, ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର - ୭୫୧୦୨୧ରେ ଶୁଣାଣି କକ୍ଷରେ ଅନୁଷ୍ଠିତ ହେବ।** ଓପିଟିସିଏଲ୍‌ର ଉପରୋକ୍ତ ଆବେଦନପତ୍ର ସମ୍ବନ୍ଧରେ ଏହି ନୋଟିସ୍‌ରେ ଦର୍ଶାଯାଇଥିବା ଅନୁଷ୍ଠାନ / ବ୍ୟକ୍ତିବିଶେଷଙ୍କ ଦ୍ୱାରା ଦାଖଲ କରାଯାଇଥିବା ଅଭିଯୋଗ / ପ୍ରସ୍ତାବ ଆୟୋଗଙ୍କ ଦ୍ୱାରା ଶୁଣାଣି ନିମନ୍ତେ ଗ୍ରହଣ କରାଯାଇଛି। ଉଭୟ ଆବେଦନକାରୀ (ଓପିଟିସିଏଲ୍) ଏବଂ ଅନୁଷ୍ଠାନ / ବ୍ୟକ୍ତିବିଶେଷ, ଯେଉଁମାନଙ୍କ ଅଭିଯୋଗ / ପ୍ରସ୍ତାବ ଆୟୋଗଙ୍କ ଦ୍ୱାରା ଶୁଣାଣି ନିମନ୍ତେ ଗ୍ରହଣ କରାଯାଇଛି, ସେମାନେ ଆୟୋଗଙ୍କ ସମ୍ମୁଖରେ ବ୍ୟକ୍ତିଗତ ଭାବେ କିମ୍ବା ନିଜର ସ୍ୱୀକୃତିପ୍ରାପ୍ତ ପ୍ରତିନିଧି କିମ୍ବା ନିଯୁକ୍ତ ଆଟର୍ଣ୍ଣି ମାଧ୍ୟମରେ ଉପରୋକ୍ତ ତାରିଖ, ସମୟ ଓ ସ୍ଥାନରେ ଉପସ୍ଥିତ ରହିବା ପାଇଁ ଏତଦ୍ୱାରା ନିର୍ଦ୍ଦେଶ ଦିଆଯାଉଛି।

ଆୟୋଗଙ୍କ ନିର୍ଦ୍ଦେଶକ୍ରମେ
ତା.୨୧.୦୧.୨୦୨୦ରିଖ ସ୍ୱା/- ସମ୍ପାଦକ

ବି.ଦ୍ର.: ଉପରୋକ୍ତ ସର୍ବସାଧରଣ ବିଜ୍ଞପ୍ତି ଓ ତତ୍ ସହିତ ଯେଉଁ ଅନୁଷ୍ଠାନ / ବ୍ୟକ୍ତିବିଶେଷଙ୍କ ଅଭିଯୋଗ / ପ୍ରସ୍ତାବ ଆୟୋଗଙ୍କ ଦ୍ୱାରା ଶୁଣାଣି ନିମନ୍ତେ ଗ୍ରହଣ କରାଯାଇଛି, ତାହାର ତାଲିକା ଓଇଆରସି ର ୱେବ୍‌ସାଇଟ୍ www.orierc.org ରେ ମଧ୍ୟ ଉପଲବ୍ଧ।

| | ୨୦୧୯ର କେସ୍ ନଂ ୭୨ (ଓପିଟିସିଏଲ୍) |
|---|---|
| ୧. | ଶ୍ରୀ ଏମ୍. ଭି. ରାଓ, ମେସର୍ସ ଫେରୋ ଆଲଏସ୍ କର୍ପୋରେସନ୍ ଲିମିଟେଡ୍, ଜିଡି-୨/୧୦, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର - ୭୫୧୦୨୩ |
| ୨. | ଶ୍ରୀ ରମେଶ ଚନ୍ଦ୍ର ଶତପଥି, ସମ୍ପାଦକ, ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆନ୍ ଲେବର ଏଣ୍ଡ୍ ରେସିଡେଣ୍ଟ, ଉପଭୋକ୍ତା ମହାସଙ୍ଘ, ପ୍ଲଟ୍ ନଂ.୩୦୨ (ବି), ବେହେରାସାହି, ନୂଆପଲ୍ଲୀ, ଭୁବନେଶ୍ୱର-୭୫୧୦୧୨ |
| ୩. | ମେସର୍ସ ଉତ୍କଳ ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରୀ ଲିମିଟେଡ, ଏନ୍-୬, ଆଇଆରସି ଭିଲେଜ୍, ନୂଆପଲ୍ଲୀ, ଭୁବନେଶ୍ୱର-୭୫୧୦୧୫ |
| ୪. | ମେସର୍ସ କନ୍‌ଫେଡେରେସନ ଅଫ୍ କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ, ଓଡ଼ିଶା (ସିସିପିପିଓ), ଏନ୍-୩-୧୬୦, ଆଇଆରସି ଭିଲେଜ୍, ନୂଆପଲ୍ଲୀ, ଭୁବନେଶ୍ୱର-୭୫୧ ୦୧୫ |
| ୫. | ମେସର୍ସ ଗ୍ରିନିଟି ପାୱାର ଟେକ୍ ପ୍ରା.ଲି., କେ-୮-୮୨, କଳିଙ୍ଗ ନଗର, ଘାଟିକିଆ, ଭୁବନେଶ୍ୱର - ୭୫୧୦୨୯ |
| ୬. | ମେସର୍ସ ଭିସା ଷ୍ଟିଲ୍ ଲିମିଟେଡ୍, କଳିଙ୍ଗନଗର ଇଣ୍ଡଷ୍ଟ୍ରିଆଲ କଂପ୍ଲେକ୍ସ, ସା.ପୋ:ଜଖପୁରା, ଜିଲା- ଯାଜପୁର-୭୫୫୦୨୬ |
| ୭. | ମେସର୍ସ ବେଦାନ୍ତ ଲିମିଟେଡ୍, ସା- ଭୁର୍ଖାମୁଣ୍ଡା, ପୋ- କାଳିମନ୍ଦିର, ଜିଲା- ଝାରସୁଗୁଡ଼ା, ଓଡ଼ିଶା-୭୬୮୨୦୨ |
| ୮. | ଶ୍ରୀ ଆର. ପି. ମହାପାତ୍ର, ଅବସରପ୍ରାପ୍ତ ଚିଫ୍ ଇଂଜିନିୟର ଓ ପ୍ରାକ୍ତନ ମେମ୍ବର (ଜେନେରେସନ୍), ଓଏସ୍‌ଇବି, ପ୍ଲଟ ନଂ.୭୭୫(ପି), ଲେନ୍ - ୩, ଜୟଦେବ ବିହାର, ଭୁବନେଶ୍ୱର-୭୫୧୦୧୩ |
| ୯. | ନର୍ଥ ଓଡ଼ିଶା ଚାମ୍ବର ଅଫ୍ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରି (ଏନ୍‌ଓସିସିଆଇ), ଗଣେଶ୍ୱରପୁର ଶିଳ୍ପାଞ୍ଚଳ, ଜାନୁଗଞ୍ଜ, ବାଲେଶ୍ୱର - ୭୫୬୦୧୯ |
| ୧୦. | ଇଲେକ୍‌ଟ୍ରିକ୍ ପାୱାର ଟ୍ରାନ୍ସମିସନ ଆସୋସିଏସନ, ଏଫ୍-୧, ମିରା କର୍ପୋରେଟ୍ ସୁଟ୍‌ସ୍, ୧ ଏବଂ ୨, ଈଶ୍ୱର ନଗର, ମଥୁରା ରୋଡ୍, ଓଖଲା କ୍ରସିଂ, ନୂଆଦିଲ୍ଲୀ-୧୧୦୦୬୫ |

ଧରିତ୍ରୀ
DHARITRI
ବୁଧବାର, ୨୨ ଜାନୁୟାରୀ, ୨୦୨୦





ଆସନ୍ତା ଟୋକିଓ ଅଲିମ୍ପିକ୍ସରେ ମୁଁ ଦ୍ୱିତୀୟ ପଦକ ହାସଲ ଲକ୍ଷ୍ୟରେ ରହିଛି । ଏଭଳି ଉଚ୍ଚ ଆଶା ପାଇଁ ଚାପରେ ନ ରହି କଠିନ ପରିଶ୍ରମ କରିବାକୁ ପସନ୍ଦ କରେ ।

–ପି. ଭି. ସିନ୍ଧୁ, ବିଶ୍ୱ ଚାମ୍ପିୟନ ବ୍ୟାଡ୍‌ମିଣ୍ଟନ ଖେଳାଳି



ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ଆମେ ସମ୍ପୂର୍ଣ୍ଣ ପରାସ୍ତ ହୋଇଥିଲେ ହେଁ ଭାରତୀୟ ଦଳ ବିପକ୍ଷରେ ଭଲ ପ୍ରଦର୍ଶନ କରିବୁ ।

–ରସ୍ ଟେଲର, ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନ

## ସଂକ୍ଷେପରେ

### ହକି ଗାଙ୍ଗପୁର ଦଳର ଉତ୍ତରପ୍ରଦେଶ ଯାତ୍ରା

**କଟକ ଅଫିସ,୨୧।୧:** ଗୁରୁବାରଠାରୁ ଫେବୃୟାରୀ ୨ ତାରିଖ ପର୍ଯ୍ୟନ୍ତ ଉତ୍ତରପ୍ରଦେଶର ଝାନସୀଠାରେ ୧୦ମ ସିନିୟର ପୁରୁଷ ଜାତୀୟ ହକି ଚାମ୍ପିୟନଶିପ ଅନୁଷ୍ଠିତ ହେବ। ଏଥିନିମନ୍ତେ ମଙ୍ଗଳବାର ହକି ଗାଙ୍ଗପୁର ଦଳ ଉତ୍ତରପ୍ରଦେଶ ଅଭିମୁଖେ ଯାତ୍ରା କରିଛି। ହକି ଗାଙ୍ଗପୁର ପୁଲ-ଡି'ରେ ସ୍ଥାନ ପାଇଛି। ଏହି ପୁଲ୍‌ରେ ଏୟାର ଇଣ୍ଡିଆ, ସ୍ପୋର୍ଟ୍ସ ପ୍ରମୋସନ ବୋର୍ଡ, ହକି କର୍ଣ୍ଣାଟକ, ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟି ଦଳ ରହିଛି। ୨୫ରେ ଏୟାର ଇଣ୍ଡିଆ ସ୍ପୋର୍ଟ୍ସ ପ୍ରମୋସନ ବୋର୍ଡ ସହିତ ଖେଳି ହକି ଗାଙ୍ଗପୁର ପ୍ରତିଯୋଗିତାରେ ଏହାର ଅଭିଯାନ ଆରମ୍ଭ କରିବ। ଫରୱାର୍ଡ ଖେଳାଳି ଷ୍ଟାଲିନ ଭିକ୍ଟର ମିଞ୍ଜ ଦଳର ଅଧିନାୟକ ଅଛନ୍ତି। ହକି ଗାଙ୍ଗପୁର ଦଳ- ଷ୍ଟାଲିନ ଭିକ୍ଟର ମିଞ୍ଜ(ଅଧିନାୟକ), ବିଶାଲ ମିଞ୍ଜ, ସିଲଭେଷ୍ଟାର ବାର୍ଲା, ଅଭିଷେକ ଲାକ୍ରା, ଅମିତ ରୋଶନ ଲାକ୍ରା, ଦିଲ୍ଲୀପ ଲାକ୍ରା, ବିନିତ ଏକ୍କା, ବିଜୁ ଏକ୍କା, ଜି.ଖେସ୍, ମନୋଜ କିଣ୍ଡୋ, ସତୀଶ ଏକ୍କା, ସୁଧୀର ଏକ୍କା, ଆକାଶ କୁଜୁର, ସୁଧୀର ଚିର୍‌ମାକୋ, ସିବ୍ରେନ ଲାକ୍ରା, ଆନନ୍ଦ ଏକ୍କା, ମନୋଜ ଜୋଜୋ, ପୁନିତ କୁଜୁର। କୋଚ୍-ସୁରେନ୍ଦ୍ର ବାର୍ଲା, ମ୍ୟାନେଜର- ଦେବାଶିଷ ଗୌଡ଼।

### ସଞ୍ଜୀବ ଚାୱଲା ପ୍ରତ୍ୟର୍ପଣ ମାମଲା
### କୋର୍ଟଙ୍କ ନିର୍ଦ୍ଦେଶକୁ ଅପେକ୍ଷା

**ଲଣ୍ଡନ, ୨୧।୧ (ପି.ଟି.):** ସଞ୍ଜୀବ ଚାୱଲା ୨୮ ଦିନ ମଧ୍ୟରେ ଭାରତ ପ୍ରତ୍ୟର୍ପଣ ହେବେ। ୟୁନାଇଟେଡ୍ କିଙ୍ଗଡମ୍ (ୟୁକେ) ସରକାର ସୋମବାର ଏହି ସୂଚନା ଦେଇଛନ୍ତି। ମ୍ୟାଚ ଫିକ୍ସିଂ ମାମଲାରେ ତାଙ୍କୁ ଜେରା କରାଯିବ। ଲଣ୍ଡନରେ ଅବସ୍ଥାନ କରୁଥିବା ଏହି ୫୦ ବର୍ଷୀୟ ବିଜନେସମ୍ୟାନ ଭାରତ ନ ଯିବା ଲାଗି କୋର୍ଟରେ ବିଭିନ୍ନ କାରଣ ଦର୍ଶାଇଥିଲେ। ତାଙ୍କର ସମସ୍ତ ଚେଷ୍ଟା ବିଫଳ ହୋଇଛି। ଏପରି କି ସେ ପୂର୍ବତନ ୟୁକେ ସ୍ୱରାଷ୍ଟ୍ର ସଚିବ ସାଜିଦ୍ ଜାଭିଦ୍‌ଙ୍କ ପ୍ରତ୍ୟର୍ପଣ ନିର୍ଦ୍ଦେଶନାମା ବିରୋଧରେ ମାନବାଧିକାର କାରଣ ଦର୍ଶାଇ ଅପିଲ କରିଥିଲେ। ଲଣ୍ଡନସ୍ଥିତ ରୟାଲ କୋର୍ଟ୍ସ ଅଫ୍ ଜଷ୍ଟିସ୍ ଏହାର ଶୁଣାଣି ଗତ ଗୁରୁବାର କରିଥିଲେ। ୨୦୦୦ରେ ଦକ୍ଷିଣ ଆଫ୍ରିକାର ପୂର୍ବତନ ଅଧିନାୟକ ହାନ୍ସି କ୍ରୋନିଏଙ୍କୁ ନେଇ ହେଉଥିବା ମ୍ୟାଚ ଫିକ୍ସିଂ ସ୍କାଣ୍ଡାଲରେ ଚାୱଲା ହେଉଛନ୍ତି ମୁଖ୍ୟ ଅଭିଯୁକ୍ତ। ଆନୁଷ୍ଠାନିକ କାଗଜପତ୍ର କାର୍ଯ୍ୟ ଶେଷହେବା ପରେ ଆସନ୍ତା କିଛିଦିନ ମଧ୍ୟରେ ଚାୱଲା ନୂଆଦିଲ୍ଲୀ ଯିବେ। କୋର୍ଟରୁ ଫାଇନାଲ ଅର୍ଡର ଆସିବାପରେ ୨୮ଦିନ ମଧ୍ୟରେ ଚାୱଲାଙ୍କ ପ୍ରତ୍ୟର୍ପଣ ବ୍ୟବସ୍ଥା ହେବ ବୋଲି ୟୁକେ ସ୍ୱରାଷ୍ଟ୍ର କାର୍ଯ୍ୟାଳୟର ଜଣେ ମୁଖପାତ୍ର ପ୍ରକାଶ କରିଛନ୍ତି।

### ଆଜି ବେଙ୍ଗାଲୁରୁକୁ ଭେଟିବ ଓଡ଼ିଶା ଏଫ୍‌ସି

**ବେଙ୍ଗାଲୁରୁ,୨୧।୧(ପି.ଟି.):** ହାଇପ୍ରୋଫାଇଲ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ବୁଧବାର ଓଡ଼ିଶା ଏଫସି ଓ ବେଙ୍ଗାଲୁରୁ ଏଫ୍‌ସି ପରସ୍ପରକୁ ଭେଟିବେ। ଗତ ମ୍ୟାଚ୍‌ରେ ମୁମ୍ବାଇ ସିଟି ଏଫ୍‌ସିଠାରୁ ବେଙ୍ଗାଲୁରୁ ପରାସ୍ତ ହୋଇଥିଲା। ସ୍ଥାନୀୟ ଶ୍ରୀ କାନ୍ତରଭା ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ବିଜୟୀ ହୋଇ ବେଙ୍ଗାଲୁରୁ ବିଜୟଧାରକୁ ଫେରିବା ଲକ୍ଷ୍ୟରେ ରହିଛି। ଅନ୍ୟପଟେ ଓଡ଼ିଶା କ୍ରମାଗତ ୪ଟି ମ୍ୟାଚ୍‌ରେ ବିଜୟୀ ହୋଇ ପଏଣ୍ଟ ତାଲିକାର ଶ୍ରେଷ୍ଠ ୪'ରେ ସ୍ଥାନ ହାସଲ କରି ନିଜର ଆତ୍ମବିଶ୍ୱାସ ବେଶ୍ ଦୃଢ଼ କରିଛି ଓ ମୁମେଣ୍ଟମ ବଜାୟ ଲକ୍ଷ୍ୟରେ ରହିଛି। ବେଙ୍ଗାଲୁରୁ ୧୩ଟି ମ୍ୟାଚ୍ ଖେଳି ୬ ବିଜୟ, ୩ ପରାଜୟ ଓ ୪ଟି ଡ୍ର ସହ ୨୨ ପଏଣ୍ଟ ହାସଲ କରି ତୃତୀୟ ସ୍ଥାନରେ ରହିଛି। ଅନ୍ୟପଟେ ଓଡ଼ିଶା ସମାନ ୧୩ଟି ମ୍ୟାଚ୍ ଖେଳି ୬ ବିଜୟ, ୪ ପରାଜୟ ଓ ୩ଟି ଡ୍ର ସହ ୨୧ ପଏଣ୍ଟ ପାଇଁ ଚତୁର୍ଥ ସ୍ଥାନରେ ରହିଛି। ଫଳରେ ବିଜୟୀ ହେଲେ ବେଙ୍ଗାଲୁରୁ ୨୫ ପଏଣ୍ଟ ପାଇ ଏଫ୍‌ସି ଗୋଆ ଓ ଏଟିକେକୁ (ଉଭୟ ୨୪ ପଏଣ୍ଟ) ପଛରେ ପକାଇ ଶୀର୍ଷ ସ୍ଥାନ ଅଧିକାର କରିବ। ପୁଣି ଯଦି ଓଡ଼ିଶା ଜିତେ ତାହାଲେ ୨୪ ପଏଣ୍ଟ ପାଇ ଗୋଆ ଓ ଏଟିକେ ସ ସମାନ ହେବ। ଗତ ୪ଟି ମ୍ୟାଚ୍ ଜିତିଥିବାର ଖେଳାଳିଙ୍କ ଆତ୍ମବିଶ୍ୱାସ ଆକାଶଛୁଆଁ ରହିଛି ବୋଲି ଓଡ଼ିଶା କୋଚ୍ ଜୋସେପ ଗୋମ୍ବାଉ କହିଛନ୍ତି। ସୁନୀଲ ଛେତ୍ରୀ ଏପର୍ଯ୍ୟନ୍ତ ଟୁର୍ଣ୍ଣାମେଣ୍ଟରେ ୮ଟି ଗୋଲ ସ୍କୋର କରିଛନ୍ତି। ତେବେ ଅନ୍ୟ କୌଣସି ଷ୍ଟ୍ରାଇକର ଏପର୍ଯ୍ୟନ୍ତ ଦମ୍ ଦେଖାଇପାରି ନାହାନ୍ତି। ଅନ୍ୟପଟେ ଯଦି ଓଡ଼ିଶା ବିଜୟୀ ହୁଏ ତେବେ କ୍ରମାଗତ ୫ଟି ମ୍ୟାଚ୍ ଜିତିବାରେ ଗୋଆକୁ ପଛରେ ପକାଇ ରେକର୍ଡ କରିବ।

# ନାଡାଲ ଜିତିଲେ, ଶାରାପୋଭା ନିରାଶ

**ମେଲବୋର୍ନ,୨୧।୧(ଏଏଫ୍‌ପି)**

ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆନ୍ ଓପନ ମଙ୍ଗଳବାର ଦ୍ୱିତୀୟ ଦିବସରେ ପହଞ୍ଚିଛି। ବିଶ୍ୱର ୧ ନମ୍ବର ପୁରୁଷ ଖେଳାଳି ସ୍ପେନର ରାଫାଲ ନାଡାଲଙ୍କ ସମେତ ସିଡେଡ ଖେଳାଳିମାନେ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ଟପ୍ ସିଡ ନାଡ଼ାଲ ବଲଭିଆର ହୁଗୋ ଡେଲିଏନଙ୍କୁ ୬-୨, ୬-୩, ୬-୦ ସେଟ୍‌ରେ ହରାଇ ଅଭିଯାନ ଆରମ୍ଭ କରିବା ସହ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଏଥର ସଫଳ ହେଲେ ନାଡ଼ାଲ ସ୍ୱିଜରଲାଣ୍ଡର ରୋଜର ଫେଡେରରଙ୍କ ୨୦ଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ ରେକର୍ଡର ସମକକ୍ଷ ହେବେ। ୩୩ ବର୍ଷୀୟ ନାଡ଼ାଲ ବିଶ୍ୱର ପ୍ରଥମ ଖେଳାଳିଭାବେ ସବୁ ୪ଟି ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟକୁ ଅତିକମ୍‌ରେ ଦୁଇଥର ଜିତି ଏକ ବିରଳ ସଫଳତାର ଅଧିକାରୀ ହୋଇଛନ୍ତି। ସେହିପରି ୨୩ତମ ସିଡ ଅଷ୍ଟ୍ରେଲିଆର ନିକ୍ କିର୍ଗିୟସ୍ ୬-୨, ୭-୬, ୭-୬ ସେଟ୍‌ରେ ଇଟାଲୀର ଲୋରେଞ୍ଜୋ ସୋନେଗୋଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟ ଏକ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ୧୦ମ ସିଡ୍ ଖେଳାଳି ଫ୍ରାନ୍ସର ଗାଏଲ ମନ୍‌ଫିଲ୍ସ ୬-୧, ୬-୪, ୬-୨ ସେଟରେ ଚାଇନିଜ ତାଇପେର ୟେନ୍-ସୁନ୍ ଲୁଙ୍କୁ ହରାଇ ଅଗ୍ରଗତି କରିଛନ୍ତି। କ୍ରୋଏସିଆ ଇଭୋ କାର୍ଲୋଭିକ୍ ୭-୬, ୬-୪, ୭-୫ ସେଟ୍‌ରେ କାନାଡ଼ାର ଭାସେକ ପସ୍‌ପିସିଲଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ସେହିପରି ପଞ୍ଚମ ସିଡ ମାନ୍ୟତା ପାଇଥିବା ଅଷ୍ଟ୍ରିଆର ଡୋମିନିକ୍ ଥିମ୍ ୬-୩, ୭-୫, ୬-୨ ସେଟ୍‌ରେ ଫ୍ରାନ୍ସର ଆଡ୍ରିଆନ ମାନାରିନୋଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ଅନ୍ୟ ପ୍ରଥମ ରାଉଣ୍ଡ ମ୍ୟାଚ୍‌ଗୁଡିକରେ କାନାଡ଼ାର ମିଲୋସ ରାଓନିକ, କ୍ରୋଏସିଆର ମାରିନ ସିଲିକ୍, ୯ମ ସିଡ୍ ସ୍ପେନର ରୋବେର୍ଟୋ ବଟିସ୍ତା ଅଗୁଟ ବିଜୟ ହୋଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।



ବିଜୟ ହାସଲ ପରେ ରାଫାଲ ନାଡାଲ।



ଏକ ରିଟର୍ନ ଶର୍ଟ ଖେଳିବା ଅବସରରେ ମାରିଆ ଶାରାପୋଭା।

## ଦ୍ୱିତୀୟ ରାଉଣ୍ଡରେ କ୍ୱିଟୋଭା, ହାଲେପ

ଅପରପକ୍ଷରେ ମହିଳା ସିଙ୍ଗଲ୍ସରେ ରୁଷୀୟ ତାରକା ଖେଳାଳି ୫ଥର ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିବା ମାରିଆ ସାରାପୋଭା ୬-୩, ୬-୩ ସେଟ୍‌ରେ କ୍ରୋଏସିଆର ଡୋନା ଭେକିକ୍‌ଙ୍କ ଠାରୁ ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ସାରାପୋଭା ୱାଇଲ୍ଡ କାର୍ଡ ହିସାବରେ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ଦଶମ ସିଡ ଆମେରିକାର ମାଡିନସନ କେଜ୍ ୬-୩,୬-୧ ସେଟରେ ରୁଷିଆର ଡାରିଆ କାସାଟକିନାଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ସପ୍ତମ ସିଡ ଚେକ୍ ଗଣରାଜ୍ୟର ପେଟ୍ରା କ୍ୱିଟୋଭା ୬-୧,୬-୦ ସେଟରେ ନିଜ ଦେଶର କାଟେରିନା ସିନିଆକୋଭାଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ଡେନ୍‌ମାର୍କର କାରୋଲିନ୍ ଓଜ୍ନିଆକି ୬-୧,୬-୩ ସେଟ୍‌ରେ ଆମେରିକାର କ୍ରିଷ୍ଟି ଆନଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ଚତୁର୍ଥ ସିଡ ମାନ୍ୟତା ପାଇଥିବା ରୋମାନିଆର ସିମୋନା ହାଲେପ୍ ୭-୬,୬-୧ ସେଟ୍‌ରେ ଆମେରିକାର ଜେନିଫର ବ୍ରାଡିଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ୟୁକ୍ରେନ୍‌ର ପଞ୍ଚମ ସିଡ୍ ଏଲିନା ଭିଟୋଲିନା ୬-୪, ୭-୫ ସେଟ୍‌ରେ ୟୁକେର କାଟି ବୋଲ୍ଟରଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ସ୍ପେନ୍‌ର ଗାର୍ବାଇନ୍ ମୁଗୁରୁଜା ୦-୬, ୬-୧, ୬-୦ ସେଟ୍‌ରେ ଆମେରିକାର ଶେଲ୍‌ବି ରୋଜର୍ସଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ୧୭ତମ ସିଡ୍ ଜର୍ମାନୀର ଆଞ୍ଜେଲିକ କରବର ୬-୨,୬-୨ ସେଟରେ କ୍ୱାଲିଫାୟର ଏଲିସାବେଟା କୋକିଆରେଟୋଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ସେହିପରି ଦ୍ୱିତୀୟ ସିଡ୍ ମାନ୍ୟତା ପାଇଥିବା ଚେକ୍ ଗଣରାଜ୍ୟର କାରୋଲିନା ପ୍ଲିସ୍କୋଭା ଫ୍ରାନ୍ସର କ୍ରିଷ୍ଟିନା ମ୍ଲାଡେନୋଭିକଙ୍କୁ ୬-୧, ୭-୫ ସେଟ୍‌ରେ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

## ପରାଜୟ ସତ୍ତ୍ୱେ ପ୍ରଜନେଶଙ୍କୁ ୪୪ ଲକ୍ଷ

**ମେଲବୋର୍ନ, ୨୧।୧ (ପି.ଟି.):** ଭାରତର ଏକ ନମ୍ବର ଟେନିସ ଖେଳାଳି ପ୍ରଜନେଶ ଗୁଣେଶ୍ୱରନ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ୍ ଓପନ୍‌ର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ମଙ୍ଗଳବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସର ଏକ ମ୍ୟାଚ୍‌ରେ ବିଶ୍ୱ ମାନ୍ୟତାର ୧୨୨ତମ ସ୍ଥାନରେ ରହିଥିବା ପ୍ରଜନେଶ ୪-୬, ୨-୬, ୫-୭ ସିଧାସଳଖ ସେଟ୍‌ରେ ଜାପାନର ତାତସୁମା ଇଟୋଙ୍କ ନିକଟରୁ ହାରିଯାଇଛନ୍ତି। ଏହି ପରାଜୟ ସହ ସେ ବିଶ୍ୱର ଅନ୍ୟତମ କିମ୍ବଦନ୍ତୀ ଖେଳାଳି ସର୍ବିୟାର ନୋଭାକ ଜୋକୋଭିଚ୍‌ଙ୍କ ବିପକ୍ଷରେ ଖେଳିବାରୁ ବଞ୍ଚିତ ହୋଇଛନ୍ତି। ଯଦି ପ୍ରଜନେଶ ଏହି ମ୍ୟାଚ୍ ଜିତିଥାନ୍ତେ ତେବେ ୨ୟ ରାଉଣ୍ଡରେ ଜୋକୋଭିଚ୍‌ଙ୍କୁ ସାମ୍ନା କରିଥାନ୍ତେ। ଜୋକୋଭିଚ୍ ପ୍ରଥମ ରାଉଣ୍ଡରେ ଜର୍ମାନୀର ଜାନ୍-ଲେନାର୍ଡ ଷ୍ଟ୍ରଫ୍‌ଙ୍କୁ ପରାସ୍ତ କରିଥିଲେ। ପରାଜୟ ସତ୍ତ୍ୱେ ୩୦ ବର୍ଷୀୟ ପ୍ରଜନେଶ ୪୪ ଲକ୍ଷ ଟଙ୍କା ଲାଭ କରିଛନ୍ତି। ଅଷ୍ଟ୍ରେଲିଆନ୍ ଓପନ୍‌ର ନିୟମ ଅନୁଯାୟୀ ପ୍ରଥମ ରାଉଣ୍ଡରୁ ବିଦାୟ ନେଉଥିବା ଖେଳାଳିଙ୍କୁ ୬୨,୩୨୫ ଡଲାର (ଭାରତୀୟ ମୁଦ୍ରାରେ ପାଖାପାଖି ୪୪ ଲକ୍ଷ ୩୫ ହଜାର ୯୫୦ ଟଙ୍କା) ପ୍ରଦାନ କରାଯାଇଥାଏ। କ୍ୟାରିୟରର ପଞ୍ଚମଥର ଲାଗି ସେ କୌଣସି ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତାର ମୁଖ୍ୟ ପର୍ଯ୍ୟାୟରେ ଖେଳିବାର ସୁଯୋଗ ପାଇଥିଲେ। ପ୍ରଜନେଶଙ୍କ ପରାଜୟ ସହ ଏହି ସମ୍ମାନଜନକ ପ୍ରତିଯୋଗିତାର ସିଙ୍ଗଲ୍ସ ଇଭେଣ୍ଟରୁ ଭାରତର ଅଭିଯାନ ଶେଷ ହୋଇଛି। ପୂର୍ବରୁ ଅଙ୍କିତା ରାଇନା, ସୁମିତ୍ ନାଗଲ ଓ ରାମକୁମାର ରମାନାଥନ ସିଙ୍ଗଲ୍ସ ଯୋଗ୍ୟତା ପର୍ଯ୍ୟାୟରୁ ବିଦାୟ ନେଇଥିଲେ। ପୁରୁଷ ଡବଲ୍ସରେ ଡିଭିଜ ଶରନ, ରୋହନ ବୋପାନ୍ନା ଓ ମହିଳା ଡବଲ୍ସରେ ସାନିଆ ମିର୍ଜା ଭାରତ ପାଇଁ ଆଶା ଉଜ୍ଜୀବିତ୍ ରଖିଛନ୍ତି।

## କଟକ ରେଭେନ୍ୟୁ ବାର୍ ବିଜୟୀ

**ପ୍ରଶାନ୍ତ ରାଉତରାୟ ସ୍ମାରକୀ ଆଇନଜୀବୀ କ୍ରିକେଟ୍**

**ଭୁବନେଶ୍ୱର, ୨୧।୧ (ସ୍ପୋର୍ଟ୍ସ ବ୍ୟୁରୋ):** ବିଜେବି କଲେଜ ଗ୍ରାଉଣ୍ଡରେ ଚାଲିଥିବା ପ୍ରଶାନ୍ତ ରାଉତରାୟ ସ୍ମାରକୀ ଆଇନଜୀବୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ୬ଷ୍ଠ ସଂସ୍କରଣରେ ମଙ୍ଗଳବାର ଖେଳାଯାଇଥିବା ଏକ ମୁକାବିଲାରେ କଟକ ରେଭେନ୍ୟୁ ବାର୍ ବିଜୟୀ ହୋଇଛି। ଏହି ମ୍ୟାଚ୍‌ରେ ଟସ୍ ଜିତି ଗଞ୍ଜାମ ବାର୍ ଆସୋସିଏଶନ ନିର୍ଦ୍ଧାରିତ ୨୦ ଓଭରରେ ୩ ଉଇକେଟ୍ ହରାଇ ୧୬୮ ରନ କରିଥିଲା। ଦଳ ପକ୍ଷରୁ ସୁଲଭ ପଣ୍ଡା ୬୩ ଓ ବୁଲୁ ବେହେରା ୨୬ ରନର ଅପରାଜିତ ଇନିଂସ ଖେଳିଥିଲେ। ପ୍ରତିପକ୍ଷ ବୋଲର ସୁମନ୍ତ ନାୟକ ଗୋଟିଏ ଉଇକେଟ୍ ପାଇଥିଲେ। ଜବାବରେ କଟକ ରେଭେନ୍ୟୁ ବାର୍ ଦଳ ସୁମନ୍ତ ନାୟକ (୮୯ ରନ, ୫୧ ବଲ)ଙ୍କ ବିସ୍ଫୋରକ ଅପରାଜିତ ଅର୍ଦ୍ଧଶତକ ବଳରେ ୧୬.୫ ଓଭରରେ ୨ ଉଇକେଟ୍ ହରାଇ ୧୭୩ ରନ କରି ବିଜୟୀ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରୁଦ୍ର ମହାପାତ୍ର ୧୭ ବଲରୁ ୩୬ ରନ କରିଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ଲାଗି ସୁମନ୍ତ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଶରତ ସାହୁ ଓ ଅଜୟ ନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ମ୍ୟାଚ୍ ଆରମ୍ଭରୁ ସ୍ୱର୍ଗତ ବିରଞ୍ଚି ନାରାୟଣ ପଣ୍ଡାଙ୍କ ଲାଗି ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।



ସୁମନ୍ତ ନାୟକଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

## ଡି'କକ୍ ଦକ୍ଷିଣ ଆଫ୍ରିକା ଦିନିକିଆ ଅଧିନାୟକ

**ଜୋହାନ୍ସବର୍ଗ, ୨୧।୧ (ଏଏଫ୍‌ପି):** ଏକ ଦୀର୍ଘ ମିଆଦି ଯୋଜନା ପରିପ୍ରେକ୍ଷୀରେ କ୍ୱିଣ୍ଟନ ଡି'କକ୍‌ଙ୍କୁ ଦକ୍ଷିଣ ଆଫ୍ରିକା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ଟିମ୍‌ର ଅଧିନାୟକ ମନୋନୀତ କରାଯାଇଛି। ନିଯୁକ୍ତି ପରେ ଫେବୃୟାରୀ ୪ରେ କେପ୍‌ଟାଉନ୍‌ରେ ଆରମ୍ଭ ହେବାକୁ ଥିବା ଇଂଲଣ୍ଡ ବିପକ୍ଷ ୩ମ୍ୟାଚ ବିଶିଷ୍ଟ ସିରିଜରେ ପ୍ରଥମ ଥର ସେ ତାଙ୍କ ଦଳର ଅଧିନାୟକତ୍ୱ କରିବେ। ଏହି ସିରିଜ ପାଇଁ ଘୋଷଣା କରାଯାଇଥିବା ୧୫ ଜଣିଆ ଦଳରୁ ଟେଷ୍ଟ ଓ ଟି୨୦ ଅଧିନାୟକ ଫାଫ୍ ଡୁ ପ୍ଲେସି ବାଦ୍ ପଡ଼ିଛନ୍ତି। ଇଣ୍ଡିପେଣ୍ଡେଣ୍ଟ ସିଲେକ୍ଟର ଲିଣ୍ଡା ଜୋଣ୍ଡି କହିଛନ୍ତି ଡୁ'ପ୍ଲେସି ବାଦ୍ ପଡ଼ିଥିବାରୁ ତାଙ୍କ ଅନ୍ତର୍ଜାତୀୟ ଦିନିକିଆ କ୍ୟାରିୟରର ଅନ୍ତ ଘଟିଛି ବୋଲି ଭାବିବା ଠିକ ନୁହେଁ। ଦିନିକିଆ ସିରିଜ ଶେଷ ହେବା ପରେ ଇଂଲଣ୍ଡ ବିପକ୍ଷ ଟି୨୦ ସିରିଜ ପାଇଁ ଏକ ଭିନ୍ନ ଦଳ ଘୋଷଣା କରାଯିବ। ଏହା ପରେ ଦକ୍ଷିଣ ଆଫ୍ରିକା ଅଷ୍ଟ୍ରେଲିଆ ବିପକ୍ଷରେ ଟି୨୦ ଏବଂ ଦିନିକିଆ ସିରିଜ ଖେଳିବ।

## ୨୧ ବର୍ଷରୁ କମ୍ ପୁରୁଷ ହକିରେ ଓଡ଼ିଶାକୁ ବ୍ରୋଞ୍ଜ



ବ୍ରୋଞ୍ଜ୍ ବିଜୟୀ ୨୧ ବର୍ଷରୁ କମ୍ ଓଡ଼ିଶା ହକି ଦଳ।

KHELO INDIA YOUTH GAMES ASSAM, 2020

**ଭୁବନେଶ୍ୱର, ୨୧।୧ (ସ୍ପୋର୍ଟ୍ସ ବ୍ୟୁରୋ)**

ଆସାମର ଗୁଆହାଟୀଠାରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ୨୧ ବର୍ଷରୁ କମ୍ ପୁରୁଷ ହକିରେ ଓଡ଼ିଶା ଦଳ ବ୍ରୋଞ୍ଜ ପଦକ ଜିତିଛି। ପୂର୍ବରୁ ସୋମବାର ୧୭ ବର୍ଷରୁ କମ୍ ମହିଳା ହକିରେ ମଧ୍ୟ ଓଡ଼ିଶା ଦଳ ସମାନ ସଫଳତା ପାଇଥିଲା। ହକି ପ୍ରତିଯୋଗିତାର ମଙ୍ଗଳବାର ଅନ୍ତିମ ଦିବସ ରହିଥିଲା। ୨୧ ବର୍ଷରୁ କମ୍ ପୁରୁଷ ବ୍ରୋଞ୍ଜ ପଦକ ମ୍ୟାଚ୍‌ରେ ଓଡ଼ିଶାର ମୁକାବିଲା ଚଣ୍ଡିଗଡ଼ ସହିତ ହୋଇଥିଲା। ଏଥିରେ ଓଡ଼ିଶା ପେନାଲ୍ଟି ଶୁଟ୍‌ଆଉଟରେ ୩-୧ ଗୋଲରେ ବିଜୟୀ ହୋଇ ୩ୟ ସ୍ଥାନ ଲାଭ କରିଛି। ଏହି ମ୍ୟାଚ୍‌ର ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ଉଭୟ ଦଳ ୫ଟି ଲେଖାଏ ଗୋଲସ୍କୋର କରିଥିଲେ। ଓଡ଼ିଶା ପକ୍ଷରୁ ସମୀର ଏକ୍କା (୧୫ତମ ଓ ୨୮ତମ ମିନିଟ୍), ଅଭିଷେକ ଲାକ୍ରା (୩୮ତମ), ରାହୁଲ ଏକ୍କା (୪୪ତମ) ଓ ଅମନଦୀପ ଲାକ୍ରା (୫୯ତମ) ଗୋଲ ଦେଇଥିଲେ। ଫଳରେ ମ୍ୟାଚ୍ ୫-୫ର ସାମନସ୍ତରରେ ରହିଥିଲା। ଏହାପରେ ପେନାଲ୍ଟି ଶୁଟ୍‌ଆଉଟରେ ଓଡ଼ିଶା ବିଜୟୀ ହୋଇଥିଲା। ଶୁଟ୍‌ଆଉଟ୍‌ରେ ଓଡ଼ିଶା ଗୋଲକିପର ସାହିଲ ନାୟକ ପ୍ରତିପକ୍ଷର ୩ଟି ପ୍ରୟାସକୁ ବିଫଳ ହେବାକୁ ଦେଇଥିବାବେଳେ ସୁଶୀଳ ଧନୱାର, ସୁନୀତ ଲାକ୍ରା ଓ କ୍ରିଷ୍ଣା ଲାକ୍ରା ଗୋଟିଏ ଲେଖାଏ ସ୍କୋର କରିଥିଲେ। ୨୧ ବର୍ଷରୁ କମ୍ ପୁରୁଷ ବିଭାଗ ହକିରେ ହରିୟାଣାକୁ ହରାଇ ଉତ୍ତରପ୍ରଦେଶ ଏବଂ ମହିଳା ବର୍ଗରେ ଝାଡ଼ଖଣ୍ଡକୁ ପରାସ୍ତ କରି ହରିୟାଣା ଚାମ୍ପିୟନ ହୋଇଛି।

## ଅକ୍‌ଲାଣ୍ଡରେ ଭାରତୀୟ ଦଳ



ଅକ୍‌ଲାଣ୍ଡରେ ପହଞ୍ଚିବା ପରେ ବିରାଟ କୋହଲି, ଶ୍ରେୟାସ ଆୟାର ଓ ଶାର୍ଦ୍ଦୁଳ ଠାକୁର।

**ଅକ୍‌ଲାଣ୍ଡ, ୨୧।୧(ପି.ଟି.)**

ବିରାଟ କୋହଲିଙ୍କ ନେତୃତ୍ୱରେ ଭାରତୀୟ କ୍ରିକେଟ ଦଳ ନ୍ୟୁଜିଲାଣ୍ଡ ଗସ୍ତରେ ଯାଇ ମଙ୍ଗଳବାର ଅକ୍‌ଲାଣ୍ଡରେ ପହଞ୍ଚିଛି। ୬ ସପ୍ତାହର ଏହି ଗସ୍ତରେ ଭାରତ ୫ ଟି୨୦, ୩ ଦିନିକିଆ ଓ ୨ ଟେଷ୍ଟ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ଶୁକ୍ରବାରଠାରୁ ଟି୨୦ ଆରମ୍ଭ ହେବ। ଆମେ ଅକ୍‌ଲାଣ୍ଡରେ ପହଞ୍ଚିଲୁ ବୋଲି କୋହଲି ତାଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ଉଲ୍ଲେଖ କରିଛନ୍ତି। ଶ୍ରେୟାସ ଆୟାର ଓ ଶାର୍ଦ୍ଦୁଳ ଠାକୁରଙ୍କ ସହ ଏକ ଫଟୋ ମଧ୍ୟ ପୋଷ୍ଟ କରିଛନ୍ତି। ଉଲ୍ଲେଖଥାଉ କି, ଅଷ୍ଟ୍ରେଲିଆ ୨-୧ରେ ଦିନିକିଆ ସିରିଜରେ ପରାସ୍ତ କରିବା ପରେ ଭାରତ ନ୍ୟୁଜିଲାଣ୍ଡ ଗସ୍ତ କରିଛି। ଗସ୍ତ ପୂର୍ବରୁ ନ୍ୟୁଜିଲାଣ୍ଡ ଉପରେ ଚାପ ପ୍ରୟୋଗ କରିବା ଉପରେ କୋହଲି ଗୁରୁତ୍ୱ ଦେବା କଥା କହିଛନ୍ତି। ଗତବର୍ଷ ମଧ୍ୟ ଭାରତ ନ୍ୟୁଜିଲାଣ୍ଡ ଗସ୍ତ କରିଥିଲା। ଦିନିକିଆ ସିରିଜରେ ୪-୧ରେ ବିଜୟୀ ହୋଇଥିଲେ ମଧ୍ୟ ଟି୨୦ରେ ୧-୨ ବ୍ୟବଧାନରେ ପରାସ୍ତ ହୋଇଥିଲା।

# ନ୍ୟୁଜିଲାଣ୍ଡ ସିରିଜ୍ ପୂର୍ବରୁ ଭାରତକୁ ଝଟକା

**ନୂଆଦିଲ୍ଲୀ, ୨୧।୧ (ପି.ଟି.)**

ଘରୋଇ ମାଟିରେ ଅଷ୍ଟ୍ରେଲିଆକୁ ୨-୧ରେ ଦିନିକିଆ ସିରିଜ ହରାଇବା ପରେ ଭାରତୀୟ ଦଳ ବର୍ତ୍ତମାନ ନ୍ୟୁଜିଲାଣ୍ଡ ଗସ୍ତ ପାଇଁ ପ୍ରସ୍ତୁତ ହେଉଛି। ତେବେ ନ୍ୟୁଜିଲାଣ୍ଡ ସିରିଜ ପୂର୍ବରୁ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳକୁ ଡବଲ୍ ଝଟ୍‌କା ଲାଗିଛି। ଆଘାତଜନିତ ସମସ୍ୟା ଲାଗି ଓପନର୍ ଶିଖର ଧାୱନ କିୱି ଦଳ ବିପକ୍ଷରେ ଖେଳାଯିବାକୁ ଥିବା ୫ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜରୁ ବାଦ୍ ପଡ଼ିଛନ୍ତି। ସେହିଭଳି ବରିଷ୍ଠ ଦ୍ରୁତ ବୋଲର ଇଶାନ୍ତ ଶର୍ମା ମଧ୍ୟ ସମାନ ସମସ୍ୟାର ସମ୍ମୁଖୀନ ହୋଇ ଟେଷ୍ଟ ସିରିଜରୁ ଖେଳିପାରିବେ ନାହିଁ ବୋଲି ଜଣାପଡ଼ିଛି। 'ହଁ, ସେ ଟି୨୦ ସିରିଜରୁ ବାଦ୍ ପଡ଼ିଛନ୍ତି। ତାଙ୍କ ବଦଳ ଖେଳାଳି ଖୁବ୍‌ଶୀଘ୍ର ଘୋଷଣା କରାଯିବ' ବୋଲି ବିସିସିଆଇର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ବେଙ୍ଗାଲୁରୁ ଦିନିକିଆରେ ଫିଲ୍ଡିଂ କରୁଥିବାବେଳେ ଧାୱନ କହୁଣିରେ ଆଘାତ ପାଇଥିଲେ। ଏହି କାରଣରୁ ସେ ଓପନିଂ କରିବାକୁ ଆସିପାରି ନ ଥିଲେ। ଫଳରେ ରୋହିତ୍ ଶର୍ମାଙ୍କ ସହ ଲୋକେଶ ରାହୁଲ ଇନିଂସ ଓପନ୍ କରିଥିଲେ। ଏକ୍ସ-ରେ ପରେ ଧାୱନଙ୍କ ବାମହାତ କହୁଣିରେ ଆଘାତ ଲାଗିଥିବା ଜଣାପଡ଼ିଛି। ଏହାପୂର୍ବରୁ ଦ୍ୱିତୀୟ ଦିନିକିଆରେ ପ୍ୟାଟ୍ କମିନ୍ସଙ୍କ ଏକ ବାଉନ୍ସର ୩୪ ବର୍ଷୀୟ ଧାୱନଙ୍କ ହାତରେ ବାଜିବାରୁ ସେ ମଧ୍ୟ ଫିଲ୍ଡିଂ କରିବାକୁ ଆସିପାରି ନ ଥିଲେ। ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଦୁଇ ମ୍ୟାଚ୍‌ରେ ସେ ଯଥାକ୍ରମେ ୯୬ ଓ ୭୪ ରନ କରିଥିଲେ। ଧାୱନ ମଧ୍ୟ ୱେଷ୍ଟଇଣ୍ଡିଜ ବିପକ୍ଷ ସୀମିତ ଓଭର ସିରିଜରୁ ସମ୍ପୂର୍ଣ୍ଣ ଭାବେ ବାଦ୍ ପଡ଼ିଥିଲେ। ସେହିଭଳି ନ୍ୟୁଜିଲାଣ୍ଡ ବିପକ୍ଷ ୨ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଫେବୃୟାରୀ ୨୧ରୁ ଆରମ୍ଭ ହେବ। କିନ୍ତୁ ଗୋଇଠିଜନିତ ସମସ୍ୟା ଲାଗି ଇଶାନ୍ତ ଏହି ସିରିଜ ଖେଳିପାରିବେ ନାହିଁ ବୋଲି ଦିଲ୍ଲୀ ଡିଷ୍ଟ୍ରିକ୍ଟ କ୍ରିକେଟ୍ ଆସୋସିଏଶନ (ଡିଡିସିଏ) ପକ୍ଷରୁ ମଙ୍ଗଳବାର କୁହାଯାଇଛି। ସୋମବାର ବିଦର୍ଭ ବିପକ୍ଷ ରଣଜୀ ମ୍ୟାଚ୍ ଖେଳୁଥିବାବେଳେ ଦିଲ୍ଲୀର ଏହି ଦ୍ରୁତ ବୋଲର ଗୋଇଠିରେ ଆଘାତ ପାଇଥିଲେ। ଏମ୍‌ଆର୍‌ଆଇ ସ୍କାନରୁ ଏହା ଗୁରୁତର ଥିବା ଜଣାପଡ଼ିଛି। ତାଙ୍କୁ ୬ ସପ୍ତାହ ପର୍ଯ୍ୟନ୍ତ ବିଶ୍ରାମ ନେବାକୁ ପରାମର୍ଶ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଜାନୁୟାରୀ ୨୪ରେ ପ୍ରଥମ ଟି୨୦ ମ୍ୟାଚ୍ ଖେଳି ଭାରତ ଏହାର ନ୍ୟୁଜିଲାଣ୍ଡ ଗସ୍ତ ଆରମ୍ଭ କରିବ।



ଶିଖର ଧାୱନ



ଇଶାନ୍ତ ଶର୍ମା

**ଟି୨୦ ସିରିଜରୁ ଧାୱନ, ଟେଷ୍ଟରୁ ଇଶାନ୍ତ ବାଦ୍**

ଧରିତ୍ରୀ
DHARITRI
ବୁଧବାର, ୨୨ ଜାନୁୟାରୀ, ୨୦୨୦



“ଭାରତ ନ୍ୟୁଜିଲାଣ୍ଡରେ ଏକ ବଡ଼ ସିରିଜ ଖେଳିବ। ପାସ୍ ମାର୍କ ପାଇଁ ଘରୋଇ ଦଳକୁ ୩ଟି ଫର୍ମାଟରୁ ୨ଟିରେ ବିଜୟ ହାସଲ କରିବାକୁ ପଡ଼ିବ ।
–କ୍ରେଗ୍ ମ୍ୟାକମିଲାନ, ପୂର୍ବତନ ନ୍ୟୁଜିଲାଣ୍ଡ କ୍ରିକେଟର



“ନ୍ୟୁଜିଲାଣ୍ଡ ପିଚ୍‌ଗୁଡ଼ିକ ଏଣିକି ବ୍ୟାଟିଂକୁ ସୁହାଉଛି। ଏଥିରେ ଘରୋଇ ଦଳକୁ ଅଡୁଆରେ ପକାଇବା ଲାଗି ଭାରତର ସାମର୍ଥ୍ୟ ରହିଛି ।
–ସଚିନ ତେନ୍ଦୁଲକର, କିମ୍ବଦନ୍ତୀ କ୍ରିକେଟର



## ସଂକ୍ଷେପରେ

### ଇଷ୍ଟବେଙ୍ଗଲ ମୁଖ୍ୟ କୋଚ୍ ପଦବୀରୁ ଓହରିଲେ ମେଣ୍ଡେଜ୍

**କୋଲକାତା, ୨୧।୧ (ପି.ଟି.):** ଇଷ୍ଟବେଙ୍ଗଲ ମୁଖ୍ୟ କୋଚ୍ ଆଲେଜାଣ୍ଡ୍ରୋ ମେଣ୍ଡେଜ୍ ବ୍ୟକ୍ତିଗତ କାରଣ ଦର୍ଶାଇ ତାଙ୍କ ପଦବୀରୁ ଓହରିଯାଇଛନ୍ତି। ଏକ ଆଇ-ଲିଗ୍ ମ୍ୟାଚରେ ତାଙ୍କ ଦଳ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ମୋହନ ବାଗାନଠାରୁ ୧-୨ ଗୋଲରେ ପରାଜିତ ହେବାର ୪୮ଘଣ୍ଟା ପରେ ସେ ଏହି ନିଷ୍ପତ୍ତି ନେଇଛନ୍ତି। ଇଷ୍ଟ ବେଙ୍ଗଲର ହ୍ୟାଟ୍ରିକ୍ ପରାଜୟ ପରେ ଏହି ସ୍ପାନିଶ ରେଫରି ବହୁ ସମାଲୋଚିତ ହୋଇଥିଲେ। ଇଷ୍ଟବେଙ୍ଗଲ ବର୍ତ୍ତମାନ ୭ଟି ମ୍ୟାଚରୁ ୮ ପଏଣ୍ଟ ପାଇଛି। ଅନ୍ୟପକ୍ଷରେ ମୋହନବାଗାନ ୮ଟି ମ୍ୟାଚରୁ ୧୭ ପଏଣ୍ଟ ସହ ପଏଣ୍ଟ ଟେବୁଲରେ ଅଗ୍ରଣୀ ରହିଛି। ପୂର୍ବତନ ରିୟଲ ମାଡ୍ରିଡ କାଷ୍ଟିଲା କୋଚ୍ ମେଣ୍ଡେଜ୍‌ଙ୍କ ଅଧୀନରେ ଇଷ୍ଟ ବେଙ୍ଗଲ ୨୦୧୮-୧୯ରେ ଇଷ୍ଟବେଙ୍ଗଲ ରନର୍ସଅପ୍ ହୋଇଥିଲା। କଲିକତା ଫୁଟ୍‌ବଲ ଲିଗ୍ ପ୍ରିମିୟର ଡିଭିଜନରେ ତୃତୀୟ ହୋଇଥିଲା। ମେଣ୍ଡେଜ କହିଛନ୍ତି ମୋ ସମୟରେ କ୍ଲବ ଅଗ୍ରଗତି କରିଥିବାରୁ ମୁଁ ଖୁସି। ମୋର ପରବର୍ତ୍ତୀ ଉତ୍ତରାଧିକାରୀଙ୍କ ନେତୃତ୍ୱରେ କ୍ଲବ ଆହୁରି ଉଚ୍ଚ ସ୍ତରକୁ ଯିବ ବୋଲି ମୋର ଆଶା। ନୂଆ ମୁଖ୍ୟ କୋଚ ନିଯୁକ୍ତି ନ ହେବା ପର୍ଯ୍ୟନ୍ତ ଅନ୍ୟ କୋଚିଂ ଷ୍ଟାଫ୍‌ମାନେ ଦଳକୁ ଟ୍ରେନିଂ ଦେବା ଜାରି ରଖିବେ। ଇଷ୍ଟବେଙ୍ଗଲ ଏହାର ପରବର୍ତ୍ତୀ ମ୍ୟାଚ ଶନିବାର ଏକ ଆୱେ ମ୍ୟାଚରେ ଚେନ୍ନାଇ ସିଟି ସହ ମୁକାବିଲା କରିବ।

# ସିଜନରେ ଓଡ଼ିଶାର ପ୍ରଥମ ପରାଜୟ

**କଟକ ଅଫିସ,୨୧।୧**

ଡ୍ରିମ୍ସ ରଣଜୀ




ସୂର୍ଯ୍ୟାଂଶ ରାଇନା ଓ ଉମର ନାଜିର।

ଚଳିତ ରଣଜୀ ସିଜିନରେ ଓଡ଼ିଶା ଦଳ ୬ ମ୍ୟାଚ୍ ଖେଳିବା ପରେ ପ୍ରଥମ ପରାଜୟର ସମ୍ମୁଖୀନ ହୋଇଛି। ଟାଙ୍ଗୀସ୍ଥିତ ଡ୍ରିମ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ଗ୍ରୁପ୍-ସି'ର ଏକ ମ୍ୟାଚ୍‌ରେ ଓଡ଼ିଶା ୪ ଉଇକେଟରେ ଜମ୍ମୁ କଶ୍ମୀରଠାରୁ ପରାସ୍ତ ହୋଇଛି। ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିବା ଜମ୍ମୁ କଶ୍ମୀରର ଆକ୍ୱିବ ନବିଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ବିଜୟ ସହ ଭ୍ରମଣକାରୀ ଜମ୍ମୁ କଶ୍ମୀରକୁ ୬ ପଏଣ୍ଟ ମିଳିଛି। ୬ଟି ମ୍ୟାଚ୍‌ରୁ ୩୨ପଏଣ୍ଟ ସଂଗ୍ରହ କରି ଜମ୍ମୁ କଶ୍ମୀର ଏହି ଗ୍ରୁପ୍‌ରେ ଟେବୁଲର ଶୀର୍ଷ ସ୍ଥାନକୁ ଉଠିଛି। ପୂର୍ବରୁ ଶୀର୍ଷରେ ଥିବା ଓଡ଼ିଶା ୬ ମ୍ୟାଚ୍‌ରୁ ୪ ବିଜୟ ଏବଂ ଗୋଟିଏ ଲେଖାଏ ପରାଜୟ ଓ ଡ୍ର ସହ ୨୮ ପଏଣ୍ଟ ସଂଗ୍ରହ କରି ଦ୍ୱିତୀୟ ସ୍ଥାନକୁ ଖସିଛି। ଆସନ୍ତା ୨୭ରୁ ଭୁବନେଶ୍ୱରର କିଟ୍ ଗ୍ରାଉଣ୍ଡରେ ଆସାମ ବିପକ୍ଷରେ ପରବର୍ତ୍ତୀ ମ୍ୟାଚ୍ ଖେଳିବ ଓଡ଼ିଶା।

ଓଡ଼ିଶାର ପ୍ରଥମ ଇନିଂସ ୧୬୧ରନରେ ସୀମିତ ରହିବାପରେ ଭ୍ରମଣକାରୀ ଜମ୍ମୁ କଶ୍ମୀର ଦଳ ୧୨୪ ରନରେ ଅଲ୍‌ଆଉଟ ହୋଇଥିଲା। ୩୭ ରନରେ ଆଗୁଆ ଥିବା ଘରୋଇ ଓଡ଼ିଶା ଦଳ ସୋମବାର ୨ୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଦ୍ୱିତୀୟ ଇନିଂସରେ ୭ ଉଇକେଟ ବିନିମୟରେ ୧୩୬ ରନ କରିଥିଲା। ତେବେ ମଙ୍ଗଳବାର ସକାଳେ ଓଡ଼ିଶା ପୂର୍ବଦିନର ଅସମାପ୍ତ ୨ୟ ଇନିଂସ ସ୍କୋରରେ ଆଉ ୩୦ ରନ ଯୋଗ କରି ୧୬୬ ରନରେ ସୀମିତ ରହିଥିଲା। ରାଜେଶ ଧୂପର ୧୩, ରାଜେଶ ମହାନ୍ତି ୯ ଓ ସୂର୍ଯ୍ୟକାନ୍ତ ପ୍ରଧାନ ୧୩ ରନ କରି ଆଉଟ୍ ହୋଇଥିଲେ। ଉମର ନାଜିର ଏହି ୩ ବ୍ୟାଟ୍ସମ୍ୟାନଙ୍କୁ ଆଉଟ୍ କରିବା ସହ ୫ ଉଇକେଟ୍ ସଫଳତା ପାଇଥିଲେ। ବସନ୍ତ ମହାନ୍ତି ୫ ରନରେ ଅପରାଜିତ ରହିଥିଲେ। ଫଳରେ ଜମ୍ମୁ କଶ୍ମୀର ସମ୍ମୁଖରେ ଓଡ଼ିଶା ୨୦୪ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଜବାବରେ ଭ୍ରମଣକାରୀ ଦଳ ୩୯ ରନରେ ଅହମ୍ମଦ ବନ୍ଦେ (୫ ରନ) ଓ ଶୁଭମ ଖଜୁରିଆ (୯ରନ) ଉଇକେଟ ହରାଇଥିଲା। କିନ୍ତୁ ଅନ୍ୟତମ ଓପନର ସୂର୍ଯ୍ୟାଂଶ ରାଇନା ଓ ଶୁଭମ ପୁନ୍ଦିର ୩ୟ ଉଇକେଟ୍ ଯୋଡ଼ିରେ ଗୁରୁତ୍ୱପୂର୍ଣ୍ଣ ୭୭ ରନ ଭାଗୀଦାରି ସୃଷ୍ଟି କରି ଦଳ ପାଇଁ ବିଜୟ ଆଶା ଦୃଢ଼ୀଭୂତ କରିଥିଲେ। ଶୁଭମଙ୍କୁ ୪୫ ରନରେ ଆଉଟ କରି ଦେବବ୍ରତ ପ୍ରଧାନ ଓଡ଼ିଶା ପାଇଁ ଏକ ବଡ଼ ବ୍ରେକଥ୍ରୁ ଦେଇଥିଲେ। ଏହାପରେ ଦେବବ୍ରତ ଅଧିନାୟକ ପରେଭେଜ ରସୁଲ (୧୫) ଓ ଉଇକେଟକିପର ଫାଜିଲ ରସିଦ (୧)ଙ୍କୁ କ୍ଲିନ ବୋଲ୍ଡ କରିବା ସହ ଧୌର୍ଯ୍ୟପୂର୍ଣ୍ଣ ଅର୍ଦ୍ଧଶତକ ଖେଳିଥିବା ସୂର୍ଯ୍ୟାଂଶ (୬୯ ବଲ୍, ୧୫୧ ବଲ)ଙ୍କୁ ଆଉଟ୍ କରିଥିଲେ। ଫଳରେ ଜମ୍ମୁ କଶ୍ମୀର ୧୬୩ ରନରେ ୬ଟି ଉଇକେଟ ହରାଇବା ଯୋଗୁ ମ୍ୟାଚ୍‌ରେ ଓଡ଼ିଶା ପାଇଁ ପୁନର୍ବାର ବିଜୟ ଆଶା ସଞ୍ଚାର ହୋଇଥିଲା। ତେବେ ଅସମାପ୍ତ ୭ମ ଉଇକେଟରେ ଅବଦୁଲ ସାମଦ (୩୦ ରନ) ଓ ଆକ୍ୱିବ ନବି (୨୬ରନ) ୪୨ରନ ସଂଗ୍ରହ କରି ଭ୍ରମଣକାରୀ ଦଳକୁ ରୋମାଞ୍ଚକ ବିଜୟ ଭେଟି ଦେଇଥିଲେ। ଓଡ଼ିଶା ପକ୍ଷରୁ ଦେବବ୍ରତଙ୍କୁ ୪ ଏବଂ ରାଜେଶ ମହାନ୍ତି ଓ ସୂର୍ଯ୍ୟକାନ୍ତ ପ୍ରଧାନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୪୮ ରନରେ ୪ଟି ଉଇକେଟ ଅକ୍ତିଆର କରି ପ୍ରଥମ ଶ୍ରେଣୀ କ୍ରିକେଟରେ ଦେବବ୍ରତ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି।

# କ୍ୱାର୍ଟରରେ ଭାରତ

**ବ୍ଲୋଏମଫୋଣ୍ଟେଇନ, ୨୧।୧ (ପି.ଟି.)**

୧୯ ବର୍ଷରୁ କମ୍ ବିଶ୍ୱକପ୍

ଦକ୍ଷିଣ ଆଫ୍ରିକାରେ ଚାଲିଥିବା ୧୯ ବର୍ଷରୁ କମ୍ ଆଇସିସି ବିଶ୍ୱକପ୍‌ରେ ଡିଫେଣ୍ଡିଂ ଚାମ୍ପିୟନ ଭାରତୀୟ କ୍ରିକେଟ୍ ଦଳ ଏହାର ୨ୟ ବିଜୟ ହାସଲ କରିଛି। ମଙ୍ଗଳବାର ଖେଳାଯାଇଥିବା ଗ୍ରୁପ୍-ଏ'ର ଏକ ମ୍ୟାଚ୍‌ରେ ଭାରତ ୧୦ ଉଇକେଟ୍‌ରେ ପଦାର୍ପଣକାରୀ ଦଳ ଜାପାନକୁ ପରାସ୍ତ କରିଛି। ପ୍ରତିଯୋଗିତାରେ ୨ୟ ବିଜୟ ସହ ୪ଥରର ଚାମ୍ପିୟନ ଭାରତ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପ୍ରିୟମ ଗର୍ଗଙ୍କ ନେତୃତ୍ୱାଧୀନ ଭାରତ ଏଥିପୂର୍ବରୁ ପ୍ରଥମ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ୯୦ ରନରେ ପରାସ୍ତ କରି ଏହାର ଅଭିଯାନ ଆରମ୍ଭ କରିଥିଲା। ଦୁଇ ମ୍ୟାଚ୍‌ରୁ ୨ ବିଜୟ ସହ ଭାରତ ଏହି ଗ୍ରୁପ୍‌ରେ ୪ ପଏଣ୍ଟ ପାଇ ଶୀର୍ଷରେ ରହିଛି। ଭାରତ ଏହାର ପରବର୍ତ୍ତୀ ମ୍ୟାଚ୍‌ରେ ଶୁକ୍ରବାର ନ୍ୟୁଜିଲାଣ୍ଡକୁ ଭେଟିବ।

ଏହି ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଜାପାନ ପ୍ରତିପକ୍ଷ ବୋଲରଙ୍କୁ ସାମ୍ନା କରି ନ ପାରି ୨୨.୫ ଓଭରରେ ମାତ୍ର ୪୧ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ କୌଣସି ବ୍ୟାଟ୍ସମ୍ୟାନ ଦୁଇଅଙ୍କ ବିଶିଷ୍ଟ ସ୍କୋର କରିପାରି ନ ଥିଲେ। ସେହିଭଳି ୫ଜଣ ବ୍ୟାଟ୍ସମ୍ୟାନ ଖାତା ଖୋଲିବାରେ ବିଫଳ ହୋଇଥିଲେ। ଜାପାନର ୧୧ଜଣ ବ୍ୟାଟ୍ସମ୍ୟାନ ମିଳିତ ଭାବେ ୨୨ ରନ କରିଥିବାବେଳେ ଅତିରିକ୍ତ ଆକାରରେ ଭାରତୀୟ ବୋଲର ୧୯ ରନ ବ୍ୟୟ କରିଥିଲେ। ୧୯ ବର୍ଷରୁ କମ୍ ବିଶ୍ୱକପ୍ ଇତିହାସରେ ଏହା ୨ୟ ଯୁଗ୍ମ ସର୍ବନିମ୍ନ ସ୍କୋର। ଭାରତ ପକ୍ଷରୁ ଲେଗ୍-ସ୍ପିନର ରବି ବିଶ୍ନୋଇ (୪), କାର୍ତ୍ତିକ ତ୍ୟାଗୀ (୩), ଆକାଶ ସିଂ (୨) ଓ ବିଦ୍ୟାଧର ପାଟିଲ (୧) ମିଳିତ ଭାବେ ଉଇକେଟ୍ ବାଣ୍ଟି ନେଇଥିଲେ। ଜବାବରେ ଭାରତ ଦୁଇ ଓପନର୍ ଯଶଭୀ ଜୈସ୍ୱାଲ (୨୯ ରନ) ଓ କୁମାର କୁଶଗ୍ର (୧୩)ଙ୍କ ଅପରାଜିତ ଇନିଂସ ବଳରେ ୪.୫ ଓଭରରେ କୌଣସି ଉଇକେଟ୍ ନ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ୪ ଉଇକେଟ୍ ସଫଳତା ପାଇଥିବା ରବି ବିଶ୍ନୋଇ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ।

## ଓଡ଼ିଶା ଏଫ୍‌ସି ୧୫ ବର୍ଷରୁ କମ୍ ଦଳର ବିଜୟ ଅଭିଯାନ



ଓଡ଼ିଶା ଏଫ୍‌ସିର ୟୁଥ୍ ଦଳ।

**ଭୁବନେଶ୍ୱର,୨୧।୧ (ସ୍ପୋର୍ଟ୍ସ ବ୍ୟୁରୋ):** ନୂଆଦିଲ୍ଲୀର ଜବାହରଲାଲ ନେହରୁ ଷ୍ଟାଡିୟମରେ ଚାଲିଥିବା ହିରୋ ଜୁନିୟର ଲିଗ୍ ୨୦୧୯-୨୦ରେ ଓଡ଼ିଶା ଏଫ୍‌ସିର ୧୫ ବର୍ଷରୁ କମ୍ ବାଳକ ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି। ମଙ୍ଗଳବାର ଷ୍ଟାଡିୟମର ୨ ନମ୍ବର ଟ୍ରେନିଂ ପିଚ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ୨-୧ ଗୋଲ୍‌ରେ କନ୍‌ସିଏଣ୍ଟ ଫୁଟବଲ୍‌କୁ ପରାସ୍ତ କରିଛି। ଓଡ଼ିଶା ତରଫରୁ ୟାସହାସ ଶରିନ ଓ ନିର୍ମାନ୍ୟୁ ସିଂ ଅତ୍ରି ଗୋଲ ସ୍କୋର କରିଥିଲେ। ଅପରପକ୍ଷରେ କନ୍‌ସିଏଣ୍ଟ ତରଫରୁ ହର୍ଷ ମୋଟୱାନୀ ଏକମାତ୍ର ଗୋଲ ଦେଇଥିଲେ। ସପ୍ତମ ମିନିଟ୍‌ରେ ଶରିନ ଗୋଲ ଦେଇ ଓଡ଼ିଶାକୁ ଅଗ୍ରଣୀ କରାଇଥିଲେ। ଏହାପରେ ୩୯ତମ ମିନିଟ୍‌ରେ ନିର୍ମାନ୍ୟୁ ଗୋଲ ଦେଇ ଦଳକୁ ପ୍ରଥମାର୍ଦ୍ଧ ସୁଦ୍ଧା ୨-୦ରେ ଅଗ୍ରଣୀ କରାଇଥିଲେ। ଓଡ଼ିଶା ଏଫ୍‌ସି ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ଆସନ୍ତା ୨୭ ତାରିଖରେ ପଞ୍ଜାବ ଫୁଟବଲ କ୍ଲବ୍‌କୁ ଭେଟିବ। ଓଡ଼ିଶା ସହିତ ସୁଦେଭା ଫୁଟବଲ କ୍ଲବ ଓ ୟୁନାଇଟେ ପଞ୍ଜାବ ଫୁଟବଲ କ୍ଲବ୍ ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଇଛନ୍ତି।



୧୯ ବର୍ଷରୁ କମ୍ ଆଇସିସି ବିଶ୍ୱକପ୍: ମ୍ୟାଚ୍ ପୂର୍ବରୁ ଉଭୟ ଭାରତ ଓ ଜାପାନ ଦଳର ଖେଳାଳିମାନେ।

# ସିରିଜ ବିଜୟ ଭାରତର ଆତ୍ମବିଶ୍ୱାସ ବଢ଼ାଇଛି

**ଭିଭିଏସ୍ ଲକ୍ଷ୍ମଣ**

ଚାମ୍ପିୟନ ଦଳ ବିପର୍ଯ୍ୟୟକୁ ମଧ୍ୟ ସୌଭାଗ୍ୟରେ ପରିଣତ କରିଥାନ୍ତି। ଟିମ୍ ଇଣ୍ଡିଆ ଏହା କରି ଦେଖାଇଛି। ପ୍ରଥମ ଦିନିକିଆ ବୃହତ୍ ବ୍ୟବଧାନରେ ପରାସ୍ତ ହୋଇଥିଲେ ମଧ୍ୟ ଭାରତ ପରବର୍ତ୍ତୀ ଦୁଇଟି ମ୍ୟାଚ୍‌ରେ ଦମ୍‌ଦାର ବିଜୟ ହାସଲ କରି ସିରିଜ ହାତେଇଛି।

ମୁମ୍ବାଇରେ ଭାରତ ଲଜ୍ଜାଜନକ ଭାବେ ପରାସ୍ତ ହୋଇଥିଲା। ତେବେ ଏହାପରେ ଦଳ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିଥିଲା। ଦଳର ପ୍ରତ୍ୟେକ ସଦସ୍ୟ ସିରିଜ ବିଜୟରେ ଯୋଗଦାନ କରିଥିଲେ। ନ୍ୟୁଜିଲାଣ୍ଡ ଗସ୍ତ ପୂର୍ବରୁ ଏହି ବିଜୟ ଭାରତର ଆତ୍ମବିଶ୍ୱାସକୁ ଆହୁରି ଦୃଢ କରିବ। ନ୍ୟୁଜିଲାଣ୍ଡରେ ପରିସ୍ଥିତି ଅବଶ୍ୟ ଭିନ୍ନ ହେବ। ତେବେ ଭାରତ ସବୁ ପ୍ରକାର ପରିସ୍ଥିତିକୁ ସାମ୍ନା କରିବାର ଦକ୍ଷତା ରଖିଛି।

ଅନ୍ତିମ ଦୁଇଟି ଦିନିକିଆରେ ଭାରତୀୟ ବ୍ୟାଟ୍ସମ୍ୟାନମାନେ ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ। ବୋଲରମାନେ ମଧ୍ୟ ପଛରେ ପଡି ନ ଥିଲେ। ଯଶପ୍ରୀତ ବୁମ୍‌ରାଙ୍କ ଯୋଗଦାନକୁ ମଧ୍ୟ ଅତିରଞ୍ଜିତ କରିହେବ ନାହିଁ। ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନଙ୍କ ଉପରେ ସେ ଚାପ ପ୍ରୟୋଗ କରିବା ସହ ଏହାକୁ ବଜାୟ ରଖିବାରେ ସଫଳ ହୋଇଥିଲେ। ଏହାକୁ ମଧ୍ୟ ବେଖାତିର କରିହେବ ନାହିଁ। ଫଳରେ ଅପରପାର୍ଶ୍ୱରେ ଅନ୍ୟ ବୋଲରମାନେ ଉଇକେଟ ହାସଲ କରିବାରେ ସକ୍ଷମ ହୋଇଥିଲେ। ଅନ୍ୟତମ ଦ୍ରୁତ ବୋଲର ମହମ୍ମଦ ସାମି ମଧ୍ୟ ନିଜ ଯୋଜନା ଓ ରଣନୀତିର ସଫଳ ରୂପାୟନ କରିଥିଲେ। ସେ ଧୂଆଁଧାର ଓପନର ଡେଭିଡ ୱାର୍ନରଙ୍କୁ ସଅଳ ଆଉଟ କରି ଭାରତକୁ ସୁବିଧାଜନକ ସ୍ଥିତିରେ ପହଞ୍ଚାଇବାରେ ସଫଳ ହୋଇଥିଲେ। ଇନିଂସର ଅନ୍ତିମ ଭାଗରେ ସାମି ଓ ନବଦୀପ ସଇନି ନିୟମିତ ଭାବେ ନିଖୁଣ ଭାବେ ୟର୍କର ମାରି ପ୍ରତିପକ୍ଷ ବ୍ୟାଟ୍ସମ୍ୟାନଙ୍କୁ ସମସ୍ୟାରେ ପକାଇବାରେ ସଫଳ ହୋଇଥିଲେ। ସ୍ପିନରମାନେ ମଧ୍ୟ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ରବୀନ୍ଦ୍ର ଜାଡେଜା କଞ୍ଜୁସ୍ ବୋଲିଂ କରିବା ସହ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ଉଇକେଟ ନେବାରେ ସଫଳ ହୋଇଥିଲେ। ରିଷ୍ଟ ସ୍ପିନର କୁଲଦୀପ ଯାଦବ ମଧ୍ୟ ସାହସିକ ପ୍ରଦର୍ଶନ କରି ଭ୍ରମଣକାରୀ ବ୍ୟାଟ୍ସମ୍ୟାନଙ୍କୁ ସମସ୍ୟାରେ ପକାଇଥିଲେ।




ଅଭିଜ୍ଞ ଷ୍ଟିଭ୍ ସ୍ମିଥ୍ ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ। ତାଙ୍କ ଇନ୍‌ଫର୍ମ ଯୁବ ବ୍ୟାଟ୍ସମ୍ୟାନ ମାର୍ନସ ଲାବୁସେନ ଆବଶ୍ୟକୀୟ ସହାୟତା ପ୍ରଦାନ କରିଥିଲେ। ତେବେ ଅଷ୍ଟ୍ରେଲିଆ ଟପ୍ ଅର୍ଡରର ୩ ଜଣ ବ୍ୟାଟ୍ସମ୍ୟାନଙ୍କ ଉପରେ ଅତିରିକ୍ତ ଭବେ ନିର୍ଭରଶୀଳ। ପ୍ରଥମ ମ୍ୟାଚ୍‌ରେ ଟପ୍ ଅର୍ଡର ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ବାକି ଦୁଇଟି ମ୍ୟାଚ୍‌ରେ ଫେଲ୍ ମାରିଥିଲେ। ଫିଲ୍ଡିଂରେ ମଧ୍ୟ ଭାରତୀୟ ଖେଳାଳିମାନେ କମାଲ କରିଥିଲେ। ଲାବୁସେନଙ୍କ ଏକ କଷ୍ଟସାଧ ତଥା ଅବିଶ୍ୱସନୀୟ କ୍ୟାଚ୍ ନେଇ ବିରାଟ କୋହଲି ଭାରତକୁ ମ୍ୟାଚ୍‌କୁ ଫେରାଇଥିଲେ। ସ୍ମିଥ୍‌ଙ୍କ ଲଢୁଆ ଶତକ ସତ୍ତ୍ୱେ ନିଜ ବୋଲରଙ୍କ ପ୍ରଶଂସା କରିଥିଲେ କୋହଲି। ଏହି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ବୋଧହୁଏ ଆହୁରି ଅଧିକ ୩୦ ରନ ସଂଗ୍ରହ କରିଥାନ୍ତା। ତେବେ ଭାରତୀୟ ବୋଲରମାନେ ଏହା କରିବାକୁ ଦେଇ ନ ଥିଲେ।

ଅଭିଜ୍ଞ ଓପନର ଶିଖର ଧାୱନଙ୍କ ଇଞ୍ଜୁରି ଭାରତ ପାଇଁ ଏକ ବଡ଼ ଝଟକା ସଦୃଶ ହୋଇଛି। ତେବେ ଭାରତ ଏହାକୁ ସମ୍ଭାଳିବାରେ ସମର୍ଥ ହୋଇଛି। ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଭଳି ସର୍ବକାଳୀନ ହ୍ୱାଇଟ୍ ବଲ୍ କ୍ରିକେଟର ଦଳରେ ରହିବା ଭାରତ ପାଇଁ ବରଦାନ ସଦୃଶ ହୋଇଛି।

ଅଷ୍ଟ୍ରେଲିଆ ବୋଲିଂକୁ ତା'ର ମୁଖ୍ୟଅସ୍ତ୍ର ବୋଲି ଚିନ୍ତା କରିଥିଲା ଓ ସେଥିପାଇଁ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ତେବେ ଜୋଶ ହାଜେଲଉଡଙ୍କୁ ବାଦ୍‌ଦେଲେ ଅନ୍ୟ ବୋଲରମାନେ ପ୍ରଭାବୀ ସାବ୍ୟସ୍ତ ହୋଇପାରି ନ ଥିଲେ। ସ୍ପିନର ଆଡାମ ଜାମ୍ପା ଓ ଆଷ୍ଟନ ଅଗର ସହାୟତା ପାଇଥିଲେ ମଧ୍ୟ ଉଇକେଟ ଝଡାଇବାରେ ସଫଳ ହୋଇ ନ ଥିଲେ। ରୋହିତ ଓ କୋହଲି ଅଷ୍ଟ୍ରେଲିଆ ବୋଲରଙ୍କର ଉଚିତ ମୁକାବିଲା କରିଥିଲେ। ବଡ଼ ପାର୍ଟନରଶିପ୍ ଓ ଲମ୍ବା ଇନିଂସ ଖେଳିବାର ଲାଭ କ'ଣ ଏହି ଦୁଇ ବ୍ୟାଟ୍ସମ୍ୟାନ ହୃଦୟଙ୍ଗମ କରିଥିଲେ। ବଡ଼ ମ୍ୟାଚ୍‌ରେ ତାରକା ଖେଳାଳିମାନେ ସବୁବେଳେ ଭଲ ଖେଳିଥାନ୍ତି। ଏଥିପାଇଁ ଭାରତ ସଫଳ ପ୍ରତ୍ୟାବର୍ତ୍ତନ କରି ବାଜି ମାରିବାରେ ସଫଳ ହେଲା।

–(ଗେମ୍‌ପ୍ଲାନ୍)

## ଶୁଟର୍ ଦିବ୍ୟାଂଶ, ଅପୂର୍ବୀଙ୍କୁ ସ୍ୱର୍ଣ୍ଣ

**ନୂଆଦିଲ୍ଲୀ, ୨୧।୧ (ପି.ଟି.):** ଅଷ୍ଟ୍ରିଆରେ ଚାଲିଥିବା ମେ ଟନ୍ କପ୍ ଶୁଟିଂ ପ୍ରତିଯୋଗିତାରେ ଭାରତର ଦିବ୍ୟାଂଶ ସିଂ ପନୱର ଓ ଅପୂର୍ବୀ ଚାଣ୍ଡେଲା ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପୁରୁଷ ୧୦ ମିଟର ଏୟାର ରାଇଫଲ୍ ଇଭେଣ୍ଟରେ ଦିବ୍ୟାଂଶ ୨୪୯.୭ ସ୍କୋର ସହ ପ୍ରଥମ ସ୍ଥାନ ହାସଲ କରିଥିଲେ। ସେହିଭଳି ଅପୂର୍ବୀ ମହିଳା ୧୦ ମିଟର ଏୟାର ରାଇଫଲ୍ ଇଭେଣ୍ଟରେ ମଧ୍ୟ ସମାନ ସଫଳତା ପାଇଥିଲେ। ଏହି ବିଭାଗର ପୁରୁଷ ଓ ମହିଳା ଇଭେଣ୍ଟରେ ଦୀପକ କୁମାର ଓ ଅଞ୍ଜୁମ ମୌଦଗିଲ ମଧ୍ୟ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ରହିଛନ୍ତି।

HAPPY WEDDING



BISWAJIT WEDS RAJATARANGINI
Best wishes on this wonderful journey, as you build your new lives together
Best Compliments From
Das Family
(JAIPUR, KOLAR, JAGATSINGHPUR)
D-16331


ଷଷ୍ଠତମ ଜନ୍ମଦିନ ଶୁଭେଚ୍ଛା



ଅଭିଷେକ୍ ବରାଳ (ସାଇ)
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛାସହ:
ଝୁନା ବରାଳ, ଦୁର୍ଯ୍ୟୋଧନ ବରାଳ ଏବଂ ପରିବାରବର୍ଗ ।
ଧ-୭୨୩୧୨

ମନେ ପଡ଼ନ୍ତି

ସ୍ମୃତିରେ ପ୍ରଥମ ଶ୍ରାଦ୍ଧବାର୍ଷିକୀ



୰ ଦୀନବନ୍ଧୁ ମହାପାତ୍ର
ଅବସରପ୍ରାପ୍ତ ବରିଷ୍ଠ ପରାମର୍ଶଦାତା
ଏସ୍.ସି.ଇ.ଆର୍.ଟି, ଭୁବନେଶ୍ୱର
ବଡ଼ଦାଣ୍ଡ ସାହି, ପୁରୁଣା ଭୁବନେଶ୍ୱର
ଆବିର୍ଭାବ : ୧୫.୦୮.୧୯୨୯
ତିରୋଧାନ : ୦୩.୦୨.୨୦୧୯
ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀଲିଙ୍ଗରାଜଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଅଛି ।
ଶୋକସନ୍ତପ୍ତ
ପରିବାର ବର୍ଗ ଓ ଆତ୍ମୀୟସ୍ୱଜନ
ଧ-୧୬୩୨୭

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଉଜ୍ଜ୍ୱଳବାଳା ଲେଙ୍କା
(ବୟସ : ୧୦୪ ବର୍ଷ)
(ସ୍ୱାମୀ:୰ ବିରବର ଲେଙ୍କା, ସ୍ୱାଧୀନତା ସଂଗ୍ରାମୀ)
ଗ୍ରାମ : ବେଣ୍ଟପୁର, ବାଲିଅନ୍ତା, ଖୋର୍ଦ୍ଧା
ଆବିର୍ଭାବ : ୦୧.୦୧.୧୯୧୬
ତିରୋଧାନ : ୧୨.୦୧.୨୦୨୦
ପବିତ୍ର ଏକାଦଶାହ ତିଥିରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ ।
-: ଶୋକସନ୍ତପ୍ତ :-
ପୁତ୍ର:ବିଜୟ, ଅଜୟ, ଅକ୍ଷୟ, ଅଭୟ, ଅମୟ
ପୁତ୍ରବଧୂ:ଶକୁନ୍ତଳା, ରଞ୍ଜୁ, ନୀରୁ, କାମିନୀ,
ନାତି:ବିଶ୍ୱଜିତ, ବିକ୍ରମଜିତ, ଅରୁଣ, ଅଶୋକ,
ନାତୁଣୀ:ମିତା, ସବିତା, ଜୁଲି, ଝିଅ-ଜ୍ୱାଇଁ: ସଂଜୁ-ଅଜୁ,
ନାତୁଣୀଜ୍ୱାଇଁ-ଭବାନି ଶଙ୍କର, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୧୬୩୨୯

ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ମାଧବାନନ୍ଦ ସାହୁ
ଚଣ୍ଡିପୁର (ପାଳସାହି), ବ୍ଲକ: ରସୁଲପୁର, ଜି: ଯାଜପୁର
ଆବିର୍ଭାବ: ୧୩।୦୪।୧୯୪୮
ତିରୋଧାନ: ୧୨।୦୧।୨୦୨୦
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ, ତ୍ୟାଗ ଓ ଭଲପାଇବା ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ। ଆପଣଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ:
ପୁଅ ଓ ପୁତୁରା: ପଦ୍ମନାଭ ସାହୁ, ମଧୁସୂଦନ ସାହୁ, ରାଧେଶ୍ୟାମ ସାହୁ, ସାଧୁ ଚରଣ ସାହୁ, ସରୋଜ କୁମାର ସାହୁ ଓ ସୁବୋଧ କୁମାର ସାହୁ, ନାତୁଣୀ ଓ ନାତି: କୁନି, କୁନା, ଫିଟୁ, ସିପିନା, ଇଲୁ, ଚିଣ୍ଟୁ, ଲିଜା, ନେହା, ସୁପ୍ରିୟା, ସୋନୁ, ସୋମୁ, ଛୋଟୁ, ସୋନାକ୍ଷୀ, ସାହିଲ, ଗୁଡୁ, ଚନ୍ଦନ, ଲାଡୁ, ମାମନ, ମାମୁଲ, ତୁଷାର, ସାଗର, ଇତି ଓ ବନ୍ଧୁ ପରିବାରବର୍ଗ ।
ଧ-୧୬୩୩୦

## ଅଲ୍ ଓଡ଼ିଶା ଉତ୍କଳ ଓପନ ଟେନିସ ୨୪ରୁ

**ଭୁବନେଶ୍ୱର, ୨୧।୧ (ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମସ୍ଥିତ ଟେନିସ କମ୍ପ୍ଲେକ୍ସଠାରେ ୭ମ ଅଲ୍ ଓଡ଼ିଶା ଓପନ ଟେନିସ୍ ଟୁର୍ନାମେଣ୍ଟ ଚଳିତ ମାସ ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ମୋଟ ୧,୬୦,୦୦୦ ଟଙ୍କାର ପୁରସ୍କାର ବ୍ୟବସ୍ଥା ରହିଛି। ମଙ୍ଗଳବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଆୟୋଜକ ଏସିଇ ଟେନିସ କ୍ଲବ ତରଫରୁ ଏହି ସୂଚନା ଦିଆଯାଇଛି। ଏଥିରେ ପୁରୁଷ ଓପନ ସିଙ୍ଗଲ୍ସ, ପୁରୁଷ ଓପନ ଡବଲ୍ସ ମହିଳା ସିଙ୍ଗଲ୍ସ ପୁରୁଷ ଭେଟେରାନ (୪୦ବର୍ଷରୁ ଅଧିକ) ଡବଲ୍ସ, ପୁରୁଷ ଭେଟେରାନ (୫୦ବର୍ଷରୁ ଅଧିକ) ଡବଲ୍ସ, ପୁରୁଷ ଭେଟେରାନ (୬୦ ବର୍ଷରୁ ଅଧିକ) ଡବଲ୍ସ) ପ୍ରତିଯୋଗିତା ହେବ। ଏହାଛଡ଼ା ୧୪ ବର୍ଷରୁ କମ୍ ବାଳାକା ଏବଂ ୧୪ ବର୍ଷରୁ କମ୍ ବାଳକ ପ୍ରତିଯୋଗିତା ହେବ, ଯାହାକୁ ଏଆଇଟିଏ କାଟେଗୋରିରେ ସାମିଲ କରାଯାଇଛି। ସମସ୍ତ ଭେଟେରାନ ମ୍ୟାଚଗୁଡ଼ିକ କ୍ଲେ କୋର୍ଟରେ ଖେଳାଯିବାକୁ ଥିବାବେଳେ ଅବଶିଷ୍ଟ ମ୍ୟାଚଗୁଡ଼ିକ ସିନ୍ଥେଟିକ୍ କିମ୍ବା କ୍ଲେ କୋର୍ଟରେ ଖେଳାଯିବ। ସର୍ବଭାରତୀୟ ଟେନିସ ଆସୋସିଏଶନ (ଏଆଇଟିଏ)ର ନିୟମ ଓ ଆଚରଣବିଧିକୁ ଏହି ଟୁର୍ନାମେଣ୍ଟରେ ଲାଗୁ କରାଯିବ। ଟୁର୍ନାମେଣ୍ଟ ଆରମ୍ଭ ହେବା ପୂର୍ବରୁ ଏଣ୍ଟ୍ରି ଫି' ଦାଖଲ କରିବାକୁ ହେବ। ପୁରୁଷ ଓପନ ସିଙ୍ଗଲ୍ସ ପାଇଁ ଏଣ୍ଟ୍ରି ଫି ୪୦୦ ଟଙ୍କା ରଖାଯାଇଥିବାବେଳେ ୧୦,୦୦୦ ଟଙ୍କା ପୁରସ୍କାର ବ୍ୟବସ୍ଥା ରହିଛି। ପୁରୁଷ ଓପନ ଡବଲ୍ସ ପାଇଁ ଏଣ୍ଟ୍ରି ଫି ୫୦୦ ଟଙ୍କା ଏବଂ ପୁରସ୍କାର ୧୦,୦୦୦ ଟଙ୍କା ରଖାଯାଇଛି। ମହିଳା ସିଙ୍ଗଲ୍ସ ପାଇଁ ଏଣ୍ଟ୍ରି ଫି' ୩୦୦ ଟଙ୍କା ରହିଥିବାବେଳେ ୧୦,୦୦୦ ଟଙ୍କା ପୁରସ୍କାର ବ୍ୟବସ୍ଥା ରହିଛି।

୧୪ବର୍ଷରୁ କମ୍ ବାଳିକା ଏବଂ ବାଳକ ଏଆଇଟିଏ କାଟେଗୋରି ପାଇଁ ଏଣ୍ଟ୍ରି ଫି' ୪୦୦ରୁ ୪୫୦ ଟଙ୍କା ରଖାଯାଇଛି। ଏହି କାଟେଗୋରିରେ ସେମିଫାଇନାଲିଷ୍ଟଙ୍କ ଲାଗି ୨୦୦୦ ଟଙ୍କା ଏବଂ ଚାମ୍ପିୟନ ଓ ରନର୍ସ ଅପ୍‌ଙ୍କ ଲାଗି ଯଥାକ୍ରମେ ୫୦୦୦ ଟଙ୍କା ଓ ୩୦୦୦ ଟଙ୍କା ରଖାଯାଇଛି। ଏତଦବ୍ୟତୀତ ସମସ୍ତ ଭେଟେରାନ କାଟେଗୋରି ଲାଗି ଏଣ୍ଟ୍ରି ଫି ୫୦୦ ଟଙ୍କା ରହିଥିବାବେଳେ ୧୦,୦୦୦ ଟଙ୍କାର ପୁରସ୍କାର ବ୍ୟବସ୍ଥା ରହିଛି। ଆୟୋଜିତ ଖବରଦାତା ସମ୍ମିଳନୀରେ କ୍ଲବର ସଭାପତି ପ୍ରକାଶ ଚାନ୍ଦ ଭୁରା, ଅର୍ଗାନାଇଜିଂ ଚେୟାରମ୍ୟାନ ବିଶ୍ୱଜିତ୍ ମିଶ୍ର, ଯୁଗ୍ମ ସମ୍ପାଦକ ଗୌରବ ଦାସଙ୍କ ବ୍ୟତୀତ ରୀତେଶ ରୟ, ଧୀରଜ ପଣ୍ଡା ଓ ଦୀପକ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

୭ମ ଜନ୍ମଦିନ ଶୁଭେଚ୍ଛା



ଓମ୍ ପ୍ରକାଶ ଭୋଇନା (ପ୍ରଭାତ)
ଗ୍ରାମ: ଧୁଣ୍ଡିଗୋରା, ପୋଷ୍ଟ: ପଦରପଡ଼ା, ଥାନା: ମନମୁଣ୍ଡା, ଜିଲ୍ଲା: ବୌଦ୍ଧ
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛାସହ:
ବାପା: ଷଣ୍ଢେଶ୍ୱର ଭୋଇନା, ମାତା: ସିନ୍ଧୁସୁତା ଭୋଇନା, ବଡ଼ବାପା, ବଡ଼ମାଆ, ଭଉଣୀ, ଅଜା, ଆଇ, ମାମୁ, ମାଉସୀ ଓ ଭୋଇନା ପରିବାରବର୍ଗ ।
ଧ-୧୬୩୨୪

ପ୍ରଥମ ଜନ୍ମଦିନ ଶୁଭେଚ୍ଛା



ଅଭିନବ ଯାଦବ (କାହ୍ନା)
ଜଗନ୍ନାଥ ନଗର, ରୋଡ଼ ନଂ.୫ ଭୁବନେଶ୍ୱର-୨୫
ଶୁଭ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ଓ ସାଇ ବାବାଙ୍କର ଅପାର କରୁଣା ଲାଭକରି ତୋର ଚଲାପଥ କୁସୁମିତ ହେଉ। ଏତିକି ଆମର ପ୍ରାର୍ଥନା।
–:ଶୁଭେଚ୍ଛା ସହ:–
ଜେଜେ, ଜେଜୀମା', ଅଜା, ଆଇ, ବଡ଼ବାପା, ବଡ଼ବୋଉ, ମଉସା, ମାଉସୀ, ବାବା, ମମି, ପିଉସା, ପିଉସୀ, ମାମୁ, ଦାଦା, ଦିଦି ଓ ପଲେଇ ପରିବାର, ବନ୍ଧୁ ଓ ପରିଜନବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୧୬୩୨୬

ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା



ଆର୍ଯ୍ୟ ବର୍ମନ୍ ଜେନା
ଗ୍ରା/ପୋ: ଛୋଟି, କେନ୍ଦ୍ରାପଡ଼ା
ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି କାମନା ତୋତେ ସର୍ବଦା ଭଲରେ ରଖନ୍ତୁ।
ଶୁଭେଚ୍ଛା ସହ
ବନ୍ଧୁ ଓ ପରିବାରବର୍ଗ ।
ଧ-୧୬୩୨୮

ପଞ୍ଚମ ଜନ୍ମଦିନ ଶୁଭେଚ୍ଛା



ସିଦ୍ଧାର୍ଥ ବିଶ୍ୱାଳ (ଶାନ୍)
ଅମିୟଝରୀ, ଯାଜପୁର
ଆଜି ୨୨ତାରିଖ ଜାନୁୟାରୀ ତୋର ପବିତ୍ର ୫ମ ଜନ୍ମଦିନରେ ଜଗତର ନାଥ ଶ୍ରୀଜଗନ୍ନାଥ, ମା' ତାରିଣୀ, ସାଇରାମ୍‌ଙ୍କ ନିକଟରେ ଏତିକି ପ୍ରାର୍ଥନା କି ଠାକୁରଙ୍କ କରୁଣା ତୋ ଉପରେ ସଦା ସର୍ବଦା ରହୁ ଏବଂ ତତେ ଯଶସ୍ୱୀ, ବିଦୁଷା ଓ ଭଲ ମଣିଷରେ ପରିଣତ କରନ୍ତୁ।
ଶୁଭେଚ୍ଛାସହ:
ବାବା, ମାମା, ବଡ଼ବାବା, ବଡ଼ମା', ଅଜା, ଆଇ, ଜେଜେ, ଜେଜେମା', ସାନ ବାବା, ସାନ ମା', ମାମୁ, ପିଉସା, ପିଉସୀ, ପରିବାର, ବନ୍ଧୁବର୍ଗ ।
ଧ-୧୬୩୨୫

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. | ବ୍ରହ୍ମପୁର, ବୁଧବାର, ଜାନୁୟାରୀ ୨୨/୨୦୨୦ | Berhampur, Wednesday, January 22/ 2020


## ସଂକ୍ଷେପରେ

### ପର୍ଯ୍ୟଟକଙ୍କ ଗାଡ଼ି ଭଙ୍ଗାରୁଜା ଘଟଣାରେ ୨ ଗିରଫ

ଦାରିଙ୍ଗବାଡ଼ି,୨୧।୧(ଡି.ଏନ୍.ଏ.)- ଚଳିତ ମାସ ୮ ତାରିଖରେ ଭାରତ ବନ୍ଦ ଡାକରା ଦିଆଯାଇଥିଲା। ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ ବନ୍ଦ ପାଳନବେଳେ ଜଣେ ପର୍ଯ୍ୟଟକଙ୍କ କାର ଆନ୍ଦୋଳନକାରୀ ଭାଙ୍ଗି ଦେଇଥିବା ଥାନାରେ ଅଭିଯୋଗ ହୋଇଥିଲା। ନଂ.୪/୨୦ରେ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଥିଲା। ମଙ୍ଗଳବାର ଦାରିଙ୍ଗବାଡ଼ି ପୋଲିସ ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲଣ କରିଥିବା ଥାନାଧିକାରୀ କୌଶିକ ମାଝୀ ସୂଚନା ଦେଇଛନ୍ତି। ଗିରଫ ବ୍ୟକ୍ତିମାନେ ହେଲେ ଶ୍ରାନିକେତା ପଞ୍ଚାୟତ ଅଞ୍ଚଳର ବାବୁଲା ଦିଗାଳ ଓରଫ ସନ୍ତୋଷ ଏବଂ ପ୍ରଭାକର ପ୍ରଧାନ। ସୂଚନା ଯୋଗ୍ୟ ଯେ, ଉକ୍ତଦିନ ଦାରିଙ୍ଗବାଡ଼ି ଅଞ୍ଚଳକୁ ପର୍ଯ୍ୟଟକ ନେଇ ଆସିଥିବା ଏକ କାର (ନଂ.ଓଡିଶା ଏମ-୫୪୭୭)କୁ ଆନ୍ଦୋଳନକାରୀ ଅଟକାଇଥିଲେ। ପରେ ପର୍ଯ୍ୟଟକଙ୍କ ସହ ସେମାନଙ୍କର ଯୁକ୍ତତର୍କ ହୋଇଥିଲା ଓ କାର୍ ଭଙ୍ଗାରୁଜୁ କରିଥିଲେ।

### ପୁରୁଣା ମାମଲାରେ ୬ ଗିରଫ

ଫିରିଙ୍ଗିଆ, ୨୧।୧-ଫିରିଙ୍ଗିଆ ଏବଂ ଗୋଚ୍ଛାପଡା ଥାନା ପୋଲିସ ପୁରୁଣା ମାମଲାରେ ଫେରାର ଥିବା ମୋଟ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଫିରିଙ୍ଗିଆ ଥାନାର ନୂଆପଦର ଅଞ୍ଚଳର ରସାନନ୍ଦ କହଁର, କଟାପାଙ୍ଗାର ନରସିଂହ କହଁର, ଡିମିରିଗୁଡାର ରୁବନ ଦିଗାଲଙ୍କୁ ବିଭିନ୍ନ ସ୍ଥାନରୁ ଗିରଫ କରାଯାଇଛି। ସେହିପରି ଗୋଚ୍ଛାପଡା ଥାନା ଅଧିନ ଟକେରିଗୁଡାର ଶ୍ରୀନାଥ କହଁର, ନେଡିପଙ୍ଗାର ନନ୍ଦକିଶୋର କହଁର, ପାଙ୍ଗାପାଜୁର ଭାସ୍କର କହଁରଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏମାନଙ୍କ ନାମରେ ଭିନ୍ନ ଆପରାଧିକ ମାମଲା ରହିଛି।

# ବାସନାପଲ୍ଲୀ ରାଜସ୍ୱ ଗ୍ରାମ ଏନ୍ଏସିରେ ମିଶିବାକୁ ରାଜି

ଛତ୍ରପୁର,୨୧।୧(ଡି.ଏନ୍.ଏ.)

ଗଞ୍ଜାମ ଜିଲା ସଦର ମହକୁମା ଛତ୍ରପୁର ଏନ୍ଏସିକୁ ମ୍ୟୁନିସିପାଲିଟି କରିବା ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନ୍ଏସିର ଆଖପାଖ ଅଞ୍ଚଳକୁ ସାମିଲ କରି ମ୍ୟୁନିସିପାଲିଟି କରିବା ପାଇଁ ସ୍ଥିର ହୋଇଛି। ଚିକଲଖଣ୍ଡି ପଞ୍ଚାୟତ ବାସନାପଲ୍ଲୀ, ଶାନ୍ତିନଗର, ଦାମିୟନ ନଗରର କେତେକ ଲୋକ ମଙ୍ଗଳବାର ଅତିରିକ୍ତ ଜିଲାପାଳଙ୍କୁ ଭେଟି ଛତ୍ରପୁର ଏନ୍ଏସିରେ ମିଶିବା ପାଇଁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହାର ନକଲ ଡୁଡା ପିଡି ଏବଂ ଛତ୍ରପୁର ଏନ୍ଏସି ନିର୍ବାହୀ ଅଧିକାରୀଙ୍କୁ ମଧ୍ୟ ପ୍ରଦାନ କରାଯାଇଛି। ଗୋଟିଏ ଏନ୍ଏସିକୁ ମ୍ୟୁନିସିପାଲିଟି କରିବାକୁ ହେଲେ ଜନସଂଖ୍ୟା ୨୫ ହଜାରରୁ ଉର୍ଦ୍ଧ୍ୱ ହେବା ଆବଶ୍ୟକ। ୨୦୧୧ ଜଣଗଣନା ଅନୁସାରେ ଛତ୍ରପୁର ଏନ୍ଏସିର ଜନସଂଖ୍ୟା ୨୨,୦୨୭, ରାଜସ୍ୱ ଗ୍ରାମ ଜି.ଏନ. ପାଲମର ଜନସଂଖ୍ୟା ୧୯୫୪ ଓ ପୁରୁଣା ଛତ୍ରପୁରର ଜନସଂଖ୍ୟା ୨୮୪୫ ଥିଲା। ଏହାକୁ ମିଶାଇଲେ ମୋଟ ଜନସଂଖ୍ୟା ୨୬,୮୨୬। ପୂର୍ବରୁ ଦୁଇଟି


ଏଡିଏମ୍‌ଙ୍କୁ ଭେଟିବାକୁ ଆସିଥିବା ଲୋକେ।

## ଛତ୍ରପୁରକୁ ମ୍ୟୁନିସିପାଲିଟି ମାନ୍ୟତା ପ୍ରସଙ୍ଗ

ରାଜସ୍ୱ ଗ୍ରାମ ଛତ୍ରପୁର ଏନ୍ଏସିରେ ମିଶିବାକୁ ସହମତି ଦେଇସାରିଛନ୍ତି। ଛତ୍ରପୁର ସମେତ ଅନ୍ୟ କେତୋଟି ଏନଏସିକୁ ମ୍ୟୁନିସିପାଲିଟିର ମାନ୍ୟତା ଦେବାକୁ ଜଣେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପରେ ଏହା ଉପରେ ପଦକ୍ଷେପ ନେବାକୁ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଛତ୍ରପୁର ଏନଏସି ପକ୍ଷରୁ ନିକଟସ୍ଥ ଚିକଲଖଣ୍ଡି, କଣମଣା, ଅଗସ୍ତିନୂଆଗାଁ ଓ ପୋଡାପଦର ପଞ୍ଚାୟତକୁ ଚିଠି କରି ନିଜ ଅଧୀନରେ ଥିବା ଗୋଟିଏ ଲେଖାଏ ରାଜସ୍ୱ ଗାଁ କୁ ଏନଏସିରେ ମିଶ୍ରଣ ପାଇଁ ଅନୁମତି ଦେବାକୁ ଅନୁରୋଧ କରାଯାଇଥିଲା। ଛତ୍ରପୁର ଏନଏସିରେ କଣମଣା ପଞ୍ଚାୟତର ପୁରୁଣା ଛତ୍ରପୁର, ଅଗସ୍ତିନୂଆଗାଁର ଜି.ଏନ୍. ପାଲମ ରାଜସ୍ୱ ଗାଁ ମିଶିବାକୁ ରାଜି ହୋଇଥିବା ନେଇ ପଞ୍ଚାୟତ ପକ୍ଷରୁ ଚିଠି ଆସିଥିଲା। ଅନ୍ୟପକ୍ଷରେ ଚିକଲଖଣ୍ଡି ପଞ୍ଚାୟତ ପକ୍ଷରୁ ତାର ରାଜସ୍ୱ ଗ୍ରାମ ବାସନାପଲ୍ଲୀକୁ ଏନଏସିରେ ମିଶ୍ରଣ ପାଇଁ ମନା କରି ଦିଆଯାଇଥିଲା। ପୋଡାପଦର ପଞ୍ଚାୟତ ପକ୍ଷରୁ କୌଣସି ଉତ୍ତର ଆସି ନ ଥିଲା।

# ଭାଜପା ଛାଡ଼ିଲେ ଉଦୟ

ଟିକିଟି,୨୧।୧(ଡି.ଏନ.ଏ.)

ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଅବସରପ୍ରାପ୍ତ ପ୍ରଶାସକ ଉଦୟନାଥ ପ୍ରଧାନ ଦଳର ପ୍ରାଥମିକ ସଦସ୍ୟ ପଦରୁ ଶନିବାର ଇସ୍ତଫା ଦେଇଛନ୍ତି। ମଙ୍ଗଳବାର ମଧ୍ୟାହ୍ନରେ ଟିକିଟି ବ୍ଲକ୍ ମା' ରତ୍ନେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ ଏବଂ ତାଙ୍କ ବହୁ ସମର୍ଥକ ଉପସ୍ଥିତ ରହି ଭାଜପାର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ଜଣାଇଛନ୍ତି। କିଛିଦିନ ହେଲା ତାଙ୍କୁ ଦଳରେ ଗୁରୁତ୍ୱ ଦିଆଯାଉ ନ ଥିବା ସେ ଅଭିଯୋଗ କରିଛନ୍ତି। ସାଙ୍ଗଠନିକ କାର୍ଯ୍ୟରେ ସେ ଅସନ୍ତୋଷ ହୋଇ ଏହିଭଳି ପଦକ୍ଷେପ ନେଇଥିବା କହିଥିଲେ। ରାଜ୍ୟର କେତେଜଣ ଉଚ୍ଚପଦସ୍ଥ ନେତାଙ୍କ ମନମୁଖି କାର୍ଯ୍ୟକୁ ବିରୋଧ କରି ସେ ତାଙ୍କ ଇସ୍ତଫା ରାଜ୍ୟ ସଭାପତିଙ୍କ ନିକଟକୁ ପଠାଇଥିବା କହିଛନ୍ତି। ଉଦୟ ୨୦୧୫ ସାଧାରଣ ନିର୍ବାଚନରେ ଦଳୀୟ ଟିକେଟ ପାଇ ନିର୍ବାଚନ ଲଢିଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ତାଙ୍କୁ ଆଉ ଟିକେଟ ମିଳି ନ ଥିଲା। ମାତ୍ର ସେ ଦଳର ସାଙ୍ଗଠନିକ କାର୍ଯ୍ୟକ୍ରମ ଚାଲୁ ରଖିଥିଲେ। ତାଙ୍କ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ବାଚନମଣ୍ଡଳୀର ଲୋକଙ୍କ ସହ ଆଲୋଚନା କରିବା ପରେ ନିଷ୍ପତ୍ତି ନେବେ ବୋଲି କହିଛନ୍ତି। ବିଜୁ ଜନତା ଦଳରେ ସେ ଯୋଗଦେଉଥିବା ତାଙ୍କ ସମର୍ଥକଙ୍କ ସୂତ୍ରରୁ ଜଣାପଡିଛି। ଗତ ନିର୍ବାଚନରେ ଭାଜପା ବିଧାୟକ ପ୍ରାର୍ଥୀ ହୋଇଥିବା ତଥା ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ମନୋରଞ୍ଜନ ଦ୍ୟାନସାମନ୍ତରାଙ୍କ ସହ ଏନେଇ ଯୋଗାଯୋଗବେଳେ ଉଦୟଙ୍କ ଇସ୍ତଫା ଦଳ ଉପରେ କିଛି ପ୍ରଭାବ ପକାଇବ ନାହିଁ। ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ସେ ଇସ୍ତଫା ଦେଇଥିବା କହିଥିଲେ।


ଖବରଦାତା ସମ୍ମିଳନୀରେ ଇସ୍ତଫା ପତ୍ର ଦେଖାଉଛନ୍ତି।

# ନଦୀରେ ବୁଡ଼ି ଯୁବକ ମୃତ

ଆସିକା,୨୧।୧(ଡି.ଏନ୍.ଏ.)

ଗାଙ୍ଗପୁର ଥାନା ଦହିମୁଣ୍ଡୁଳି ଗ୍ରାମରେ ମଙ୍ଗଳବାର ସକାଳେ ଗ୍ରାମ ଉପକଣ୍ଠ ବଡନଦୀରେ ବୁଡିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୁଧାଂଶୁ ଶେଖର ନାୟର (୧୮)। ସୁଧାଂଶୁ ପ୍ରାୟ ସାଢେ ୧୦ଟାବେଳେ ଗ୍ରାମ ଉପକଣ୍ଠ ବଡନଦୀକୁ ଗାଧୋଇବାକୁ ଯାଇ ଦୀର୍ଘ ସମୟ ଧରି ଘରକୁ ଫେରି ନ ଥିଲେ। ନଦୀରେ ମୃତଦେହ ଭାସୁଥିବା ପରିବାର ଲୋକେ ସୂଚନା ପାଇଥିଲେ। ତାଙ୍କୁ ଉଦ୍ଧାର କରି ବଞ୍ଚିଥିବ ଭାବି ଗୋବରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ସୁଧାଂଶୁଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ମାମୁ ପ୍ରଫୁଲ୍ଲ ପ୍ରଧାନ ଏନେଇ ଗାଙ୍ଗପୁର ଥାନାରେ ଅଭିଯୋଗ କରିଥିଲେ। ନଂ.୧/୨୦ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଭଞ୍ଜନଗର ସରକାରୀ ଡାକ୍ତରଖାନାକୁ ପଠାଯାଇଥିଲା। ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ଧୀରେଶ୍ କୁମାର ଦାସ ସୂଚନା ଦେଇଛନ୍ତି।

## ମଦ ଦୋକାନ ବନ୍ଦ ଦାବିରେ ସାଧାରଣ ସଭା

କବିସୂର୍ଯ୍ୟନଗର,୨୧।୧

କବିସୂର୍ଯ୍ୟନଗର ବରିଡ଼ା ଏ ପଞ୍ଚାୟତରେ କନ୍ତାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ନିଶା ନିବାରଣ ଅଭିଯାନ ସମ୍ପାଦକ ରମାକାନ୍ତ ମଣ୍ଡଳ, ସଦସ୍ୟ ଅର୍ଜୁନ ସାମନ୍ତରାୟ, ମଳୟ ତ୍ରିପାଠୀ, ରାମ ଶଙ୍କର ଓ ବାଲୁଗାଁ ପ୍ରାକ୍ତନ ଅଧ୍ୟକ୍ଷ ସତ୍ୟ ନାରାୟଣ ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାମରେ ମଦ ଦୋକାନକୁ ନେଇ ଉପୁଜିଥିବା ବିଶୃଙ୍ଖଳା ସମ୍ପର୍କରେ ଆଲୋଚନା କରିଥିଲେ। ମହିଳା ସଙ୍ଗଠନ ଯୋଗଦେଇ ପରିବାରରେ ଉପୁଜିଥିବା ସମସ୍ୟା କହିବା ସହ ରାଜ୍ୟରେ ମଦ ବିକ୍ରି ବନ୍ଦ କରିବା ପାଇଁ ସଂଘ ଦାବି କରିଥିଲା। ବରିଡ଼ା ନାଏବ ସରପଞ୍ଚ ଅମର ପ୍ରଧାନ ଅଭିଯାନକୁ ସମର୍ଥନ ଜଣାଇଥିଲେ।

# ଗଞ୍ଜାମ ହପ୍ ଟାଏକୋଣ୍ଡୋର ସଫଳତା

## ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଦୁଇ


ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

ଗଞ୍ଜାମ,୨୧।୧(ଡି.ଏନ.ଏ.)

ଗତ ୧୬ରୁ ୧୯ ଚାରିଦିନ ଧରି ଚାଲିଥିବା ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ବ୍ଲକ ହପ୍ ଟାଏକୋଣ୍ଡୋ ସଫଳତା ଅର୍ଜନ କରିଛି। ଏଥିରେ ହପ୍ ଟାଏକୋଣ୍ଡ ସେଣ୍ଟରର ୮ ଜଣ ପିଲା ଭାଗ ନେଇଥିଲେ। ସେଥିରୁ ଦୁଇଟି ସିଲଭର ଓ ଗୋଟିଏ ଗୋଲ୍ଡ ମେଡାଲ ବିଜେତା ହୋଇଛନ୍ତି। ୮ରୁ ୧୧ ବର୍ଷରେ ଗଞ୍ଜାମ ବ୍ଲକ କାଇଁଚପୁର ଗ୍ରାମର ପୂର୍ବତନ ସରପଞ୍ଚ ଗୋବିନ୍ଦ ରେଡ୍ଡୀଙ୍କ ପୁଅ ପ୍ରେମ ପ୍ରସାଦ ଗୋଲ୍ଡ ମେଡାଲ ଜିତିଥିବା ବେଳେ ଭବ୍ୟୋରାଏ ଚୌଧୁରୀ ଏବଂ ୧୨ ରୁ ୧୪ ବର୍ଷ ଓମ୍ କୁମାର ଦାସ ସିଲଭର ହାସଲ କରିଛନ୍ତି। ଏଥିରେ ଜିଲା ସଭାପତି ମନୋଜ କୁମାର ପ୍ରଧାନ, ହପ୍ ଟାଏକୋଣ୍ଡ ଏକାଡେମୀ କୋଚ୍ ସିଏଚ୍ ପ୍ରସାଦ ନାୟକ, ବ୍ଲକ ଟାଏକୋଣ୍ଡୋ ସଭାପତି ଗୋବିନ୍ଦ ରେଡ୍ଡୀ ପ୍ରମୁଖ ପୁଷ୍ପଗୁଚ୍ଛ ପ୍ରଦାନ କରିବା ସହ ସମ୍ବର୍ଦ୍ଧନା ଜଣାଇଥିଲେ।






# ବାଇକ୍ ଦୁର୍ଘଟଣାରେ ଜଣେ ମୃତ

ଜଗନ୍ନାଥପ୍ରସାଦ,୨୧।୧(ଡି.ଏନ.ଏ.)

ଜଗନ୍ନାଥପ୍ରସାଦ ଭୁଷଣ୍ଡ ଶଙ୍ଖ ନିକଟ ବୁଲାଣିଠାରେ ମଙ୍ଗଳବାର ରାସ୍ତା କଡ଼ରେ ଥିବା ଏକ ଗଛରେ ବାଇକ୍ ପିଟି ହେବାରୁ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପିପିନା ନାଇକ। ପଛରେ ବସିଥିବା ଭାଇ ରଞ୍ଜନ ଗୁରୁତର ହୋଇଛନ୍ତି। ମଙ୍ଗଳବାର ଜେଜେଙ୍କ ଶୁଦ୍ଧିକ୍ରିୟା ଥିବାରୁ ଉଭୟ କୌଣସି କାମରେ ବାଇକ୍ ଯୋଗେ ଜଗନ୍ନାଥପ୍ରସାଦ ଅଭିମୁଖେ ଆସୁଥିବାବେଳେ ଉକ୍ତ ଶଙ୍ଖ ବୁଲାଣି ନିକଟରେ ଗାଡ଼ି ଭାରସାମ୍ୟ ହରାଇ ଗଛରେ ପିଟି ହୋଇଥିଲା। ଦମକଳ ବାହିନୀ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଜଗନ୍ନାଥପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ପିପିନାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ରଞ୍ଜନଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ପଠାଯାଇଛି। ଏଏସ୍ଆଇ କିଶୋର ଚନ୍ଦ୍ର ବେହେରା ପହଞ୍ଚି ବାଇକ୍‌କୁ ଥାନାକୁ ନେବା ପରେ ମୃତକଙ୍କ ପରିବାର ପକ୍ଷରୁ ଲିଖିତ ଅଭିଯୋଗ ପାଇ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ମେଡିକାଲ ପଠାଇଥିଲେ।


# ପାତାଳେଶ୍ୱର କ୍ରିକେଟ୍ କ୍ଲବ୍ ବିଜୟୀ

ଆସିକା,୨୧।୧(ଡି.ଏନ୍.ଏ.)

ଆସିକା ଏନ୍ଏସିର ତାଲୁକା ଛକଠାରେ ଚାଲିଥିବା କାହ୍ନୁଚରଣ ତ୍ରିପାଠୀ ମେମୋରିଆଲ୍ କ୍ରିକେଟ୍ ଟୁର୍ନାମେଣ୍ଟର ମଙ୍ଗଳବାର ମ୍ୟାଚ ଚାଟୁଳାର ବାବା ପାତାଳେଶ୍ୱର କ୍ଲବ୍ ଓ ହିଞ୍ଜିଳିକାଟୁ ଇଗଲ୍ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିଣି ଚାଟୁଳା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୨୧୭ ରନ୍ କରିଥିଲା। ଜବାବରେ ହିଞ୍ଜିଳିକାଟୁ ୧୮.୨ ଓଭରରେ ୧୬୫ ରନ୍ କରି ଅଲ୍ଆଉଟ୍ ହୋଇଯାଇଥିଲେ। ଚାଟୁଳା ଦଳର ଦିଲ୍ଲୀପ କୁମାର ବେହେରା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।










1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ